RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-219 ◆WEDNESDAY ◆4 FEBRUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୧୯ ◆ବୁଧବାର ◆୪ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ତୀରନ୍ଦାଜ ପାୟଲଙ୍କୁ ଡବଲ୍ ପଦକ

▶ପୃଷ୍ଠା ୧୨ ଦେଖନ୍ତୁ...

## ମେଟାକୁ 'ସୁପ୍ରିମ' ଛାଟ: ନିୟମ ନ ମାନିଲେ ଦେଶ ଛାଡ଼

■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମେଟାକୁ ଲାଗିଛି ସୁପ୍ରିମ ଛାଟ। ହ୍ୱାଟ୍ସଆପ୍ ପଲିସିକୁ ନେଇ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଡାଟା ଗୋପନୀୟତା ଏବଂ ବ୍ୟବହାରକାରୀଙ୍କ ଅଧିକାର ଉପରେ ସୁପ୍ରିମକୋର୍ଟ ମେଟା ଏବଂ ହ୍ୱାଟ୍ସଆପ୍‌କୁ କଡ଼ା ଭର୍ତ୍ସନା କରିଛନ୍ତି। କୋର୍ଟ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ବ୍ୟବହାରକାରୀଙ୍କ ଡାଟା ସେୟାର କରିବେ ନାହିଁ ବୋଲି ଲିଖିତ ଶପଥପତ୍ର ଦାଖଲ କରନ୍ତୁ। ଡାଟା ସେୟାରିଂ ସମ୍ପର୍କରେ ସୁପ୍ରିମକୋର୍ଟ ହ୍ୱାଟ୍ସଆପ୍ ଏବଂ ମେଟାଠାରୁ ଏକ ସ୍ପଷ୍ଟ ସତ୍ୟପାଠ ମାଗିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ବ୍ୟବହାରକାରୀଙ୍କ ଗୋପନୀୟତା ସର୍ବୋପରି। ସେ ମେଟାର ନୀତିକୁ ଦ୍ୱନ୍ଦ୍ୱପୂର୍ଣ୍ଣ ଏବଂ ସାଧାରଣ ଲୋକଙ୍କ ପାଇଁ ବୁଝିବା କଷ୍ଟକର ବୋଲି ବର୍ଣ୍ଣନା କରିଛନ୍ତି। ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯଦି କମ୍ପାନୀଗୁଡ଼ିକ ଏସମ୍ପର୍କରେ ସ୍ପଷ୍ଟ ଏବଂ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବାରୁ ନିବୃତ୍ତ ରୁହନ୍ତି, ତେବେ ସେମାନଙ୍କର ଆବେଦନ ଖାରଜ ହୋଇପାରେ। କୋର୍ଟଙ୍କ ମତ ଦର୍ଶାଉଛି ଯେ ଡାଟା ସୁରକ୍ଷା ଏବଂ ଡିଜିଟାଲ୍ ଗୋପନୀୟତାକୁ ଏବେ ମୌଳିକ ଅଧିକାର ଭାବରେ ଦେଖାଯାଉଛି। ଯଦି କମ୍ପାନୀ ଭାରତୀୟ ସମ୍ବିଧାନର ନିୟମ ଅନୁପାଳନ କରୁନାହଁ, ତେବେ ଭାରତ ଛାଡିଦେଉ।



ଲୋକଙ୍କ ଗୋପନୀୟତା ସହ ଖେଳିପାରିବନି

## ସମସ୍ତଙ୍କ ପାଇଁ ଖୋଲିଲା ହିମାଳୟର ୮୩ ଶିଖର

**ପ୍ରଥମ ଘଟଣା**

■ ଡେରାଡୁନ, ୩।୨ (ଏଜେନ୍ସି): ଉତ୍ତରାଖଣ୍ଡରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରଥମ ଥର ଲାଗି ହିମାଳୟର ୮୩ ଶିଖରକୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। ଏହି ସବୁ ଶିଖର ଗଢ଼ୱାଲ ଏବଂ କୁମାଓରେ ରହିଛି। ଖାଲି ସେତିକି ନୁହେଁ, ଏହି ଶିଖରରେ ଚଢ଼ିବାକୁ ଚାହୁଁଥିବା ସମସ୍ତ ପ୍ରକାରର ଦେୟକୁ ବି ଛାଡ଼ କରିଦେଇଛନ୍ତି। ଏବେ ପର୍ବତାରୋହଣ ପୂର୍ବାପେକ୍ଷା ଅଧିକ ସହଜ ଏବଂ ଶସ୍ତା ହେବ। ଉତ୍ତରାଖଣ୍ଡର ଆଡଭେଞ୍ଚର ଅଫିସର କହିଛନ୍ତି ଯେ ଶୁଳ୍କ ଛାଡ଼ ହେବାର ଅର୍ଥ ବିପଦ ନାହିଁ ବୋଲି କୁହାଯାଇପାରିବ ନାହିଁ। ପର୍ବତାରୋହଣ ପାଇଁ ଯାଉଥିବା ପ୍ରତ୍ୟେକ ଟିମ୍ ସହିତ ଜଣେ ମାର୍ଗଦର୍ଶକଙ୍କୁ ନେଇ ଯିବାକୁ ହେବ। ଏହା ସହିତ ବୀମା ମଧ୍ୟ କରାଇବା ଉଚିତ। ଏହାଦ୍ୱାରା ଜରୁରୀ ସ୍ଥିତିରେ ▶ପୃଷ୍ଠା-୭



## ଲୋକସଭାରେ ନର୍‌ବାଣେ ଝଡ଼

### ବାଚସ୍ପତିଙ୍କ ଚେୟାର୍‌କୁ କାଗଜ ଫିଙ୍ଗି ୮ ବିରୋଧୀ ସାଂସଦ ନିଲମ୍ବିତ

- ଦୁଇ ଦିନ ଧରି ଲୋକସଭା ଅଚଳ
- ରାହୁଲଙ୍କୁ କହିବାକୁ ଦିଆଗଲା ନାହିଁ
- ବାଚସ୍ପତିଙ୍କୁ ଚିଠି ଲେଖିଲେ ରାହୁଲ





■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଲୋକସଭା ଆଜି ଦ୍ୱିତୀୟ ଦିନ ଧରି ଅଚଳ ରହିଛି। ଭାରତ-ଚୀନ ସଂଘର୍ଷ ସଂପର୍କରେ ଜେନେରାଲ ନର୍‌ବାଣେଙ୍କ ଲେଖା ପଢ଼ିବା ଲାଗି ରାହୁଲଙ୍କୁ ବାଚସ୍ପତି ଅନୁମତି ନଦେବାରୁ କଂଗ୍ରେସ ସମେତ ବିରୋଧୀ ଦଳର ସଭ୍ୟମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ସେମାନେ ହଟ୍ଟଗୋଳ କରିବା ସହିତ କାଗଜ ଚିରି ବାଚସ୍ପତିଙ୍କ ଚେୟାର ଆଡ଼କୁ ଫିଙ୍ଗିଥିଲେ। ଏଭଳି ଆଚରଣ ପାଇଁ ୮ ଜଣ ବିରୋଧୀ ସାଂସଦଙ୍କୁ ଚଳିତ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବିତ କରାଯାଇଛି। ସେମାନଙ୍କ ମଧ୍ୟରେ ସାତ ଜଣ କଂଗ୍ରେସ ସାଂସଦ ଥିବା ବେଳେ ଜଣେ ହେଉଛନ୍ତି ସିପିଏମ୍ ସାଂସଦ। ସେମାନଙ୍କୁ ନିଲମ୍ବିତ କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ଗୃହୀତ ହୋଇଯାଇଥିଲା। ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ବିରୋଧୀ ଦଳ ସଂସଦ ବାହାରେ ପ୍ରତିବାଦ ଜଣାଇଛନ୍ତି। ଏହାକୁ ସେମାନେ ଗଣତନ୍ତ୍ର-ବିରୋଧୀ କାର୍ଯ୍ୟାନୁଷ୍ଠାନ ବୋଲି କହିଛନ୍ତି।

୨୦୨୦ରେ ଲଦାଖରେ ଭାରତ ଓ ଚୀନ ସେନା ମୁହାଁମୁହିଁ ସଂପର୍କରେ ତତ୍କାଳୀନ ସେନା ଅଧ୍ୟକ୍ଷ ଜେନେରାଲ ଏମଏନ୍ ନର୍‌ବାଣେ ତାଙ୍କର ଆତ୍ମଜୀବନୀରେ କିଛି ତଥ୍ୟ ଦେଇଛନ୍ତି। ରାହୁଲ ଏହି ତଥ୍ୟକୁ ଲୋକସଭାରେ ରଖିବାକୁ ଜିଦ୍ ଧରିଛନ୍ତି। ▶ପୃଷ୍ଠା-୭

**ବାଣିଜ୍ୟ ଚୁକ୍ତି**

## ଲାଭରେ ରହିବ ଆମେରିକା

### ଭାରତୀୟ ସାମଗ୍ରୀକୁ ୧୮% ଛାଟ; ଆମେରିକା ସାମଗ୍ରୀରୁ ଶୁଳ୍କ ଛାଡ଼



- ସୁରକ୍ଷିତ ରହିବ କୃଷି, ଦୁଗ୍ଧ ଓ ସମ୍ବେଦନଶୀଳ କ୍ଷେତ୍ର: ବାଣିଜ୍ୟ ମନ୍ତ୍ରୀ
- ଦେଶରୁ ବଢ଼ିବ ରପ୍ତାନୀ, ଭାରତରେ ଶସ୍ତା ହେବ ଆମେରିକୀୟ ଉତ୍ପାଦ

■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଶେଷରେ ଚୂଡ଼ାନ୍ତ ହୋଇଛି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି। ଏହାପରେ ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଟାରିଫ୍ ହ୍ରାସ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ସଂକ୍ରାନ୍ତରେ ବିଧିବଦ୍ଧ ଘୋଷଣା କରିଛନ୍ତି। ନୂତନ ବ୍ୟବସ୍ଥାରେ ଆମେରିକା ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥିବା ୫୦ ପ୍ରତିଶତ ବାଣିଜ୍ୟ ଶୁଳ୍କ ବା ଟାରିଫ୍ ୧୮%କୁ ହ୍ରାସ ହୋଇଛି। ରୁଷରୁ ତେଲ କିଣୁଥିବା ଯୋଗୁଁ ଭାରତ ଉପରେ ଲାଗୁ ହୋଇଥିବା ୨୫% ଶୁଳ୍କକୁ ମଧ୍ୟ ହଟାଇ ଦିଆଯାଇଛି। ତେଣୁ ଏବେ କେବଳ ୧୮% ଆମେରିକା ଟାରିଫ୍‌ର ସମ୍ମୁଖୀନ ହେବ ବୋଲି କୁହାଯାଉଛି। ହେଲେ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଭାରତ ସହିତ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଦେଇଥିବା ସୂଚନାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଏଯାଏ କିଛି ସ୍ପଷ୍ଟତା ଆସିନାହିଁ। ତେଣୁ ବାଣିଜ୍ୟ ଚୁକ୍ତିରେ ଭାରତ ଆମେରିକାଠାରୁ ପଛରେ ପଡ଼ିଯାଇଥିବା ମନେହେଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୧୮% ଶୁଳ୍କ ଲାଗୁ କରିବ, ମାତ୍ର ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀକୁ ବିନା ଶୁଳ୍କରେ ଭାରତ ନିଜ ଦେଶରେ ବିକ୍ରି ପାଇଁ ଅନୁମତି ଦେବ। ସୂଚନା ଅନୁସାରେ ପ୍ରତିବର୍ଷ ଭାରତକୁ ପ୍ରାୟ ୪୫ ଲକ୍ଷ କୋଟି ଟଙ୍କାର ଆମେରିକୀୟ ସାମଗ୍ରୀ ଆମଦାନୀ ହୋଇଥାଏ। ପୂର୍ବରୁ ଏହି ସାମଗ୍ରୀରୁ ଭାରତ ବେଶ୍ ମୋଟା ଆକାରରେ ଶୁଳ୍କ ଆଦାୟ କରୁଥିଲା, ଏବେ ଏହି ଶୁଳ୍କ ପରିମାଣ ଶୂନ ରହିବ।

ସାମାଜିକ ଗଣମାଧ୍ୟମରେ ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ କରିଥିବା ଦାବି ଅନୁସାରେ ଆମେରିକା ପାଇଁ ▶ପୃଷ୍ଠା-୭

**ସଚିବସ୍ତରୀୟ ସମୀକ୍ଷା ବୈଠକ**

## ପ୍ରଶାସନ ଲୁଚାଇଲା ବଜେଟ୍ ଖର୍ଚ୍ଚ ତଥ୍ୟ

**ସାର୍ବଜନୀନ ହେଲାନି ମୋଟ ରାଜସ୍ୱ ଆୟ**

■ ଭୁବନେଶ୍ୱର, ୩।୨ (ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବସିଛି ସଚିବସ୍ତରୀୟ ବୈଠକ। ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବିଶେଷ କରି ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ୍ ଅନୁମୋଦନ ଅନୁସାରେ ଗତ ୨୦୨୬ ଜାନୁଆରୀ ୩୧ ତାରିଖ ସୁଦ୍ଧା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଛି। ମାତ୍ର ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ତଥ୍ୟ ସାର୍ବଜନୀନ କରାଯାଇ ନାହିଁ। ପ୍ରତି ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ବସୁଥିବା ବେଳେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ କେଉଁ ବିଭାଗ ନିଜ ବଜେଟ୍‌ର କେତେ ପ୍ରତିଶତ ଖର୍ଚ୍ଚ କରିଥାନ୍ତି, ତାହାର ତଥ୍ୟ ଦିଆଯାଇଥାଏ। ଏହି ଆଧାରରେ ସରକାରଙ୍କର ବଜେଟ୍ ଖର୍ଚ୍ଚ ଓ ରାଜସ୍ୱ ଆୟର ସ୍ଥିତି ଜଣାପଡ଼ିଥାଏ। ଡିସେମ୍ବର ଶେଷ ସୁଦ୍ଧା ସରକାର ମାତ୍ର ୪୯ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିଥିଲେ। ଯେହେତୁ ଡିସେମ୍ବର ଶେଷ ସୁଦ୍ଧା ଅତି କମ୍‌ରେ ୬୦ ପ୍ରତିଶତ ବଜେଟ୍ ଅର୍ଥ ଖର୍ଚ୍ଚ କରିବାର ପ୍ରାବଧାନ ରହିଛି, ତେଣୁ ସରକାର ବଜେଟ୍ ଅର୍ଥ ଖର୍ଚ୍ଚ କରିପାରୁ ନ ଥିବା ଦର୍ଶାଇ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଥିଲେ।

ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ବଜେଟ୍ ଅର୍ଥ ଖର୍ଚ୍ଚକୁ ନେଇ ଘମାଘୋଟ୍ ଆଲୋଚନା ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମ୍ପର୍କରେ କୌଣସି ସୂଚନା ଜାରି କରାଯାଇନାହିଁ। ସମୀକ୍ଷା ବୈଠକରେ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ, ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ଓ ସାମାଜିକ କ୍ଷେତ୍ରରେ ଗତ ବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ଖର୍ଚ୍ଚ ତୁଳନାରେ ଚଳିତ ବର୍ଷ ଖର୍ଚ୍ଚ ହାର ଅଧିକ ବୃଦ୍ଧି ପାଇଥିବା ସରକାର କହୁଥିଲେ ମଧ୍ୟ ଏ ସଂକ୍ରାନ୍ତ ତଥ୍ୟ ଗୋପନ ରଖାଯାଇଛି। ଆର୍ଥିକ ବର୍ଷ ସରିବାକୁ ହାତରେ ଆଉ ୨ ମାସ ଥିବାରୁ ଏହା ଭିତରେ କାର୍ଯ୍ୟ ତ୍ୱରାନ୍ୱିତ କରି ଖର୍ଚ୍ଚ ବୃଦ୍ଧି କରିବାକୁ ଏବଂ ରାଜସ୍ୱ ସଂଗ୍ରହ ସହିତ ସଂପୃକ୍ତ ▶ପୃଷ୍ଠା-୭

**ବେଆଇନ ଅନୁପ୍ରବେଶ**

## ୯ ବାଂଲାଦେଶୀଙ୍କୁ ୨ ବର୍ଷ ସଜା

■ ଭୁବନେଶ୍ୱର, ୩।୨ (ସମିସ): ବୈଧ ପାସପୋର୍ଟ, ଭିସା ବା ଆନୁଷଙ୍ଗିକ କାଗଜପତ୍ର ନ ଥାଇ ଓଡ଼ିଶାରେ ଧରା ପଡ଼ିଥିବା ୯ ବାଂଲାଦେଶୀଙ୍କୁ ୨ ବର୍ଷ ଲେଖାଏଁ ସଜା ଓ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନାରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ସବ୍‌ଡ଼ିଭିଜନାଲ ଜୁଡ଼ିସିଆଲ ମାଜିଷ୍ଟ୍ରେଟ। ଜରିମାନା ଅନାଦେୟ ଅଧିକ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଫରେନର୍ସ ଆକ୍ଟ ୧୯୪୬ ଅନୁଯାୟୀ ଏମାନଙ୍କୁ ସଜା ଶୁଣାଯାଇଛି।

ଏସ୍‌ଟିଏଫ୍ ସୂଚନା ଅନୁସାରେ ମାର୍ଚ୍ଚ ମାସ ୨୦୨୫ ମସିହାରେ ଏସଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଂଲାଦେଶୀ ନାଗରିକ ମହମ୍ମଦ ହସିମ୍, ସଜିମ୍ ଖାନ୍, ଆଲମ୍ ଶେଖ୍, ମହମ୍ମଦ ଅଜିମ୍, ଦିଲେର୍ ଶେଖ୍, ମହମ୍ମଦ ସୋହା ତାଲୁକ୍‌ଦାର, କରିମା ବେଗମ୍, ମୋନିରା ବେଗମ୍ ଓ ସାହାନା ବେଗମ୍‌ଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନ ପରିସରରୁ ଗିରଫ କରିଥିଲା। ପଚରାଉଚରା ବେଳେ ଏମାନେ କୌଣସି ବୈଧ ପାସ୍‌ପୋର୍ଟ କିମ୍ବା ଭିସା କିମ୍ବା ତତ୍‌ସମ୍ବନ୍ଧୀୟ କାଗଜପତ୍ର ପ୍ରଦାନ କରିପାରି ନଥିଲେ।

ଇତିମଧ୍ୟରେ ଦଣ୍ଡ ଭୋଗିବା ପରେ ଏହି ବ୍ୟକ୍ତିମାନଙ୍କୁ ବାଂଲାଦେଶ ଫେରାଇଦେବା ଲାଗି ବାଂଲା ସରକାର ଭାରତକୁ ଅନୁରୋଧ କରିଛନ୍ତି।

### ବନ ବିଭାଗକୁ ବଦହଜମ ପୁଲିସ ନାଲିଆଖି

## ଖାକି-ଖାକି ମୁହାଁମୁହିଁ

■ ରାଜନଗର/ଭୁବନେଶ୍ୱର, ୩।୨ (ସମିସ): ବନ ବିଭାଗ କାର୍ଯ୍ୟାଳୟରେ ପଶି ଜଣେ ମହିଳା ପୁଲିସ ଅଧିକାରୀ ଧମକ ଚମକ ଦେବା ଘଟଣା ଏବେ ତାଙ୍କ ପାଇଁ ବୁମେରାଂ ହେବାକୁ ଯାଉଛି। ଜଙ୍ଗଲ ବିଭାଗର ଗେଜେଟେଡ୍ ଅଧିକାରୀଙ୍କୁ ଏସ୍‌ଆଇ ପାହ୍ୟାର ପୁଲିସ କର୍ମଚାରୀଙ୍କ ନାଲି ଆଖି ବନ ବିଭାଗ ଅଧିକାରୀମାନେ ବରଦାସ୍ତ କରିପାରୁ ନାହାନ୍ତି। ଓଡ଼ିଶା ବନ ସେବା ସଂଘ ଏହି ଘଟଣାକୁ ନେଇ ଖଡ଼୍ଗହସ୍ତ। କାହିଁକି ଜଣେ କର୍ତ୍ତବ୍ୟରତ ବନ ବିଭାଗ ଅଧିକାରୀଙ୍କୁ କାର୍ଯ୍ୟରେ ବାଧା ଦିଆଗଲା ଓ ତାଙ୍କୁ ଦୁର୍ବ୍ୟବହାର କରାଗଲା ତାହାର ଉତ୍ତର ଦେବାକୁ ବନ ଅଧିକାରୀ ସଂଘ ପକ୍ଷରୁ ପୁଲିସ ଅଧିକାରୀଙ୍କ ନିକଟରେ ଅଡ଼ି ବସିଛି। ଏପରିକି ୩ ଦିନ ମଧ୍ୟରେ ସମ୍ପୃକ୍ତ ମହିଳା ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବନ ସେବା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଅଭିଯୋଗ ଅନୁସାରେ ବଜ୍ରକାପ୍ତା କାଠି ଚୋରାଚାଲାଣ ମାମଲାରେ ବନ ବିଭାଗ ୩ ଜଣ ଅଭିଯୁକ୍ତମାନଙ୍କୁ ପଟାମୁଣ୍ଡାଇ ଅଞ୍ଚଳରୁ ଉଠାଇ ଆଣିଥିଲା। ଏହାପରେ ଗତ ୨୧ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ପଟାମୁଣ୍ଡାଇ ଥାନା ଆଇଆଇସି ବନ୍ଦନା ପାତ୍ର ବନବିଭାଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫ ଗଗନ ବିହାରୀ ମଲ୍ଲିକଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କ ଅଞ୍ଚଳରୁ କାହିଁକି ବଜ୍ରକାପ୍ତା କାରବାର କରୁଥିବା ▶ପୃଷ୍ଠା-୭

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

- ବଲାଙ୍ଗୀରରେ ଚାଞ୍ଚଲ୍ୟ
- ଭିଡିଓ ଭାଇରାଲ ପରେ ପୁଲିସର କାର୍ଯ୍ୟାନୁଷ୍ଠାନ

■ କଣ୍ଟାବାଞ୍ଜି, ୩।୨ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାକୁ ତା'ର କିଛି ସହପାଠୀ ଗଣଦୁଷ୍କର୍ମ କରିଛନ୍ତି। ଖାଲି ସେତିକି ନୁହେଁ, ଦୁଷ୍କର୍ମ ବେଳର ଏକ ଭିଡିଓ କରି ତାକୁ ଭାଇରାଲ୍ କରିଦେଇଛନ୍ତି। ତୁରେକେଲା ଥାନା ପୁଲିସ ହାତରେ ଆଜି ଏହି ଭିଡିଓ ଲାଗିବା ପରେ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଏକାଧିକ ନାବାଳକଙ୍କୁ ▶ପୃଷ୍ଠା-୭



## ବିଭିନ୍ନ ଦାବି ନେଇ ଶ୍ରମିକ ସଂଘର ଆନ୍ଦୋଳନ




**ଛତ୍ରପୁର,୩।୨(ସମିସ):** ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରରେ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଏବଂ କଣ୍ଟ୍ରାକ୍ଟର ମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟାନ୍ୟ ଶ୍ରମିକ ମାନେ ବିଭିନ୍ନ ଦାବି ନେଇ ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୂର ସଂଘ ମାଧ୍ୟମରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗଞ୍ଜାମ ଅପରେଟର ଆଣ୍ଡ ଡ୍ରାଇଭର ମଜଦୁର ସଂଘ ସଭାପତି ଏସ. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ. ପ୍ରଭାକର ରେଡ୍ଡୀ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ନାହାକ, ଆସିଷ୍ଟାଣ୍ଟ ସେକ୍ରେଟାରୀ ପି. ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ଓ ଆଇନ ପରାମର୍ଶ ଦାତା ଜ୍ୟୋତି ରଞ୍ଜନ ମିଶ୍ରଙ୍କ ସମେତ ସଂଘର ଶତାଧିକ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ଗଛରୁ ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର

**ଛତ୍ରପୁର,୩।୨(ସମିସ):** ଛତ୍ରପୁର ଥାନା ଅଧିନ ବାଲିବଗଡ଼ କେନାଲ ରାସ୍ତା ପାଖ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି ପୁଲିସ। ଶବଟି ୭ରୁ ୮ଟି ଦିନ ବିତିଯାଇଥିବାରୁ ପଚିଷଢ଼ି ନଷ୍ଟ ହୋଇଯାଇଛି। ଫଳରେ ତାର ପରିଚୟ ଜଣାପଡିନାହିଁ। ପୁଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଥିବା ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ସୂଚନା ଦେଇଛନ୍ତି। ସୂଚନା ଥାଉ କି, ବାଲିବଗଡ଼ର ଏକ ବର ଗଛରେ ମୃତଦେହ ଝୁଲୁଥିବା କିଛି ଲୋକ ଦେଖି ପୁଲିସକୁ ଜଣାଇଥିଲେ। ତେବେ ମୃତକ ଜଣକ କିଏ ଓ ଏଠାକୁ କିପରି ଆସିଲା ଏବଂ ଏହା ହତ୍ୟା ନାଁ ଆତ୍ମହତ୍ୟା ସେ ନେଇ ପୁଲିସ ତଦନ୍ତ ଚଳାଇଛି।

## ଓଲଟିଲା ଧାନ ବୋଝେଇ ଟ୍ରାକ୍ଟର

**କୋଦଲା,୩।୧(ସମିସ):** ଏକ ଧାନ ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିଥିବାବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଚାଳକ। ମଙ୍ଗଳବାର ମଧ୍ୟାହ୍ନରେ ଘଟିଛି ଏଭଳି ଅଘଟଣ। କୋଦଲା ଥାନା ଅନ୍ତର୍ଗତ ଫାଶୀ ନିକଟସ୍ଥ ଧନଞ୍ଜୟପୁର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା ଧାନ ବୋଝେଇ ଟ୍ରାକ୍ଟର। ପାଲିଆମା ରାଧାକୃଷ୍ଣ ମନ୍ଦିରର ଧାନ ଲାଠୁଳି ଠାରୁ ପାଲିଆମା ଯାଉଥିବା ବେଳେ ଟ୍ରାକ୍ଟରରେ ବୋଝେଇ ହୋଇଥିବା ଧାନ ବସ୍ତାର ରଶି ହଠାତ୍ ଛିଡି ପଡିବାରୁ ଟ୍ରାକ୍ଟର ଟିର ଡାଲା ସମ୍ପୂର୍ଣ୍ଣ ଓଲଟି ପଡିଥିଲା। କିଛି ଧାନ ବସ୍ତା ଗୁଡିକ ରାସ୍ତା କଡ଼ରେ ପଡି ଯାଇଥିଲା। ତେବେ ସୌଭାଗ୍ୟବଶତଃ ଟ୍ରାକ୍ଟର ଚାଳକ କୌଶଳ କ୍ରମେ ରକ୍ଷା ପାଇଯାଇଛନ୍ତି। ଟ୍ରାକ୍ଟରଟି ବାଘଲା ଗ୍ରାମର ବୋଲି ସୂଚନା ମିଳିଛି।

## ଯୁବକଙ୍କ ଆତ୍ମହତ୍ୟା

**ଛତ୍ରପୁର,୩।୨(ସମିସ):** ଘର ଭିତରୁ ଜଣେ ଯୁବକର ମୃତଦେହକୁ ଉଦ୍ଧାର କରି କରିଛି ଚମାଖଣ୍ଡି ପୁଲିସ। ମୃତକ ହେଲେ ଉପୁଲାପୁଟି ଗ୍ରାମର ରାଜେଶ କୁମାର ବେହେରା(୨୫)। ସୋମବାର ରାତିରେ ଘରେ ସମସ୍ତେ ଶୋଇପଡିଥିବା ବେଳେ ରାଜେଶ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସକାଳୁ ପରିବାର ଲୋକ ଜାଣିବା ପରେ ଚମାଖଣ୍ଡି ପୁଲିସକୁ ଅବଗତ କରାଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଶୀତ ମହୋତ୍ସବ 'ତୁଷାର' ଉଦ୍‌ଘାଟିତ

# ବରାଳିନୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା

ଜି.ଉଦୟଗିରି,୩।୨(ସମିସ)

କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଶ୍ରୀରାମପଦା କଳିଙ୍ଗ ମିନି ଷ୍ଟାଡିୟମରେ କଳା, ସଂସ୍କୃତି ଓ ପରମ୍ପରାର ପର୍ବ ଶୀତ ମହୋତ୍ସବ 'ତୁଷାର' ଆରମ୍ଭ ହୋଇଛି। ଜି.ଉଦୟଗିରିର ଅଧିଷ୍ଠାତ୍ରୀ ଦେବୀ ମା' ବରାଳିନୀ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

### କଳାହାଣ୍ଡି କଟାପ୍ପା ମୁଖ୍ୟ ଆକର୍ଷଣ

ମହୋତ୍ସବ କମିଟି ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କମିଟି ତରଫରୁ ବିଡ଼ିଓ ସତ୍ୟ ନାରାୟଣ ମିଶ୍ର, ତହସିଲଦାର ରଞ୍ଜନ କୁମାର ସାହୁ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ବରିଷ୍ଠ ସାମ୍ବାଦିକ ଶିଶିର ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟା ଲିଲିମା ପ୍ରଧାନ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ ମଞ୍ଚାସୀନ ଥିଲେ। ଜିଲ୍ଲାରୁ ଆସିଥିବା ବିଭିନ୍ନ ଦଳ କଳା ପ୍ରଦର୍ଶନ କରିଥିଲେ। ଉତ୍ସବ ପଡିଆରେ ଶତାଧିକ ଷ୍ଟଲରେ ଜିଲ୍ଲାର ପାରମ୍ପରିକ





ଖାଦ୍ୟ ସାମଗ୍ରୀ, ବିଭିନ୍ନ ସଚେତନତା ବାର୍ତ୍ତା, ମୀନା ବଜାର ଖୋଲିଥିବା ବେଳେ ଗହଳିଚହଳି ଲାଗି ରହିଛି। ଶୀତ ଉତ୍ସବ ପାଇଁ ଉତ୍ସବମୁଖର ହୋଇ ଉଠିଛି ସହର। ୫ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଜିଲ୍ଲା ତଥା ରାଜ୍ୟସ୍ତରୀୟ କଳାକାର ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶୀଳା ପ୍ରଧାନ, ସାମ୍ବାଦିକ ଅରୁଣ ଷଡ଼ଙ୍ଗୀ, ସମୀର କୁମାର ପାଢ଼ୀ, ଏସ.ଏସ. ନାୟକ, ଅନିଲ ପଟ୍ଟନାୟକ, ଜଲିନା ପ୍ରିୟଦର୍ଶିନୀ, ଅମନ ନାୟକ, କିଶୋର ନାୟକ, ଉଦ୍ଦେଶନ ପ୍ରଧାନ ଓ ଅଭିମନ୍ୟୁ ପ୍ରଧାନ ଶୋଭାଯାତ୍ରାରେ ସାମିଲ ରହିଥିଲେ। ସାମ୍ବାଦିକ ଆଶୁତୋଷ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ରମ୍ଭା,୩।୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କମ୍ରେଡ ବର୍ଷିଆନ ବି. କ୍ରିଷ୍ଣାମା ପାତ୍ର(୮୬)ଙ୍କ ପରଲୋକ ଘଟିଛି। ସାଥୀ ଲକ୍ଷ୍ମଣ ମହାପାତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ, ରାସ୍ତାଘାଟ, ସମାଜସେବା, ଦିନଦୁଃଖୀ ଦରିଦ୍ରଙ୍କ ଅସମୟରେ ସାମିଲ ହୋଇ ସଂଗ୍ରାମ ଜାରି ରଖିଥିଲେ। ଏତଦ୍‌ବ୍ୟତୀତ ୨୦ବର୍ଷ ଧରି ଗୋଲା ଯାଦବ କୂଳର ବିରୁଳି ତାଲୁକା ସଭାପତି ରହିଥିଲେ। ବଡ଼ ପୁଅ ମହେଶ ମୁଖାଗ୍ନି ଦେବା ସହ ରାମମୂର୍ତ୍ତି ତ୍ରିନାଥ, ନରହରି, ଝିଅ ଭାରତୀ, ସୁକୁରି ଆମା ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ରହିଥିଲେ। ଛତ୍ରପୁର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡି ଲାଲ୍‌ସଲାମ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀ ନେତ୍ରୀ ଏନ. ଭାନୁମତି ରେଡି, ଯାଦବ ଗୋଲା କୂଳ ସମାଜର ଜିଲ୍ଲା ସମ୍ପାଦକ ଲକ୍ଷ୍ମଣ ପାତ୍ର, ସିପିଆଇର ଜୋନାଲ ସମ୍ପାଦକ ଜେ. ଭାସ୍କର ପାତ୍ର, ଗଞ୍ଜାମ ଶାଖା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ତରେଇ, ଖଣ୍ଡଦେଉଳି ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ, ସିପିଏମର ଲୋକାଲ ସମ୍ପାଦକ ଅଜୟ ଗୌଡ଼, ମଲାଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ବେହେରା, ଯୁବନେତା କ୍ରିଷ୍ଣା ପାତ୍ର, ଚାଷୀ ମୁଲିଆ, କୃଷକ, ଶ୍ରମିକ, ମତ୍ସ୍ୟଜୀବୀଙ୍କ ସହିତ ବିଭିନ୍ନ ସଂଗଠନ ସଦସ୍ୟ ଉପସ୍ଥିତ ଥିଲେ।

## କମନ୍ ରୁମ୍ ବନ୍ଦକୁ ନେଇ ଛାତ୍ର ଅସନ୍ତୋଷ

**ବୁଗୁଡ଼ା,୩।୨(ସମିସ):** ସ୍ଥାନୀୟ ପିପୁଲ୍ସ କଲେଜରେ ବଏଜ୍ କମନ୍ ରୁମ୍ ତାଲାବନ୍ଦ ଅବସ୍ଥାରେ ରହିଥିବାରୁ ଅବସର ସମୟରେ ଛାତ୍ରମାନେ କ୍ୟାମ୍ପସରେ ଏଣେତେଣେ ବୁଲିବାକୁ ବାଧ ହେଉଥିବା ଜଣାଯାଇଛି। ଗତ କିଛିବର୍ଷ ହେବ ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ବେଳେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାର କୌଣସି ପ୍ରତିକାର ବ୍ୟବସ୍ଥା ହେଉ ନଥିବାରୁ ଛାତ୍ରମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଏହାର ଫଳସ୍ୱରୂପ ଦୁଇଦିନ ତଳେ ଛାତ୍ରମାନେ କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ କଲେଜ କର୍ତ୍ତୃପକ୍ଷ ଏବଂ ପୁଲିସ ପହଞ୍ଚି ବିକ୍ଷୋଭକାରୀଙ୍କୁ ଯଥାଶୀଘ୍ର ବଏଜ୍ କମନ୍ ରୁମ ବ୍ୟବସ୍ଥା କରିବା ନିମନ୍ତେ ପ୍ରତିଶ୍ରୁତି ଦେବା ସହ ବୁଝାଶୁଝା କରି ସେମାନଙ୍କୁ ବିକ୍ଷୋଭରୁ ନିବୃତ୍ତ କରାଇବାରେ ସକ୍ଷମ ହୋଇଥିଲେ। ତେବେ ଘଟଣାରୁ ଜଣାଯାଇଛି ଯେ, କଲେଜରେ ବଏଜ୍ କମନ୍ ରୁମ୍‌ରେ ତାଲା ପଡ଼ିଛି। ସେଥିରେ ଜିମ୍ ସାମଗ୍ରୀ ଭର୍ତ୍ତି ହୋଇଥିବାରୁ ତାହା ଛାତ୍ରଙ୍କ ବିନିଯୋଗରେ ଆସିପାରୁନାହି। ଯଦି ପ୍ରତିଶ୍ରୁତି ମୁତାବକ କଲେଜ କର୍ତ୍ତୃପକ୍ଷ ଯଥାଶୀଘ୍ର ବଏଜ୍ କମନ୍ ରୁମ୍ ନଖୋଲନ୍ତି ତେବେ ଆଗାମୀ ଦିନରେ ପୁଣି ବିକ୍ଷୋଭ କରିବାକୁ ଛାତ୍ରଗୋଷ୍ଠୀ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏଭଳି ଅବ୍ୟବସ୍ଥା ବୁଗୁଡ଼ା ଅଞ୍ଚଳର ସର୍ବପୁରାତନ କଲେଜ ପାଇଁ ଶୁଭଙ୍କର ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



## ବ୍ଲକ୍ କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ

**ଗଞ୍ଜାମ,୩।୨(ସମିସ):** ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି ଗଞ୍ଜାମ ସହର। ଜଣେ କର୍ତ୍ତବ୍ୟରତ ପୁଲିସ ଅଫିସରଙ୍କୁ ଆକ୍ରମଣ ଘଟଣାର ୨୪ ଘଣ୍ଟା ନପୂରୁଣୁ ପୁଣି ଏକ ଘଟଣା ପଦାକୁ ଆସିଛି ଯାହା ସହରରେ ଆଲୋଚନାର ବିଷୟ ପାଲଟିଛି। ସୋମବାର ସହରରେ ନିଜକୁ ପ୍ରଭାବଶାଳୀ ବୋଲାଉଥିବା ଜଣେ ବ୍ୟକ୍ତି ଆଉ ଜଣେ ଅସାମାଜିକ ବ୍ୟକ୍ତିଙ୍କ ସହ ମିଶି ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଧକ୍କା ମାରିବା ଏବଂ ମୋ କାମ ଯଦି ନକରୁ ତାହେଲେ ଜୀବନରୁ ମାରିଦେବା ଭଳି ଧମକ ଦେଇଥିବା ଚର୍ଚ୍ଚା ଜୋର ଧରିଛି। ଏନେଇ କନିଷ୍ଠ ଯନ୍ତ୍ରୀ ସଚିତ କୁମାର କର ବ୍ଲକର ସମସ୍ତ କର୍ମଚାରୀଙ୍କ ସହ ମିଶି ଗଞ୍ଜାମ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସୁମିତ୍ରା ପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ଉକ୍ତ ବ୍ୟକ୍ତି ଜଣକ ଅନେକ ଘଟଣା ଏଭଳି କରି ଆସୁଥିଲେ ସୁଦ୍ଧା ଲୋକଲଜ୍ଜା ଭୟରେ କେହି ଅଫିସର ପାଟି ଖୋଲୁନାହାନ୍ତି। ତେବେ ଏଭଳି ଘଟଣାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି।

## ଭୀଷ୍ମଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ସହଭାଗିତା କାର୍ଯ୍ୟକ୍ରମ




**ଦିଗପହଣ୍ଡି,୩।୨(ସମିସ):** ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଫ୍ୟୁଜନ ଫାଇନାନ୍ସ ଲିମିଟେଡ ପକ୍ଷରୁ ସାମାଜିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଜେନାମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଫ୍ୟୁଜନ୍ କମ୍ପାନୀର ବରିଷ୍ଠ ଅଧିକାରୀ ଅମୂଲ୍ୟ କୁମାର ସାହୁ, ଅମ୍ରିତ ରାମ ଲାଲ, ମହମ୍ମଦ ଇର୍‌ଫାନ, ଆଞ୍ଚଳିକ ମ୍ୟାନେଜର ଇପ୍‌ସିତ ବିଶ୍ୱଜିତ ହରିଚନ୍ଦନ, ମଣ୍ଡଳ ପ୍ରବନ୍ଧକ ଟୁକୁନା ପାତ୍ର, ରାମଜୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର ପ୍ରମୁଖ ମଞ୍ଚାସୀନ ଅତିଥିଙ୍କୁ ଶିକ୍ଷକ କୁନା ବିବାର ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ।

ପୂର୍ବରୁ ଚିହ୍ନଟ ବିଦ୍ୟାଳୟର ୭୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଜମାଖାତାକୁ ଫ୍ୟୁଜନ କମ୍ପାନୀ ପକ୍ଷରୁ ମେଧାବୃତ୍ତି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କୁ ପ୍ରମାଣପତ୍ର ଓ ସ୍କୁଲ ବ୍ୟାଗ ଅତିଥିବୃନ୍ଦ ବଣ୍ଟନ କରିଥିଲେ। ଶେଷରେ ଶିକ୍ଷକ ସଚିନ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ସିଏମ୍ କଲେଜର ବାର୍ଷିକ ଉତ୍ସବ

**ଖଲ୍ଲିକୋଟ,୩।୨(ସମିସ):** ସ୍ଥାନୀୟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ବିଜୟ ଚନ୍ଦ୍ର ଦେଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ.ପ୍ରଭାତ କୁମାର ସ୍ୱାଇଁ କ୍ରୀଡା କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷ ଡ.ସୁରେନ୍ଦ୍ର କୁମାର ସ୍ୱାଇଁ ଓ ଅଧ୍ୟାପକ ରାଜ କିଶୋର ସାମନ୍ତରାୟ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସହ ପାଠ୍ୟ କାର୍ଯ୍ୟକଳାପରେ ଉତ୍କୃଷ୍ଟତା ଅର୍ଜନ କରିବାକୁ ପ୍ରେରଣା ଦେଇଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଇରାଜୀ ଅଧ୍ୟାପିକା ଫାଲ୍‌ଗୁନୀ ହେମ୍ବ୍ରମ, ରସାୟନ ବିଜ୍ଞାନ ଅଧ୍ୟାପକ କାମେଶ୍ୱର ସାହୁ, ରାଜନୀତି ବିଜ୍ଞାନ ଅଧ୍ୟାପକ ରାଜେଶ ସାହୁ, ଅର୍ଥନୀତି ଅଧ୍ୟାପିକା ସାବିତ୍ରୀ ଜାନି ଓ ଅଧ୍ୟାପକ ଟିଏସ ବର୍ମା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଆ ଅଧ୍ୟାପକ କୁନା ଜେନା। ସୂର୍ଯ୍ୟ ନାରାୟଣ ରାଉଳ, ଡ.ହରିହର ମୁନି, ଡ.ଭଗବାନ ତ୍ରିପାଠୀ ତଥା ସମସ୍ତ ଅଧ୍ୟାପକ ଓ ସହକର୍ମୀ ସହଯୋଗ କରିଥିଲେ।




## ସାବିତ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ



**ଭଞ୍ଜନଗର,୩।୨(ସମିସ):** ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟର ୪୪ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଡେପୁଟି କଲେକ୍ଟର ରଚିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହ ପ୍ରଦାନ ସହ କହିଥିଲେ ଯେ, କୌଣସି ପରିସ୍ଥିତିରେ ନିଜକୁ ଆମେ ଛୋଟ ଭାବିବା ନାହିଁ। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଉକ୍ତ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମୟ ବଦଳିବା ସହ ମହିଳାମାନେ ଏବେ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢୁଛନ୍ତି ବୋଲି କହିଥିଲେ। ଅଧ୍ୟକ୍ଷା ଡ. ସ୍ମିତାରାଣୀ ପଣ୍ଡା ସଭାରେ ଅଧ୍ୟକ୍ଷତା କରିବା ସହ ମହାବିଦ୍ୟାଳୟ ଛାତ୍ରୀମାନେ କିଭଳି ବିଭିନ୍ନ କ୍ଷେତ୍ରରେ ଆଗକୁ ବଢିଛନ୍ତି ଏବଂ ମହାବିଦ୍ୟାଳୟର କ'ଣ ଉନ୍ନତି ହୋଇଛି ସେ ସମ୍ପର୍କରେ କହିଥିଲେ। ଉପସଭାପତି ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀ ସ୍ମରଣିକା ପଣ୍ଡା ଉକ୍ତ ଉତ୍ସବକୁ ସଂଯୋଜନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟର ମୁଖପତ୍ର "ସମନ୍ୱିତା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ପ୍ରଧାପିକା ପୁଷ୍ପାଞ୍ଜଳି ପଟ୍ଟନାୟକ, ସଂଯୁକ୍ତା ପଟ୍ଟନାୟକ, ସନ୍ଧ୍ୟାରାଣି ପ୍ରଧାନ, ଉର୍ମିଳା ପାଟଯୋଷି, ମଞ୍ଜୁ ପ୍ରଭା ଦାସଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

## ଭୀଷ୍ମଗିରିରେ କୃଷକ ସଭାର ଗଣଧାରଣା

ଦିଗପହଣ୍ଡି,୩।୨(ସମିସ)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ସଙ୍ଗଠନ ଅଖିଳ ଭାରତ କୃଷକ ସଭା ସ୍ଥାନୀୟ ଶାଖା କମିଟି ପକ୍ଷରୁ ମଙ୍ଗଳବାର ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଶାଖା କମିଟି ସଭାପତି ବି. ଶୁକୁଟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଚାଷୀ ସଂଗଠକ ବୃନ୍ଦାବନ ପଣ୍ଡା, ନିରଞ୍ଜନ ମହାନ୍ତି, ସିପିଆଇ ଗଞ୍ଜାମ ଜିଲ୍ଲା କମିଟି ସଦସ୍ୟ ଅଳକନାଥ ମିଶ୍ର, ଭୀଷ୍ମଗିରି ଶାଖା ସମ୍ପାଦକ ପ୍ରକାଶ ଚନ୍ଦ୍ର ସେଠୀ, ସହସମ୍ପାଦକ ଅଶୋକ ସେଠୀ, ଅଖିଳ ଭାରତ ଯୁବ ସଂଘର ଜିଲା କାର୍ଯ୍ୟକର୍ତ୍ତା ଦୈତାରି ରେଡ୍ଡୀ, ଚାଷୀ ଏସ୍. ବିଚିତ୍ର, ରଘୁନାଥ ପାତ୍ର, ପ୍ରକାଶ ଗୌଡ଼, ସୁରେନ୍ଦ୍ର ସେଠୀ, ଏନ୍. ଲୋକନାଥ, ରାଜେନ୍ଦ୍ର ପାତ୍ର, ଏ. ମୂଷା ପ୍ରମୁଖଙ୍କ ସମେତ ଆଖପାଖ ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ। ସମବାୟ ସମିତିର ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀ ନାଁରେ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପ୍ରତି ୪କେଜି ଧାନ କାଟି ନେବା ସହିତ ବିଗତ ୩ବର୍ଷ ଧରି ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ମାଗଣାରେ ଅଖା ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ତାହା ଚାଷୀଙ୍କୁ ଦିଆନଯାଇ ହଡ଼ପ କରାଯାଇଛି। ସେବା ସମବାୟ ସମିତିର କୃଷକ ମାରଣ ନୀତି ଓ ମିଲ ମାଲିକ ମାନଙ୍କ ସହିତ ମଧୁ ଚନ୍ଦ୍ରିକା ଯୋଗୁ ଚାଷୀ ଶୋଷଣର ଶିକାର ହୋଇ ଚାଲିଛି। ଭୀଷ୍ମଗିରି ସମବାୟ ସମିତିରେ ରେଜିଷ୍ଟ୍ରିଭୁକ୍ତ ୫୪୦ ଚାଷୀଙ୍କ ଠାରୁ ଅନ୍ୟୁନ ୧୧ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଉଥିବା ବେଳେ ପ୍ରତି କ୍ୱିଣ୍ଟାଲ ପିଛା ଦୁଇଟି ଖୋଟ ଅଖାର ବଜାର ମୂଲ୍ୟ ୫୪ ଟଙ୍କା ଏବଂ ଅଖାର ଓଜନ ଭରଣା ପାଇଁ ୧ କେଜି ଧାନ ଓ କଟନି ଛଟନି ନାଁରେ ୪ କେଜି ଧାନର ସରକାରୀ ମୂଲ୍ୟ ଓ ଅଖା କ୍ରୟ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଅନ୍ୟୁନ ୨ ଶହ ଟଙ୍କା କ୍ରମରେ ପ୍ରାୟ ୨୦ ଲକ୍ଷ ଟଙ୍କା ଲୁଟ କରାଯାଇଥିବା ନେଇ ଦଳୀୟ ନେତୃବୃନ୍ଦ ବୃନ୍ଦ ସଭାରେ ଅଭିଯୋଗ କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଚାଷୀଙ୍କ ଠାରୁ ଠକି ନିଆଯାଇଥିବା ଟଙ୍କା ତୁରନ୍ତ ଫେରସ୍ତ କରାଯିବା ସହ ଦୋଷୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଭାରେ ଦାବି କରାଯାଇଥିଲା।



## ବରିଷ୍ଠ ବାମପନ୍ଥୀ ନେତାଙ୍କ ସ୍ମୃତିସଭା

**ଶେରଗଡ଼,୩।୨(ସମିସ):** ଶେରଗଡ଼ ସଦର ପାଢ଼ୀସାହି ନିବାସୀ ତଥା ଜଣାଶୁଣା ବାମପନ୍ଥୀ ନେତା ସ୍ୱର୍ଗତ ରଘୁନାଥ ପାଢ଼ୀଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଶ୍ରୀ ପାଢ଼ୀ ଶେରଗଡ଼ ଜମିଦାର, ମୁସ୍ତାଦାର ବିରୋଧରେ ରୟତ ଆନ୍ଦୋଳନର ବରିଷ୍ଠ ନେତା ଥିଲେ। ସେ ଏକାଧାରରେ କମ୍ୟୁନିଷ୍ଟ ଆନ୍ଦୋଳନର ମୁଖ୍ୟ ଓ ନିଷ୍ଠାପର ଆଜୀବନ କର୍ମୀ ଥିଲେ। ସାମ୍ୟବାଦ ଆନ୍ଦୋଳନର ବିପ୍ଳବୀ, ଏକାଧାରରେ ଶେରଗଡ଼ ଅଞ୍ଚଳର ଜନନାୟକ ରୂପେ ପରିଚିତ ଥିଲେ। ତାଙ୍କର ପ୍ରତିଟି ଭାଷା ଶ୍ରେଣୀ ସଂଗ୍ରାମ, ଶୋଷଣ ବିହୀନ ସମାଜ ଗଠନରେ ଅଗ୍ରଣୀ ଭୂମିକା ଥିଲା। ତାଙ୍କର ଆବର୍ତ୍ତମାନରେ ଶେରଗଡ଼ ଅଞ୍ଚଳ ପାଇଁ ବହୁତ କ୍ଷତି ଘଟିଛି। ତାଙ୍କର ଏହି ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭାରେ ଲୋକସଂଗ୍ରାମ ମଞ୍ଚର କାର୍ଯ୍ୟକାରୀ ସଭାପତି ଭାଲଚନ୍ଦ୍ର ଷଡଙ୍ଗୀ, ଶେରଗଡ଼ ପୂର୍ବତନ ସରପଞ୍ଚ ଗୋପାଳକୃଷ୍ଣ ପାଢ଼ୀ, ଆସିକା ଲୋକସଭା କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମା, ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷାବିତ କୁମାରସ୍ୱାମୀ ଆଚାରୀ, ଅବସରପ୍ରାପ୍ତ ଶିକ୍ଷକ ପଠାଣି ଭଞ୍ଜ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ସାମ୍ବାଦିକ ମେଘନାଦ ଦାସ, ଆଇନଜୀବୀ ସମୀର ପ୍ରଧାନ, ଗଞ୍ଜାମ ଜିଲ୍ଲା କୃଷକ ସଂଘର ସଭାପତି ଗୋପାଳକୃଷ୍ଣ ପାଣିଗ୍ରାହୀ, ବରିଷ୍ଠ ବାମପନ୍ଥୀ ନେତା ହରପ୍ରସାଦ ଆଚାରୀ, ବରିଷ୍ଠ କର୍ମୀ ପଞ୍ଚାନନ ସ୍ୱାଇଁ ଓ ଭୀମସେନ ସ୍ୱାଇଁ, ସିପିଆଇ ନେତା ନିରାକାର ନାୟକ, ପୂର୍ବତନ ଶେରଗଡ ଜୋନ ସଂପାଦକ ସନ୍ତୋଷ କୁମାର ପାଢୀ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପାଢୀ, ଏସ.ଅଶୋକ କୁମାର ପାତ୍ର, ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



### ଓସେପା ଗାଇଡ୍ ଲାଇନକୁ ଶିକ୍ଷାଧିକାରୀଙ୍କ ଫୁ'

# ସିଆରସିସି ନିଯୁକ୍ତିରେ ତଞ୍ଚକତା ଅଭିଯୋଗ

ବାହାନଗା, ୩।୨(ସମିସ)

ବାଲେଶ୍ୱର ଜିଲ୍ଲାରେ ଶିକ୍ଷା ବିଭାଗର ନିର୍ଦ୍ଦେଶନାମାର ଧଜିଆ ଉଡ଼ାଉଛନ୍ତି ଖୋଦ ଶିକ୍ଷା ବିଭାଗର ଅଧିକାରୀ। ବାହାନଗା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ହୋଇଥିବା ସିଆରସିସି ନିଯୁକ୍ତିରେ ତଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ଗାଇଡ଼ ଲାଇନକୁ ଫୁ କରି ସିଆରସିସି ନିଯୁକ୍ତି କରାଯାଇଥିବାର ଅଭିଯୋଗ ହୋଇଛି।

ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ପ୍ରତି ସରକାରୀ ସ୍କୁଲ ମାନଙ୍କରେ ଥିବା ସମସ୍ୟା ଏବଂ ତଦାରଖ ପାଇଁ କିଛି କିଛି ସ୍କୁଲକୁ ନେଇ ଏକ କ୍ଲଷ୍ଟର ଗଠନ କରାଯାଇଛି। ଏହି କ୍ଲଷ୍ଟର ମୁଖ୍ୟ ଭାବେ ସେହି ବ୍ଲକର ଶିକ୍ଷକଙ୍କ ମଧ୍ୟରୁ ସିଆରସିସିଙ୍କୁ ବିଭିନ୍ନ ନିୟମକୁ ଆଧାର କରି ନିଯୁକ୍ତ କରାଯାଇଥାଏ। ଏ ସମ୍ପର୍କରେ ୨୦୦୩ ମସିହା ଅଗଷ୍ଟ ୨୬ ତାରିଖରେ ଚିଠି ନମ୍ବର ୨୪୬୫ ମୂଳେ ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ମଧ୍ୟ ଏକ ଗାଇଡ ଲାଇନ ଜାରି କରିଥିଲା। ଗାଇଡ଼ ଲାଇନ ମୁତାବକ ଯୋଗ୍ୟ ବିବେଚିତ ଥିବା ଶିକ୍ଷକଙ୍କୁ ସେହି ବ୍ଲକର କ୍ଲଷ୍ଟର ସିଆରସିସି ଭାବେ ନିଯୁକ୍ତି କରାଯାଇଥାଏ। ଏଥି ନିମନ୍ତେ ସିଆରସିସି ପଦବୀ ଭାବେ ନିଯୁକ୍ତ ହୋଇଥିବା ଶିକ୍ଷକଙ୍କୁ ଶିକ୍ଷକଙ୍କ ଦରମା ବାଦ ଅନ୍ୟ ପାରିଶ୍ରମିକ ପ୍ରଦାନ କରିଥାନ୍ତି ସରକାର। ଏହି ସିଆରସିସି ନିଯୁକ୍ତି ପ୍ରକ୍ରିୟା ପାଇଁ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନ ରହିଛି। ୨୦୦୩ ମସିହାରେ ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ହୋଇଥିବା ଗାଇଡ଼ ଲାଇନ ମୁତାବକ ନିଯୁକ୍ତ ପାଇଁ ମନୋନୀତ ଶିକ୍ଷକଙ୍କ ଅନ୍ୟୁନ ୫ ବର୍ଷର ନିୟମିତ ଶିକ୍ଷକତା କ୍ଷେତ୍ରରେ ଅଭିଜ୍ଞତା ରହିବା , ଚାକିରୀରୁ ଅବସର ନେବାକୁ ଅବସର ସମୟ ଅତିକମରେ ୫ ବର୍ଷ ରହିଥିବା ଆବଶ୍ୟକ ଭଳି ବିଭିନ୍ନ ନିୟମ ରହିଛି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକରେ ସମୁଦାୟ ୨୦୯ ଗୋଟି ଶିକ୍ଷାନୁଷ୍ଠାନ ଥିବା ବେଳେ ଏହି ଶିକ୍ଷାନୁଷ୍ଠାନକୁ ନେଇ ୧୭ଟି କ୍ଲଷ୍ଟର ରହିଛି। ଏହି କ୍ଲଷ୍ଟରରେ ୧୬ ଗୋଟି ସିଆରସିସି ପଦବୀ ଫାଙ୍କା ଥିବା ନେଇ ଗତ ୨୦୨୫ ମସିହାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ବିଜ୍ଞପ୍ତିରେ ବ୍ଲକ ସ୍ତରୀୟ ଅଧିକାରୀମାନେ ୨୦୦୩ ମସିହାର (ଓସେପା) ଗାଇଡ ଲାଇନକୁ ପାଳନକରି ଆବେଦନକାରୀଙ୍କ ତାଲିକା ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠିକୁ ଆଧାର କରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୫ ମସିହା ଏପ୍ରିଲ ୨୧ ତାରିଖରେ ପତ୍ର ସଂଖ୍ୟା ୫୬୧ ମୂଳେ ୨୨ ଜଣ ଆବେଦନକାରୀ ସିଆରସିସି ପଦବୀ ପାଇଁ ଆବେଦନ କରିଥିବା ନେଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ପରେ ସେଥିରୁ ଜିଲ୍ଲା ଶିକ୍ଷାଧିକାରୀ ବିଭିନ୍ନ ନିୟମ ମୁତାବକ ଆବେଦନକାରୀଙ୍କ ଆବେଦନପତ୍ର ଯାଞ୍ଚ କରି ୧୭ ଜଣଙ୍କୁ ସିଆରସିସି ଭାବେ ନିଯୁକ୍ତ ପ୍ରଦାନ କରିଥିଲେ। ଓସେପା ଗାଇଡ ଲାଇନ ମୁତାବକ ଜଣେ ଆବେଦନକାରୀ ଶିକ୍ଷକଙ୍କର ଅବସର ସମୟ ଅତି କମରେ ୫ ବର୍ଷ ରହିଥିଲେ ଯାଇ ସେ ସିଆରସିସି ପାଇଁ ନିଯୁକ୍ତ ହୋଇ ପାରିବ। ହେଲେ ବାହାନଗା ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଯାଞ୍ଚ କରି ଦିଆଯାଇଥିବା ଆବେଦନକାରୀଙ୍କ ମଧ୍ୟରୁ କ୍ରମିକ ସଂଖ୍ୟା ୮ ନମ୍ବରରେ ଥିବା ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀଙ୍କ ନାମକୁ ଦିଆଯାଇଥିଲା, ଯେଉଁଥିରେ ତାଙ୍କର ଅବସର ସମୟ ୨୦୨୮ ମସିହା ଫେବୃୟାରୀ ମାସରେ ଅବସର ନେବାର ସ୍ଥାନିତ ହୋଇଛି। ଅର୍ଥାତ, ତାଙ୍କ ଅବସର ସମୟ ଆବେଦନ ଠାରୁ ଅବସର ସମୟ ମାତ୍ର ୩ ବର୍ଷ ରହିଛି। ନିୟମରେ ଅବସର ସମୟ ଅନ୍ୟୁନ ୫ ବର୍ଷ ଥିବା ବେଳେ ୩ ବର୍ଷ ଅବସର ସମୟ ଥିବା ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀଙ୍କ ନାମ ପଠାଯିବା ଏବଂ ବ୍ଲକ ସ୍ତରୀୟ ଯାଞ୍ଚରେ ଠିକ ଥିବା ଦର୍ଶାଯିବା, ପରେ ଜିଲ୍ଲା ସ୍ତରୀୟ ଯାଞ୍ଚରେ ମଧ ସେ ଯୋଗ୍ୟ ଥିବା ଦର୍ଶାଯାଇ ତାଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବାହାନଗା ବ୍ଲକର ଅସିମିଳା କ୍ଲଷ୍ଟରରେ ନିଯୁକ୍ତ କରାଯାଇଥିବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୨୦୨୫ ମସିହା ଜୁନ ମାସ ୧୬ ତାରିଖରେ ହୋଇଥିବା ଚିଠି ନମ୍ବର ୮୧୯(ବି)ରୁ ଜଣାପଡିଛି। କେବଳ ସେତିକି ନୁହଁ ପୁନର୍ବାର ଗତ ଜୁନ ୨୪ ତାରିଖରେ ଚିଠି ନମ୍ବର ୮୬୨ ରେ ଆସିମିଳା କ୍ଲଷ୍ଟର ସହିତ ଅତିରିକ୍ତ ଭାବେ ଅଞ୍ଜି କ୍ଲଷ୍ଟରର ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯିବା ନେଇ ଜଣାପଡିଛି। ସରକାରଙ୍କ ଓସେପା ଗାଇଡ ଲାଇନକୁ ଫୁ କରି ମାତ୍ର ୩ ବର୍ଷ ଚାକିରୀ ଅବସର ଅବଧି ଥିବା ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀଙ୍କୁ ନିଯୁକ୍ତି ଦିଆଯିବା ନେଇ ବ୍ଲକର ଜନସାଧାରଣ ରାଜ୍ୟ ପ୍ରକଳ୍ପ ସଂଯୋଜକ (ସମଗ୍ର ଶିକ୍ଷା), ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ ପରେ ମଧ ଘଟଣାର ବିଧିବଦ୍ଧ ତଦନ୍ତ କରାନଯିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ସେପଟେ ଏହି ଜାଲିଆତିରେ ବ୍ଲକ ଶିକ୍ଷାଧିକାରିଣୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ଦିଗରେ ରାଜ୍ୟ ଶିକ୍ଷା ବିଭାଗ ଏବଂ ବାଲେଶ୍ୱର ଜିଲ୍ଲାପାଳ ଘଟଣାର ତଦନ୍ତ କରି ଏହି ନିଯୁକ୍ତି ଜାଲିଆତିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୁଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ସନ୍ଦେହ ଘେରରେ ବ୍ଲକ୍ ଶିକ୍ଷା ଅଧିକାରିଣୀଙ୍କ ଭୂମିକା

ଏନେଇ ବାହାନଗା ବ୍ଲକ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀଙ୍କୁ ପଚାରିବାରୁ ସେହି ଶିକ୍ଷକଙ୍କ ଅଭିଜ୍ଞତା ପାଇଁ ନିଯୁକ୍ତ କରାଯାଇଛି ବୋଲି ସଫେଇ ଦେଇଛନ୍ତି। ସେହିପରି ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ ନାୟକଙ୍କୁ ପଚାରିବାରୁ କୁହନ୍ତି ମୁଁ ଜାଣିନି, ନାଁ କହିଲେ ଦେଖିବି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି। ସେପଟେ କେବଳ ସିଆରସିସି ନିଯୁକ୍ତିରେ ଜାଲିଆତି ନୁହଁ ବାହାନଗା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ବିନା ଅନୁମୋଦନରେ ଅନେକ ଶିକ୍ଷକଙ୍କୁ ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁଁ ବଦଳି ଏବଂ ଡେପୁଟେସନ କରାଯାଇଥିବାର ମଧ ଗୁରୁତର ଅଭିଯୋଗ ହୋଇଛି।

## ୬ରୁ ସୁନ୍ଦରପୁର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

**ଖଇରା,୩।୨ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ୧୯୭୬ ମସିହାରେ ନୟାଖଣ୍ଡି ପଞ୍ଚାୟତର ସୁନ୍ଦରପୁରଠାରେ ପ୍ରତିଷ୍ଠାଲାଭ କରିଥିବା ଅନ୍ୟତମ ଖ୍ୟାତିସମ୍ପନ୍ନ ନିଳସୁନ୍ଦର ଜୀଉ ନବ କିଶୋର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୬ରୁ ୮ ତାରିଖ ୩ଦିନ ଧରି ଅନୁଷ୍ଠିତ ହେବ। ରାଜ୍ୟର କ୍ୟାବିନେଟ ମନ୍ତ୍ରୀ, ସାହିତ୍ୟକ, ପ୍ରଶାସନିକ ଅଧିକାରୀ, ଆଇନଜୀବୀ ଏଥିରେ ଯୋଗ ଦେବେ। ୩ଦିନ ଧରି ଓଡିଶାର ଖ୍ୟାତି ସମ୍ପନ୍ନ କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବେ। ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ପୁରାତନ ଛାତ୍ର ତଥା ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଛି। ଏହି ଅବସରରେ ଦିବାକର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀରେ କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ହରେକୃଷ୍ଣ ରାଉତ, ମାନସ କୁମାର ମହାପାତ୍ର, ହରିହର ଜେନା, ପିତାମ୍ବର ନାୟକ, ଗୋବର୍ଦ୍ଧନ ପାଇକରାୟ, ନିରଞ୍ଜନ ବେହେରା ଓ ଯଶୋବନ୍ତ ନାଇକ ପ୍ରମୁଖ ଉପସ୍ଥିତ ଥିଲେ।

## ମହାଶିବରାତ୍ରୀ ଉପଲକ୍ଷେ ପ୍ରତିଭା ଚୟନ ପ୍ରତିଯୋଗିତା ପ୍ରସ୍ତୁତି

**ବାଲେଶ୍ୱର,୩।୨(ସମିସ):** ମହାଶିବରାତ୍ରୀ ଉପଲକ୍ଷେ ମଠସାହି ସ୍ଥିତ ଗଙ୍ଗେଶ୍ୱର ମନ୍ଦିର କମିଟି ପକ୍ଷରୁ ଗଙ୍ଗେଶ୍ୱର ପ୍ରତିଭା ଚୟନ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଗଙ୍ଗେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହା ଆସନ୍ତା ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ୧୪ତାରିଖରେ ଜୁନିୟର ଓ ସିନିୟର ବିଭାଗକୁ ନେଇ ରାଜ୍ୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିବେ। ୧୫ତାରିଖ ଜାଗର ଉତ୍ସବ ଦିନ ଚିତ୍ରାଙ୍କନ, ରଙ୍ଗୋଲୀ, ମେହେନ୍ଦୀ, ମ୍ୟୁଜିକ ଚେୟାର, ର୍ୟାମ୍ପ ସୋ ଅନୁଷ୍ଠିତ ହେବାକୁ ଥିବା ବେଳେ ମା ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ରଙ୍ଗୋଲୀ ଓ ଶଙ୍ଖଫୁଙ୍କା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଉକ୍ତ ଦିନ ବହୁ ମାନ୍ୟ ଗଣ୍ୟ ଅତିଥିଙ୍କ ସହ ବିଶିଷ୍ଟ କଣ୍ଠ ଶିଳ୍ପୀ ଅସୀମା ପଣ୍ଡାଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି କ୍ଲବର ସଦସ୍ୟମାନେ କହିଛନ୍ତି। ପ୍ରତିଯୋଗୀମାନଙ୍କୁ ରାଜ୍ୟସ୍ତରରେ ପରିଚିତ କରାଇବା ଲକ୍ଷ୍ୟ ନେଇ ଏହା ପାଳନ କରାଯାଉଛି ବୋଲି କମିଟିର ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଭବ ଶତପଥି ଗିରିଜା ଶଙ୍କର ନାୟକ, ଆଦିତ୍ୟ ବେହେରା, ସୌମ୍ୟକାନ୍ତ ବିଶ୍ୱାଳ, ଜୀବନ ବାରିକ, କ୍ରୀତିରାଜ କର, ସୁଶାନ୍ତ ମହାନ୍ତି, ଅଜୟ ଦାସ, ଯୋଗେନ୍ଦ୍ର ରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ବନ୍ଦକୁ ସଫଳ କରିବାକୁ ଆହ୍ୱାନ

**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୩।୨ (ସମିସ):** କେନ୍ଦ୍ର ସରକାରଙ୍କ ଶିକ୍ଷକ, ଶ୍ରମିକ ଓ କର୍ମଚାରୀ ବିରୋଧୀ ନୀତି ବିରୋଧରେ ଫେବୃଆରୀ ୧୨ ତାରିଖ ଦିନ ହେବାକୁ ଥିବା ଭାରତ ବନ୍ଦକୁ ସଫଳ କରିବା ପାଇଁ ଶିକ୍ଷକ, ଶ୍ରମିକ ଓ କର୍ମଚାରୀ ସମନ୍ୱୟ ସମିତି ଜଳେଶ୍ୱରର ଏକ ପ୍ରସ୍ତୁତି ବୈଠକ ଭାରତୀୟ ଜୀବନ ବୀମା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମନ୍ୱୟ ସମିତିର ସଭାପତି ଅଜିତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭାରତ ବନ୍ଦର କାରଣ ସମ୍ପର୍କରେ ସବିଶେଷ ଆଲୋଚନା ହେବା ସହିତ ବନ୍ଦକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଜଳେଶ୍ୱରର ସମସ୍ତ ଦୋକାନ, ବଜାର, ବ୍ୟବସାୟିକ ଅନୁଷ୍ଠାନ ଏବଂ ସ୍କୁଲ, କଲେଜ, ବ୍ୟାଙ୍କ, ବୀମା, ସରକାରୀ ଅଫିସ ଦପ୍ତରକୁ ଅନୁରୋଧ କରାଯାଇଛି। ଶ୍ରମିକ ବିରୋଧୀ ଚାରୋଟି ଶ୍ରମ କୋର୍ଡ ଲାଗୁ କରି ସରକାର ଶ୍ରମିକ ମାନଙ୍କର କେବଳ ଗଣତାନ୍ତ୍ରିକ ଅଧିକାରକୁ ଛଡାଇ ନେବାକୁ ବସି ନାହାନ୍ତି ସେମାନଙ୍କୁ ଦୈନିକ ବାର ଘଣ୍ଟା କାମ କରିବାକୁ ବାଧ କରୁଛନ୍ତି। ମନରେଗା ଉଚ୍ଛେଦ କରି ଭିବି ଜୀ ରାମଜୀ ପ୍ରଚଳନ ହୋଇଛି ଯେଉଁଥିରେ କାମର କୌଣସି ଗ୍ୟାରେଣ୍ଟି ନାହିଁ।ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କର୍ପୋରେଟର ମାନଙ୍କ ପଞ୍ଝା ଭିତରକୁ ଯାଇ ସାରିଲାଣି। କୃଷକ ମାନେ ଧାନ ବିକ୍ରି କରି ନ ପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହି ସବୁ ଜନବିରୋଧୀ ନୀତି ବିରୋଧରେ ଫେବୃଆରୀ ୧୨ତାରିଖ ଭାରତ ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ଶିକ୍ଷକ ସଂଗଠନ, ଅଟୋ ଆସୋସିଏସନ୍, ନିର୍ମାଣ ଶ୍ରମିକ ସଂଘ, କ୍ଷେତ ମଜଦୂର, କୃଷକ ସଭା, ବରିଷ୍ଠ ନାଗରିକ ମଞ୍ଚ, ଏଲ ଆଇ ସି ସଂଘ, ପୋଷ୍ଟାଲ,ଆଶା, ଅଙ୍ଗନବାଡି, ପାଚିକା ସଂଘ, ମହିଳା ସମିତି ଇତ୍ୟାଦି ସଂଗଠନ ଗୁଡ଼ିକୁ ନେଇ ଗଠିତ ସମନ୍ୱୟ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି। ସମନ୍ୱୟ ସମିତିର ସମ୍ପାଦକ ଦିଲ୍ଲୀପ କୁମାର ଗିରିଙ୍କ ସମେତ ବିଭିନ୍ନ ଆସୋସିଏସନ୍ ପକ୍ଷରୁ ସୀତାଂଶୁ ସେନାପତି, କମଳ ଚକ୍ରବର୍ତ୍ତୀ, ଅକ୍ଷୟ କୁମାର ମିଶ୍ର, ଦିପ୍ତିମାନ ଆଚାର୍ଯ୍ୟ, ମନୋରଞ୍ଜନ ଦାସ, ଡକ୍ଟର ଲଳିତ ରଞ୍ଜନ ସେନାପତି, ଶ୍ରୀମନ୍ତ ଘୋଷ ଈଶାଣୀ ଷଡ଼ଙ୍ଗୀ, ଭାସ୍କର ମିଶ୍ର, ପଲ୍ଟୁ ଦାସ, ମମି ପଣ୍ଡା, ଦିଲ୍ଲୀପ ପରିଡ଼ା, ରବିନ୍ଦ୍ର ବାରିକ, ରାଜୀବ ପଣ୍ଡା,ରତନ ଦାସ, ପୂର୍ଣ୍ଣଚନ୍ଦ୍ର ସି, ପଞ୍ଚାନନ ପୃଥାଳ, ଅରବିନ୍ଦ ଜେନା, ଶଶାଙ୍କ ଶେଖର ବାରିକ, ହରି ନାରାୟଣ ଜେନା,ରାମଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଡା. ବିଷ୍ଣୁପଦ ମହାପାତ୍ରଙ୍କ ଜନ୍ମ ଜୟନ୍ତୀ

**ଖଇରା,୩।୨ (ସମିସ):** ସୁନାମଧନ୍ୟ ଇଂଲଣ୍ଡ ଫେରନ୍ତା ଚିକିତ୍ସକ ଡା ବିଷ୍ଣୁପଦ ମହାପାତ୍ରଙ୍କ ୭୬ତମ ଜନ୍ମ ଜୟନ୍ତୀ ଖଇରା ବ୍ଲକର ଅର୍ଜ୍ଜୁନପୁର ଠାରେ ପାଳିତ ହୋଇ ଯାଇଛି। ସ୍ମୃତି କମିଟି ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଡା. ଅନୋଳା ଜଗଦେବ, ପୂର୍ବତନ ସରପଞ୍ଚ ରାଧାରାଣୀ ଦାସ, ଜନ୍ମେଜୟ ଶତପଥି, କରୁଣାକର ମହାପାତ୍ର, ରଘୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ଅନିରୁଦ୍ଧ ନାୟକ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। କିଶୋର କୁମାର ରାଉତ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ସମ୍ପାଦକ ଭରତ ଚନ୍ଦ୍ର ପଣ୍ଡା ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନକାରି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରମାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୫ରୁ ରାଇବଣିଆ ଲୋକ ମହୋତ୍ସବ



**ଜଳେଶ୍ୱର, ୩।୨ (ସମିସ) :** ରାଇବଣିଆ ଅଞ୍ଚଳର ସ୍ୱାଭିମାନ, ଗୌରବ, ଇତିହାସ, କିର୍ତ୍ତୀରାଜୀ, ପୌରାଣିକ କିମ୍ବଦନ୍ତୀ, ବୀର ଗାଥା, ଲୋକକଳାକୁ ଉଜ୍ଜୀବିତ କରୁଥିବା ରାଇବଣିଆ ଲୋକ ମହୋତ୍ସବ ୫ ତାରିଖରେ ଉଦଘାଟନ ହେବାକୁ ଯାଉଛି। ୧୫ ବର୍ଷରେ ପଦାର୍ପଣ କରିଥିବା ବିଶାଳ ମହୋତ୍ସବ ଲାଗି ରାଇବଣିଆ ହେଲିପେଡ ପଡ଼ିଆରେ ମଙ୍ଗଳବାର ପୂର୍ବାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜନଜାତି ବହୁଳ ଅଞ୍ଚଳରେ ମୌଳିକ ସୁବିଧା, ବିକାଶର କଥା ଓ ବିଭିନ୍ନ ସମସ୍ୟା ସମାଧାନ, ଆଞ୍ଚଳିକ କଳା ସଂସ୍କୃତିର ବିକାଶ, ସଂଘତି, ପ୍ରତିଭା ଅନ୍ୱେଷଣ ଓ ବ୍ଲକ ଘୋଷଣା, ଦମକଳ କେନ୍ଦ୍ର ପ୍ରତିଷ୍ଠା ଆଦି ପ୍ରସଙ୍ଗକୁ ସରକାରଙ୍କ ନିକଟରେ ପହଞ୍ଚାଇବାର ଏହା ଏକ ମାଧ୍ୟମ ବୋଲି କୁହାଯାଇଛି। ଫେବୃୟାରୀ ୫ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ, ବିଶିଷ୍ଟ ବକ୍ତା, ଅତିଥି,ସିନେ, ଟେଲି ଅଭିନେତ୍ରୀ, ନୃତ୍ୟାଙ୍ଗନା ଗ୍ରୁପ୍,ଲୋକ କଳା ଶିଳ୍ପୀ ତାଙ୍କର କଳା ପରିବେଷଣ କରିବେ। ଉପସଭାପତି ସୁକୁମାର ପ୍ରଧାନ, ଉପସଭାପତି ଆଲୋକ ଘଡେଇ, ଉପସଭାପତି ନିଗମାନନ୍ଦ ଘୋଷ, ସମ୍ପାଦକ ଦିଲ୍ଲୀପ କୁମାର ସାମଲ ଯୁଗ୍ମ ସମ୍ପାଦକ ସନ୍ଦୀପ ନାରାୟଣ ଘୋଷ, ବଂଶୀଧର ବାରିକ, ଯତୀନ୍ଦ୍ର ନାଥ ମହାନ୍ତି, କୁଞ୍ଜ ବିହାରି ଗିରି, ମନୋରଂଜନ ଦେ, ଯତୀନ୍ଦ୍ର ମହାନ୍ତି, ସୁକାନ୍ତ ଦାସ, ଅନନ୍ତ ମହାନ୍ତି,ଗୋପାଳ ଚନ୍ଦ୍ର ଜେନା, ଅଧ୍ୟାପକ କିଶାରାମ ମହାପାତ୍ର, ବିଶ୍?ନାଥ ଘୋଷ, ଜହରଲାଲ୍ ଅଧିକାରୀ, ଶିବଶଙ୍କର ପଟ୍ଟନାୟକ, ରାଜେଶ ଘୋଷ ଉପସ୍ଥିତ ଥିଲେ। ଲୋକ ମହୋତ୍ସବକମିଟି ସମ୍ପାଦକ ଦିଲ୍ଲୀପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା



**ଭୋଗରାଇ, ୩।୨ (ସମିସ) :** ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ଜାତୀୟ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସର ପୂର୍ବତନ ସଭାପତି ତଥା ହୁଗୁଳି ପଞ୍ଚାୟତର ପୂର୍ବତନ ସରପଞ୍ଚ କାହ୍ନୁ ଗୋପାଳ ଶତପଥୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଗୋପବନ୍ଧୁ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ କାହ୍ନୁ ବାବୁ ଏକାଧାରରେ ଜଣେ ରାଜନେତା, ଭଲିବଲ୍ ଖେଳାଳି, କବି, ବେଦବିତ ଓ ବିଚାରକ ଭାବେ ବହୁ ଖ୍ୟାତି ଅର୍ଜନ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ଭୋଗରାଇ କଂଗ୍ରେସ ନେତା ତଥା ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ୩୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ୩୫ ନମ୍ବର ଜୋନ ସଭାପତି ତଥା ପୂର୍ବତନ ସରପଞ୍ଚ ରାଧାବିନୋଦ ଦାସ, ଦୀପକ ଜେନା, ମନ୍ଦାରସାହି ସରପଞ୍ଚ ମମତା ସାହୁ, ରତନ ବାଗ,ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ମହିଧର ଜେନା, ପ୍ରଦୀପ ମହାନ୍ତି, ଶିଶିର ମହାପାତ୍ର, ଦିପେଶ ରାୟ, ମାନସ ଚନ୍ଦ୍ର, ରବୀନ୍ଦ୍ର ଜେନା, ପ୍ରଦୀପ ପଣ୍ଡା, କମଳାକାନ୍ତ ଦାଶ, ସୁନିଲ ମହାନ୍ତି ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସ୍ୱର୍ଗତ ଶତପଥୀଙ୍କ ସ୍ମୃତି ଚାରଣ କରିଥିଲେ।

## ମୋବାଇଲ ଚୋରକୁ ଧରି ପୁଲିସ ଜିମା

**ସିମୁଳିଆ, ୩।୨ (ସମିସ):** ଦିନ ଦ୍ୱିପ୍ରହରରେ ମହିଳାଙ୍କ ନିକଟରୁ ମୋବାଇଲ ଚୋରୀ କରି ପଳାଇ ଯାଉଥିବା ସମୟରେ ଗ୍ରାମବାସୀଙ୍କ ସହାୟତାରେ ଉତ୍ତମ ମଧ୍ୟମ ଦେଇ ପୁଲିସ ଜିମା ଦେଇଥିବା ଜଣାଯାଇଛି। ବାଲେଶ୍ୱର ଅଞ୍ଚଳର ସୁଭଦ୍ରା ବେହେରା ବସରେ ଆସି ଜାମ୍ବୁଝାଡ଼ି ବସ୍‌ଷ୍ଟାଣ୍ଡଠାରେ ଓହ୍ଲାଇ ବାପଘର ଗୌଡ଼ପଡାକୁ ଯାଉଥିବା ସମୟରେ ଜାମ୍ବୁଝାଡ଼ି ସୋସାଇଟ ସମ୍ମୁଖରେ ନିଛାଟିଆ ଦେଖି ଜଣେ ଯୁବକ ଭୁଜାଲି ଦେଖାଇ ମୋବାଇଲ ଛଡାଇ ନେଇ ପଳାଉଥିଲା। ମହିଳା ଜଣଙ୍କ ଚିତ୍କାର କରିବାରୁ ପାଟି ଶୁଣି ଗ୍ରାମବାସୀ ଘଟଣା ସ୍ଥଳକୁ ଆସି ଯୁବକ ଜଣଙ୍କୁ ଭୁଜାଲି ସହ କାବୁ କରିଥିଲେ। ଖବର ପାଇ ପୁଲିସ ଯୁବକକୁ ଆଣି ଅଟକ ରଖି ତଦନ୍ତ ଚଳାଇଛି। ଯୁବକ ଜଣଙ୍କ ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳର ବାପୁନ ମଲ୍ଲିକ ବୋଲି ଜଣାପଡିଛି।

## ବନ୍ୟଜନ୍ତୁଙ୍କ ଦେହାବଶେଷ ଉଦ୍ଧାର, ଆଉ ୨ ଶିକାରୀ ଗିରଫ

**ନୀଳଗିରି, ୩।୨ (ସମିସ):** କୁଲଡିହା ବନବିଭାଗ ଦ୍ୱାରା ବାରମ୍ବାର ଚଢ଼ାଉ ଜାରିରହିଥିବା ବେଳେ ଅଧିକାଂଶ ସମୟରେ ଶିକାରୀ ଧରାପଡ଼ିବା ଏବଂ ଗିରଫହେବା ସାମ୍ନାକୁ ଆସିଛି। ଗତ ଜାନୁଆରୀ ୨୨ତାରିଖରେ ପୁଣି ଦୁଇ ଶିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ହରିଣ ଶିଙ୍ଗ, ବାରହାର ୪ଟିଦାନ୍ତ, ଦୁଇଟି ମୋବାଇଲ ଏବଂ ଗୋଟିଏ ଜୀବନ୍ତ ପକ୍ଷୀ ଉଦ୍ଧାର କରିଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ମୋଟ ୫ଜଣକୁ ଗିରଫ କରାଯାଇଥିବା କୁଲଡ଼ିହା ରେଞ୍ଜଅଧିକାରୀ ସୂଚନା ଦେଇଛନ୍ତି।



## କ୍ରିଷ୍ଣା କ୍ଲବର ବାର୍ଷିକ ଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର

**ରାଜଘାଟ, ୩।୨ (ସମିସ):** ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ କୁଲଡିହା କ୍ରିଷ୍ଣା କ୍ଲବର ସପ୍ତମ ବାର୍ଷିକ ଉତ୍ସବ ଉପଲକ୍ଷେ କ୍ଲବ୍ ପକ୍ଷରୁ ଜିଲ୍ଲା ରକ୍ତଦାତା ସଂଘ ସହଯୋଗରେ ଗ୍ରାମର ଭୋଗମଣ୍ଡପ ଘରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସ୍ଥାନୀୟ ସରପଞ୍ଚ ଦୁର୍ଗାରାଣୀ ଜେନା ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଙ୍ଘର ସଭାପତି କମଳ ଚକ୍ରବର୍ତ୍ତୀ, ଡାକ୍ତର ଆଦିତ୍ୟ ପୁହାଣ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ତଥା ସଙ୍ଘର ଆଜୀବନ ସଦସ୍ୟ ଅଶ୍ୱିନୀ କୁମାର ଦାସ, ଅଜୟ କୃଷ୍ଣ ଦାସ, ଶିକ୍ଷକ ଅଭିମନ୍ୟୁ ପ୍ରଧାନ, ଆଶାକର୍ମୀ ରୀତାରାଣୀ ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ଶରତ ପ୍ରଧାନ, ସମ୍ପାଦକ ସପନ କୁମାର ବେହେରା, ଉପ ସଭାପତି ନଗେନ୍ଦ୍ର ଦେ, ସହ ସମ୍ପାଦକ ସଞ୍ଜୟ କୁମାର୍ ପ୍ରଧାନ, କୋଷାଧ୍ୟକ୍ଷ ରତ୍ନାକର ବେହେରା, କ୍ଲବର ଉପଦେଷ୍ଟା ଡାକ ବିଭାଗର କର୍ମଚାରୀ ମନୋଜ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ମାନସ ରଞ୍ଜନ ସି,ବିଜୟ ପ୍ରଧାନ ଓ ସାମ୍ବାଦିକ ଜନ୍ମେଜୟ ପରିଡ଼ାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। କ୍ଲବର ଅନ୍ୟ ସମସ୍ତ ସଦସ୍ୟ ଭବାନୀ ଶଙ୍କର ଦାସ,ତପନ କୁମାର ପ୍ରଧାନ, ସମରେନ୍ଦ୍ର ଦାସ, ବିକାଶ ଦେ, ଜୟକୃଷ୍ଣ ଆଇଚ ଜେପିଏଲ୍ ପକ୍ଷରୁ ବିନୋଦ ଦଳାଇ,ଦେବାଶିଷ ଦଳାଇ ଓ ରାମାନୁଜନ ଏକାଡେମୀ ର ପ୍ରିୟବ୍ରତ ଜେନା ଓ ରଞ୍ଜନ କୁମାର ଜେନା ପ୍ରମୁଖ ଶିବିର ପରିଚାଳନା ରେ ସହଯୋଗ କରିଥିଲେ। ଉକ୍ତ ଶିବିରରୁ ୬୯ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## ଜଳେଶ୍ୱର ମହୋତ୍ସବରେ କବିତା ପାଠୋତ୍ସବ



**ଜଳେଶ୍ୱର, ୩।୨ (ସମିସ) :** ଜଳେଶ୍ୱର ମହୋତ୍ସବର ୩ୟ ଦିବସରେ ବିଶିଷ୍ଟ କବି ବାଞ୍ଛାନିଧି ମହାନ୍ତିଙ୍କ ସଭାପତିତ୍ୱ ଓ ସଂଯୋଜକ ରବୀନ୍ଦ୍ର ନାଥ ସେନାପତିଙ୍କ ପରିଚାଳନାରେ ୧ ତାରିଖ ରବିବାର ଅପରାହ୍ନ ୩ଟା ସମୟରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରଜନୀ ଭୂୟାଁ ପ୍ରମୁଖ ଯୋଗ ଦେଇ କବିତାର ଦିଗ ଦିଗନ୍ତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ରାଧାଶ୍ୟାମ ମହାନ୍ତି, ପ୍ରଶାନ୍ତ ଜେନା, ଦିବା।କର ସିଂ, ଗିରିଧାରୀ ବେହେରା, ସୁଶୀଲ କୁମାର ମାହାନା, ରମେଶ ଚନ୍ଦ୍ର ନାୟକ, ଦେବଜାନୀ ଆଚାର୍ଯ୍ୟ, ଶାନ୍ତିଲତା ପ୍ରଧାନ ,କମଳିନୀ ସେନାପତି, ଇନ୍ଦୁମତୀ ଗିରି,ଅଲିଭା ଘୋଷ, ଭାନୁ କିରଣ ବାରିକ,କମଳ କାମିନୀ ଦେ, ଜଗଦୀଶ ମହାନ୍ତି, ପଲ୍ଲ?ୀ ଦାସ, ପ୍ରଦୀପ କୁମାର ଦାସ, ଲିଲିମା ରାଣୀ ମହାନ୍ତି , ପ୍ରଶାନ୍ତ କୁମାର ରାଉଳ, ରଞ୍ଜନ ଘୋଷ, ନରୋତ୍ତମ ପ୍ରଧାନ,ବଙ୍କିମ ଚନ୍ଦ୍ର ଦେ, ଅନନ୍ତ କୁମାର ଦାସ, ସୁଶାନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ଓଝା, ଜଳଧର ଭଞ୍ଜ, ରଞ୍ଜୁରାଣୀ ସାହୁ, ସୁଭଦ୍ରା ସେନାପତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂଯୋଜକ ରବିନ୍ଦ୍ର ନାଥ ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଖେଳୁଛନ୍ତି ପ୍ରଶାସନିକ ଅଧିକାରୀ

## ମୁଣ୍ଡ ଉପରେ ପରୀକ୍ଷା; ବଦଳି ହେଲେ ଶିକ୍ଷୟିତ୍ରୀ

ଭୋଗରାଇ, ୩।୨ (ସମିସ)



ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଅଧିନ କାର୍ତ୍ତିକ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ବଦଳିକୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଛାତ୍ର ଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଖେଳୁଛନ୍ତି ପ୍ରଶାସନିକ ଅଧିକାରୀ। ମୁଣ୍ଡ ଉପରେ ପରୀକ୍ଷା ଶିକ୍ଷୟିତ୍ରୀ ବଦଳି କରୁଛନ୍ତି ସରକାର ବୋଲି ନାରାବାଜି କରିଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ମାନେ। ସୂଚନା ଏହିକି ଯେ କାର୍ତ୍ତିକ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ଟି ଶ୍ରେଣୀରେ ୧୧୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ସେଥିରେ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ନେଇ ଶିକ୍ଷାଦାନ ଚାଲୁଥିବା ବେଳେ ଗତ ଜାନୁଆରୀ ୨୬ ତାରିଖ ଦିନ ନିଳୁରାଣୀ ଖମାରୀ ନାମ୍ନୀ ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଶିକ୍ଷା ଦାନ ପାଇଁ ଯୋଗଦାନ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି କି ଯେ ବିଦ୍ୟାଳୟରେ ଥିବା ଶିକ୍ଷୟତ୍ରୀ ଅନିତା ରାଣୀ ମହାନ୍ତିଙ୍କୁ ବଦଳି ପାଇଁ ଚିଠି ଆସିଥିବାରୁ ଆଜି ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୌରବ କୁମାର ଦାସ, ପ୍ରଣିତା ଗିରି, କିରଣ ବାଲା ଗିରି, ଆରତୀ ମହାନ୍ତି, ପ୍ରଦୀପ ଦାସ, ପ୍ରଭୁରାମ ଦାସ, ସୁଭଦ୍ରା ଗିରି, ଗିରିବାଲା ଗିରି, ସୁମତି ଦାସ ଓ ବହୁତ ଛାତ୍ରଛାତ୍ରୀ ଅଭିଭାବକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଯଦି ୨୪ ଘଣ୍ଟା ମଧ୍ୟରେ ଶିକ୍ଷୟତ୍ରୀ ବଦଳି ଚିଠିକୁ ବାତିଲ କରା ନ ଯାଏ ତେବେ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଛାତ୍ର ଅଭିଭାବକ ବିଦ୍ୟାଳୟରେ ତାଲା ପକାଇ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ପ୍ରଶିକ୍ଷଣ ଶିବିରରେ ଅବ୍ୟବସ୍ଥା
# ଏବିଇଓଙ୍କୁ ଘେରିଲେ ୧୧ ଜଣ ସିଆର୍‌ସିସି

ଜଗତସିଂହପୁର/ଏରସମା,୩।୨(ସମିସ):

ଜଗତସିଂହପୁର ଜିଲ୍ଲାର ଶିକ୍ଷା ବିଭାଗରେ ଅଧିକାରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ କାରଣରୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ଭୁଶୁଡି ପଡିଛି। ଯେଉଁ କେତେଜଣ ଅଧିକାରୀ ଅଛନ୍ତି ସେମାନଙ୍କୁ ଏକାଧିକ ଦାୟିତ୍ୱ ନିର୍ବାହ କରିବାକୁ ପଡୁଥିବାରୁ ସେମାନେ ଚାପଗ୍ରସ୍ତ ହେବା ସହିତ ମନମୁଖୀ କାର୍ଯ୍ୟକରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହେଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଏରସମା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ। ଏଠିକାର ବ୍ଲକ ଶିକ୍ଷା ଅଧିକାରୀ ଏକାଥରକେ ତିନିଟି ବ୍ଲକ ସହିତ ଦୁଇଟି ହାଇସ୍କୁଲର ଦାୟିତ୍ୱ ଅଛନ୍ତି। ତେଣୁ ଏବିଇଓ ବ୍ଲକ ଦାୟିତ୍ୱରେ ରହୁଛନ୍ତି। ଏବିଇଓଙ୍କ ବ୍ୟବହାରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠାରୁ ସିଆର୍‌ସିସିମାନଙ୍କ ପର୍ଯ୍ୟନ୍ତ ଅତିଷ୍ଠ ହୋଇପଡ଼ିଲେଣି। ତେଣୁ ୧୧ ଜଣ ସିଆର୍‌ସିସି ଏକତ୍ର ହୋଇ ଆଜି ବ୍ଲକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ମହିଳା ସିଆର୍‌ସିସିମାନଙ୍କୁ ମାନସିକ ନିର୍ଯାତନା ବିଷୟରେ ମଧ୍ୟ ଅଭିଯୋଗ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ ବ୍ଲକର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ହାଇସ୍କୁଲରେ ପାଞ୍ଚ ଦିନିଆ ଓସିଏଫ୍ ପ୍ରଶିକ୍ଷଣ ଶିବିର ଚାଲିଛି। ଶିବିରରେ ଭାଗ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଉଦ୍ଦେଶ୍ୟରେ ୧୦୦ଟଙ୍କାର ବ୍ୟବସ୍ଥା କରାଯାଇଛି। ମାତ୍ର ୪୦ଟଙ୍କିଆ ମିଲ୍ ଖୁଆଇବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଢ଼ କିମି ଦୂରକୁ ଯିବାକୁ ପଡୁଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦର ଠାରୁ କମ୍ ଟଙ୍କାରେ କଲମ ଖାତା ଓ ଚାହା ଜଳଖିଆ ନ ଦେଇ ପାଞ୍ଚ ଟଙ୍କା ଚୁଡ଼ା ପକେଟ୍ ଦେବା ଏପରିକି ପ୍ରଶିକ୍ଷକ ଭାବରେ ଯୋଗଦାନ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ତ ଦୂରର କଥା ଶୋଷ ମେଣ୍ଟାଇବାକୁ ପାଣିର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ଖାଇବା ନାମରେ ଏବିଇଓ ଟୋକନର ବ୍ୟବସ୍ଥା କରି ନିଜକୁ ବିଇଓ ବୋଲି ସ୍ୱାକ୍ଷର କରିବା ସାଧାରଣରେ ଚର୍ଚ୍ଚା ବିଷୟ ପାଲଟିଛି। ଟୋକନ ଧରି ଶିକ୍ଷକ ଶିକ୍ଷୟିତ୍ରୀ ଏରସମା ବଜାରରେ ବୁଲୁଥିବା ପ୍ରଶିକ୍ଷଣ ଶିବିର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶିକ୍ଷଣ ଶିବିର ସପୋର୍ଟିଂ ଷ୍ଟାଫ ଭାବରେ ନିଜ ସମର୍ଥକଙ୍କୁ ଦାୟିତ୍ୱ ଦେବାକୁ ଗୋଟିଏ ଚିଠି ନମ୍ବରରେ ଦୁଇଟି ଚିଠି କରିବାକୁ ବ୍ଲକର ସିଆର୍‌ସିସିମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ସ୍ଥାନୀୟ ସିଆର୍‌ସିସିମାନଙ୍କ ବଦଳରେ ବାହାର କ୍ଲଷ୍ଟରର ସିଆର୍‌ସିସିଙ୍କୁ ପ୍ରଶିକ୍ଷଣ ଶିବିର ସପୋର୍ଟିଂ ଷ୍ଟାଫ ଭାବରେ ଦାୟିତ୍ୱ ଦେବା ସ୍ଥାନୀୟ ସିଆର୍‌ସିସିମାନଙ୍କୁ ଏକ ପ୍ରକାର ଅପମାନିତ କରାଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ଥାନୀୟ ସିଆର୍‌ସିସିଙ୍କୁ ଦାୟିତ୍ୱ ନଦେଇ ବାହାର କ୍ଲଷ୍ଟରର ସିଆର୍‌ସିସିଙ୍କୁ ଦାୟିତ୍ୱ ଦିଆଯିବା ଘଟଣା ପଚାରିବାରୁ କୌଣସି ଉତ୍ତର ମିଳିନଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହି ସମସ୍ତ ବିଷୟରେ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଉକ୍ତ ୧୧ ଜଣ ସିଆର୍‌ସିସି ନିବେଦନ କରିଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିସଭା



ରଘୁନାଥପୁର,୩।୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁର ଗ୍ରାମର ଅଧିବାସୀ ତଥା ଆଦର୍ଶ ଶିକ୍ଷକ ଅଲେଖ ଚରଣ ବସ୍ତିଆଙ୍କ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ସାମାଜିକ କର୍ମୀ ସର୍ବେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀକାନ୍ତ ମିଶ୍ର, ସୁରେଶ ଚନ୍ଦ୍ର ରାଉତ, ସଦାଶିବ ବିଶ୍ୱାଳ, ବନମାଳୀ ମହାରଣା, ଅଲେଖ ବିହାରୀ ସାହୁ, ନୃସିଂହ ଚରଣ ପଣ୍ଡା, ବିଜୟ କୁମାର ବିଶ୍ୱାଳ, ଯତିନ୍ଦ୍ର ଆଚାର୍ଯ୍ୟ, ବାବାଜୀ ଚରଣ ସାହୁ, ନିର୍ମଳେନ୍ଦୁ ସୋମ, ଦେବାଶିଷ ବେହେରା, ଲକ୍ଷ୍ମୀଧର ବେହେରା, କବିପ୍ରସାଦ ପଣ୍ଡା, ନାରାୟଣ ପଣ୍ଡା ଓ ଅଜୟ ବରାଳ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, ସାମାଜିକ କର୍ମୀ ବିଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସାଦେଇପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଂଶୀଧର ସ୍ୱାଇଁ ଯୋଗଦେଇଥିବା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋବାଇଲ ମେଡିକାଲ ୟୁନିଟ୍‌ର ଶୁଭାରମ୍ଭ



ପାରାଦୀପ,୩।୨(ସମିସ): ପାରାଦୀପ ଉପକଣ୍ଠ ପାରାଦୀପଗଡ଼ ପଞ୍ଚାୟତର ରଙ୍ଗିଆଗଡ଼ ଠାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍, ପାରାଦୀପ ରିଫାଇନାରୀର ଫ୍ଲାଗସିପ୍ ସିଏସ୍‌ଆର୍ ପ୍ରକଳ୍ପ 'ଇଣ୍ଡିଆନ୍ ଅଏଲ୍ ଆରୋଗ୍ୟମ୍ ସ୍କିମ୍' ଅଧୀନରେ ମୋବାଇଲ୍ ମେଡିକାଲ୍ ୟୁନିଟ୍‌ର ଉଦଘାଟନ ହୋଇଛି। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ପାରାଦୀପ ରିଫାଇନାରୀର ୟୁନିଟ୍ ହେଡ କୌଶିକ ବସୁଙ୍କ ସମେତ ବହୁ ଅଧିକାରୀ ଏବଂ ଆଇନଜୀବୀ ସଞ୍ଜୟ କୁମାର ବେହେରା ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ୟୁନିଟ୍ଟି ପାରାଦୀପ ବିଧାନସଭା କ୍ଷେତ୍ରର ସମସ୍ତ ଗ୍ରାମକୁ ଯାଇ ଜନସାଧାରଣଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବାରେ ସହାୟକ ହେବ ଏବଂ ସ୍ୱାସ୍ଥ୍ୟ ଓ ରୋଗ ପ୍ରତି ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ।

## ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବାଲିଗାଁ ବିଜୟୀ



ନାଉଗାଁ,୩।୨(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କାନୁନଗୋସାହି ଗ୍ରାମରେ ଜଙ୍ଗଲୀ ୟୁଥ କ୍ଲବ ଆୟୋଜନରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବାଲିଗାଁ ଟିମ୍ ବିଜୟୀ ହୋଇଥିବା ବେଳେ ତିରୁଣା ଟିମ ଉପ ବିଜେତା ହୋଇଥିଲା। ଭିନ୍ନଭିନ୍ନ ଅଞ୍ଚଳରୁ ଆସିଥିବା ୧୬ଟି ଟିମକୁ ନେଇ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ସମାଜସେବୀ ଦୀପ୍ତିରଞ୍ଜନ ଦାସ ଉଦଘାଟନ କରିଥିଲେ। ଉଦଯାପନୀରେ ମୁଖ୍ୟଅତିଥିରୂପେ ନାଉଗାଁ ସମବାୟ ସମିତିର ସଭାପତି ଅନିଲ କୁମାର ଲେଙ୍କା, ଯୁବନେତା ଶାଶ୍ୱତ ନାୟକ, ଛାତ୍ରନେତା ସୁନିଲ କୁମାର ମାଟିଆ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଜଙ୍ଗଲୀ ୟୁଥ କ୍ଲବର ସମସ୍ତ ସଦସ୍ୟ ମାନେ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିଥିଲେ।

## ପାରାଦୀପ ବନ୍ଦରକୁ ପ୍ରଥମ ସ୍ୱଚ୍ଛତା ପୁରସ୍କାର



ପାରାଦୀପ, ୩।୨ (ସମିସ): ସ୍ୱଚ୍ଛତା ପକ୍ଷ ପାଳନ କରିବା କ୍ଷେତ୍ରରେ ପାରାଦୀପ ବନ୍ଦରକୁ ମିଳିଛି ସଫଳତା। ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ବିଭାଗୀୟ ସଚିବ ବିଜୟ କୁମାରଙ୍କ ଉପସ୍ଥିତିରେ ଏହି ପୁରସ୍କାର ପାରାଦୀପ ବନ୍ଦର ପକ୍ଷରୁ ଅଧ୍ୟକ୍ଷ ପି.ଏଲ୍.ହରନାଦଙ୍କୁ ଗ୍ରହଣ କରିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସମାରୋହରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସ୍ୱଚ୍ଛତା ପକ୍ଷ-୨୦୨୫ ଓ ସ୍ୱଚ୍ଛତା ହିଁ ସେବା-୨୦୨୫ ମାଧ୍ୟମରେ ବନ୍ଦର ସହରକୁ ସ୍ୱଚ୍ଛ ରଖିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଉଦ୍ୟମ ପ୍ରଶଂସନୀୟ। ଏକ ପେଡ୍ ମାଆ କି ନାମ୍ ୨.୦ କାର୍ଯ୍ୟକ୍ରମ ଅଧିନରେ ୪୦ହଜାର ବୃକ୍ଷରୋପଣ କରାଯାଇଛି। ପ୍ଲାଷ୍ଟିକ ମୁକ୍ତ ଭାରତ ଅଭିଯାନରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ସଚେତନତା ସୃଷ୍ଟି କାର୍ଯ୍ୟ ସହିତ ରକ୍ତଦାନ ଶିବିର, ପ୍ରଶାସନିକ ଭବନର ନବୀକରଣ କାର୍ଯ୍ୟ ବନ୍ଦର ପ୍ରଶାସନ ପକ୍ଷରୁ କରାଯାଇଛି।

## ଡାକ୍ତରଙ୍କୁ ବିଧାୟକଙ୍କ ତାଗିଦ
# ପ୍ରତିବାଦରେ ଲୋକଙ୍କ ରାସ୍ତାରୋକ

ରଘୁନାଥପୁର,୩।୨(ସମିସ): ରଘୁନାଥପୁର ବ୍ଲକ ତରିକୁନ୍ଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାକୁ ନେଇ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ତିର୍ତ୍ତୋଲ ବିଧାୟକ ଡ. ପ୍ରଫେସର ରମାକାନ୍ତ ଭୋଇ ତାଗିଦ ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତିବାଦ ସ୍ୱରୂପ ଡାକ୍ତରଙ୍କୁ ସମର୍ଥନ କରି ସ୍ଥାନୀୟ ଲୋକେ ଅପରାହ୍ନରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ବିଧାୟକ ଡାକ୍ତରଙ୍କୁ କ୍ଷମା ନ ମାଗିବା ପର୍ଯ୍ୟନ୍ତ ରାସ୍ତାରୁ ଉଠିବେ ନାହିଁ ବୋଲି ଲୋକେ ଅଡ଼ିବସିଥିଲେ। ପୁଲିସ ଆସି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ପ୍ରକାଶ କି ରୋଗୀସେବା ଓ ଔଷଧ ବିତରଣକୁ ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିଧାୟକ ଡ. ଭୋଇଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଧାୟକ ଆଜି ସ୍ଥାନୀୟ ସରପଞ୍ଚ ବଳରାମ ସାହୁଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏ ସମ୍ପର୍କରେ ଡା. ବିପ୍ଳବ ଜେନାଙ୍କ ସହ ଆଲୋଚନା କରି ପୁନର୍ବାର ନ ହେବା ପାଇଁ ତାଙ୍କୁ ତାଗିଦ କରିଥିଲେ। ସେଠାରେ ଥିବା ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ଏହାକୁ ସହ୍ୟ କରିନପାରି ଡାକ୍ତର ଜେନାଙ୍କ ସପକ୍ଷରେ ବାହାରିଥିଲେ। ଡା. ଜେନା ଜଣେ ଭଲ ଡାକ୍ତର ଭାବେ ଅଞ୍ଚଳରେ ପରିଚିତ ଥିବାରୁ ଅପରାହ୍ନରେ ବିଜେପି ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକଙ୍କ ନେତୃତ୍ୱରେ ୫ ଶହ ଜନସାଧାରଣ କଟକ ଜଗତସିଂହପୁର ରାସ୍ତାର ତରିକୁନ୍ଦ ଠାରେ ରାସ୍ତାରୋକ କରିଥିଲେ। ବିଧାୟକ ଡାକ୍ତରଙ୍କୁ କ୍ଷମା ମାଗନ୍ତୁ ବୋଲି ଦାବିକରି ନାରାବାଜି କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇଥିଲା। ଏ ସମ୍ପର୍କରେ ବିଧାୟକ କୁହନ୍ତି ଯେ ଲୋକଙ୍କ ଅଭିଯୋଗ ପରେ ସେ ଆସି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏହାଛଡା ବିଭାଗୀୟ ଶୃଙ୍ଖଳା ରକ୍ଷା ସହ ଔଷଧ ବିତରଣ ନେଇ ପରସ୍ପର ମଧ୍ୟରେ ବାଦବିବାଦ ନକରିବା ପାଇଁ ବିଧାୟକ ତାଗିଦ କରିଥିବା ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ବିଧାୟକତାଙ୍କ ସହ ଆଲୋଚନା କରି ତାଗିଦ କରିଥିବା ସମ୍ପର୍କରେ ଡା. ଜେନା ପ୍ରକାଶ କରିଛନ୍ତି।

## ଜିଲ୍ଲା କଂଗ୍ରେସ କମିଟିର ନବକଳେବର
# ବାଦ ପଡ଼ିଲେ ପୂର୍ବତନ ପୌରାଧ୍ୟକ୍ଷ

ଜଗତସିଂହପୁର,୩।୨(ସମିସ): ଗତବର୍ଷ ସେପ୍ଟେମ୍ବର ମାସରେ ଯୁବନେତା ଦେବପ୍ରସାଦ ନାୟକ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ ଦାୟିତ୍ୱ ନେବା ପରେ ଆଜି ଜିଲ୍ଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା ଏବଂ ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳ ସଭାପତିଙ୍କ ନାମ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ୧୧ ଜଣ ଉପସଭାପତି, ୧୧ ଜଣ ସାଧାରଣ ସଂପାଦକ, ୨୧ ଜଣ ସଂପାଦ, ୧୯ ଜଣ କାର୍ଯ୍ୟକାରିଣୀ ସଦସ୍ୟ ଏବଂ ୯ ଜଣ ବରିଷ୍ଠ ନେତାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ନିଆଯାଇଛି। ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକଙ୍କ ନାମ ଏହି ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ତାଲିକାରେ ରହିଛି। ତେବେ ଜଗତସିଂହପୁର ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ନାମ ଏହି ତାଲିକାରୁ ବାଦ ଦିଆଯାଇଛି। କେଉଁ କାରଣ ନେଇ ଶ୍ରୀ ଚୌଧୁରୀଙ୍କ ନାମ ବାଦ ଦିଆଯାଇଛି ତାହା ସ୍ପଷ୍ଟ ହୋଇନଥିବା ବେଳେ କିଛିଦିନ ହେବ ଜିଲ୍ଲା କଂଗ୍ରେସର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁନଥିଲା। ଗତ ୨୦୨୨ ପୌର ନିର୍ବାଚନରେ ଶ୍ରୀ ଚୌଧୁରୀଙ୍କ ନିଜ ୱାର୍ଡ ୧୪ ନମ୍ବରରେ କଂଗ୍ରେସ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ସେହିପରି ଆଜି ଘୋଷଣା ହୋଇଥିବା ବ୍ଲକ୍ ଓ ପୌରାଞ୍ଚଳ ସଭାପତି ତାଲିକାରେ କୁଜଙ୍ଗ ଏବଂ ବାଲିକୁଦା ବ୍ଲକକୁ ଛାଡ଼ି ଅନ୍ୟ ୬ଟି ବ୍ଲକ ଓ ୨ଟି ପୌରାଞ୍ଚଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଜଗତସିଂହପୁର ସଦର ବ୍ଲକ୍ କଂଗ୍ରେସ ସଭାପତି ଭାବେ ଜ୍ଞାନରଞ୍ଜନ ପୃଷ୍ଟି, ନାଉଗାଁ ବ୍ଲକ୍ ସଭାପତି ଭାବେ ବିଚିତ୍ରାନନ୍ଦ ଲେଙ୍କା, ତିର୍ତ୍ତୋଲ ବ୍ଲକ୍ ସଭାପତି ଭାବେ ମହମ୍ମଦ ସଫି ଆଜମ୍, ବିରିଡି ବ୍ଲକ୍ ସଭାପତି ଭାବେ ପ୍ରୀୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ ସଭାପତି ଭାବେ ଆର୍ତ୍ତତ୍ରାଣ ପଣ୍ଡା ଏବଂ ଏରସମା ବ୍ଲକ କଂଗ୍ରେସ ସଭାପତି ଭାବେ ପିନାକୀ ନାରାୟଣ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଜଗତସିଂହପୁର ପୌରାଞ୍ଚଳ କଂଗ୍ରେସ ସଭାପତି ଭାବେ ପ୍ରଶାନ୍ତ ମହାପାତ୍ର ଏବଂ ପାରାଦୀପ ପୌରାଞ୍ଚଳ ସଭାପତି ଭାବେ କେଦାରନାଥ ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ କମିଟି କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକ ଅଭିନନ୍ଦନ ଜଣାଇବା ସହିତ ଏମାନଙ୍କର ବଳିଷ୍ଠ ନେତୃତ୍ୱରେ ଆଗାମୀ ଦିନରେ ସମଗ୍ର ଜିଲ୍ଲାରେ କଂଗ୍ରେସ ସଂଗଠନ ଅଧିକ ବଳଶାଳୀ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ପାରାଦୀପରେ 'ଅମୂଲ୍ୟ'କୁ ସ୍ୱାଗତ



ପାରାଦୀପ,୩।୨(ସମିସ): ଭାରତୀୟ ତଟ ରକ୍ଷକ ବାହିନୀ (ଆଇସିଜି)ରେ ସାମିଲ ହେଲା ଜାହାଜ 'ଅମୂଲ୍ୟ'। ଏ ନେଇ ଆଇସିଜିକୁ ବଳ ଯୋଗାଇବ। ଆଠଟି ଫାଷ୍ଟ ପେଟ୍ରୋଲ୍ ଜାହାଜ ମଧ୍ୟରୁ ଦ୍ୱିତୀୟ ଭାରତୀୟ ତଟରକ୍ଷୀ ଜାହାଜ ଅମୂଲ୍ୟ ମଙ୍ଗଳବାର ପାରାଦୀପରେ ପହଞ୍ଚିଛି। ପୂର୍ବରୁ 'ଅଦମ୍ୟ' ପହଞ୍ଚିଛି ଥିଲା। ଭାରତୀୟ ତଟରକ୍ଷୀ ଜାହାଜ ଅମୂଲ୍ୟକୁ ୧୯ ଡିସେମ୍ବର ୨୫ ତାରିଖରେ ଗୋଆ ବନ୍ଦରରେ ନିୟୋଜିତ କରାଯାଇଥିଲା। ଅମୂଲ୍ୟ ହେଉଛି ୫୧ ମିଟର ଲମ୍ବା। ଯାହାକୁ ଗୋଆ ସିପ୍‌ୟାର୍ଡ ଲିମିଟେଡ୍ ଦ୍ୱାରା ଡିଜାଇନ୍ ଏବଂ ସ୍ୱଦେଶୀ ଭାବରେ ନିର୍ମିତ କରାଯାଇଛି। ଉକ୍ତ ଜାହାଜଟି "ଆତ୍ମନିର୍ଭର ଭାରତ'ର ଏକ ଉପଯୁକ୍ତ ଉଦାହରଣ। ଯେଉଁଥିରେ ୬୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ରହିଛି; ଯାହା ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ଅଧୀନରେ ଭାରତର ସାମୁଦ୍ରିକ ଶକ୍ତିକୁ ସୁଦୃଢ଼ କରିଛି। ଅମୂଲ୍ୟ ହେଉଛି ଦ୍ୱିତୀୟ ଜାହାଜ; ଯାହା ସ୍ୱଦେଶୀ ଭାବରେ ବିକଶିତ ଦୁଇଟି ନିୟନ୍ତ୍ରଣ ଯୋଗ୍ୟ ପିଚ୍ ପ୍ରୋପେଲର୍ ଏବଂ ଗିଅର୍ବକ୍ସ ସହିତ ସଜ୍ଜିତ। ସୁସଜ୍ଜିତ ଅସ୍ତ୍ରଶସ୍ତ୍ରରେ ଉଚ୍ଚ କ୍ଷମତା ବିଶିଷ୍ଟ ବନ୍ଧୁକ ଗୋଟିଏ ମିନିଟରେ ୩୫୦ ରାଉଣ୍ଡ ଗୁଳି ଚଳାଇ ପରିବା କ୍ଷମତା ରହିଛି। ଯାହା ସମସ୍ତ ଅଗ୍ନି ନିୟନ୍ତ୍ରଣ ପ୍ରଣାଳୀ ଦ୍ୱାରା ସମର୍ଥିତ। ଅମୂଲ୍ୟ ଓଡ଼ିଶାର ପାରାଦୀପରେ ଅବସ୍ଥାପିତ ହେବ। ଯାହା କମାଣ୍ଡର, ତଟରକ୍ଷୀ ବାହିନୀ ମୁଖ୍ୟାଳୟ ନମ୍ବର ୭ (ଓଡ଼ିଶା) ମାଧ୍ୟମରେ ତଟରକ୍ଷୀ ବାହିନୀ କ୍ଷେତ୍ର (ଉତ୍ତରପୂର୍ବ)ର କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ନିୟନ୍ତ୍ରଣରେ ରହିବ। ଜାହାଜରେ ପାଞ୍ଚ ଅଧିକାରୀ ଏବଂ ୩୪ ଜଣ କର୍ମଚାରୀ ରହିବେ। ଉକ୍ତ ଜାହାଜକୁ ମଙ୍ଗଳବାର ପାରାଦୀପ ବନ୍ଦରରେ କମାଣ୍ଡର ତଟରକ୍ଷୀ ବାହିନୀ (ଓଡ଼ିଶା) ଏକ ଭବ୍ୟ ସ୍ୱାଗତ ଉତ୍ସବରେ ସ୍ୱାଗତ କରିଥିଲେ।

## ବାଳକୃଷ୍ଣଙ୍କ ନାଟ୍ୟଦିବସରେ ନାଟ୍ୟକୃତି ଆଲୋଚନା




ଜଗତସିଂହପୁର,୩।୨(ସମିସ): ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ସ୍ମୃତିପରିଷଦ ପକ୍ଷରୁ ଆଜି ସନ୍ଧ୍ୟାରେ ଠାକୁରପାଟଣା ସ୍ଥିତ ରୂପଶ୍ରୀ ମଣ୍ଡପ ଠାରେ ବାଳକୃଷ୍ଣ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ନାଟ୍ୟାଚାର୍ଯ୍ୟଙ୍କ ୧୨୫ତମ ଜୟନ୍ତୀ ଅବସରରେ ତାଙ୍କ ନାଟ୍ୟ ଜୀବନର ଅୟମାରମ୍ଭ ପ୍ରସଙ୍ଗ ତଥା କବିଙ୍କ ନାଟ୍ୟକୃତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗତ ୧୯୨୦ ମସିହାରେ ବାଳକୃଷ୍ଣଙ୍କ ରଚିତ 'ଚୈତନ୍ୟ ଲୀଳା' ପ୍ରଥମ ଥର ପାଇଁ ପଳାଷୋଳ ସ୍ଥିତ ଅଟଳ ବଳଦେବଜୀଉ ମନ୍ଦିର ପରିସରରେ ପରିବେଷଣ କରାଯାଇଥିଲା। ଏହି ଉତ୍ସବ ଅବସରରେ ଆୟୋଜିତ ସଭାରେ ପ୍ରଦୀପ୍ତ କିଶୋର ଚୌଧୁରୀଙ୍କ ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ବିଶିଷ୍ଟ ନାଟ୍ୟକାର ଶିଶିର ମିଶ୍ର, ଅଧ୍ୟାପକ ଡ. କିଶୋର କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ନାଟ୍ୟାଚାର୍ଯ୍ୟଙ୍କ ନାଟ୍ୟ ସାଧନା, ନିର୍ଦ୍ଦେଶନା, ରଚନା, ମଞ୍ଚସଜା ଓ ନାଟକର କ୍ରମ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

## ● ସରକାରୀ ଜମିରୁ ଉଚ୍ଛେଦ
# ହଟହଟା ହେଲେ ମ୍ୟୁନିସିପାଲିଟି କର୍ମଚାରୀ

ପାରାଦୀପ,୩।୨(ସମିସ): ପାରାଦୀପ ତାରିଣୀଗଡ଼ା ଗିରିଧାରୀ ଛକ ନିକଟରେ ଜବରଦଖଲ ଉଚ୍ଛେଦ କରିବାକୁ ଆସି ହଟହଟା ହେଲେ ମ୍ୟୁନିସିପାଲିଟି ଅଧିକାରୀ। ଆଜି ପାରାଦୀପ ମ୍ୟୁନିସିପାଲିଟି ତରଫରୁ ଗିରିଧାରୀ ଛକ ନିକଟରେ ରହିଥିବା ଅୟସକାନ୍ତ ସାମଲଙ୍କ ଘର ସାମ୍ନାରେ ରହିଥିବା ଜଗାରେ ଗାଡ଼ି ରଖିବା ପାଇଁ ନିର୍ମାଣ ହୋଇଥିବା ସେଡ୍‌କୁ ସରକାରୀ ଜମି କହି ପୁଲିସ ସହିତ ମେସିନ ଆଣି ଭାଙ୍ଗିବାକୁ ଆସିଥିଲେ। ଯାହାକୁ ବିରୋଧ କରିଥିଲେ ଅୟସକାନ୍ତଙ୍କ ପତ୍ନୀ ଓ ଝିଅ। ଯାହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି



ହୋଇଥିଲା। ବିନା ନୋଟିସ୍‌ରେ ଉଚ୍ଛେଦ କରିବାକୁ ଆସିଥିବା ପୌର କର୍ମଚାରୀଙ୍କୁ ବିରୋଧ କରିଥିଲେ ଅୟସକାନ୍ତଙ୍କ ପତ୍ନୀ। ଆମ ପାଖରେ ଜାଗାର କାଗଜପତ୍ର ଅଛି ଏହା କିପରି ସରକାରୀ ଜମି ହେଲା। ଯଦି ଭାଙ୍ଗିବାକୁ ଆସିଛନ୍ତି ନୋଟିସ୍ କାହିଁ ବୋଲି ଉକ୍ତ କର୍ମଚାରୀଙ୍କୁ ପ୍ରଶ୍ନ କରିବା ପରେ କିଛି ସଠିକ୍ ଉତ୍ତର ଦେବା ବଦଳରେ 'ପୌରନିର୍ବାହୀ ଅଧିକାରୀ ଆମକୁ ପଠାଇଛନ୍ତି। ଆମେ ସରକାରୀ ଜମି ଉଚ୍ଛେଦ କରିବାକୁ ଆସିଛୁ, ଆମ ସାର୍‌ଙ୍କ ପାଖରେ ନୋଟିସ ଅଛି, ଚେୟାରମ୍ୟାନ ସାର ଆଉ ପୌର ନିର୍ବାହୀ ଅଧିକାରୀ ସାର ଆମକୁ ଉଚ୍ଛେଦ କରିବାକୁ ପଠାଇଛନ୍ତି' ବୋଲି କହିଥିଲେ। ରାଜନୈତିକ ଶତ୍ରୁତା ଓ କିଛି ଉଦ୍ଦେଶ୍ୟମୂଳକ ଭାବରେ ବିନା ନୋଟିସ୍‌ରେ ଆମ ଜାଗାକୁ ଆସି କାନ୍ଥ ଭାଙ୍ଗିବା ଘଟଣାକୁ ନେଇ ଆଇନର ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି ଅୟସକାନ୍ତଙ୍କ ପତ୍ନୀ ବିଶ୍ୱଶ୍ରୀ। ତେବେ ତାରିଣୀଗଡ଼ା ଅଞ୍ଚଳରେ ବହୁ ଜାଗା ଘର ମାଲିକମାନଙ୍କ ଅକ୍ତିଆରରେ ରହିଥିବା ବେଳେ ଅୟସକାନ୍ତଙ୍କ ଜାଗାକୁ କାହିଁକି ପୌର ଅଧିକାରୀ ଭାଙ୍ଗିବା ପାଇଁ ଆସିଥିଲେ ତାକୁ ନେଇ ଅୟସକାନ୍ତ ସାମଲଙ୍କ ପଡ଼ୋଶୀ ଅଭିଯୋଗ କରିଛନ୍ତି। ତାରିଣୀ ଗଡା ଅଞ୍ଚଳରେ କୌଣସି ଘର ମଳିକଙ୍କର ସରକାରୀ ପଟ୍ଟା ନଥିବା ବେଳେ ପୌରପାଳିକା ଏହି ଜାଗାକୁ ଉଚ୍ଛେଦ କରିବାକୁ କାହିଁକି ଉଚ୍ଛେଦ କରିବାକୁ ଆନ୍ତରିକତା ଦେଖାଉଛି ତାକୁ ନେଇ ପ୍ରଶ୍ନ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଯଦି ଭାଙ୍ଗି ବାକୁ ଅଛି ତେବେ ସମସ୍ତ ଜବରଦଖଲ କାରୀଙ୍କୁ ଉଚ୍ଛେଦ କରାଯାଉ ବୋଲି ସ୍ଥାନୀୟ ଘର ମାଲିକମାନେ କହିଛନ୍ତି।

## ୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ
# ୨ୟ ସନ୍ଧ୍ୟାରେ ରାଧା-ରାମ କ୍ରିଷ୍ଣ ମଞ୍ଚସ୍ଥ

ପାରାଦୀପ,୩।୨(ସମିସ)



ପାରାଦୀପ ଜୟଦେବ ସଦନ ଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ତରଫରୁ ଆୟୋଜିତ ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ "ଭାରତ ରଙ୍ଗ ମହୋତ୍ସବର' ୨ୟ ସନ୍ଧ୍ୟାରେ ପଶ୍ଚିମବଙ୍ଗର କଲ୍ୟାଣୀ କଳାମଣ୍ଡଳମ୍ ନାଟ୍ୟ ଅନୁଷ୍ଠାନ ଶାନ୍ତନୁ ଦାସଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ଭାଷାର ନାଟକ ରାଧା- ରାମକ୍ରିଷ୍ଣା ମଞ୍ଚସ୍ଥ କରିଥିଲେ। ରାଧା -ରାମକୃଷ୍ଣ ଏକ ଐତିହାସିକ କାଳ୍ପନିକ ନାଟକ। ଦୁଇଟି ସମାନ୍ତରାଳ ଯାତ୍ରାର ଚିତ୍ରଣ କରେ। ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣଙ୍କ ମଧୁର ସାଧନା, ଯେଉଁଠାରେ ସେ ନିଜକୁ ରାଧା ଭାବରେ କଳ୍ପନା କରିଥିଲେ, ଜଣେ ନାରୀର ଶରୀର ଏବଂ ମାନସିକତାକୁ ଅନୁଭବ କରୁଥିଲେ ଏବଂ ଅଭିନେତ୍ରୀ ବିନୋଦିନୀ ଦାସୀଙ୍କ କଳା ମାଧ୍ୟମରେ ତାଙ୍କ ଜନ୍ମର କଳଙ୍କକୁ ଅତିକ୍ରମ କରିବା ପାଇଁ ସଂଘର୍ଷ କରିଥିଲେ। ଗିରିଶ ଚନ୍ଦ୍ର ଘୋଷଙ୍କ ଦ୍ୱାରା ରାମକୃଷ୍ଣଙ୍କ ଉପାସନା ବିଷୟରେ ଅନୁପ୍ରାଣିତ ହୋଇ ବିନୋଦିନୀଙ୍କ ଅଭିନୟ ଏକ ଉଚ୍ଚତର ସାଧନାରେ ବିକଶିତ ହୁଏ ଯାହା ପ୍ରଦର୍ଶନ ଏବଂ ଆଧ୍ୟାତ୍ମିକ ଅନୁଭବ ମଧ୍ୟରେ ଥିବା ସୀମାକୁ ଝାପସା କରିଦିଏ। ଔପନିବେଶିକ କଲିକତା, ଜାତିଗତ ପକ୍ଷପାତ ଏବଂ ବ୍ରିଟିଶ ଅପରାଧୀ ଜନଜାତି ଆଇନ ଦ୍ୱାରା ନାରୀକରଣ ପୁରୁଷ ଶରିରକୁ ନିଷେଧ କରାଯିବାର ପୃଷ୍ଠଭୂମି ବିରୋଧରେ ରାମକୃଷ୍ଣ ରାଣୀ ରାସମଣୀଙ୍କ ଜନବଜାର ଦୁର୍ଗା ପୂଜାରେ ରାଧାଙ୍କ ପୋଷାକ ପିନ୍ଧି କିନ୍ନର ସମ୍ପ୍ରଦାୟ ସହିତ ନୃତ୍ୟ କରି ଅର୍ଦ୍ଧନାରୀ ଅବତାରରେ ଉପସ୍ଥିତ ହୁଅନ୍ତି ଓ ବିନୋଦିନୀଙ୍କୁ ଆଶୀର୍ବାଦ କରି କୁହନ୍ତି କି ତୁମର ଚୈତନ୍ୟ ଜାଗ୍ରତ ହେଉ। ସମାଜକୁ ଆଇନ, ଜାତି କିମ୍ବା ପକ୍ଷପାତ ଦ୍ୱାରା ସଂସ୍କାର କରାଯାଇ ପାରିବ ନାହିଁ, କେବଳ କଳା ଏବଂ ଭକ୍ତିର ପରିବର୍ତ୍ତନକାରୀ ଅଗ୍ନି ମାଧ୍ୟମରେ ହିଁ କରାଯାଇ ପାରିବ। ନାଟକର ଆନନ୍ଦ ନେବା ପାଇଁ ଅଧିକ ବଙ୍ଗଳା ଭାଷୀ ନାଟ୍ୟପ୍ରେମୀ ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ତିର୍ତ୍ତୋଲ,୩।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନୂଆପୋଖରୀ ସ୍ଥିତ ଓମ୍ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଆଚାର୍ଯ୍ୟା ରେଶମା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଦସ୍ୟ ତଥା ଅବସରପ୍ରାପ୍ତ ଅନୁଶାସନ ସଚିବ ବିଷ୍ଣୁପ୍ରସାଦ କାନୁନଗୋ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ପ୍ରାଧ୍ୟାପକ ତଥା ପ୍ରବଚକ ଅରୁଣ କୁମାର ପଣ୍ଡା, ବିଶିଷ୍ଟ ଅତିଥି ସରକାରୀ ପାଠ୍ୟ ପୁସ୍ତକର ପ୍ରଣେତା ତଥା ଶିକ୍ଷାବିତ୍ ରମାକାନ୍ତ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁଜୀ ତରୁଣ ସ୍ୱାଇଁ, ଜାହାଙ୍ଗୀର ଅଲ୍ଲୀ, ଗୁରୁମା' ଅର୍ପିତା ପ୍ରିୟଦର୍ଶିନୀ ସାହୁ, ଜ୍ୟୋତିପ୍ରଭା ନାୟକ, ପ୍ରୀତିଛନ୍ଦା ସୁତାର, ରୋଜାଲିନ ଗୋଛାୟତ, ମଧୁସ୍ମିତା ଦାଶ, ସ୍ୱର୍ଣ୍ଣଲତା ଖୁଣ୍ଟିଆ, ଶ୍ରୀଲେଖା ମଲ୍ଲିକ, ସସ୍ମିତା ଓଝା, ଶିକ୍ଷା କର୍ମୀ ପ୍ରତିମା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ଅଭିନୟ ଓ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। କମିଟି ସଦସ୍ୟ ଶିକ୍ଷାବିତ୍ ପଦ୍ମଚରଣ ବିଶ୍ୱାଳ, ଅଭୟ କୁମାର ବସ୍ତିଆ, ଶିକ୍ଷାବିତ୍ ବସନ୍ତ ଓଝା, ଓମ୍ ପ୍ରକାଶ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଖଟୁଆ ଧନ୍ୟବାଦ୍ ଦେଇଥିଲେ।

## ସାରଦା ଏକାଡେମୀରେ ପୁରାତନ ଛାତ୍ରଛାତ୍ରୀ ସମ୍ମିଳନୀ



ଜଗତସିଂହପୁର,୩।୨(ସମିସ): ସାରଦା ଏକାଡେମୀ କନକପୁର ୨୦୦୬ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଝଙ୍କଡ଼ ସ୍ଥିତ ସାରଦା ଏକାଡେମୀ କନକପୁର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ ଉପେନ୍ଦ୍ର ନାଥ ବଶ୍ୱାଳ ଏବଂ ବିଦ୍ୟାଳୟର କର୍ମକର୍ତ୍ତାଗଣ ଛାତ୍ରଛାତ୍ରୀଙ୍କ ଉପରେ ଆଲୋଚନା କରିଥିଲେ। ଏଥିରେ ପୁରାତନ ଛାତ୍ର ଶୁଭେନ୍ଦୁ, ପ୍ରୀତମ, ହରିଶଙ୍କର, ଶ୍ରୀକାନ୍ତ, ଅଜିତ୍, ଗୋରେଖନାଥ, ଅମରଜିତ୍, ରାକେଶ, ବୁଲୁ, ଚରଣ, ଚନ୍ଦନ, ରଶ୍ମୀରଂଜନ, ପବିତ୍ର, ଜୟଶ୍ରୀ, ଅମିତା, ଶୁଭଶ୍ରୀ, ପ୍ରମୋଦିନୀ ଓ ଅନ୍ୟ ଛାତ୍ରଛାତ୍ରୀ ଉପସ୍ଥିତି ଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟଗୀତ ପରିବେଷଣ ହୋଇଥିଲା।

# ରାଷ୍ଟ୍ରପତିଙ୍କ ଆଗମନରେ ଚଳଚଞ୍ଚଳ ଫକୀରମୋହନ ବିଶ୍ୱବିଦ୍ୟାଳୟ







ବାଲେଶ୍ୱର, ୩।୨(ସମିସ)

ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇଥିଲେ। ସେ ଆଜି ଦିନ ୧୨ଟା୧୦ମିନିଟ ସମୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ହେଲିପ୍ୟାଡରେ ଅବତରଣ କରିଥିଲେ। ତାଙ୍କୁ ରାଜ୍ୟପାଳ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ଚାନସେଲର ହରିବାବୁ କମ୍ଭମପତି, ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ପ୍ରମୁଖ ସ୍ୱାଗତ କରିଥିଲେ। ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ହୋଇଥିବା ଅଡିଟୋରିୟମ ହଲକୁ ଉଦଘାଟନ କରିବା ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମା ମଧ୍ୟ ଉନ୍ମୋଚନ କରିଥିଲେ।

**ରାଷ୍ଟ୍ରପତିଙ୍କୁ ନେଇ ବିଶ୍ୱବିଦ୍ୟାଳୟରେ ଉତ୍ସାହ :** ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଏବଂ ସମସ୍ତ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ଉତ୍ସାହିତ ହୋଇଛନ୍ତି। ଛାତ୍ରଛାତ୍ରୀମାନଙ୍କ ସମେତ ବହୁ ବ୍ୟକ୍ତି ହେଲିପ୍ୟାଡଠାରେ ଦୀର୍ଘ ସମୟ ଧରି ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ଅପେକ୍ଷା କରିଥିଲେ।

**ବିଶ୍ୱବିଦ୍ୟାଳୟ ପରିସରରେ ପୁଲିସ ଛାଉଣୀ :** ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପରିସର ଏବଂ ବାହାରେ ପୁଲିସ ଛାଉଣୀ ହୋଇଥିବା ବେଳେ ୩୦ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ରାଷ୍ଟ୍ରପତିଙ୍କ କାରକେଡ୍ ଅଗ୍ନିଶମ ଗାଡିକୁ ମିଶାଇ ମୋଟ ୩୦ଟି ଗାଡି ରହିଥିଲା।

**କୁନି ଝିଅର ନାଁ ପଚାରିଲେ, ଚକୋଲେଟ୍ ଦେଲେ:** ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ କୁନି ଝିଅକୁ ଦେଖି ପାଖକୁ ଡାକି ଗେଲ କରିଥିଲେ। କୁନି ଝିଅର ନାମ ପଚାରିବା ସହିତ ତାଙ୍କୁ ଦୁଇଟି ଚକୋଲେଟ୍ ପ୍ରଦାନ କରିଥିଲେ ରାଷ୍ଟ୍ରପତି। ଏହି ମୂହୁର୍ତ୍ତ କୁନି ଝିଅ ଓ ତାଙ୍କ ବାପାଙ୍କ ମନରେ ବେଶ୍ ଖୁସି ଆଣିଦେଇଛି। କୁନି ଝିଅ ଈଶିତା ମଧ୍ୟ ରାଷ୍ଟ୍ରପତିଙ୍କ ହାତରୁ ଚକୋଲେଟ୍ ପାଇ ନିଜର ଖୁସିବ୍ୟକ୍ତ କରିଛନ୍ତି।



**ଉଦଘାଟିତ ହେଲା ଅଡିଟୋରିୟମ୍:** ୧୦୦୦ ସିଟ୍ ବିଶିଷ୍ଟ ଅଡିଟୋରିୟମ୍ ଉଦଘାଟନ କରିଛନ୍ତି ରାଷ୍ଟ୍ରପତି। ଯାହାର ନାମ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ କନଭେନସନ୍ ହଲ୍ ରହିଛି। ଏହା ଭିତରେ ଆଜି ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଛି। ଏହି ହଲ୍ ଭିତରକୁ ରାଷ୍ଟ୍ରପତିଙ୍କ ପ୍ରୋଟୋକଲ ହିସାବରେ ପାସ୍ ଦିଆଯାଇ ଭିତରକୁ ଯିବା ପାଇଁ ଅନୁମତି ଦିଆଯାଇଛି। ହଲ୍ ଭିତରକୁ ଯିବା ପୂର୍ବରୁ ସମସ୍ତଙ୍କର କଡ଼ା କଡ଼ା ଚେକିଂ ମଧ୍ୟ କରାଯାଇଥିଲା।

**ବିଛା ହୋଇଥିଲା ଲାଲ୍ କାର୍ପେଟ:** ବିଶ୍ୱବିଦ୍ୟାଳୟ ପରିସରରେ ବିଛା ଯାଇଥିଲା ଲାଲ୍ କାର୍ପେଟ। ବିଭିନ୍ନ ପ୍ରତିମୂର୍ତ୍ତି ନିକଟରେ ମଧ୍ୟ ଲାଲ୍ କାର୍ପେଟ ବିଛାଯାଇଥିଲା। ବିଶେଷକରି ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଥିବା ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ନିକଟ ସହିତ ନୂଆ ହଲ୍ ନିକଟରେ ପୁରା ଲାଲ୍ କାର୍ପେଟ ପଡ଼ିଥିଲା।

କଳା ରଙ୍ଗ ନିଷେଧ, ସମସ୍ତେ ପିନ୍ଧିଲେ ଧଳା ଡ୍ରେସ୍ କୋଡ୍: ୧୨ ତମ ସମାବର୍ତ୍ତନ ଉତ୍ସବରେ ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀଙ୍କୁ ନୂଆ ଡ୍ରେସ୍ କୋଡ୍ ପିନ୍ଧିବାକୁ କୁହାଯାଇଥିଲା। ଏଥିସହିତ ବେକରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଲେଖା ଥିବା କପଡା ପକାଇଥିଲେ। ବିଶ୍ୱବିଦ୍ୟାଳୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ କଳା ରଙ୍ଗ ତଥା କଳା ରଙ୍ଗର ପୋଷାକ, ମାସ୍କ ଆଦି ବ୍ୟବହାର ପାଇଁ ନିଷେଧ କରାଯାଇଥିଲା। ଏହା ବଦଳରେ ସମସ୍ତଙ୍କୁ ଧଳା ରଙ୍ଗର ପୋଷାକ ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।



## ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ବାଲେଶ୍ୱର, ୩।୨(ସମିସ): ସ୍ଥାନୀୟ ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ରରେ ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶାର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ପରିଷଦର ସହ ସମ୍ପାଦିକା ଲିଜାରାଣୀ ଦାଶଙ୍କ ଅଧ୍ୟକ୍ଷତାରେ ମାତୃପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଦେଓଘର ଅଧ୍ୟକ୍ଷ ପୂଜ୍ୟ ପାଦ ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ 'ପ୍ରତିଭାଶ୍ରୀ' ମୁଖ୍ୟ ତଥା ବିଶିଷ୍ଟ କବି ପ୍ରଶାନ୍ତ ଦାସ, ସମ୍ମାନିତ ବକ୍ତା ଭାବେ ସାଇ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ମିଶ୍ର, କୁଡ଼ିଆ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ପ୍ରଶାନ୍ତ ପରିଡା, ଅନୁଷ୍ଠାନ ଟ୍ରଷ୍ଟ ସଭାପତି ବେଣୁଧର ବାରିକ, ଟ୍ରଷ୍ଟ ସମ୍ପାଦକ ବାଣୀ ନିର୍ମାଲ୍ୟ ବିଶ୍ୱାଳ, ପରିଚାଳନା ସଭାପତି ଗଦାଧର ଗିରି, ଉପ ପ୍ରଧାନ ଆଚାର୍ଯ୍ୟ ଦାମୋଦର ମହାର୍ଣ୍ଣା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ସମ୍ପାଦକ ନିତ୍ୟାନନ୍ଦ ରାଉତ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ଜିତେନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦ ତରଫରୁ କୃତି ଶିକ୍ଷକ ଭାବେ ନାଟ୍ୟକାର ବିଜୟ କୁମାର ପରିଡାଙ୍କୁ ସମ୍ବର୍ଦ୍ଧିତ ଏବଂ ଅନୁଷ୍ଠାନ ତରଫରୁ ଗୁରୁମା ସାରସ୍ୱତୀ ଦତ୍ତଙ୍କୁ ଶ୍ରେଷ୍ଠ ଗୁରୁମା ଭାବେ ସମ୍ବର୍ଦ୍ଧିତ କରା ଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା।

## ପୁସ୍ତକ 'ଓଡ଼ିଆ ଭାଷା କଳ୍ପର ବାଂମୟ ବିଧା' ଉନ୍ମୋଚିତ

ବାଲେଶ୍ୱର, ୩।୨ (ସମିସ): କଦ୍ରାବାଦସ୍ଥିତ ପାର୍ବତୀ ନୀଳୟମ 'ଦି ରିକଭରି' ପରିସରରେ ବିଶିଷ୍ଟ ଶିକ୍ଷାବିତ୍ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କ ଲିଖିତ ପୁସ୍ତକ "ଓଡ଼ିଆ ଭାଷା କଳ୍ପର ବାଂମୟ ବିଧା' ଉନ୍ମୋଚିତ ହୋଇଯାଇଛି। 'ବିଦ୍ୟା ଭାରତୀ' ପ୍ରକାଶନର ସଂସ୍ଥାପକ ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ 'ରେବତୀ' ପତ୍ରିକାର ସମ୍ପାଦିକା ତଥା ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ କହିଥିଲେ, ଶିଶୁଟିଏ ଅଙ୍ଗନବାଡ଼ିରୁ ହିଁ ଭାଷାର ପ୍ରାଥମିକ ସଂସ୍କାର ପାଇଥାଏ, ତେଣୁ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସାମ୍ପ୍ରତିକ ସମୟର ବଡ଼ ଆବଶ୍ୟକତା'। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆଇଏଏସ ତଥା କବି ଦେବେନ୍ଦ୍ର କୁମାର ମହାପାତ୍ର, ଆଲୋଚିକା ଭାବେ ଡ.ଦୀପିକା ସେନାପତି ଏବଂ ବରଣ୍ୟ ଅତିଥି ଭାବେ ପ୍ରଫେସର ଡ. ଶିଶିର ଚନ୍ଦ୍ର ଜେନା, ଡ. ରାଖାଲ ଚନ୍ଦ୍ର ଘଡ଼େଇ ଓ ସ୍ତମ୍ଭକାର କୁଳମଣି ବାରିକ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ପ୍ରତି ସରକାରଙ୍କ ଉଦାସୀନତା ଉପରେ ମତ ଦେଇ ବରେଣ୍ୟ ଅତିଥି କୁଳମଣି ବାରିକ ନିଜର କ୍ଷୋଭ ପ୍ରକାଶ କରିଥିଲେ। ଆବାହକ ଡ. ଅନ୍ତର୍ଯ୍ୟାମୀ ପଣ୍ଡା ଲେଖକଙ୍କ ସାରସ୍ୱତ ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କୃଷି ବୈଜ୍ଞାନିକ ଡ. କେଶବ ଚନ୍ଦ୍ର ପଣ୍ଡା ବେଦମନ୍ତ୍ର ପାଠ କରିଥିବାବେଳେ ବଂଶୀ ବାଦକ ବିଜୟ କୁମାର ମହାନ୍ତିଙ୍କ 'ଆହେ ନୀଳଶୈଳ'ର ସ୍ୱରରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ହୋଇଉଠିଥିଲା। ଏହି ଅବସରରେ ଦିବଙ୍ଗତ ସାହିତ୍ୟିକ ଡ. ବଂଶୀଧର ଚୌଧୁରୀଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୃଷ୍ଠା ଦୃଷ୍ଟି କାର୍ଯ୍ୟ ମଞ୍ଚିରେ କଥା କାର ଉଦୟ ନାରାୟଣ ଦାସ ତାଙ୍କ ରଚିତ 'ରାଧା' ପୁସ୍ତକ ଟିକୁ ଡ. ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାରସ୍ୱତ ସ୍ରଷ୍ଟା ଶ୍ରୀ ଅଶ୍ୱିନୀ ଶତପଥୀ ଏବଂ ମମତା ମହାନ୍ତି ସେମାନଙ୍କ ନିଜସ୍ୱ ରଚିତ ପୁସ୍ତକ ଡ. ପଟ୍ଟନାୟକଙ୍କୁ ଅର୍ପଣ କରିଥିଲେ। କବି ପଦ୍ମଲୋଚନ ଦତ୍ତ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ଡ. ପଟ୍ଟନାୟକଙ୍କ ସାହିତ୍ୟ ଅଭିଯାନ ପାଇଁ ସମ୍ମାନିତ କରିଥିଲେ। ପ୍ରାରମ୍ଭ ରେ କୁମାରୀ ଅଦିତି ଏବଂ ବିଦ୍ୟାଧର ନାୟକ ଅତିଥି ମାନଙ୍କୁ ମଂଚ କୁ ପାଛୋଟି ନେଇଥିଲେ। ଜ୍ୟୋତି ପ୍ରଭା ଏବଂ ଅୟସ୍ମିତା ମିଳିତ ଭାବେ ଅତିଥି ମାନଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ। ଦିବଂଗତ କବି ବନ୍ଧୁ ତଥା ସୃଜନାକ୍ଷର ର ପରିଚାଳନା ସମ୍ପାଦକ ଡ.ବଂଶୀଧର ଚୌଧୁରୀଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଡା. ଅଭିମନ୍ୟୁ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଦିଭୂମି ସାହିତ୍ୟ ପତ୍ରିକାର ଲୋକାର୍ପଣ ଉତ୍ସବ

ବାଲେଶ୍ୱର, ୩।୨(ସମିସ): ମାଟି ମଣିଷର ପରିଚୟ "ଆଦିଭୂମି" ତ୍ରୈମାସିକ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ଦଶରଥ ହେମ୍ବ୍ରମ ଓ ସମ୍ପାଦିକା ଡ. କ୍ଷୀରୋଦିନୀ ବେହେରାଙ୍କ ଉଦ୍ୟମରେ ପ୍ରକାଶିତ ମକର ବିଶେଷାଙ୍କ-୨୦୨୬ ବଳାଙ୍ଗୀ ଡିଗ୍ରୀ ସଭାଗୃହରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଗହଣରେ କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ଉତ୍ସବରେ ସହଯୋଗୀ ସମ୍ପାଦକ କବି ଜୁମରନାଥ ପାତ୍ର, ବ୍ୟଙ୍ଗକବି ପ୍ରଭାକର ସାହୁ, କବି ସ୍ନିଗ୍ଧା ସାମନ୍ତରାୟ, ଓଡ଼ିଆ ଅଧ୍ୟାପକ ପ୍ରହଲ୍ଲାଦ କୁଅଁର ଓ ଫକୀର ମୋହନ ସାହିତ୍ୟ ପରିଷଦର କାର୍ଯ୍ୟ ନିର୍ବାହୀ ସଦସ୍ୟ ଡ. ସାରଙ୍ଗଧର ତ୍ରିପାଠୀ ମିଳିତ ଭାବରେ ପତ୍ରିକାଟିକୁ ଉନ୍ମୋଚନ କରି ଏହା ସବୁବର୍ଗର ପାଠକ ପାଇଁ କିପରି ଗ୍ରହଣୀୟ ଓ ଆଦରଭାଜନ ହୋଇପାରିଛି ବକ୍ତବ୍ୟରେ ମତ ରଖିଥିଲେ। ପ୍ରହଲ୍ଲାଦ କୁଅଁର ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ପଳାଶପୁର ପ୍ରିମିୟର୍ ଲିଗ୍ ସଂସ୍କରଣ-୪ ଉଦ୍‌ଯାପିତ

ବାଲେଶ୍ୱର, ୩।୨(ସମିସ): ସଦର ବ୍ଲକ ପଳାଶପୁର ଛକ ନିକଟସ୍ଥ ଖେଳ ପଡିଆରେ ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ପଳାଶପୁର ପ୍ରିମିୟର୍ ଲିଗ୍ (ପି.ପି.ଏଲ): ସଂସ୍କରଣ-୪ ଉଦଯାପିତ ହେଇଯାଇଛି। ମୁଖ୍ୟଅତିଥି ରୂପେ ବାଲେଶ୍ୱର ଓକିଲ ସଂଘର ସଭାପତି କେଶବ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥିରୂପେ ଇଂ ରଞ୍ଜନ କୁମାର ଦାସ (ପ୍ରାକ୍ତନ ସମିତି ସଭ୍ୟ), ସମିତି ସଭ୍ୟା ପୁଷ୍ପଶ୍ରୀ ରାଉତ, ଭାବଗତ ବେହେରା ଅଭ୍ୟୁଦୟମ୍ ମୁଖ୍ୟ ଇଂ ସବ୍ୟସାଚୀ ପ୍ରଧାନ, ସମାଜସେବୀ ଅବନୀ ଚନ୍ଦ୍ର ରାଉତ ଏବଂ ପିତାମ୍ବର ମହାପାତ୍ର ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ପଡିଆରେ ଖେଳ ପରିଚାଳନା ପାଇଁ ଅମ୍ପାୟାର୍ ଭାବେ ଜନ୍ମେଜୟ ପରିଡ଼ା ଏବଂ ଶୁଭ୍ରାଂଶୁ ରାଉତ, ଭାଷ୍ୟକାର ତ୍ରିଲୋଚନ ବେହେରା ଏବଂ ସିଦ୍ଧାର୍ଥ ସୌରଭ ମହାନ୍ତି, ସ୍କୋରର ରଶ୍ମିରଞ୍ଜନ ଜେନା ଓ ଚନ୍ଦ୍ରକାନ୍ତ ଜେନା ଏବଂ ଅନ୍ୟ ସହଯୋଗୀମାନଙ୍କ ମଧ୍ୟରେ ଶକ୍ତିପ୍ରସାଦ ରାଉତ, ରତିରଞ୍ଜନ ଆଚାର୍ଯ୍ୟ, ମୁକ୍ତିକାନ୍ତ ପାଳ, ଚନ୍ଦ୍ରକାନ୍ତ ଜେନା ଏବଂ ଶୁଭ୍ରଜିତ ମହାନ୍ତି ଆଦି ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପଳାଶପୁର ଇଲେଭେନ୍‌ର ଅଧିନାୟକ ମଧୁସୂଦନ ପରିଡ଼ା ଏବଂ ଆର୍. ଆର୍. ଅଫିସିଆଲ୍ ଅଧିନାୟକ ସୁଜିତ ବାରିକ୍ ନେତୃତ୍ୱରେ ଶୃଙ୍ଖଳାର ସହ ଖେଳ ପ୍ରଦର୍ଶନ ହୋଇଥିଲା।



## ଟିପିଏନ୍‌ଓଡିଏଲ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ

ବାଲେଶ୍ୱର,୩।୨(ସମିସ)

ଟିପିଏନ୍‌ଓଡିଏଲ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। "ଯତ୍ନଶୀଳ ହେବା, ସୁରକ୍ଷିତ ରହିବା' ବାର୍ତ୍ତା ନେଇ କର୍ପୋରେଟ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ସର୍କଲ, ଡିଭିଜନ, ସବଡିଭିଜନ ତଥା ସେକ୍ସନ ପ୍ରଭୃତି କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସଡ଼କ ସୁରକ୍ଷା ନେଇ ସଚେତନ ହେବା ସହ ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନ ପାଇଁ ଶପଥ ନେଇଥିଲେ। "ଏହି ଅବସରରେ ବିଦ୍ୟାଳୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ ଆଦି ଦ୍ୱାରା ସଡ଼କ ସୁରକ୍ଷା ନେଇ ସଚେତନ କରାଯିବା ସହ ଗାଡି ଚାଳକଙ୍କ ପାଇଁ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ସେହିପରି ଗାଡ଼ି ଚାଳକ ତଥା କର୍ମଚାରୀଙ୍କ ପାଇଁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବା ସହ ବିଭିନ୍ନ କାର୍ଯ୍ୟାଳୟ ସ୍ତରୀୟ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା ଝ ସୂଚନା ମୁତାବକ ୩୧ରୁ ଉର୍ଦ୍ଧ୍? ସଚେତନତା ରାଲି, ୪୯୩ଜଣ ଗାଡ଼ି ଚାଳକଙ୍କ ଚକ୍ଷୁ ପରୀକ୍ଷା, ୨୨୦ଜଣ ଗାଡ଼ି ଚାଳକଙ୍କ ପାଇଁ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ବିଦ୍ୟାଳୟ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅଧୀନରେ ୨୨ଟି ଅଧିବେଶନରେ ପ୍ରାୟ ୨୪ଶହ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



## ବାଲିଆ ଶ୍ରୀଜଗନ୍ନାଥ ମନ୍ଦିରରେ ବିରାଟ ନାମଯଜ୍ଞ ମହୋତ୍ସବ

ବାଲେଶ୍ୱର, ୩।୨(ସମିସ): ବାଲେଶ୍ୱର ସହରର ପ୍ରମୁଖ ଆଧ୍ୟାତ୍ମିକ ସ୍ଥଳୀ ବାଲିଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶନିବାର ଠାରୁ ଆରମ୍ଭ ହୋଇଥିବା ବିରାଟ ନାମଯଜ୍ଞ ମହୋତ୍ସବ (ଅଷ୍ଟମ ପ୍ରହରୀ) ଉଦଯାପିତ ହୋଇଯାଇଛି। ଦୁର୍ଗାଦେବୀ ଅଂଚଳର ସୁକୁମାର ଦାସ ସମର୍ପିତ ଭାବରେ ସେବାନୀତି ସମ୍ପାଦନ କରିଥିଲେ। ଅଖଣ୍ଡ ହରିନାମ ସଂକୀର୍ତ୍ତନରେ ବାଲିଆ ଅଂଚଳରେ ତିନି ଦିନ ବ୍ୟାପୀ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବାଲିଆ ଓ ଆଖପାଖ ଅଂଚଳ ସମେତ ବାଲେଶ୍ୱର ସହରର ବିଭିନ୍ନ ଅଂଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇ ପ୍ରସାଦ ସେବା କରିଥିଲେ। କମିଟିର ସଭାପତି ରବିନାରାଣ ପାଣିଗ୍ରାହୀ ଓ ସମ୍ପାଦକ ଉତ୍ତମ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୋତ୍ସବର ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ମହୋତ୍ସବରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଶିବ ନାରାୟଣ ଦାସ, ନନ୍ଦ ଦାସ, କାଳିଆ ପାତ୍ର, କୃଷ୍ଣା ସାହା, ବାଲିଆ ସରପଂଚ ନିତାଇ ନାୟକ ପ୍ରମୁଖ ସହଯୋଗ ପ୍ରଦାନ ସହିତ ଉପସ୍ଥିତ ରହି ଥିଲେ।



# ଶ୍ରୀକ୍ଷେତ୍ର ସିଟି

୩/୨/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୬୧,୨୪୪/- ସୁନା:୦୪.୪୫୦ ଗ୍ରାମ୍ ରୁପା: ୪୭.୮୦୦ ଗ୍ରାମ୍





## ପୁରୀରେ ରାଷ୍ଟ୍ରପତି

# ଆଜି ଶ୍ୱେତଗଙ୍ଗାରେ କରିବେ ପିଣ୍ଡଦାନ





ସଜେଇ ହୋଇଛି ଲୋକ ଭବନ

**ପୁରୀ, ୩।୨ (ସମିସ):** ପୁରୀରେ ପହଞ୍ଚିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପୁରୀ ଲୋକ ଭବନରେ ରାତ୍ରୀଯାପନ କରିଥିବାବେଳେ ବୁଧବାର ସକାଳେ ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଶ୍ୱେତଗଙ୍ଗା ତୀର୍ଥରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିବେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ପୁରୀରେ ରାତ୍ରୀଯାପନ, ପିଣ୍ଡଦାନ ଏବଂ ମହାପ୍ରଭୁଙ୍କ ଦର୍ଶନକୁ ନେଇ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ପ୍ରଶାସନ ମଧ୍ୟ ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି। ମଙ୍ଗଳବାର ଅପରାହ୍ଣ ୫ଟାରେ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ସମେତ ପ୍ରଶାସନିକ ଅଧିକାରୀ ଭାରତର ପ୍ରଥମ ନାଗରିକଙ୍କୁ ଶ୍ରୀକ୍ଷେତ୍ର ମାଟିକୁ ସ୍ୱାଗତ କରିଥିଲେ। ଏହାପରେ ରାଷ୍ଟ୍ରପତିଙ୍କ କାର୍‌କେଡ୍ ଲୋକ ଭବନରେ ପହଞ୍ଚିଥିଲା। ସେଠାରେ ରାଷ୍ଟ୍ରପତି ରାତ୍ରୀଯାପନ କରିଥିବାବେଳେ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିଛନ୍ତି।

ବୁଧବାର ସକାଳ ୬ଟା ୫୦ରେ ରାଷ୍ଟ୍ରପତି ଲୋକଭବନରୁ ବାହାରି ୭ଟାରେ କାକୁଡ଼ିଖାଇ ଛକରେ ପହଞ୍ଚିବେ। ସେଠାରୁ ବ୍ୟାଟେରି ଗାଡ଼ିରେ ଯାଇ ଶ୍ୱେତଗଙ୍ଗା ପୁଷ୍କରିଣୀ ନିକଟରେ ପହଞ୍ଚିବେ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କର୍ମ ସମାପନ କରିବେ। ୭ଟା ୧୦ରୁ ୭ଟା ୩୫ ପ୍ରାୟ ୨୫ ମିନିଟ୍ ଏହି ପିଣ୍ଡଦାନ ପାଇଁ ସମୟ ଧାର୍ଯ୍ୟ ରହିଛି। ସେଠାରୁ ବାହାରି ୭ଟା ୪୦ରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବେ। ସେଠାରେ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଛତିଶାନିଯୋଗ ନାୟକ, କୌଳିକ ପଣ୍ଡା ପ୍ରମୁଖ ସ୍ୱାଗତ କରିବେ। ବଡ଼ଛତା ମଠ ସମ୍ମୁଖ ଶେଡ୍‌ରେ ରାଷ୍ଟ୍ରପତି ଜୋତା ରଖିବେ। ରାଷ୍ଟ୍ରପତିଙ୍କ ଦର୍ଶନ ପାଇଁ ସକାଳ ୬ଟାରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ କରାଯିବ। ଗୋପାଳବଲ୍ଲଭ ଭୋଗ ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ସକାଳ ୬ଟାରୁ ପୂର୍ବାହ୍ଣ ୧୦ଟା ପ୍ରାୟ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସକାଳ ୭ଟା ୪୫ରେ ସିଂହଦ୍ୱାର ନିକଟରୁ ରାଷ୍ଟ୍ରପତିଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯିବ। ବାଇଶିପାହାଚ ଓ ସାତପାହାଚ ଦେଇ ନାଟମଣ୍ଡପରେ ପ୍ରବେଶ କରି ଗରୁଡ଼ ସ୍ତମ୍ଭ ପରିକ୍ରମା କରିବେ। ଏହି ସମୟରେ ଶ୍ରୀଜଗନ୍ନାଥ ମନ୍ଦିର ବୈଦିକ ଶିକ୍ଷାନୁଷ୍ଠାନର ଛାତ୍ରମାନେ ନାଟମନ୍ଦିର ଦୁଇପାଶ୍ୱର୍ରେ ସମାନ୍ତରାଳ ଭାବେ ଉପସ୍ଥିତ ରହି ବେଦପାଠ କରିବେ। ରାଷ୍ଟ୍ରପତି ଗରୁଡ଼ ସ୍ତମ୍ଭ ପରିକ୍ରମା ଶେଷ କରି ଜୟ ବିଜୟ ଦ୍ୱାର ଓ ଧୁକୁଡ଼ି ଦ୍ୱାର ଦେଇ ଗର୍ଭଗୃହରେ ଦାରୁବିଗ୍ରହଙ୍କୁ ଦର୍ଶନ କରିବେ। ଗର୍ଭଗୃହରେ ରାଷ୍ଟ୍ରପତି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବେ। ପ୍ରୋଟୋକଲ ଅନୁଯାୟୀ, ରାଷ୍ଟ୍ରପତିଙ୍କ ସହିତ କେବଳ ଅଧିକୃତ ସେବାୟତ ଓ ଅଧିକାରୀ ଉପସ୍ଥିତ ରହିବେ। ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଶ୍ରୀମନ୍ଦିର ଭିତରେ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ଦର୍ଶନ ସାରି ବେହେରଣ ଦ୍ୱାର ଦେଇ ବାହାରିବେ। ସେଠାରୁ ମା’ ବିମଳା ଏବଂ ମହାଲକ୍ଷ୍ମୀ ମନ୍ଦିରକୁ ଯାଇ ଦର୍ଶନ କରିବେ। ଏହାପରେ କୀର୍ତ୍ତନ ଚକଡ଼ା, ବାଇଶିପାହାଚ ଦେଇ ସିଂହଦ୍ୱାର ବାହାରକୁ ଆସିବେ।

କାର୍ଯ୍ୟସୂଚୀ ଅନୁଯାୟୀ, ଶ୍ରୀମନ୍ଦିର ଦର୍ଶନ ପରେ ୮ଟା ୨୦ରେ ରାଷ୍ଟ୍ରପତି ଲୋକଭବନରେ ପହଞ୍ଚିବେ। ସେଠାରେ ଜଳଖିଆ ସେବନ କରିବେ। ୯ଟା ୧୫ରେ ରାଷ୍ଟ୍ରପତି ଲୋକଭବନରୁ ବାହାରି ତାଳବଣିଆ ହେଲିପ୍ୟାଡ୍‌ରେ ୯ଟା ୨୫ରେ ପହଞ୍ଚିବେ। ୯ଟା ୩୫ରେ ରାଷ୍ଟ୍ରପତି ପୁରୀ ଛାଡ଼ିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତିଙ୍କ ଏହି ଗସ୍ତ ଶୃଙ୍ଖଳିତ ପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି।

### ଶ୍ରୀମନ୍ଦିରରେ କରିବେ ଦାରୁଦିଅଁଙ୍କ ଦର୍ଶନ

### ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

## ରାଷ୍ଟ୍ରପତି ହେବା ପରେ ଚତୁର୍ଥ ପୁରୀ ଗସ୍ତ

ଦୁଇଦିନିଆ ପୁରୀ ଗସ୍ତରେ ଆସି ପହଞ୍ଚିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପୁରୀ ଲୋକ ଭବନରେ ରାତ୍ରୀଯାପନ କରିଥିବାବେଳେ ବୁଧବାର ସକାଳେ ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଶ୍ୱେତଗଙ୍ଗା ତୀର୍ଥରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିବେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରିବେ। ତେବେ ଜଣେ ଓଡ଼ିଆ ଝିଅ ବିଶ୍ୱର ବୃହତମ ଗଣତାନ୍ତ୍ରିକ ରାଷ୍ଟ୍ରର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ନିଶ୍ଚିତ ଗର୍ବ ଓ ଗୌରବର ବିଷୟ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଏହା ଚତୁର୍ଥ ପୁରୀ ଗସ୍ତ। ଭାରତର ରାଷ୍ଟ୍ରପତି ହେବା ପରେ ପ୍ରଥମଥର ୨୦୨୨ ନଭେମ୍ବର ୧୦ରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ପ୍ରଥମ ଦିନରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରାଜଭବନରେ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରି ସେହିଦିନ ଭୁବନେଶ୍ୱର ଫେରିଯାଇଥିଲେ। ୨୦୨୪ରେ ଦୁଇଥର ପୁରୀ ଆସିଥିଲେ। ଜୁଲାଇ ୭ ତାରିଖ ରଥଯାତ୍ରା ଦେଖିବାକୁ ପୁରୀ ଆସିଥିଲେ। ପ୍ରଥମଥର ପାଇଁ ବଡ଼ଦାଣ୍ଡରେ ତାଳଧ୍ୱଜ ଏବଂ ଦର୍ପଦଳନ ରଥ ଟାଣିଥିଲେ ରାଷ୍ଟ୍ରପତି। ସେହିପରି ୨୦୨୪ ଡିସେମ୍ବର ୪ରେ ପୁରୀ ଆସିଥିଲେ। ପୁରୀରେ ପ୍ରଥମ କରି ଅନୁଷ୍ଠିତ ଭାରତୀୟ ନୌସେନା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଗସ୍ତ ଅବସରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସ ତଥା ‘ହୀରକ ଜୟନ୍ତୀ’ରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମଙ୍ଗଳବାର ଚତୁର୍ଥ ଥର ପାଇଁ ପୁରୀ ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି।

## ସିଂହଦ୍ୱାରରେ ‘ଅପେକ୍ଷା’ର ପୋଷ୍ଟର ରିଲିଜ୍

**ପୁରୀ,୩।୨(ସମିସ):** ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଓଡ଼ିଆ ଚଳଚ୍ଚିତ୍ର “ଅପେକ୍ଷା’ର ପୋଷ୍ଟର ରିଲିଜ୍ ହେବା ସହ ମହାପ୍ରଭୁଙ୍କୁ ସମର୍ପିତ ହୋଇଛି। ଶ୍ରୀପତିତପାବନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ ଏବଂ ପ୍ରଯୋଜନା ସଦସ୍ୟମାନେ ଚଳିତ ମାସ ୬ ତାରିଖରେ ଚଳଚ୍ଚିତ୍ର ରିଲିଜ୍ ହେବ ବୋଲି ଘୋଷଣା କରିଥିଲେ। ସିଂହଦ୍ୱାରଠାରେ ବିଶିଷ୍ଟ ଅଭିନେତା ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ସାର୍ଥକ, ଶୁଭଙ୍ଗୀ, ଅଲିଭା ଦାସ, ଗୁଡୁ ପ୍ରମୁଖଙ୍କ ସମେତ ଆଜିର ରେବତୀ ଚଳଚ୍ଚିତ୍ରର କାହାଣୀକାର ବଦ୍ରି ମିଶ୍ର, ବିଶିଷ୍ଟ ଚିତ୍ରନାଟ୍ୟ ଓ ସଂଳାପକାର ଶ୍ୟାମାପ୍ରସାଦ ମିଶ୍ର ଓ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଉପସ୍ଥିତ ଥିଲେ। ଏହି ଚଳଚ୍ଚିତ୍ରରେ



ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ, କାହାଣୀ ଓ ସଂଳାପକାର ଆଶୁତୋଷ ବାରିକ ରହିଥିବାବେଳେ ଗୀତିକାର ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ। ଓଡ଼ିଶାରେ ସିନେମା ହଲ୍‌ର ଅଭାବବେଳେ ଅଧିକରୁ ଅଧିକ ଚଳଚ୍ଚିତ୍ର ନିର୍ମାଣର ସାହସ କମ୍ କଥା ନୁହେଁ ବୋଲି ଚଳଚ୍ଚିତ୍ରର ପବ୍ଲିସିଟି ଡିଜାଇନର ଶ୍ୟାମାପ୍ରସାଦ ମିଶ୍ର କହିଥିବାବେଳେ ପର୍ଯ୍ୟଟକଙ୍କ ପାଇଁ ସରକାର ତୁରନ୍ତ ପୁରୀରେ ଅନ୍ୟୂନ ତିନୋଟି ସିନେମା ହଲ୍ ଓ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ଓ ମଲ୍ ଉପରେ ଆଇନକ୍ସ କରିବାକୁ ବଦ୍ରି ମିଶ୍ର ଦାବି ରଖିଛନ୍ତି।

■ ୧୯ ବର୍ଷରୁ କମ୍ ବିଦ୍ୟାଳୟସ୍ତରୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା

## ଓଡ଼ିଶା ଦଳରେ ପୁରୀ ବକ୍ସିଂ ଏକାଡେମୀର ୧୦ ପ୍ରତିଯୋଗୀ



**ପୁରୀ,୩।୨(ସମିସ):** ଆସନ୍ତା ୫ରୁ ୯ ପର୍ଯ୍ୟନ୍ତ କର୍ଣ୍ଣାଟକର ଶ୍ରୀକାଟେରାଭା ଷ୍ଟାଡିୟମ୍ ବେଙ୍ଗାଲୁରୁଠାରେ ଭାରତୀୟ ବିଦ୍ୟାଳୟ କ୍ରୀଡ଼ା ମହାସଂଘ ତରଫରୁ ୬୯ତମ ଜାତୀୟ ୧୯ ବର୍ଷରୁ କମ୍ ବାଳକ ଓ ବାଳିକା ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦଳରେ ପୁରୀ ବକ୍ସିଂ ଏକାଡେମୀର ୧୦ ଜଣ ଛାତ୍ରଛାତ୍ରୀ ସାମିଲ୍ ହୋଇଛନ୍ତି। ସେମାନେ ହେଲେ ବାଳକ ବର୍ଗରେ ପ୍ରକାଶ ବାନାର୍ଜୀ, ଲୋକନାଥ ବେହେରା, ଚନ୍ଦନ ଥାପା, ଅଂଶୁ ନାୟକ, ବସନ୍ତ କୁମାର ବେଜ, ଇନ୍ଦ୍ରଜିତ ରାଏ, ବିଶ୍ୱଜିତ ରାଏ, ଲିକୁ ଖାଁ ଓ ବାଳିକା ବର୍ଗରେ ମିକିଲି ନାୟକ, ଇତିଶ୍ରୀ ପଲେଇ। ଏହି ପ୍ରତିଯୋଗୀମାନେ ମଙ୍ଗଳବାର ଟ୍ରେନ୍ ଯୋଗେ ଦଳ ସହ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି। ସାଂସଦ ସମ୍ବିତ୍ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାମଚନ୍ଦ୍ର ଦାସ ମହାପାତ୍ର, ରବିଶଙ୍କର ପ୍ରତିହାରୀ, ଅନୀଲ ଗୋଚ୍ଛିକାର, ସୁବାସ ସାହୁଙ୍କ ସମେତ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ‘ମଧ୍ୟଯୁଗୀୟ ଜାତି ପ୍ରଥା ଏବେ ବି ବଳବତ୍ତର ରହିଛି’

**ପୁରୀ,୩।୨(ସମିସ):** ପୁରୀ ସହରର ଅନ୍ୟତମ ବୌଦ୍ଧିକ ଅନୁଷ୍ଠାନ ପ୍ରଗତିଶୀଳ ପାଠଚକ୍ରର ମାସିକ ଆଲୋଚନା ସଭା ସ୍ଥାନୀୟ କୁଳମଣି ଭବନଠାରେ କୃଷକ ନେତା କିଷାନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚ୍ୟ ବିଷୟ ‘ଜାତି ପ୍ରଥା ଉନ୍ମୁଳନ ଦିଗରେ ଜାତିଭିତ୍ତିକ ଜନଗଣନା ସହାୟକ ହେବ କି? ଶୀର୍ଷକ ବିଷୟବସ୍ତୁରେ ପିୟୁସିଏଲ୍‌ର ରାଜ୍ୟ ଆବାହିକା ପ୍ରମୋଦିନୀ ପ୍ରଧାନ ମୁଖ୍ୟ ଆଲୋଚିକା ଭାବେ ଯୋଗଦେଇ କହିଥିଲେ ଯେ, ଆମ ଦେଶରେ ପ୍ରଚଳିତ ମଧ୍ୟଯୁଗୀୟ ଜାତି ପ୍ରଥା ଏବେ ବି ବଳବତ୍ତର ରହିଛି। ଏହାର ବିଲୋପ ପାଇଁ କୌଣସି ରାଜନୈତିକ ଦଳର ଇସ୍ତାହାରରେ କେବେ ବି ପ୍ରତିଫଳିତ ହୋଇନାହିଁ। କିନ୍ତୁ ଜାତିଭିତ୍ତିକ ଜନଗଣନାକୁ ରାଜନୈତିକ ଦଳର ଦୃଢ଼ ସମର୍ଥନ ଓ ପ୍ରୋତ୍ସାହନ ଏକ ବଡ଼ ବିଡ଼ମ୍ବନାର ବିଷୟ। ଅଧ୍ୟାପକ ଦେବଦତ୍ତ ବିଶ୍ୱରଞ୍ଜନ, ଈଶ୍ୱର ସାହୁ, ସୀତାକାନ୍ତ ମହାନ୍ତି, ଦେବୀ ପ୍ରସନ୍ନ ରଥ, ଶ୍ରୀମନ୍ତ ମହାନ୍ତି, ହରିହର ସେନାପତି, ଗୋପାଳ ପ୍ରଧାନ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ପାଠଚକ୍ର ସମ୍ପାଦକ ସୁରେନ୍ଦ୍ର ତପସ୍ୱୀ ଆଲୋଚ୍ୟ ବିଷୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ହୁତୁହୁତୁ ହୋଇ ଜଳିଗଲା ବାଇକ୍



**ପୁରୀ,୩।୨(ସମିସ):** ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଗଲା ବାଇକ୍। ମଙ୍ଗଳବାର ଅଠରନଳା ନିକଟରେ ଜଣେ ବ୍ୟକ୍ତି ବ୍ୟାଟେରି ସ୍କୁଟି ରଖି ଖାଉଥିବାବେଳେ ହଠାତ୍ ସେଥିରେ ନିଆଁ ଲାଗିଯାଇଥିଲା। ନିକଟରେ ଥିବା ଅନ୍ୟ ଏକ ବାଇକ୍‌କୁ ମଧ୍ୟ ନିଆଁ ସଂଯୋଗ ହୋଇଯାଇଥିଲା। ଫଳରେ ଉଭୟ ଗାଡ଼ି ଜଳିବାକୁ ଲାଗିଥିବାବେଳେ ସ୍ଥାନୀୟ ଲୋକ ଅନେକ ଚେଷ୍ଟା କରି ବ୍ୟାଟେରି ସ୍କୁଟିର ନିଆଁକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ହେଲେ ବାଇକ୍‌ରୁ ନିଆଁ ଲିଭି ନ ଥିଲା। ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏକାଧିକଥର ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିଥିଲେ। ହେଲେ ନିଆଁକୁ ଆୟତ କରିବା ନିମନ୍ତେ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିପାରି ନ ଥିଲା। ଫଳରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

## ଏମର୍ଜିଂ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ପୁରୀ,୩।୨(ସମିସ):** ଓକେସିଏଲ୍ ଦ୍ୱାରା ଅଧିକୃତ ଶିକ୍ଷାକେନ୍ଦ୍ର ସି ନେଟ୍ କମ୍ପ୍ୟୁଟର ଏଜୁକେସନ ଅନୁକୂଲ୍ୟରେ ପୁରୀରେ ଦୁଇଦିନିଆ ଏମର୍ଜିଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିର ପ୍ରଥମ ଦିନରେ ପୁରୀର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ ବିଶ୍ୱମ୍ବର ବିଦ୍ୟାପୀଠ ହାଇସ୍କୁଲରେ ଏମର୍ଜିଂ ଟେକ୍ନୋଲୋଜିର ପ୍ରଶିକ୍ଷଣ ଶିବିର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ୧୨୦ ଜଣ ଛାତ୍ରଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତା, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ ଓ ରୋବୋଟିକ୍ସ ଏବଂ ସାଇବର ସୁରକ୍ଷା ସହ ଆଧୁନିକ ଡିଜିଟାଲ ଦକ୍ଷତା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ପ୍ରୟୋଗ ଉପରେ ଅବଗତ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ଅନ୍ୟତମ ପୁରାତନ ବିଦ୍ୟାଳୟ ଜିଲ୍ଲା ସ୍କୁଲଠାରେ ଏମର୍ଜିଂ ଟେକ୍ନୋଲୋଜିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱଜିତ୍ ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଓକେସିଏଲ୍ ଦ୍ୱାରା ଅଧିକୃତ ଶିକ୍ଷାକେନ୍ଦ୍ର ସି ନେଟ୍ କମ୍ପ୍ୟୁଟର ଏଜୁକେସନର ନିର୍ଦ୍ଦେଶକ ହିମାଂଶୁ ମୋହନ ମହାନ୍ତି ଓ ପରିଚାଳନା ନିର୍ଦ୍ଦେଶିକା ନୀଳାଞ୍ଜନା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହା ସମ୍ପାଦିତ ହୋଇଥିଲା। ଏଥିରେ ଓକେସିଏଲ୍‌ର ଜିଲ୍ଲା ସମ୍ପାଦକ ନିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଟ୍ରେନର ସବିତା ପ୍ରିୟା ରାୟ, ଜାଗେଶ୍ ରାଉତରାୟ ଓ ଲିଙ୍ଗରାଜ ଷଡ଼ଙ୍ଗୀ ପ୍ରଶିକ୍ଷଣ ଦେଇଥିଲେ। ଶ୍ୱେତପଦ୍ମା ଦାଶ, ସରସ୍ୱତୀ ଜେନା, ପୁଷ୍ପଲତା ମୁଦୁଲି ଓ ମୋନାଲିସା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାର୍ଚ୍ଚ ୨୭ରୁ ସାହିଯାତ

# ବିକୃତ ଢଙ୍ଗରେ ପରିବେଷଣ ନ ହେଉ



**ପୁରୀ,୩।୨(ସମିସ):** ଶ୍ରୀଜଗନ୍ନାଥଙ୍କ ରାମାବତାର ଲୀଳାର ଅଂଶ ହେଉଛି ସାହିଯାତ। ଶ୍ରୀକ୍ଷେତ୍ରର ସଂସ୍କୃତି ଓ ପାରମ୍ପରିକ ସମରକଳାର ପ୍ରତୀକ ରୂପେ ପରିଚିତ ସାହିଯାତ। ଏହି ଯାତ ସମୟରେ ପୁରୀ ସହରର ଆଠସାହିରୁ ବାହାରୁଥିବା ପଟୁଆର ଓ ଯାତ ଆଦି ବାଦି ସାହିଗୁଡ଼ିକରେ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥା’ନ୍ତି। ସାହିଯାତରେ ସମରକଳା, ଲୋକକଳା, ଲୋକନୃତ୍ୟ, ଲୋକଗୀତ ଓ ଲୋକବାଦ୍ୟ ପରମ୍ପରାର ସମ୍ମିଳିତ ରୂପ ଦେଖିବାକୁ ମିଳିଥାଏ। ଆସନ୍ତା ମାର୍ଚ୍ଚ ୨୭ ତାରିଖରୁ ସାହିଯାତ ଆରମ୍ଭ ହେବାକୁ ଯାଉଛି। ତେବେ ଏହାକୁ ଆକର୍ଷଣୀୟ ଏବଂ ଶୃଙ୍ଖଳିତ ଭାବେ କରିବା ଲାଗି ଆଠସାହି ଆଖଡ଼ାର ପ୍ରଥମ ବୈଠକ କାଳିକାଦେବୀ ସାହି ଆଖଡ଼ା ଅନ୍ତର୍ଗତ ଗଣ୍ଡମାଳ ଜାଗା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷଠୁ ରାଜ୍ୟ ସରକାରଙ୍କ ସାହିଯାତ ଅନୁଦାନ ମିଳି ନ ଥିବାରୁ ଏନେଇ କ୍ଷୋଭ ପ୍ରକାଶ ପାଇଛି।

ଏଥିସହ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ କ୍ଷୋଭ ପ୍ରକାଶ ପାଇଛି। କେତେକ ମଞ୍ଚରେ ସାହିଯାତ ପରିବେଷଣ ବେଳେ ବିକୃତ ଢଙ୍ଗରେ ପରିବେଷଣ କରାଯାଉଥିବାରୁ କିଛି ସଦସ୍ୟ ପ୍ରତିକ୍ରିୟା ରଖିଛନ୍ତି। ଶାସ୍ତ୍ରୀୟ ପରମ୍ପରା ଓ ନିର୍ଦ୍ଦିଷ୍ଟ ତାଳବାଦ୍ୟ ସାହିଯାତ ମେଢ ନୃତ୍ୟ ପାଇଁ ନିର୍ଦ୍ଧାରିତ ହୋଇଛି। ମାତ୍ର କେତେକ ମଞ୍ଚରେ ମନଇଚ୍ଛା ମେଢ଼ ନୃତ୍ୟ ପରିବେଷଣ କରାଯାଉଛି। ଅନ୍ତତଃ ଏଭଳି କିଛି ମେଢ଼ ନୃତ୍ୟ ବା ସାହିଯାତ କୌଣସି ମଞ୍ଚରେ ପରିବେଷଣ ହେବା ପୂର୍ବରୁ ପ୍ରଥମେ ଏ ସଂକ୍ରାନ୍ତରେ ଆଠସାହି ଆଖଡ଼ା ସହ ଯୋଗସୂତ୍ର କରାଯାଉ ବୋଲି କହିଛନ୍ତି। ସାହିଯାତ ପରିବେଷଣ ପୂର୍ବରୁ ବହୁ କଳାକାର ନିଷ୍ଠାର ସହ ଦୀର୍ଘଦିନ ଅଭ୍ୟାସ କରନ୍ତି। ଏହାପରେ ସେମାନେ ଯାତରେ ନିଜର କଳାକୌଶଳ ପ୍ରଦର୍ଶନ କରିଥାନ୍ତି। କେଉଁ ତାଳରେ କିଭଳି ପାହୁଲ ପଡ଼ିବ ସେ ନେଇ ସ୍ୱତନ୍ତ୍ର ବିଧି ରହିଛି। ଏହାକୁ ଅନୁକରଣ କରାଯାଉ ନ ଥିବାରୁ ଏହା ସାହିଯାତକୁ ଅପମାନ। ତେଣୁ ଏହାକୁ ଗୁରୁତ୍ୱର ସହ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଆଗାମୀ ସପ୍ତାହେ ମଧ୍ୟରେ ସମସ୍ତ ଆଖଡ଼ା ନିଜ ନିଜ ସାହିର ପ୍ରସ୍ତୁତି ବୈଠକ କରି ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତିକୁ ପତ୍ର ମାଧ୍ୟମରେ ଅବଗତ କରିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ସାହିଯାତକୁ ସୁରୁଖୁରୁରେ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନେଇ ବିଭିନ୍ନ କମିଟି ଗଠନ କରାଯାଇଛି। ବୈଠକରେ ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତିର ସଭାପତି ରବିନ୍ଦ୍ରନାଥ ସେନାପତି, ସମ୍ପାଦକ ତଲୁଛ ନୀଳକଣ୍ଠ ମହାପାତ୍ର, ଯୁଗ୍ମ ସମ୍ପାଦକ ଚକ୍ରଧର ମହାପାତ୍ର, କୋଷାଧ୍ୟକ୍ଷ ଭଗବାନ ସୁପକାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳିକାଦେବୀ ସାହି ଆଖଡ଼ା ସଭାପତି ଲକ୍ଷ୍ମୀକାନ୍ତ ରଥ, ସମ୍ପାଦକ ପ୍ରଫୁଲ୍ଲ କୁମାର ଖୁଣ୍ଟିଆ, ମାଟିମଣ୍ଡପ ସାହି ଆଖଡ଼ା ସଭାପତି ନାରାୟଣ ମହାପାତ୍ର, ହରଚଣ୍ଡୀ ସାହି ଆଖଡ଼ା ସାଂସ୍କୃତିକ ସମ୍ପାଦକ ହରିହର ପତ୍ରୀ, ମାର୍କଣ୍ଡେଶ୍ୱର ସାହି ଆଖଡ଼ା କୋଷାଧ୍ୟକ୍ଷ ରବିନାରାୟଣ ସୁପକାର, କୁଣ୍ଡେଇବେଣ୍ଟ ସାହି ଆଖଡ଼ା ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ବାଲିସାହି ଆଖଡ଼ା ସମ୍ପାଦକ ନରେନ୍ଦ୍ର ମହାନ୍ତି, ଗୌଡ଼ବାଡ଼ ସାହି ଆଖଡ଼ା ଯୁଗ୍ମ ସମ୍ପାଦକ ରଘୁନାଥ ଖୁଣ୍ଟିଆ, ଦେବେନ୍ଦ୍ର ମିଶ୍ର, ବିଶ୍ୱଜିତ୍ ସେନାପତି, ସୋମନାଥ ବେହେରା, ବିଜୟକୃଷ୍ଣ ବ୍ରହ୍ମା, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ପରମ୍ପରା ଅନୁଯାୟୀ, ରାମନବମୀ ତିଥି ଅବସରରେ ଅର୍ଥାତ୍ ମାର୍ଚ୍ଚ ୨୭ରେ କାଳିକାଦେବୀ ସାହି ପକ୍ଷରୁ ରାମଜନ୍ମ ନୀତି ସମ୍ପନ୍ନ କରାଯିବ। ସେହିଭଳି ୨୮ ତାରିଖରେ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞ ରକ୍ଷା ନୀତି ଓ ମାଟିମଣ୍ଡପ ସାହି ପକ୍ଷରୁ ନିଶାଣ ଶୋଭାଯାତ୍ରା ହେବ। ୨୯ ତାରିଖରେ ହରଚଣ୍ଡୀ ସାହି ପକ୍ଷରୁ ସୀତା ବିବାହ ନୀତି କରାଯିବ। ୩୦ ତାରିଖରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବନବାସ ନୀତି, ଏପ୍ରିଲ ୧ରେ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ସୀତାଚୋରି ନୀତି ଓ ମାୟାମୃଗ, ୩ ତାରିଖରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ନୀତି, ୪ରେ ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରସ୍ତାବ ନୀତି, ୫ରେ ବାଲିସାହି ପକ୍ଷରୁ ରାବଣ ବଧ ପ୍ରସ୍ତାବ ନୀତି ସମ୍ପନ୍ନ କରାଯିବ। ସେହିପରି ଏପ୍ରିଲ ୧୧ରେ ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ନୀତି ସହ ସାହିଯାତ ଶେଷ ହେବ।

# ଭିଡ଼କୁ ନେଇ ବସ୍‌ଯାତ୍ରୀଙ୍କ ମଧ୍ୟରେ ମାର୍‌ପିଟ



## ଆଉ ଗୋଟିଏ ବସ୍ ଚଳାଚଳ ପାଇଁ ଦାବି

**ପାରଳାଖେମୁଣ୍ଡି,୩।୨(ସମିସ):** ଗଜପତି ଜିଲ୍ଲାରେ ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେଉଁଠି ଯାତ୍ରୀଙ୍କ ପରିବର୍ତ୍ତେ ବସ୍‌ରେ ଛେଳି ବୁହାଯାଉଥିବା ବେଳେ ଦୁର୍ଗମ ଅଞ୍ଚଳରେ ପରିବହନ ବ୍ୟବସ୍ଥା ହିଁ ନାହିଁ। ଆଜି ବି ଲୋକେ ନିଜ ଗ୍ରାମକୁ ମୁଖ୍ୟରାସ୍ତାରେ ଓହ୍ଲାଇ ଚାଲି ଚାଲି ଯିବାଆସିବା କରୁଛନ୍ତି। ଆଉ ଯେଉଁ ଅଞ୍ଚଳରେ ବସ୍ ଚାଲୁ ରହିଛି ଓଭରଲୋଡିଂ ଯୋଗୁ ଯାତ୍ରୀଙ୍କ ମଧ୍ୟରେ ମାର୍‌ପିଟ ହେଉଛି। ଗତ ସରକାରଙ୍କ ଅମଳରେ ଯେଉଁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରାଯିବା ଯୋଗୁ ପରିବହନ ବ୍ୟବସ୍ଥା କିଛିଟା ସୁଧୁରିଛି। ହେଲେ ଯେଉଁ ଅଞ୍ଚଳରେ ସ୍ୱଳ୍ପ ପରିବହନ ବ୍ୟବସ୍ଥା ହୋଇଛି ସେହି ଅଞ୍ଚଳରେ ବସ୍‌ରେ ଯାତାୟତ କରୁଥିବା ଯାତ୍ରୀଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଛି।

ଗତକାଲି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବାଘଶାଳାରେ ମୁଖ୍ୟମନ୍ତ୍ରୀ ବସ୍‌ରେ ଯାତ୍ରୀଙ୍କ ମଧ୍ୟରେ ମାରପିଟ୍, ପାଟିତୁଣ୍ଡ ହେବାର ଏକ ଭିଡ଼ିଓ ଭାଇରାଲ ହୋଇଛି। ଘଟଣା ସମ୍ପର୍କରେ ଆଜି ବାଘଶାଳା ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ମୁଖ୍ୟମନ୍ତ୍ରୀ ବସ୍‌କୁ କିଛି ସମୟ ପାଇଁ ଅଟକାଇଥିଲେ। ଏଥିରେ ବସକର୍ମଚାରୀଙ୍କ କୌଣସି ଭୂମିକା ନଥିବାରୁ ଛାଡ଼ି ଦେଇଥିଲେ। ଏହି ରୁଟ୍‌ରେ ଏକମାତ୍ର ବସ ରହିଥିବା ଯୋଗୁଁ ପ୍ରବଳ ଭିଡ଼ ହେଉଛି। ଗତକାଲି ମଧ୍ୟ ଏପରି ଭିଡ଼ ହୋଇଥିଲା। ବସ୍ କର୍ମଚାରୀ ବସ୍‌ରେ ମାତ୍ରାଧିକ ଭିଡ଼ ଥିବା ଯୋଗୁଁ କେତେକ ଗ୍ରାମରେ ବସ୍‌କୁ ଅଟକାଇ ନ ଥିଲେ। ବାଘଶାଳା ଗ୍ରାମରେ କିଛି ଲୋକେ ଭିଡ଼ ଦେଖି ମଧ୍ୟ ବସ୍ ମଧ୍ୟରେ ଚଢ଼ିଥିଲେ। ମାତ୍ରାଧିକ ଯାତ୍ରୀ ରହିଥିବାରୁ କିଛି ଲୋକଙ୍କୁ ବସ୍ ଭିତରକୁ ଯିବାକୁ ବସ ଚଢୁଥିବା ଲୋକେ କହିଥିଲେ। ହେଲେ ବସ୍ ଭିତରେ ଜାଗା ନଥିବାରୁ ସେମାନେ ଭିତରକୁ ଯାଇପାରିନଥିଲେ। ବସ୍ ଚଢ଼ିଥିବା ଏକ ଦମ୍ପତି ଏବଂ ବାଘଶାଳା ଗ୍ରାମର କିଛି ଲୋକ ବସ୍‌ରେ ଯାତ୍ରା କରୁଥିବା କଲେଜ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏପରି କି ଜଣେ ବୃଦ୍ଧ ଛାତ୍ରଙ୍କୁ ପଥରରେ ମାରିବା ପାଇଁ ପ୍ରୟାସ ମଧ୍ୟ କରିଥିଲେ। ମାଡ଼ ଖାଇଥିବା ଛାତ୍ର ଓ ମାରିଥିବା ଲୋକଙ୍କ ମଧ୍ୟରେ ଠେଲାପେଲା, ଧକ୍କା ମରାମରି, ମାରପିଟ ଖଣ୍ଡଯୁଦ୍ଧ ଭଳି ପରିସ୍ଥିତି ଉପୁଜିଥିଲା। ଶେଷରେ ବାଘଶାଳା ଗ୍ରାମବାସୀ ଓ ବସ୍‌ରେ ବସିଥିବା ଯାତ୍ରୀ ଏପରି ଗଣ୍ଡଗୋଳକୁ ରୋକିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଗୁରାଣ୍ଡି ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ। ଆଜି ଗଣ୍ଡଗୋଳକୁ ନେଇ ବସକୁ ଅଟକାଇ ପଚରାଉଚରା କରି ଛାଡ଼ିଦେଇଥିଲେ। ଏନେଇ ବସ କର୍ମଚାରୀ କହିଛନ୍ତି ଯାତ୍ରୀଙ୍କ ଭିଡ଼ ଜମିଲେ ବସରେ ନ ଚଢ଼ିବା ପାଇଁ କହିଲେ ମଧ୍ୟ ଜବରଦସ୍ତି ଭାବେ ଲୋକେ ପଶିଆସୁଛନ୍ତି ଏବଂ ସେମାନେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ହେଉଛି। ଏପରି ସମସ୍ୟା ପାଇଁ ମୁଖ୍ୟତଃ ପରିବହନ ବିଭାଗ ହିଁ ଦାୟୀ ବୋଲି ଅଞ୍ଚଳବାସୀ କହିଛନ୍ତି। ପାରଳାଖେମୁଣ୍ଡି, ସାତମାଇଲ, ବାଘଶାଳା, ଶରଧାପୁର, ଜଙ୍ଗଲପାଡୁ, ଗାରାବନ୍ଧ ଓ ରମ୍ଭା ରୁଟ୍‌ରେ ଆଉ ଗୋଟିଏ ବସ୍ ଚଳାଚଳ କଲେ ଯାତ୍ରୀଙ୍କ ସୁବିଧା ହୋଇପାରିବ ବୋଲି କହିଛନ୍ତି।

## ବଡ଼ପଣ୍ଡାଙ୍କ ପରଲୋକରେ ଶୋକ

**ପାରଳାଖେମୁଣ୍ଡି, ୩।୨ (ସମିସ):** ପାରଳା ଗଜପତିଙ୍କ ଇଷ୍ଟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟ ସେବକ ରାଧାକାନ୍ତ ବଡ଼ପଣ୍ଡାଙ୍କ ୯୮ ବର୍ଷ ବୟସରେ ପୁରୀ ବାଲିସାହିସ୍ଥିତ ନିଜ ବାସଭବନରେ ମଙ୍ଗଳବାର ପରଲୋକ ଘଟିଛି। ଖବର ଜଣାପଡ଼ିବା ପରେ ପାରଳାଖେମୁଣ୍ଡରେ ଶୋକର ଛାୟା ଖେଳିଯାଇଛି। ସୂଚନାଯେ, ସେ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରର ଜଣେ ବିଶିଷ୍ଟ ସେବକ ଥିବାବେଳେ ରାଜବଂଶ ସହିତ ତାଙ୍କର ବିଶେଷ ସମ୍ପର୍କ ଥିଲା। ୧୭୬୨ ମସିହାରେ ଜଗନ୍ନାଥ ନାରାୟଣ ଦେବଙ୍କ ତାମ୍ର ଫଳକ ପ୍ରାପ୍ତ ଆଦ୍ୟ ପୂଜକଙ୍କ ମଧ୍ୟରେ ସ୍ୱର୍ଗୀୟ ରାଧାକାନ୍ତ ବଡ଼ପଣ୍ଡାଙ୍କ ପରିବାର ଗୋଟିଏ। ୭ ପୁରୁଷ ହେଲା ସେବା କରୁଥିବା ପରିବାର ମଧ୍ୟରେ ବଡ଼ପଣ୍ଡା ଅନ୍ୟତମ। ବର୍ତ୍ତମାନ ଜଗନ୍ନାଥ ମନ୍ଦିରର ୧୮ ଜଣ ସେବାୟତ ମଧ୍ୟରୁ ମୁଖ୍ୟ ସେବାୟତ ଥିବା ରାଧାକାନ୍ତ ବଡ଼ପଣ୍ଡାଙ୍କ ବିୟୋଗରେ ସଂଜୟ କୁମାର ପାଢୀ, ପ୍ରହ୍ଲାଦ ସୁଆର, ରାମଚନ୍ଦ୍ର ପଣ୍ଡା, ବଳରାମ ଅଧିକାରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସନ୍ତୋଷ ଗନ୍ତାୟତ, ସୁନିଲ ପାତ୍ରଙ୍କ ସମେତ ସମସ୍ତ ସେବାୟତମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ବିୟୋଗରେ ରାଜଜେମା କଲ୍ୟାଣୀ ଗଜପତି ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ପାରଳା ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ନଗର କଂଗ୍ରେସ ସଭାପତି ବସନ୍ତ ପଣ୍ଡା, ଭାରତ ଭୂଷଣ ମହାନ୍ତି, ରାଜ ପୁରୋହିତ କାମଦେବ ପାଢୀଙ୍କ ସମେତ ସମସ୍ତ ବୁଦ୍ଧିଜିବୀ, ପାରଳାବାସୀ ଓ ଜଗନ୍ନାଥ ପ୍ରେମୀ ମାନେ ଶୋକ ପ୍ରକାଶ କରିଛନ୍ତି।

## ହିଲ୍‌ଟପ୍ କଲେଜରେ ଓଡ଼ିଆ ସାହିତ୍ୟ ସମ୍ମାନ



**ମୋହନା,୩।୨(ସମିସ):** ଗଜପତି ଜିଲ୍ଲା ମୋହନା ହିଲଟପ କଲେଜରେ ଓଡ଼ିଆ ସାହିତ୍ୟ ସମ୍ମାନ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱର ପକ୍ଷରୁ କଲେଜ ଅଧ୍ୟକ୍ଷ ଶୁଭ୍ରାକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଲୋଚକ ଡ. ଲମ୍ବୋଦର ପାଣିଗ୍ରାହୀ ଯୋଗ ଦେଇ ଉଦଘାଟନ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ପାରଳାଖେମୁଣ୍ଡିର ଅବଦାନ ଅତୁଳନୀୟ ବୋଲି କହିଛନ୍ତି। ଏହାପରେ ଆୟୋଜିତ ବୈଷୟିକ ଅଧିବେଶନରେ ଡ.ଦୁର୍ଯ୍ୟୋଧନ ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଡ. ରମେଶ ଚନ୍ଦ୍ର ପ୍ରଧାନ ଓ ଡ. ବିଷ୍ଣୁବ ରଞ୍ଜନ ପ୍ରଧାନ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ। ଭିତ୍ତି ପ୍ରବନ୍ଧ ପାଠ କରିଥିଲେ ସାହିତ୍ୟକ କୁରେଶୁ ମହାରଣା। ପୂର୍ବରୁ ଆୟୋଜିତ ଭାଷା ସମ୍ପର୍କିତ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା ଗୀତାଞ୍ଜଳି ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ପ୍ରଣବାନନ୍ଦ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବହୁ ଚର୍ଚ୍ଚିତ ବେଲଘର ହାତୀ ମୃତ୍ୟୁ ଘଟଣା

## ଶିକାରୀ ଓ ଚାଳକ ଗିରଫ; ମାରଣାସ୍ତ୍ର ଜବତ

**ତୁମୁଡିବନ୍ଧ,୩।୨(ସମିସ):** ବହୁଚର୍ଚ୍ଚିତ କନ୍ଧମାଳ ଜିଲ୍ଲା ବାଲିଗୁଡା ବନଖଣ୍ଡର ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ଘଟଣା ଦିନକୁ ଦିନ ନୂଆ ମୋଡ଼ ନେଉଛି। କିଛିଦିନ ପୂର୍ବରୁ ରେଞ୍ଜର ନିଲମ୍ବିତ ହେବା ପରେ ଏସିଏଫ ମଧ୍ୟ ନିଲମ୍ବିତ ହୋଇଥିଲେ। ବେଲଘର ବନାଞ୍ଚଳ କାର୍ଯ୍ୟାଳୟ ଗାଡ଼ି ଚାଳକ ମଧ୍ୟ ଗିରଫ ହେଇ ଜେରା ହୋଇଥିଲେ। ବନ ବିଭାଗର ଉଚ୍ଚସ୍ତରୀୟ ତଦନ୍ତ ଓ ଅଧିକାରୀଙ୍କ ତତ୍ପରତା ପରେ ସୋମବାର ଦିନ କେସିଙ୍ଗା ଅଞ୍ଚଳରୁ ୨ଜଣଙ୍କୁ ଏବଂ ଝିରିପାଣି ଅଞ୍ଚଳର ୨ଜଣଙ୍କୁ ଗିରଫ କରିଛି ବନବିଭାଗ। ୪ଜଣଙ୍କ ମଧ୍ୟରୁ ଦୁଇଜଣ ହେଲେ ଝିରିପାଣି ଅଞ୍ଚଳର ଦୁଇଜଣ ଶିକାରୀ ଥବୀର ପାତ୍ର ଓ ସକ୍‌ସନ ପାତ୍ର। ଅନ୍ୟ ଦୁଇଜଣ ହେଲେ କେସିଙ୍ଗା ଅଞ୍ଚଳର ଚାଳକ ଅଲେଖ ହିଆଲ ଓ ଦୁଷ୍ମନ୍ତ ପୋଢ଼। ଅଲେଖ ଓ ଦୁଷ୍ମନ୍ତ ମୃତ ହାତୀକୁ ପୋତିବା ଏବଂ ପ୍ରମାଣ ନଷ୍ଟ କରିବାକୁ ନିଲମ୍ବିତ ରେଞ୍ଜର ବିନୟ ବିସିଙ୍କୁ ସହଯୋଗ କରିଥିଲେ। ସେମାନଙ୍କ ପାଖରୁ ୨ ବୋଲେରୋ ପିକ୍‌ଅପ ଭ୍ୟାନ ବନବିଭାଗ ଜବତ କରିଛି। ଝିରିପାଣି ଗ୍ରାମର ଦୁଇଜଣ ହେଉଛନ୍ତି ଜଙ୍ଗଲ ଜନ୍ତୁ ଶିକାରୀ। ସେମାନେ ପୂର୍ବରୁ ବନବିଭାଗର ନଜରରେ ଥିଲେ ଏବଂ ବିଭାଗ ତାଙ୍କ ଉପରେ ତୀକ୍ଷଣ ନଜର ରଖିଥିଲା। ସେମାନଙ୍କ ଗୋଟିଏ ଭୁର୍ଷା ଛୁରୀ, ୩ ଦେଶୀ ବନ୍ଧୁକ, ବିଦ୍ୟୁତ ତାର ୪ ବଣ୍ଡେଲ, ୪ ହରିଣ ଖୁରା, ୧୨ ବାର୍‌ହା ହାଡ଼, ହରିଣ ଚମଡା ଜବତ ହୋଇଛି। ଝିରିପାଣି ଗ୍ରାମରୁ ଯେଉଁ ୨ ଜଣ ଗିରଫ ହୋଇଛନ୍ତି ସେମାନଙ୍କ ହାତୀ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ବନବିଭାଗ ପକ୍ଷରୁ କୌଣସି ପ୍ରକାରର ସୂଚନା ଓ ସ୍ପଷ୍ଟୀକରଣ ଦିଆଯାଇନାହିଁ। ପୂର୍ବରୁ ସେମାନେ ଅନେକ ବନ୍ୟଜନ୍ତୁକୁ ଶିକାର କରିଥିବା ବନବିଭାଗ ପାଖରେ ସୂଚନା ରହିଛି। ଗିରଫ ପ୍ରସଙ୍ଗରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ମିଳିପାରିନାହିଁ।



## ଚାନ୍ଦିପୁଟରେ ଗୋଷ୍ଠୀ ସଂଘର୍ଷ; ୧୫ ଅଟକ

● ବିଜେପି ନେତାଙ୍କ ଘର ଉପରେ ସଂଘବଦ୍ଧ ଆକ୍ରମଣ



**ମୋହନା,୩।୨(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିସହ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ସୁଆରଙ୍କ ଘର ଉପରେ ମଧ୍ୟ ଆକ୍ରମଣ ହୋଇଛି। ଗୋଷ୍ଠୀ ସଂଘର୍ଷରେ ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଚନ୍ଦ୍ରଗିରି ଓ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ୧୫ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା କହିଛନ୍ତି। ଗତ ୩୧ ତାରିଖ ଦିନ ଖାରିଢ଼େପ ଗାଁରେ କିଛି ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାପରେ ସୋମବାର ପୁଣି ଥରେ ସେହି ଘଟଣାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହାପରେ ଶତାଧିକ ଲୋକ ବିଭିନ୍ନ ମାରଣାସ୍ତ୍ର ଧରି ଚାନ୍ଦିପୁଟରେ ବିଜେପି ନେତା ଶିବରାମ ସୁଆରଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଯାହାର ଚିତ୍ର ସିସିଟିଭିରେ କଏଦ ହୋଇଛି। ଏହି ଆକ୍ରମଣରେ ବିଜେପି ନେତାଙ୍କ ମା' ମଧ୍ୟ ଆହତ ହୋଇଛନ୍ତି। ଗାଁରେ ଏବେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଘଟଣା ସ୍ଥଳରେ ଗଜପତି ଏସ୍‌ପି ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଛନ୍ତି। ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

## ଛାତ୍ରଙ୍କୁ ମାଡ଼ ଘଟଣା: ୩ ଅତିରିକ୍ତ ବିଇଓଙ୍କ ତଦନ୍ତ

**ଦାରିଙ୍ଗବାଡି,୩।୨(ସମିସ):** ଦାରିଙ୍ଗବାଡି ଥାନା ସିମନବାଡ଼ି ପାଦ୍ରୀପିଓ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ଗଣିତ ଖାତା ଆଣି ନ ଥିବାରୁ ତୃତୀୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରି ଲହୁଲୁହାଣ ଘଟଣାରେ ତତ୍ପରତା ଦେଖାଇଛି ଶିକ୍ଷା ବିଭାଗ। ମଙ୍ଗଳବାର ଦାରିଙ୍ଗବାଡି ବିଇଓ ମହେଶ୍ୱର ମାଝିଙ୍କ ନିର୍ଦ୍ଦେଶକ୍ରମେ ୩ ଜଣ ଅତିରିକ୍ତ ବିଇଓ ଗୋକୁଳାନନ୍ଦ ନାୟକଙ୍କ ନେତୃତ୍ୱରେ ବନମାଳୀ ମାଝୀ ଏବଂ କୌଶିକ ନାୟକ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ସେହିପରି ମାଡ଼ ମାରିଥିବା ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ସମସ୍ତ କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପଚରାଉଚରା କରିବା ସହ ଆଗକୁ କୌଣସି ବିଦ୍ୟାର୍ଥୀଙ୍କୁ ଏଭଳି ମାଡ଼ ନ ମାରିବାକୁ ତାଗିଦ୍ କରାଯାଇଥିବା ଏବିଇଓ ଗୋକୁଳାନନ୍ଦ ନାୟକ କହିଛନ୍ତି। ଛାତ୍ରୀଛାତ୍ରଙ୍କୁ ହୋମ୍‌ୱାର୍କ କରିବାକୁ ଶିକ୍ଷୟିତ୍ରୀ ଦେଇଥିଲେ। ସେ କରି ନଥିବା ସହ ଗଣିତ ଖାତା ମଧ୍ୟ ଆଣିନଥିଲେ। ଏଥିରେ ରାଗି ଯାଇ ଶିକ୍ଷୟିତ୍ରୀ ଏକାଧିକ ଛାତ୍ରୀଛାତ୍ରଙ୍କୁ ବାଉଁଶ ବାଡ଼ିରେ ପିଟିଥିଲେ। ଏଥିପାଇଁ ଶିକ୍ଷୟିତ୍ରୀ ଅଭିଭାବକ ଏବଂ ତଦନ୍ତ ଅଧିକାରୀଙ୍କୁ କ୍ଷମା ପ୍ରାର୍ଥନା କରିଥିବା ଏବିଇଓ କହିଛନ୍ତି। ପରେ ୩ ଅଧିକାରୀ ଛାତ୍ରଙ୍କ ଘରକୁ ଯାଇ ଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରିବୁଝିବା ସହ ଆଉ କିଛିଦିନ ବିଶ୍ରାମ କରିବାକୁ ଓ ବିଦ୍ୟାଳୟକୁ ଆଉ କିଛିଦିନ ପରେ ପଠାଇବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ତଦନ୍ତ ରିପୋର୍ଟ ବିଇଓଙ୍କୁ ଦିଆଯିବ ପରେ ସେ ଯାହା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ତଦନ୍ତକାରୀ ଏବିଇଓ କହିଛନ୍ତି। ଛାତ୍ରଙ୍କ ବାପା କହିଛନ୍ତି ପୁଅକୁ ମାଡ଼ ମାରିଥିବା ଶିକ୍ଷୟିତ୍ରୀ କ୍ଷମା ପ୍ରାର୍ଥନା କରିଛନ୍ତି ତେଣୁ ସେ ତାଙ୍କ ପୁଅର ଭବିଷ୍ୟତକୁ ନଜରରେ ରଖି ଆଇନର ଆଶ୍ରୟ ନେବେନାହିଁ। ପିଲାଙ୍କ ପରୀକ୍ଷା ଶେଷ ହେଲେ ପରିବାରର ୩ ପିଲାଙ୍କୁ ଉକ୍ତ ବିଦ୍ୟାଳୟରୁ ବାହାର କରି ଅନ୍ୟତ୍ର ପଢ଼ାଇବେ ବୋଲି କ୍ଷୋଭର ସହ କହିଛନ୍ତି।

## ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ପାଠଚକ୍ର

**ପାରଳାଖେମୁଣ୍ଡି,୩।୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଆନ୍ତଃ ଗୁଣବତ୍ତା ଆଶ୍ୱସନ ପ୍ରକୋଷ୍ଠ (ଆଇକ୍ୟୁଏସି)ର ମିଳିତ ଆନୁକୂଲ୍ୟରେ ସହଜଯାନୀ ଧାରାରେ ଶ୍ରୀଜଗନ୍ନାଥ ଶୀର୍ଷକ ପାଠଚକ୍ର ହୋଇଥିଲା। ପାଠଚକ୍ରରେ ରମାଦେବୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗବେଷଣାମୂଳକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଆନ୍ତଃ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠର ସଂଯୋଜକ ଡ଼.ବିଘ୍ନେଶ୍ୱର ମିଶ୍ର ଶାସ୍ତ୍ରୀୟ ଓ ଶିକ୍ଷାନୁକୂଳ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ କିପରି ଚିନ୍ତନ ଓ ଗବେଷଣା ମାନସିକତା ବୃଦ୍ଧି କରେ ସେ ନେଇ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ବିପ୍ଳବ ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଲିସାରାଣୀ ପାଢୀ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଅର୍ଜୁନ ଜେନା, ରାମକୃଷ୍ଣ ପଟ୍ଟନାୟକ, ଅଧ୍ୟାପିକା ସ୍ୱର୍ଣ୍ଣଲତା ପଣ୍ଡା, ସୋନାଲି ପଟ୍ଟନାୟକ, ରତ୍ନମତି ରଇତ ଯୋଗ ଦେଇଥିଲେ। ଶେଷରେ ଡ଼କ୍ଟର ଚାରୁପ୍ରଭା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ପାରଳାଖେମୁଣ୍ଡି,୩।୨(ସମିସ):** ଗୋଷାଣି ବ୍ଲକ ଗାରାବନ୍ଧ ସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋଷାଣି ଅତିରିକ୍ତ ଶିକ୍ଷା ଅଧିକାରୀ କେ. ସୋମେଶ ରାଓ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ପ୍ରସାଦ କୁମାର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସବିତା ବାରିକ, ସମ୍ମାନିତ ଅତିଥି ଭାବେ ଗାରାବନ୍ଧ ସରପଞ୍ଚ ପି.ଅଶୋକ କୁମାର, ଦେଉଳା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ପାଣି, ରମ୍ଭା ସିଆରସିସି ତାରକେଶ୍ୱର ଜେନା, ଲିଙ୍ଗିପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଡି. ଯାଦବ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ଗଙ୍ଗାଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଅତିଥି ପରିଚୟ ମାଉଡି ଇନ୍ଦ୍ରସେନ ପ୍ରଦାନ କରିଥିଲେ। ଏଥି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ନାଚ ପରିବେଶଣ କରାଯାଇଥିଲା।

## ପିଏମ୍‌ଶ୍ରୀ ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଜି.ଉଦୟଗିରି/ଟିକାବାଲି,୩।୨(ସମିସ):** ଟିକାବାଲି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି। ପ୍ରଧାନଶିକ୍ଷକ କାମରାଜ କହଁରଙ୍କ ଅଧ୍ୟକ୍ଷତାରେ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ସାଇରାମ ବେହେରା ଓ ବରିଷ୍ଠ ଶିକ୍ଷକ ଦାମୋଦର ସାହୁ ଯୋଗ ଦେଇଥିଲେ। ପ୍ରଥମେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରୁ ମଶାଲ ବାହାରି ଖେଳ ପଡିଆରେ ପହଞ୍ଚିଥିଲା ଓ ପତାକା ଉତ୍ତୋଳନ ପରେ ଶପଥ ପାଠ ଅନୁଷ୍ଠିତ ହୋଇଥିଲା।

## ଦୋଳଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି,୩।୨(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଆସନ୍ତା ୨୭ ତାରିଖ ଠାରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ହେବାକୁ ଥିବା ପ୍ରସିଦ୍ଧ ଦୋଳଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଦୋଳ ଉତ୍ସବ କମିଟି ସଭାପତି ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଚଳିତ ବର୍ଷ ଏହି ଯାତ୍ରାକୁ ୬ ଦିନ ବ୍ୟାପି ଆଡ଼ମ୍ବର ସହକାରେ ପାରମ୍ପରିକ ରୀତିନୀତି ପ୍ରକାରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଯାତ୍ରାକୁ ସୁରୁଖୁରରେ ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ୫ଟି ଉପକମିଟି ଗଠନ କରାଯାଇଥିଲା। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ, ଗୀତ, ଭଜନ ଆଦିର ଆୟୋଜନ କରାଯିବ। ବୈଠକରେ କମିଟ କର୍ମକର୍ତ୍ତା ରାଜେନ୍ଦ୍ର ବେହେରା, ମଙ୍ଗଳା ପଟ୍ଟନାୟକ, ଗଣେଶ ପଟ୍ଟନାୟକ, ମନୋଜ କୁମାର ଦାଶ, ମନୋଜ ପଟ୍ଟନାୟକ, ଲୋକନାଥ ମିଶ୍ର ଓ ନରସିଂହ ଗୌଡ ଯୋଗ ଦେଇଥିଲେ। ଶେଷରେ ଦେବେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ବାଇକ୍ ଓ କାର୍ ମୁହାମୁହିଁ; ଦମ୍ପତି ଗୁରୁତର





**ରାୟଗଡ଼,୩।୨(ସମିସ):** ରାୟଗଡ଼ ଥାନା କୃଷ୍ଣପୁର ଛକ ନିକଟରେ ବାଇକ୍ ଓ କାର୍ ମୁହାମୁହିଁ ଧକ୍କା ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କରଡ଼ାସିଂ ପଞ୍ଚାୟତ ପେଗଡ଼ା ଗ୍ରାମର ବନମାଳୀ ରାଉତ( ୫୫) ଏବଂ ତାଙ୍କ ସ୍ତ୍ରୀ ଉର୍ମିଳା ରାଉତ (୫୦)। ପେଗଡ଼ା ଗ୍ରାମରୁ ଏକ ଭୋଜିରେ ଯୋଗ ଦେବାକୁ ବାଇକ୍‌ରେ ମୁହାଁଣ ଗାଁକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସହ ମୁହାମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକରେ ବସିଥିବା ସ୍ୱାମୀ-ସ୍ତ୍ରୀ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ସ୍ଥଳରେ ରାୟଗଡ଼ ପୁଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ସୁରଥ ଭୂୟାଁ ସୂଚନା ଦେଇଛନ୍ତି।

## କଳିଙ୍ଗ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜି.ଉଦୟଗିରି,୩।୨(ସମିସ):** ଜି.ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ପ୍ରସନ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ଓ ମୁଖ୍ୟବକ୍ତା ଭାବରେ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଗଦାଧର ପାତ୍ର, ସମ୍ମାନିତ ଅତିଥି ଭାବରେ କଳିଙ୍ଗା ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଦୀପକ କୁମାର ମହାନ୍ତି ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ ବିବରଣୀ ପଠନ କରିଥିବା ବେଳେ ଡ଼.ନଳିନୀ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ତପନ ଚନ୍ଦ୍ର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଛାତ୍ର ସଂସଦର ସହଉପଦେଷ୍ଟା ଅଧ୍ୟାପିକା ଅନ୍ନପୂର୍ଣ୍ଣା ମଲ୍ଲିକ ମଞ୍ଚରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ଅଧ୍ୟାପକ ନିରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




### ତେଜିଲା ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

## ଚୋରାମଦ କାରବାର ବନ୍ଦ ନ ହେଲେ ଗଣଧାରଣା ଚେତାବନୀ

### ଗାଁରେ ବସିଲା ବୈଠକ; ନିଦାବିଷ୍ଟ ଅବକାରୀ ବିଭାଗ

**ଦାରିଙ୍ଗବାଡି,୩।୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସୋନପୁର ଓ ଗାହାକିଆ ଅଞ୍ଚଳରେ ଦୀର୍ଘଦିନ ଧରି ଦେଶୀମଦ ବିକ୍ରି ଓ ଚୋରା ମଦ କାରବାର ଜୋରଦାର ଚାଲିଛି। ଏହାକୁ ନେଇ ଘୋର ବିରୋଧ କରିଛନ୍ତି ଅଞ୍ଚଳର ମହିଳା ଦଳ। ଦିନକୁ ଦିନ ଅଞ୍ଚଳରେ ମଦ କାରବାର ବଢୁଥିବା ହେତୁ ଗ୍ରାମର ଅନେକ ପରିବାରରେ ଅଶାନ୍ତିର ବାତାବରଣ ଦେଖାଦେଉଛି। ଅଞ୍ଚଳର ପ୍ରାୟ ପୁରୁଷ ନିଶାସକ୍ତରେ ଦିନ କାଟୁଥିବାରୁ ମହିଳା ବାଧ ହୋଇ ଅନ୍ୟ ଘରେ ମଜୁରୀ କରିବା ଭଳି ପରିସ୍ଥିତି ଉପୁଜୁଛି। ଅନ୍ୟପକ୍ଷରେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି। ସବୁ ଜାଣି ଚୁପ ରହୁଥିବା ମହିଳା ଦଳ ଅଭିଯୋଗ ଆଣିଛନ୍ତି। ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ହେତୁ ମଦ ମାଫିଆଙ୍କ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନ୍ୟପଟେ ମଦ ମାଫିଆ ଅବକାରୀ ବିଭାଗର ଜାଣତରେ କାରବାର ହେଉଥିବା ସ୍ଥାନୀୟ ମହିଳା ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିରୋଧ କରି ମହିଳା ଦଳ ଆଗାମୀ ଦିନରେ ଅଞ୍ଚଳରେ ଚୋରା ମଦ କାରବାର ବନ୍ଦ ନ ହୁଏ ତେବେ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଦରକାର ପଡ଼ିଲେ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।



### ଡେରାବିଶ ଯୁବ ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ଏହା ଯୁବପିଢ଼ିଙ୍କୁ ଆଗକୁ ନେବ ଓ ଦେଶ ବିକାଶରେ ସହାୟକ ହେବ'

ଡେରାବିଶ,୩।୨(ସମିସ)



ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମିନି ଷ୍ଟାଡ଼ିୟମରେ ଚାଲିଥିବା ଡେରାବିଶ ଯୁବ ମହୋତ୍ସବ ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଆଜିଥିଲା ତୃତୀୟ ସନ୍ଧ୍ୟା। ଆଜିର ସାରସ୍ୱତ ସନ୍ଧ୍ୟାରେ ଯୁବ ମହୋତ୍ସବର ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଯୁବ ମହୋତ୍ସବ ଆୟୋଜନ ଯୁବପିଢ଼ିଙ୍କୁ ଆଗକୁ ନେବା ସହିତ ଦେଶ ବିକାଶରେ ସହାୟତା ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଇଡ୍‌କୋ ଅଧିକାରୀ ଡ. ସୁରେଶ ଦଳାଇ, ସମ୍ମାନିତ ଅତିଥି ଭାବେ ବିଜୟ ନାୟକ, ନମିତା ବଳ, ଜ୍ୟୋତ୍ସ୍ନାରାଣୀ ଜେନା, ଚିତ୍ତରଞ୍ଜନ ଚୌଧୁରୀ, ମଦନମୋହନ ସାହୁ, ଜିତେନ୍ଦ୍ର ପଣ୍ଡା, ଶରତ ବେହେରା, ବନ୍ଦନାରାଣୀ ରାଉତରାୟ, ପ୍ରିୟଙ୍କା ଶତପଥୀ ଓ ରଶ୍ମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଶ୍ରୀ ପରିଡ଼ା ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ ଓ ପ୍ରଦୂଷଣ ମୁକ୍ତ କରିବାର ସଚେତନତା ବାର୍ତ୍ତା ଦେଇଥିଲେ। ପ୍ରାରମ୍ଭରେ ସ୍ମାରକ ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ତାଙ୍କ ଟ୍ରୁପର ସଦସ୍ୟଙ୍କ ଦ୍ୱାରା ପ୍ରଦର୍ଶିତ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଷ୍ଟାଡ଼ିୟମରେ ଥିବା ସମସ୍ତ ଦର୍ଶକଙ୍କୁ ବିଭୋର କରିଥିଲା। ଏହି କାର୍ଯ୍ୟକ୍ରମକୁ ତୁଷାର ବୋଷ, ସଂଜୟ ଦାସଙ୍କ ସମେତ ମହୋତ୍ସବ କମିଟିର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ଜୟନ୍ତୀ

**ଡେରାବିଶ,୩।୨(ସମିସ):** ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ପ୍ରବୀଣ ଶିକ୍ଷାବିତ୍ ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ୮୨ତମ ଜୟନ୍ତୀ ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଅତିଥି ବଳଦେବଜୀଉଙ୍କ ବିଗ୍ରହରେ ମାଲ୍ୟାର୍ପଣ, ବେଦପଠନ ସହିତ ଦୀପଦାନ କରାଯାଇ ପ୍ରଫେସର ପରିଡ଼ାଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ଇଂ ଅକ୍ଷୟ ପାଣି ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ପରିଷଦର ସମ୍ପାଦକ କବି ଡ. ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥି ଡ. ବାସୁଦେବ ଦାସ, କବି ବୃନ୍ଦାବନ ଦାସ, କବି ପ୍ରେମାନନ୍ଦ ଖଣ୍ଡୁଆଳ, କବି ଭବାନୀ ମହାପାତ୍ର ପ୍ରଫେସର ପରିଡ଼ାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ସମାଜସେବୀ ଭୁବନମୋହନ ଜେନା, ସଂଗଠକ ସରୋଜ ମହାନ୍ତି, ଡ. ଗିରିଶ ପାତ୍ର, ଡ. ପ୍ରଭାକର ମଲ୍ଲିକ, ଡ. ପ୍ରମୋଦ ଦାସ, ଡ. ପ୍ରଦୀପ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପଲକ ପତ୍ରିକା, ଆମ ଗାଁ ସାହିତ୍ୟ ପରିଷଦ, ସତୀର୍ଥ ସାହିତ୍ୟ ସଂସଦ, କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ, ରାଜଶ୍ରୀ ସାହିତ୍ୟ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ନନ୍ଦ ସାରଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଚିତ୍ରଶିଳ୍ପୀ କ୍ଷୀରୋଦ ରାଉତଙ୍କୁ ଛବିର ମଣିଷ ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଶିଶିର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାରେ ଚାଲିଛି ନିର୍ମାଣ ସାମଗ୍ରୀ ବେପାର

**ପଟ୍ଟାମୁଣ୍ଡାଇ,୩।୨(ସମିସ):** ବିଭାଗୀୟ ଅଧିକାରୀଙ୍କ ଅପାରଗତା କାରଣରୁ ରାସ୍ତାରେ ନିର୍ମାଣ ସାମଗ୍ରୀ ଢାଳି ବେପାର କରୁଛନ୍ତି ବେପାରୀ। ଗତ କିଛିଦିନ ତଳେ ରାସ୍ତାରେ ବାଲି ପଡି ଥିବାରୁ ସ୍କୁଟିରୁ ପଡି ଜଣେ ସାମ୍ବାଦିକଙ୍କ ମୃତ୍ୟୁ ଘଟଣା ପରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ରାସ୍ତାରୁ ବାଲି ଗୋଡି ହଟାଇ ନିୟମିତ ରାସ୍ତା ସଫା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ), ରାଜ୍ୟ ଅଧୀନରେ ଥିବା ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶନାମା ଜାରି କରିଛି ଏସ୍‌ଟିଏ। ଯେଉଁ ରାସ୍ତାର ଦାୟିତ୍ୱ ଯେଉଁ ବିଭାଗ ଅଧୀନରେ ଅଛି, ତାକୁ ସଂପୃକ୍ତ ବିଭାଗ ନିୟମିତ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଣ୍ଡିଆନ ରୋଡ୍ସ କଂଗ୍ରେସ (ଆଇଆରସି) କୋଡ୍ ଓ ରାଜମାର୍ଗ ମନ୍ତ୍ରାଳୟର ନିୟମ ଅନୁସାରେ, ରାସ୍ତାର ଚଟାଣ ସଫା ରହିବ। ତେବେ ଗତ କିଛିଦିନ ହେଲା ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟା ବନ୍ଧ ରାସ୍ତାର ନିମପୁର ବଜାର ନିକଟରେ ଜଣେ ବେପାରୀ ରାସ୍ତା ଉପରେ ବାଲି ଗୋଡି ଜମା କରି ବେପାର କରୁଛନ୍ତି। ଯଦ୍ଦ୍ୱାରା ରାସ୍ତା ସାରା ଗୋଡି ବିଞ୍ଚି ହୋଇ ପଡି ରହୁଛି। ବାଇକ୍ ବା ସ୍କୁଟରରେ ଯିବାବେଳେ ଚକା ଖସି ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଟାୟାରର ଗ୍ରିପ୍ ମଧ୍ୟ ନଷ୍ଟ ହେବା ସହିତ ପଙ୍କଚର ହେବା ନଜର ଆସୁଛି। ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଯାଉଥିଲେ ହେଁ ବିଭାଗୀୟ ଅଧିକାରୀ କିମ୍ବା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଗ୍ରହଣ ନ କରି ଚୁପ ବସିଥିବାରୁ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

## ୫ ପଥର ବୋଝେଇ ଟ୍ରକ୍ ଜବତ

**ପଟ୍ଟାମୁଣ୍ଡାଇ,୩।୨(ସମିସ):** ଯାଜପୁର ଅଞ୍ଚଳରୁ ରାଜନଗରକୁ ଚୋରା ଚାଲାଣ ହେଉଥିବା ୫ଟି ପଥର ବୋଝେଇ ଟ୍ରକକୁ ଜବତ କରାଯାଇଛି। ପଥର ଚୋରା ଚାଲାଣ ସମ୍ପର୍କରେ ଖବର ପାଇ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ପୁଲିସ ଟିମ୍ ସହିତ ଚଢ଼ଉ କରି ପଟ୍ଟାମୁଣ୍ଡାଇ ବକ୍ତରପୁର ଛକ ନିକଟରୁ ରାଜନଗର ଅଭିମୁଖେ ଯାଉଥିବା ୫ଟି ଟ୍ରକକୁ ଜବତ କରିଥିଲେ। ଏହି ବେଆଇନ ପଥର ବୋଝେଇ ଟ୍ରକଗୁଡ଼ିକୁ ଜିଲ୍ଲା ଖଣି ଅଧିକାରୀ ଦିନେଶ ମହାପାତ୍ରଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ଚାନ୍ଦୋଳ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଡେରାବିଶ,୩।୨(ସମିସ):** ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ ଅକ୍ଷୟ ବଳଙ୍କ ସଭାପତିତ୍ୱରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଗିରିଜାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର ଉପଦେଷ୍ଟା ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ସୃଜନଶୀଳ ଲିଖନ, ତର୍କ, ଝୋଟି, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଅଧ୍ୟାପିକା ଝରାଶ୍ରୀ ପରିଜା, ମିନାକ୍ଷୀ ପ୍ରଧାନ ଓ ଅଧ୍ୟାପକ ବରଦା ପ୍ରସାଦ ଜେନା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କ୍ରୀଡ଼ା ପରିଷଦର ଉପସଭାପତି ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ମ୍ୟୁଜିକ୍ ଚେୟାର, ଜାଭଲିନ୍ ଥ୍ରୋ, ସଟପୁଟ୍ ଥ୍ରୋ, ଡିସ୍କସ୍ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜନ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ନାଥଶର୍ମା ଓ ଅଧ୍ୟାପକ ସଂଜୟ ନାୟକ, ପ୍ରତାପ ଜେନା, ବିମଳ ବାରିକ ପ୍ରମୁଖ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ନାୟକ ପୁରସ୍କୃତ କରିଥିଲେ। ଅଧ୍ୟାପକ ପ୍ରଭାକର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଦ୍ଧେଶ୍ୱର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ରାଜନଗର,୩।୨(ସମିସ):** ଘଡ଼ିଆମାଳ ପଞ୍ଚାୟତସ୍ଥ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ବିଚିତ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘଡ଼ିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ଅଧର ଜେନା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ପାଳ ପ୍ରମୁଖ ଯୋଗଦେଇ ଶିଶୁଙ୍କ ମଧ୍ୟରେ ମାନସିକ ଶାନ୍ତି ଓ ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ା ଆବଶ୍ୟକ ବୋଲି କହିଥିଲେ। ପ୍ରଧାନଶିକ୍ଷକ କମଳାକାନ୍ତ ପରିଡ଼ା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ପ୍ରଭାକର ଦାସଙ୍କ ନେତୃତ୍ୱରେ ଶିକ୍ଷକ ରମେଶ ରାଉତ, ବାବାଜୀ ସ୍ୱାଇଁ, ସୁଶାନ୍ତ ଦାସ ଖେ ପରିଚାଳନା କରିଥିବାବେଳେ ଶିକ୍ଷକ ସୁଶାନ୍ତ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



**ଡେରାବିଶ, ୩।୨(ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ନଚ୍ଛିପୁର ଗ୍ରାମସ୍ଥ ଜଳସେଚନ ବିଭାଗ କାର୍ଯ୍ୟାଳୟ ନିକଟରେ ଗତକାଲି ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଳ ଗ୍ରାମର ରଞ୍ଜନ ମଲିକଙ୍କ ସାନପୁଅ ବିମଳ ମଲିକ (୨୦) ଗତକାଲି ବିଳମ୍ବିତ ରାତିରେ ଚାନ୍ଦୋଳ ବଜାରରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ କେନ୍ଦ୍ରାପଡ଼ା କେନାଲର ଶାଖା ୧୧ନଂ ଏ କେନାଲ୍ ମଧ୍ୟକୁ ଖସିଯାଇ ଏହାର ସାଇଫନ୍‌ରେ ଧକ୍କା ହୋଇଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିବାରୁ ଏ ସମ୍ପର୍କରେ କେହି ଜାଣିପାରି ନ ଥିଲେ। ଆଜି ସକାଳୁ ଲୋକମାନେ ଏହା ଦେଖି ଦୁର୍ଘଟଣା ସମ୍ପର୍କରେ ବିମଳଙ୍କ ଘରକୁ ଖବର ଦେଇଥିଲେ। ତାଙ୍କ ପରିବାର ଲୋକ ପହଞ୍ଚି ଚାନ୍ଦୋଳ ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ପ୍ରତାପ ରଥ ଟିମ ସହ ପହଞ୍ଚି ମୃତକଙ୍କୁ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରିଥିବା ଜଣାଯାଇଛି।

## ରାଜନଗର-ସାତଭାୟା ରାସ୍ତାର ଶିଳାନ୍ୟାସ



**ରାଜନଗର,୩।୨(ସମିସ):** ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଗ୍ରାମ୍ୟ ନିର୍ମାଣ ବିଭାଜନ-୨ କେନ୍ଦ୍ରାପଡ଼ାର ରାଜନଗର ସବଡିଭିଜନ ପକ୍ଷରୁ ରାଜନଗର-ସାତଭାୟା ରାସ୍ତା ଉନ୍ନତିକରଣ କାମ କରାଯିବ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଶିଳାନ୍ୟାସ କରିଛନ୍ତି। ୬ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ୫ କିମି ୬୦୦ ମିଟର ରାସ୍ତା ଉନ୍ନତିକରଣ କରାଯିବ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତାର ଦୁଇପାଶ୍ୱର୍ ଚଉଡା କରାଯିବ। ମେଟାଲିଂ କରି ପିଚୁ ହେବ। ରାସ୍ତାକୁ ୫.୫ ମିଟର ଚଉଡା କରାଯିବ। ଆଜି ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ସମୀର ବେହେରା ଉପସ୍ଥିତ ଥିଲେ। ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସରପଞ୍ଚ ନିରଞ୍ଜନ ରାଉତ, ଅଶୋକ ମହାନ୍ତି, ସସ୍ମିତ ମହାନ୍ତି, ବୀଣାପାଣି ପ୍ରଧାନ, ଶୈଳେନ୍ଦ୍ର ମିଶ୍ର, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଉତ୍ତମା ସେଠୀ, ରବିନ ମଲ୍ଲିକ, ସମବାୟ ସମିତି ସଭାପତି ଶ୍ରୀକାନ୍ତ ପ୍ରଧାନ, କଳ୍ପତରୁ ଜେନା, ବରିଷ୍ଠ ନେତା କୈଳାସ ପରିଡା, ଦିଲ୍ଲୀପ ପାତ୍ର, ବିଜୟ ନାୟକ, ନାରାୟଣ ଦାସ, ରଞ୍ଜନ ମହାନ୍ତି, ମନୋଜ ସ୍ୱାଇଁ, ଯୁବନେତା ରମଣୀ ରଞ୍ଜନ ମହାପାତ୍ର, ପୃଥୀରାଜ ପାତ୍ର, ବାଇଧର ସେଠୀ, କ୍ଷୀରୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ୬ରେ ଓଳାଭର ବଜାରରେ ଜବରଦଖଲ ଉଚ୍ଛେଦ

**ରାଜକନିକା,୩।୨(ସମିସ):** କନିକା ତହସିଲ ଅନ୍ତର୍ଗତ ଓଳାଭର ବଜାରର ବଳରାମପୁର ମୌଜାରେ ରାସ୍ତା ପାଖ ଜବରଦଖଲ ଉଚ୍ଛେଦ ପାଇଁ ଆସନ୍ତା ୬ ତାରିଖ ଧାର୍ଯ୍ୟ ହୋଇଥିବା କନିକା ତହସିଲ ପକ୍ଷରୁ ଆଜି ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଦିଆଯାଇଛି। ଓଳାଭର ବଜାର ଦେଇ ଯାତାୟାତରେ ବିଶେଷ ଅସୁବିଧା ହେଉଥିବା କାରଣରୁ ସରକାରୀ ଜାଗାକୁ ମାଡି ବସି ଦୋକାନ କରିଥିବା ବ୍ୟକ୍ତିବିଶେଷଙ୍କୁ ହଟାଇବାକୁ ୫ ତାରିଖ ଯାଏ ସମୟ ଦିଆଯାଇଛି। ଯଦି ଅବରୋଧକାରୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେମାନଙ୍କ ଅବରୋଧ ନ ହଟାଇବେ, ତେବେ ତହସିଲ ପ୍ରଶାସନ ପକ୍ଷରୁ ୬ ଓ ୭ ତାରିଖ ଦୁଇଦିନ ଧରି ଏହି ଅବରୋଧକୁ ହଟାଇବାକୁ ଆଜି ଘୋଷଣା ହୋଇଛି। ଏହି ବଜାରର ଜବରଦଖଲ ହଟାଇବା ପ୍ରସଙ୍ଗରେ ବହୁବାର ପ୍ରଶାସନିକ କସରତ ହେବା ପରେ ପ୍ରାୟ ଦେଢ଼ ବର୍ଷରୁ ଅଧିକ ହେବ ଏହି ପ୍ରସଙ୍ଗ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାରେ ରହିଛି। ରାସ୍ତା ଅବରୋଧ ହେବା ଫଳରେ ବ୍ୟସ୍ତବହୁଳ ଏହି ରାସ୍ତାରେ ଚାରିଚକିଆ ଗାଡ଼ି ଯାତାୟାତ କରି ନ ପାରିବା ଓ ଓଳାଭର ମେଡିକାଲ୍ ସେବା ପାଇଁ ଆମ୍ବୁଲାନ୍ସ ଅଟକି ରହିବା ଭଳି ଘଟଣା ବଢ଼ିଚାଲିଛି। ଦିନକୁ ଦିନ ଲୋକ ସଂଖ୍ୟା ବୃଦ୍ଧି ଓ ବ୍ୟବସାୟୀ ବୃଦ୍ଧି ଯୋଗୁ ଏଠାରେ ସଙ୍ଗୀନ ଅବସ୍ଥା ସୃଷ୍ଟି ହେଉଥିବାକୁ ନେଇ ଅଭିଯୋଗ ହୋଇଆସୁଛି।

## ୧୬ଟି ପାକ୍ସରେ କାମ ବନ୍ଦ ଆନ୍ଦୋଳନ

**ରାଜକନିକା,୩।୨(ସମିସ):** ରାଜକନିକା ବ୍ଲକରେ ଥିବା ସମସ୍ତ ୧୬ଟି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଆଜି ସମୂହ କାମ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ତେବେ ଏହି ଆନ୍ଦୋଳନ ପାଇଁ ଗତ ଜାନୁଆରୀ ୨୧ ତାରିଖରେ ସମବାୟ ସମିତିର ଉପନିବନ୍ଧକ କେନ୍ଦ୍ରାପଡ଼ାଙ୍କୁ ନୋଟିସ ଦିଆଯାଇଥିଲା। ଏହି ନୋଟିସ ସମ୍ପର୍କରେ ଉପନିବନ୍ଧକ ବା ସହକାରୀ ଉପନିବନ୍ଧକ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଓଡ଼ିଶା ରାଜ୍ୟ ସମବାୟ ସମିତି କର୍ମଚାରୀ ସଙ୍ଘର ରାଜକନିକା ଶାଖା ଆଜିଠାରୁ କାମ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛି। ତେବେ ରାଜକନିକା ବ୍ଲକ ସିଙ୍ଗଡି ପାକ୍ସର ସମ୍ପାଦକଙ୍କୁ ବୋର୍ଡ ସଭାପତି ବେଆଇନ ଭାବେ ନିଲମ୍ବନ କରିବା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ବ୍ଲକ୍‌କୁ ମିଳିଥିବା ୩୨୭୭୨ କ୍ୱିଣ୍ଟାଲ ଧାନ ସଂଗ୍ରହ ଟାର୍ଗେଟରୁ ଆଜିଯାଏ ୨୩୭୦୨ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବାବେଳେ ଆହୁରି ୬୦ ଶତକଡା ଧାନ ବିକ୍ରି କରିବାକୁ ଚାଷୀଙ୍କ ପାଇଁ ଟାର୍ଗେଟ ବଢ଼ାଇବାକୁ ଦାବି ହୋଇଥିଲା। ଉଭୟ ଦାବି ପାକ୍ସ କର୍ମଚାରୀଙ୍କ ସ୍ୱାର୍ଥରେ ଥିବାବେଳେ ନିବନ୍ଧକ ଚୁପ୍ ରହିବାରୁ ଏହି ଆନ୍ଦୋଳନ ଜାରି ରହିଛି। ତେବେ ଧାନ ସଂଗ୍ରହ ବେଳେ କାର୍ଯ୍ୟ ବନ୍ଦ ଭଳି ଆନ୍ଦୋଳନ ଚାଷୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି।

## ଅନାବାଦୀ ଜମିକୁ ଲିଜ୍ ଦେଇ ପ୍ରଶାସନ ହଟହଟା

**ପଞ୍ଚୁପାଣ୍ଡବ,୩।୨(ସମିସ):** ଡେରାବିଶ ତହସିଲ ଅଧୀନ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଅନାବାଦୀ ଜମିକୁ ଲିଜ୍ ଦେଇ ପ୍ରଶାସନ ହଟହଟା ହୋଇଛି। ଏହି ଜମିରେ ଥିବା ଲକ୍ଷାଧିକ ଟଙ୍କାର ୩ଟି ଚାକୁଣ୍ଡା ଗଛକୁ ନେଇ ପ୍ରଶାସନ ଅଡୁଆରେ ପଡ଼ିଛି। ପଟ୍ଟାମୁଣ୍ଡାଇ ୮ ନମ୍ବର (କ) କେନାଲ ବନ୍ଧକୁ ଲାଗି ରହିଥିବା ତିନୋଟି ଗଛରୁ ଗୋଟିଏ ଗଛକୁ ଜଣେ ବ୍ୟକ୍ତି କାଟିଥିବାରୁ ସ୍ଥାନୀୟ ଗ୍ରାମର କିଛି ଲୋକେ ତହସିଲ ଓ ବନ ବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ରାଜନଗର ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ ଓ ବନ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀ ଚନ୍ଦ୍ରକାନ୍ତ ସାମଲ ଗଛ କାଟୁଥିବା ବ୍ୟକ୍ତିଙ୍କୁ ବାରଣ କରିବା ସହ ଗଛଟି ସରକାରୀ ଜାଗାରେ ଥିବା କହିଥିଲେ। ତହସିଲ ପକ୍ଷରୁ ଅମିନ ଉମାକାନ୍ତ ବେହେରା ଓ ଆର୍‌ଆଇ ସାରଦା ପ୍ରଧାନ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ମାପଚୁପ୍ ହୋଇଥିଲା। ଗଛଟି ସରକାରୀ ଜାଗାରେ ଥିବା ଜଣାପଡ଼ିଥିଲା। ସୂଚନା ମୁତାବକ,



ଏହି ଜାଗାଟି ଅନାବାଦୀ ରହିଥିବାବେଳେ ଜଣେ ଲୋକ କିଛିବର୍ଷ ଧରି ରହି ଆଉ ଜଣେ ବ୍ୟକ୍ତିକୁ ବିକିଥିବା ଦେଇଥିଲେ। କିଛି ଲୋକେ ଲାଞ୍ଚଖୋର ତହସିଲ ଅଧିକାରୀଙ୍କୁ ଧରି ଅନାବାଦୀ, ଗୋଚର, ପିଡବ୍ଲୁ ଓ ଦେବଦେବୀ ଜମିକୁ ନିଜ ଅକ୍ତିଆର କରିଥିବାବେଳେ ନିଜ ନାମରେ ପଟ୍ଟା ହାସଲ କରିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯାଇ ସରକାରୀ ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ ପୁରସ୍ତମ ମଣ୍ଡଳ, ଭରତ ମଣ୍ଡଳ, ସଞ୍ଜୟ ମଣ୍ଡଳ, ଦେବରାଜ ପାଣ୍ଡେ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହାକାଳପଡ଼ା ଆସିଲେନି ବିଡିଓ

● ବଦଳି ଚିଠି ପରେ ଛୁଟିରେ ଥିଲେ

● ପୁଣି ନୂଆ ଜାଗାକୁ ବଦଳି କଲା ବିଭାଗ

**ମହାକାଳପଡ଼ା,୩।୨(ସମିସ):** ଜଣେ ବିଡିଓଙ୍କୁ ଗୋଟିଏ ବ୍ଲକ୍‌ରୁ ଅନ୍ୟଏକ ବ୍ଲକ୍‌କୁ ବଦଳି କରିଥିଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ। ବଦଳି ଆଦେଶକୁ ୬୪ ଦିନ ବିତିଗଲା, ହେଲେ ଆଦେଶ ହୋଇଥିବା ନୂତନ ବ୍ଲକରେ ବିଡିଓ ଜଣଙ୍କ ଯୋଗ ଦେଲେନି କି ଦାୟିତ୍ୱ ନେଲେନି। ଫଳରେ ପୁରୁଣା ବିଡିଓ ଏକମାସ ପର୍ଯ୍ୟନ୍ତ କାମ ଚଳାଇବା ପରେ ତହସିଲଦାରଙ୍କୁ କାମଚଳା ବିଡିଓ ଭାବେ ଜିଲ୍ଲା ପ୍ରଶାସନ ଅତିରିକ୍ତ ଦାୟିତ୍ୱ ଦେଲା। ବଦଳି ହୋଇଥିବା ନୂଆ ଜାଗାକୁ ନ ଆସିବାରୁ ଦୀର୍ଘ ଦୁଇ ମାସ ପରେ ବିଭାଗ ପୁଣି ତାଙ୍କୁ ଅନ୍ୟଏକ ବ୍ଲକ୍‌କୁ ବଦଳି କରିଛି। ଏ ଘଟଣା ଏବେ ଯେତିକି ରୋଚକ, ସେତିକି ଆଲୋଚନାର ବିଷୟବସ୍ତୁ ପାଲଟିଛି। ସୂଚନା ମୁତାବକ, ରାଜ୍ୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ କୁହାଯାଉଥିବା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ବ୍ଲକ୍‌ରେ ଏବେ ସ୍ଥାୟୀ ବିଡିଓ ନାହାନ୍ତି। ମହାକାଳପଡାର ତତ୍କାଳୀନ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଗତ ନଭେମ୍ବର ୨୯ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରିଥିଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ। ସୌମ୍ୟଙ୍କ ବଦଳରେ ସୋନପୁରର ବିଡିଓ ଭାବେ କାର୍ଯ୍ୟ କରୁଥିବା ସଞ୍ଜୀବ କୁମାର ସାହୁଙ୍କୁ ମହାକାଳପଡ଼ାର ନୂତନ ବିଡିଓ ଭାବେ ବିଭାଗ ବଦଳି ଆଦେଶ କରିଥିଲା। ବଦଳି ଆଦେଶକୁ ୧ ମାସ ବିତିଗଲା, ନା ସଞ୍ଜୀବ ମହାକାଳପଡ଼ା ଆସିଲେ ନା ସୌମ୍ୟଙ୍କୁ ଦାୟିତ୍ୱ ମୁକ୍ତ କରାଗଲା। ସଞ୍ଜୀବ ମହାକାଳପଡ଼ା ନ ଆସିବାରୁ ବାଧ ହୋଇ ଡିସେମ୍ବର ୩୧ ତାରିଖରେ ସୌମ୍ୟଙ୍କୁ ଦାୟିତ୍ୱ ମୁକ୍ତ କରିଥିଲା ଜିଲ୍ଲା ପ୍ରଶାସନ। ନୂଆ ବିଡିଓଙ୍କ ଯୋଗ ନ ଦେବା କାରଣରୁ ଜିଲ୍ଲା ପ୍ରଶାସନ ବର୍ତ୍ତମାନର ତହସିଲଦାର ଭାବେ କାର୍ଯ୍ୟ ତୁଲାଉଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ମୁଣ୍ଡାଇ ଦେଇଥିଲା। ନୂଆ ବିଡିଓଙ୍କ ଯୋଗଦାନ କରିବାକୁ ଅପେକ୍ଷା କରି ପଦ୍ମ ସିନା ଘୁଞ୍ଚି ଗଲା ହେଲେ ନୂଆ ବିଡିଓଙ୍କ ପାଦ ମହାକାଳପଡ଼ାରେ ପଡିଲା ନାହିଁ। ସେପଟେ ମହାକାଳପଡ଼ା ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ବିଭିନ୍ନ କାର୍ଯ୍ୟ ତୁଲାଉଥିବା ତହସିଲଦାର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ସହିତ ବିଡିଓ ପଦବୀ ତୁଲାଇବା ରବିନାରାୟଣଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ଘଟଣା ପାଲଟିଥିଲା। ତହସିଲରୁ ବ୍ଲକ୍, ବ୍ଲକ୍‌ରୁ ତହସିଲ ଓ ପ୍ରଶାସନିକ ବୈଠକ ଆଦିରେ ଯା'ଆସ ଭିତରେ ସାଧାରଣ ଲୋକେ ସେମାନଙ୍କ କାର୍ଯ୍ୟ ପାଇଁ ତହସିଲ ଓ ବ୍ଲକ୍‌କୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଦେଖିବାକୁ ମିଳୁଥିଲା। କେବେ ନୂଆ ବିଡିଓ କାର୍ଯ୍ୟରେ ଯୋଗଦେବେ, ସେନେଇ ସମସ୍ତେ ଚାହିଁ ରହିଥିଲେ। ତେବେ ବଦଳି ଆଦେଶର ୬୫ ଦିନ ପରେ ଅର୍ଥାତ୍ ୨ ଫେବୃଆରୀରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଯେଉଁ ଚିଠି ହୋଇଛି ତାହା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇଛି। ବିଭାଗ ୨ ତାରିଖ ବଦଳି ଆଦେଶରେ ସଞ୍ଜୀବ ସାହୁଙ୍କୁ ଡୁଙ୍ଗୁରିପାଲି ବିଡିଓ ଭାବେ ବଦଳି କରିଛି। ଏହି ଘଟଣା ପ୍ରଶାସନିକ ଦପ୍ତରରେ ଏବେ ବେଶ୍ ଆଲୋଚନାର ବିଷୟବସ୍ତୁ ପାଲଟିଛି।

## ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି କବାଡ଼ି ପାଇଁ ଚୟନ ପ୍ରତିଯୋଗିତା



**କେନ୍ଦ୍ରାପଡ଼ା,୩।୨(ସମିସ):** ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି କବାଡ଼ି ପ୍ରତିଯୋଗିତା ପାଇଁ ଜିଲ୍ଲା ବାଳକ ଓ ବାଳିକା ଦଳ ଚୟନ ପ୍ରତିଯୋଗିତା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦୦ ବାଳକ/ବାଳିକା ଅଂଶଗ୍ରହଣ କରିଥିଲେ। ଏଥିରୁ ୧୦ ଜଣ ଦଳ ବାଳକ ଓ ୬ ଜଣ ବାଳିକା ଖେଳାଳିଙ୍କୁ ଚୟନ କରାଯାଇଛି। ଏମାନେ ଜିଲ୍ଲା ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକାନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ଦେବେନ୍ଦ୍ର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜ୍ୟୋତିର୍ମୟ ଦାସ, ଚନ୍ଦନ ମହାପାତ୍ର, ମନୋଜ ଦାସ, ପ୍ରତିମା ଦ୍ୱିବେଦୀ, ସସ୍ମିତା ପଣ୍ଡା, ଜ୍ୟୋତିର୍ମୟୀ ସେନାପତି ଯୋଗ ଦେଇଥିଲେ।

### ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

## ମୃତଦେହ ରଖି ରାସ୍ତାରୋକ କଲେ ଗ୍ରାମବାସୀ



**ପଟ୍ଟାମୁଣ୍ଡାଇ, ୩।୨(ସମିସ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଅରୁଆ-ଚଉଦକୁଲାଟ ରାସ୍ତାର ଅରୁଆ ବାଳାଶ୍ରମ ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ଅରୁଆ ଗ୍ରାମର ଗିରିଧାରୀ କର (୫୫)ଙ୍କ ମୃତ୍ୟୁ ଘଟିଥିଲା। ଗିରିଧାରୀଙ୍କ ନୂତନ ଗୃହ ନିର୍ମାଣ ଚାଲିଥିବାରୁ ଗତକାଲି ସନ୍ଧ୍ୟାରେ ସେ ନିର୍ମାଣ ସାମଗ୍ରୀ ପଇସା ଦେବା ପାଇଁ ଚଉଦକୁଲାଟ ଯାଇ ଘରକୁ ସାଇକଲ ଯୋଗେ ଫେରୁଥିଲେ ଓ ଅରୁଆ ବାଳାଶ୍ରମ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ ଅଜଣା ଗାଡି ଗିରିଧାରୀଙ୍କୁ ଧକ୍କା ଦେଇଥିଲା। ସେ ନିକଟସ୍ଥ ନାଳରେ ପଡ଼ିଯାଇଥିଲେ। ରାସ୍ତାରେ ଯାଉଥିବା ଲୋକେ ଗିରିଧାରୀଙ୍କୁ ନାଳରୁ ଉଠାଇ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଜଣା ଗାଡି ଧକ୍କାରେ ବୃଦ୍ଧ ଗିରିଧାରୀଙ୍କ ମୃତ୍ୟୁ ପ୍ରତିବାଦରେ ଆଜି ସ୍ଥାନୀୟ ଅଞ୍ଚଳର ପ୍ରମୋଦ ମଲିକ, ଶତ୍ରୁଘ୍ନ ମଲିକ, ରଘୁନାଥ ଦାଶ, ଜଗନ୍ନାଥ ଦାଶ, କାଳନ୍ଦୀ ବେହେରା, ତପନ ଦାଶ, ରଞ୍ଜନ ଦାଶ ପ୍ରମୁଖଙ୍କ ସହ ଗ୍ରାମବାସୀ ଅରୁଆ-ଚଉଦକୁଲାଟ ରାସ୍ତାରେ ମୃତଦେହ ଧରି ରାସ୍ତାରୋକ କରିଥିଲେ। ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

### ସମସ୍ୟା ଘେରରେ ଗୋବିନ୍ଦପୁର ହାଇସ୍କୁଲ

## ଶୌଚାଳୟ ଗୃହ ଅସମ୍ପୂର୍ଣ୍ଣ, ଦୁର୍ଦ୍ଦଶାରେ ଛାତ୍ରଛାତ୍ରୀ

ପଟ୍ଟାମୁଣ୍ଡାଇ,୩।୨(ସମିସ)



ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ନୀଳକଣ୍ଠପୁର ପଞ୍ଚାୟତସ୍ଥ ଗୋବିନ୍ଦପୁର ହାଇସ୍କୁଲ ସମ୍ପ୍ରତି ସମସ୍ୟା ଘେରରେ ରହିଛି। ବିଦ୍ୟାଳୟର ଶୌଚାଳୟ ଗୃହ ଅସମ୍ପୂର୍ଣ୍ଣ ଥିବାରୁ ଛାତ୍ରଛାତ୍ରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ହାଇସ୍କୁଲରେ ନବମ ଶ୍ରେଣୀରେ ୪୫ ଓ ଦଶମ ଶ୍ରେଣୀରେ ୪୯ ଜଣ ପିଲାଙ୍କୁ ମିଶାଇ ୯୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପୂର୍ବ ସରକାର ସ୍କୁଲର ଉନ୍ନତି ପାଇଁ ଅନୁଦାନ ଯୋଗାଇଦେଇଥିଲେ। ଫଳରେ ସ୍କୁଲ ପିଲାଙ୍କୁ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଶିକ୍ଷାଦାନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। କିନ୍ତୁ ସ୍କୁଲର ରୂପାନ୍ତିକରଣ କ୍ ଅଧାପନ୍ତରିଆ ରହିଛି। ସ୍କୁଲର ଶୌଚାଳୟ ଗୃହ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇନି। ଫଳରେ ଛାତ୍ରଛାତ୍ରୀ ବାହାରକୁ ଯିବାକୁ ବାଧ ହେଉଛନ୍ତି। ଏହି ସ୍କୁଲରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ସୁରକ୍ଷିତ ରୋଷେଇ ଘର ନାହିଁ। ଅସୁରକ୍ଷିତ ରୋଷେଇ ଘରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେଉଥିବାରୁ ଅନେକ ସମୟରେ ଅଘଟଣ ଆଶଙ୍କା କରାଯାଉଛି। ପଟ୍ଟାମୁଣ୍ଡାଇ ବ୍ଲକଠାରୁ ମାତ୍ର ୩/୪ କିମି ଦୂରରେ ଗୋବିନ୍ଦପୁର ହାଇସ୍କୁଲ ଅବସ୍ଥିତ ହୋଇଥିଲେ ମଧ୍ୟ ଏହାର ଅନେକ ସମସ୍ୟା ରହିଛି। ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ଉପଯୁକ୍ତ ଦୃଷ୍ଟି ଦେଲେ ସ୍କୁଲର ଅନେକ ସମାଧାନ ହୋଇପାରିବ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି। ଅଧାପନ୍ତରିଆ ହୋଇପଡିଥିବା ଶୌଚାଳୟ ଓ ପାଇଖାନା ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରାଯିବା ସହିତ ନୂତନ ରୋଷେଇ ଘର ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର କିଛି ମାନ୍ୟଗଣ୍ୟ ବ୍ୟକ୍ତି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଶୀତଲ ଅଗ୍ରୱାଲଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ଏଥିସହିତ ସ୍ଥାନୀୟ ଅଞ୍ଚଳବାସୀ ତୁରନ୍ତ ଅସମ୍ପୂର୍ଣ୍ଣ ଶୌଚାଳୟ ଓ ନୂତନ ରୋଷେଇ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, କେନ୍ଦ୍ରାପଡ଼ା ସାଂସଦ, ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ, ବ୍ଲକ ଶିକ୍ଷାଧିକାରୀଙ୍କୁ ଫାକ୍ସ ଯୋଗେ ଲିଖିତ ଭାବେ ଜଣାଇଥିବା ଜଣାପଡ଼ିଛି।

# ରାସ୍ତା ପାଇଁ କଂକ୍ରିଟ୍ ଉପରେ କଂକ୍ରିଟ୍ ଢଳେଇ



- ଘର ଅଗଣାରୁ ୨ ଫୁଟ ଉଚ୍ଚ ରାସ୍ତା
- ସମାଧାନ ପାଇଁ ପ୍ରଶାସନ ନିକଟରେ ଦାବି

**ଝାରସୁଗୁଡ଼ା,୩।୨(ସମିସ):** ଲଖନପୁର ବ୍ଲକ୍‌ର ଲଖନପୁର ପଞ୍ଚାୟତର ଲଖନପୁର ଗାଁ ମଧ୍ୟରେ ପୂର୍ବରୁ କଙ୍କ୍ରିଟ ରାସ୍ତା ଥିବା ସତ୍ତ୍ୱେ ପୁଣି କଙ୍କ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଗାଁ ମଧ୍ୟରେ ଥିବା ରାସ୍ତା ଉପରେ ପୁଣି ଦେଢ଼ ଫୁଟ ଉଚ୍ଚର କଙ୍କ୍ରିଟ ଢାଳି ରାସ୍ତା ନିର୍ମାଣ ଚାଲିଛି। ଠିକାଦାରଙ୍କ ଏପରି ଅଦୂରଦର୍ଶୀ ନିର୍ମାଣ କାର୍ଯ୍ୟ ଗ୍ରାମବାସୀଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଜନସାଧାରଣଙ୍କ ସୁବିଧା ପାଇଁ ରାସ୍ତା ନିର୍ମାଣ ହୁଏ। ଅଥଚ ଲଖନପୁର ଗାଁରେ ରାସ୍ତା ନିର୍ମାଣ, ଲୋକଙ୍କ ଘର ସାମ୍ନାରେ କଂକ୍ରିଟ ଭଳି ସ୍ଥାୟୀ ସମସ୍ୟା ସୃଷ୍ଟି କରିଛି। କାହା ଘର ସମ୍ମୁଖରେ ୨ ଫୁଟ ତ କାହାର ୩ ଫୁଟର ରାସ୍ତା। ଏପରି ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ହେଉଥିବାରୁ ଘରୁ ବାହାରିବା ପାଇଁ ଗ୍ରାମବାସୀଙ୍କୁ ଅସୁବିଧାର ସାମ୍ନା କରିବାକୁ ହେଉଛି। ଗ୍ରାମବାସୀ ଏହାକୁ ବିରୋଧ କରୁଥିବା ବେଳେ ଲଖନପୁର ସରପଞ୍ଚ, ସ୍ଥାନୀୟ ବିଧାୟକ କିମ୍ବା ଜିଲ୍ଲା ପ୍ରଶାସନର ଏହା ଦୃଷ୍ଟିଗୋଚର ହେଉନାହିଁ। ଏପରି ଅପରିପକ୍ୱ ସରକାରୀ ଯନ୍ତ୍ରୀ ଅଧିକାରୀ ତଥା ନିର୍ମାଣକାରୀ ସଂସ୍ଥାର ମନମୁଖୀ ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବରୁ ଥିବା କଙ୍କ୍ରିଟ ରାସ୍ତାକୁ ନ ଖୋଳି ଘର ଅଗଣାରୁ ୩ ଫୁଟ ଉଚ୍ଚ କଙ୍କ୍ରିଟ ରାସ୍ତା ନିର୍ମାଣକୁ ଗ୍ରାମବାସୀ ନାପସନ୍ଦ କରିଛନ୍ତି। ଲଖନପୁର ବ୍ଲକ୍ ମୁଖ୍ୟାଳୟ ମାତ୍ର ଏକ କିମି ଦୂରତାରେ ଏଭଳି ବିକୃତ ରାସ୍ତା କାର୍ଯ୍ୟ ଏବଂ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ମନଇଚ୍ଛା କାର୍ଯ୍ୟ ହେଉଥିବା ବେଳେ କିପରି କୌଣସି ଅଧିକାରୀଙ୍କ ଦୃଷ୍ଟି ପଡିନାହିଁ ତାହା ସମସ୍ତଙ୍କୁ ଚକିତ କରିଛି। ଅଳ୍ପ କାମ ହୋଇଥିବା ଏହି ରାସ୍ତାକୁ ତୁରନ୍ତ ଉଠାଇ ଲୋକଙ୍କୁ ସୁବିଧା ହେବା ପରି ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଏଭଳି ମନମୁଖୀ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ସରକାରୀ ଅଧିକାରୀ ଏବଂ ରାସ୍ତା ନିର୍ମାଣ କରୁଥିବା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



**ଝାରସୁଗୁଡ଼ା,୩।୨(ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ଲଇକେରା ବ୍ଲକ୍ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ ଏବଂ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପ୍ରଥମେ ଲଇକେରା ସ୍ଥିତ ନୀଳକଣ୍ଠେଶ୍ୱର ଶିବ ମନ୍ଦିର, କଲ୍ୟାଣ ମଣ୍ଡପ, ସାପ୍ତାହିକ ବଜାର, ଶ୍ମଶାନ ଓ ଖୋଲା ବ୍ୟାୟାମଶାଳା, ଆଭ୍ୟନ୍ତରୀଣ ଖେଳ ପଡିଆ ଆଦି କାର୍ଯ୍ୟର ସମୀକ୍ଷା ଓ ତଦାରଖ କରଥିଲେ। ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସାରିବାକୁ ଲଇକେରା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଏହି ସମୀକ୍ଷା ଓ ତଦାରଖ କାର୍ଯ୍ୟ ସମୟରେ ବିଡିଓ ଡୁଙ୍ଗଡୁଙ୍ଗଙ୍କ ସମେତ ବହୁ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଝାରସୁଗୁଡ଼ା,୩।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅଧୀନ କଦମଡିହି ପଞ୍ଚାୟତ ପରିସିଆଁ ଗାଁରେ ଜାନୁଆରୀ ୩୦ରୁ ଆରମ୍ଭ ହୋଇଥିବା ଶ୍ରୀଶ୍ରୀ ୨୪ ପ୍ରହର ଅଖଣ୍ଡ ଅହୋରାତ୍ର ନାମଯଜ୍ଞ ମଙ୍ଗଳବାର ନଗର ଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, ପ୍ରସାଦ ସେବନ ସହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର କଳସ ଶୋଭାଯାତ୍ରା ପରେ ଶୁଭ ଅଧିବାସ ସହିତ ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଶନିବାରରୁ ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଗୁଞ୍ଜନ କରାଯାଇଥିବା ବେଳେ ମଙ୍ଗଳବାର ପୂର୍ଣ୍ଣାହୁତି, ନଗର ଭ୍ରମଣ, ଦଧିଭଞ୍ଜନ ପରେ ନାମଯଜ୍ଞର ସମାପମ ହୋଇଥିଲା। ନଗର ଭ୍ରମଣରେ ଅଞ୍ଚଳର ୧୩ଟି ସଙ୍କୀର୍ତ୍ତନ ଦଳ ସାମିଲ ହୋଇଥିଲେ। ନାମଯଜ୍ଞ ଅବସରରେ ସୋମବାର ଛପନ ଭୋଗ ଲାଗି କରାଯିବା ସହିତ ବୈଷ୍ଣବ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞର ପୂର୍ଣ୍ଣାହୁତି, ନଗରଭ୍ରମଣ ଓ ଦଧିଭାଣ୍ଡଭଞ୍ଜନରେ ହଜାର ହଜାର ଭକ୍ତ ସାମିଲ ହୋଇଥିଲେ। ଆୟୋଜକ ପରସିଆଁ ଗ୍ରାମବାସୀଙ୍କ ତରଫରୁ ସମସ୍ତ ଭକ୍ତବୃନ୍ଦଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## ୧୫ରେ ଶତାୟୁ ସମ୍ମାନ କାର୍ଯ୍ୟକ୍ରମ




**ବରଗଡ଼,୩।୨(ସମିସ):** ଆସନ୍ତା ଫେବୃଆରୀ ୧୫ରେ ମହାଦେବଙ୍କ ଜାଗର ଯାତ୍ରା ଓ ମହାଶିବରାତ୍ରି ମହୋତ୍ସବକୁ ବରଗଡ଼ ସହରର ଡ.ରାମକୃଷ୍ଣ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ମମତା ପୁରୋହିତ ଦ୍ୱିତୀୟ ଥର ପାଇଁ ଶତାୟୁ ପୁରୁଷ ଓ ମହିଳାଙ୍କୁ ପୂଜାର୍ଚ୍ଚନା କରି ମହାଶିବରାତ୍ରି ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବରଗଡ଼ର ହେଲଥ ଏଜୁକେସନ ଫାଉଣ୍ଡେସନ ଓ ପୁରୋହିତ ଜେନେରାଲ ହସ୍ପିଟାଲ ତରଫରୁ ଶତାୟୁ ଟ୍ରାଏ ଟୁ ଲିଭ ହଣ୍ଡ୍ରେଡ ଇୟର୍ସ ଏଭଳି ସଚେତନତା ବାର୍ତ୍ତା ନେଇ ପଣ୍ଡିତଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ର, ଶଙ୍ଖ ବାଦ୍ୟ ତାଳେ ତାଳେ ପଶ୍ଚିମଓଡ଼ିଶାର ଅନେକ ଶତାୟୁ ମହିଳା ଓ ପୁରୁଷଙ୍କୁ ଫୁଲ, ଚନ୍ଦନ ସହ ପୂଜାର୍ଚ୍ଚନା କରି ସେମାନଙ୍କଠାରୁ ଆଶୀର୍ବାଦ ନେବେ। ଆଧୁନିକ ଯୁଗର ଖାଦ୍ୟପେୟରୁ ଦୂରେଇ ପ୍ରକୃତିରୁ ମିଳୁଥିବା ଫଳମୂଳ, କନ୍ଦା, ବିନା ରାସାୟନିକ ଯୁକ୍ତ ଖାଦ୍ୟ ଖାଇ ନିରାମୟ ଜୀବନ ବିତାଉଥିବା ଶତାୟୁ ବ୍ୟକ୍ତିଙ୍କ ଜୀବନ ଉପରେ ଅଧିକ ଗବେଷଣା କରାଯାଇପାରିବ। ଏଥିପାଇଁ ଆଜି ପୁରୋହିତ ଜେନେରାଲ ହସ୍ପିଟାଲ ସମ୍ମିଳନୀ କକ୍ଷରେ ଶତାୟୁ ସମ୍ମାନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ରଞ୍ଜନ ଦେବତାଙ୍କ ସଂଯୋଜନାରେ ହେଲଥ ଏଜୁକେସନ ଫାଉଣ୍ଡେସନ ଓ ପୁରୋହିତ ଜେନେରାଲ ହସ୍ପିଟାଲର ମୁଖ୍ୟ ପରିଚାଳକ ଡ.ରାମକୃଷ୍ଣ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ମମତା ପୁରୋହିତ ଶତାୟୁ ସମ୍ମାନ ଉତ୍ସବର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ଆସନ୍ତା ୧୫ ତାରିଖ ବରଗଡ଼ ସହର ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଏହି ଶତାୟୁ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ, ବରଗଡ଼, ବଲାଙ୍ଗିର, ସୋନପୁର, କଳାହାଣ୍ଡି, ନୂଆଁପଡା ଜିଲ୍ଲାର ଶତାୟୁ ପୁରୁଷ ଓ ମହିଳା ଆଧାର କାର୍ଡ ଓ ଭୋଟ ପରିଚୟ ଦେଇ ଶତାୟୁ ସମ୍ମାନ ପାଇଁ ୯୪୩୭୦୫୪୪୦୩ ଓ ୯୮୬୧୦୦୬୧୦୦ରେ ହ୍ୱାଟ୍ସଆପ ନମ୍ବରକୁ ପଠାଇବେ। ଶତାୟୁ ବ୍ୟକ୍ତିଙ୍କୁ ମନୋନୀତ କରିବା ପରେ ସେମାନଙ୍କୁ ସମ୍ମାନିତ କରାଯିବ। ଫେବୃଆରୀ ୧୨ ସନ୍ଧ୍ୟା ସୁଦ୍ଧା ଶତାୟୁ ବ୍ୟକ୍ତି ନିଜର ପରିଚୟ ସହିତ ସମ୍ମାନ ପାଇଁ ଆବେଦନ କରିବେ। ଶେଷରେ ଅନୁଷ୍ଠାନର ସମ୍ପାଦକ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ର



**ବରଗଡ଼,୩।୨(ସମିସ):** ଗୁରୁ ଭଗବାନ ସାହୁ ସ୍ମୃତି କମିଟି ପକ୍ଷରୁ ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାହୋଇଛି। ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୋଟିଏ ଦିନରେ ନୂଆଁଖାଇ ପାଳନ ପଛର ମହାନାୟକ ଲୋକ ମହୋତ୍ସବର ଜନକ ଗୁରୁ ଭଗବାନ ସାହୁଙ୍କ ସ୍ମୃତିରକ୍ଷା ଦାବିପତ୍ର ଉଦ୍ଦେଶ୍ୟ ରହିଛି। ସହରର ଏକ ମୁଖ୍ୟ ସ୍ଥାନରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହିତ ଆଲୋଚନା କରି ଖୁବ ଶୀଘ୍ର ପଦକ୍ଷେପ ନିଆଯିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ସ୍ମୃତି କମିଟି ସଭାପତି ଦଧିବାବନ ଶତପଥୀ, ସମ୍ପାଦକ ତୁଳସୀ ଚରଣ ଦାଶ, ସହ ସମ୍ପାଦକ ଡ.ଯଶବୀର ସିଂ ସୈନୀ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ପଣ୍ଡା, ଲୁଲୁରବିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବରଗଡ଼ରେ 'ଭାରତ ବୁଟ୍ ହାଉସ୍'ର ମେଗା ସୋ'ରୁମ୍ ଉଦ୍‌ଘାଟିତ



**ବରଗଡ଼,୩।୨(ସମିସ):** ବରଗଡ଼ ସହରର ବାଣିଜ୍ୟିକ ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିବାକୁ ଯାଉଛି ସହରର ସର୍ବ ପୁରାତନ ଜୋତା ପ୍ରତିଷ୍ଠାନ 'ଭାରତ ବୁଟ୍ ହାଉସ୍'। ସହରର ବରୋଦା ବ୍ୟାଙ୍କ ସମ୍ମୁଖରେ ମଙ୍ଗଳବାର ଏହି ପ୍ରତିଷ୍ଠାନର ଅତ୍ୟାଧୁନିକ ମେଗା ସୋରୁମ୍ ଉଦ୍‌ଘାଟିତ ହୋଇଛି। ଆଜିର ଉତ୍ସବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ସୋରୁମ୍ ଉଦ୍‌ଘାଟନ କରିଥିଲେ। ଭାରତ ବୁଟ୍ ହାଉସ୍ ୧୯୮୦ରେ ବରଗଡ଼ ସହରର ଏକ କ୍ଷୁଦ୍ର ଦୋକାନରୁ ଆରମ୍ଭ ହୋଇଥିଲା। ସୀମିତ ସମ୍ବଳ ଏବଂ କଠିନ ପରିଶ୍ରମକୁ ପାଥେୟ କରି ଧୀରେ ଧୀରେ ନିଜର ପରିଚୟ ସୃଷ୍ଟି କରିଥିଲା। ଆଜି ପ୍ରାୟ ୪୫ ବର୍ଷ ପରେ, ସେହି ପୁରାତନ ଦୋକାନଟି ଏକ ବିଶାଳ ମେଗା ସୋରୁମ୍‌ର ରୂପ ନେଇଛି। ପାରମ୍ପରିକ ବିଶ୍ୱାସ ସହିତ ଏଠାରେ ଉଚିତ୍ ମୂଲ୍ୟରେ ଉନ୍ନତ ମାନର ସାମଗ୍ରୀ ଯୋଗାଇ ଦେବାକୁ କର୍ତ୍ତୃପକ୍ଷ ପ୍ରତିଶ୍ରୁତିବଦ୍ଧ। ଆଜିର ଉତ୍ସବରେ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ବ୍ୟବସାୟୀ ସଂଘର ସଦସ୍ୟ ଏବଂ ବହୁ ସଂଖ୍ୟାରେ ଗ୍ରାହକ ଉପସ୍ଥିତ ଥିଲେ।

## ପଦ୍ମପୁର ସ୍ପୋର୍ଟ୍ସ ଆସୋସିଏସନ୍ ଗଠିତ

**ପଦ୍ମପୁର,୩।୨(ସମିସ):** ପଦ୍ମପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପଦ୍ମପୁରର ବିଶିଷ୍ଟ ପୂର୍ବତନ ଖେଳାଳି ଏବଂ ଖେଳପ୍ରେମୀ ମାନଙ୍କର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପଦ୍ମପୁର ସ୍ପୋର୍ଟସ ଆସୋସିଏସନ୍ ନାମରେ ଏକ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ଡ.ପ୍ରଭାତ ନାରାୟଣ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପ୍ରତାପ ମିଶ୍ର, ଉପସଭାପତି ସଚ୍ଚିଦାନନ୍ଦ ବହିଦାର ଏବଂ ବିଦେଶୀ ସାହୁ, ସାଧାରଣ ସମ୍ପାଦକ ଚିନ୍ମୟ ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୀବ ମାଝୀ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅଶୋକ କାଲସାଏ, ନରେଶ ବାରିକ, ପ୍ରଦୀପ ଜାଲ୍, ନରେନ୍ଦ୍ର ସାହୁ, ଡ.ନାରାୟଣ ପୁରୋହିତ, ରସପାଲ୍ ସିଂ ଖେରା, ଚନ୍ଦ୍ରମଣି ସାହୁ, ସରୋଜ ମିଶ୍ର, ନିରୋଜ ସିହ୍ନା, ନରୋତ୍ତମ ପଧାନ, ପ୍ରଦୀପ ପାତ୍ର, ଶିରିଷ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଆଗାମୀ ଫେବୃଆରୀ ୧୨, ୧୩, ୧୪, ୧୫ରେ ହେବାକୁ ଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ଆଲୋଚନା ହୋଇଥିଲା। ଶେଷରେ ସମ୍ପାଦକ ଚିନ୍ମୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣ୍ଡା ସମାଜର ବାର୍ଷିକ ସମୀକ୍ଷା ବୈଠକ

**ଝାରବନ୍ଧ,୩।୨(ସମିସ):** ଲକ୍ଷେଘର ଗଣ୍ଡା ସମାଜ, ଝାରବନ୍ଧ ବ୍ଲକ୍‌ର ସମୀକ୍ଷା ବୈଠକ ବ୍ଲକ୍ ସଭାପତି ଭୋଜରାଜ ବାଗଙ୍କ ସଭାପତିତ୍ୱରେ ଆମ୍ବେଦକର ଭବନ ନିର୍ମାଣ ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ସଂଗଠନାତ୍ମକ କାର୍ଯ୍ୟକଳାପ, ପାରମ୍ପରିକ ସାମାଜିକ ରୀତିନୀତି ସମ୍ବନ୍ଧୀୟ ନୀତିନିୟମ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ସମାଜର ଐକ୍ୟ ଓ ପାରମ୍ପରିକ ପରିଚୟ ରକ୍ଷା ପାଇଁ ସଚେତନତା ବଢ଼ାଇବାକୁ ମତ ପ୍ରକାଶ ପାଇଥିଲା। ସଦସ୍ୟମାନେ ଧର୍ମ ପରିବର୍ତ୍ତନ ସମ୍ବନ୍ଧୀୟ ବିଷୟ ଉଠାଇ ସମାଜର ଅଧିକାର, ସାମାଜିକ ପରିଚୟ ଓ ସରକାରୀ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ସମ୍ବିଧାନ ଆଧାରରେ ଗଣ୍ଡା ଜାତିର ବ୍ୟକ୍ତି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବା ପରିବାରର ସାମାଜିକ ସ୍ଥିତି ଓ ସରକାରୀ ନୀତି ସମ୍ପର୍କରେ ସ୍ପଷ୍ଟତା ଆଣିବା ଆବଶ୍ୟକତା ଥିବା କଥା ଉଲ୍ଲେଖ ହୋଇଥିଲା।

ଯେଉଁମାନେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଛନ୍ତି ସେମାନେ ଅନୁସୂଚିତ ଜାତି ବର୍ଗର ସରକାରୀ ଫାଇଦାରୁ ବାଦ ଦେବା ପାଇଁ ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରିବା ଏବଂ ସେହି ଖ୍ରୀଷ୍ଟିଆନ ପରିବାର ଗୁଡ଼ିକୁ ଚିହ୍ନଟ କରିବା ପାଇଁ ପ୍ରସ୍ତାବ ହୋଇଥିବା ସୂଚନା ରହିଛି। ଏ ନେଇ ସଚେତନତା ମୂଳକ ଦିଗଦର୍ଶନ ଦେବା ପ୍ରସଙ୍ଗରେ ମତ ପ୍ରକାଶ ପାଇଥିଲା। ଆମ୍ବେଦକର ଭବନ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ସମାଜର ପ୍ରତ୍ୟେକ ପରିବାର ପକ୍ଷରୁ ଆର୍ଥିକ ସହଯୋଗ ଦେବାକୁ ପ୍ରସ୍ତାବ ହୋଇଥିଲା। ବ୍ଲକ୍ ସମ୍ପାଦକ ରସିକ କୁମ୍ଭାର, ସଂଯୋଜକ ସାମନ୍ତ ଶେଖର ମୁନା, ଉପଦେଷ୍ଟା ଭରତ ମହାନନ୍ଦ, ଅଙ୍ଗଦ ମୁଙ୍ଗୁରି, ଗହଳକୁମ୍ଭାରଙ୍କ ସମେତ ସମସ୍ତ ପଞ୍ଚାୟତର ସଭାପତି ସମ୍ପାଦକ, ସଭ୍ୟ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ଉପଦେଷ୍ଟା କମିଟିର ସଭାପତି ଭାବେ ବିନୋଦ ବିହାରୀ ବାଗଙ୍କୁ ମନୋନୀତ କରାହୋଇଥିଲା।

## ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ଭାଗବତ କଥାମୃତ କାର୍ଯ୍ୟକ୍ରମ

**ଝାରବନ୍ଧ,୩।୨(ସମିସ):** ଝାରବନ୍ଧ ବଜାର ପଡାରେ ଆଧ୍ୟାତ୍ମିକ ପରିବେଶରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ଭାଗବତ କଥାମୃତ କାର୍ଯ୍ୟକ୍ରମ ଭକ୍ତିଭାବ ଓ ଆଡମ୍ବରର ସହ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ସ୍ଥଳୀରେ ଭକ୍ତମଣ୍ଡଳୀଙ୍କ ବିଶେଷ ଭିଡ଼ ଦେଖାଯାଇଥିଲା। ଛତିଶଗଡର ପ୍ରସିଦ୍ଧ ଧାର୍ମିକ ପ୍ରବଚକ ପ୍ରମୋଦ ଗୁରୁ ପ୍ରବଚନ ଦେଇ ଭାଗବତ ମହିମା, ଧର୍ମ, ସଂସ୍କାର ଓ ମାନବ ଜୀବନର ଆଦର୍ଶ ଉପରେ ଆଲୋକପାତ କରିଥିଲେ। ପୁରନ୍ଦର ସାହୁ ଓ ଯୋଗୀରାମ ସାହୁ ସପତ୍ନୀକ ଯଜ୍ଞ କାର୍ଯ୍ୟରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ ସାହୁ, ଦୀନବନ୍ଧୁ ସାହୁ, ସୁରେଶ ସାହୁ, ଦିବ୍ୟ ପାଣ୍ଡେ ଓ ପଦ୍ମଲୋଚନ ମାଝୀଙ୍କ ସମେତ ପଡାବାସୀ ସହଯୋଗ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ୫ ସ୍ମାର୍ଟ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ



**ଝାରସୁଗଡ଼ା,୩।୨(ସମିସ):** ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କୁ ଅତ୍ୟଧିକ ଜ୍ଞାନକୌଶଳ କେନ୍ଦ୍ରରେ ପରିଣତ କରିବା ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ସର୍ବୋତ୍ତମ ସୋସିଆଲ ଆର୍ଗାନାଇଜେସନ ମିଳିତ ସହଯୋଗରେ ଝାରସୁଗୁଡ଼ା ଜିଲ୍ଲାରେ ୫ଟି ସ୍ମାର୍ଟ ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଅତ୍ୟାଧୁନିକ ସ୍କୁଲ ମାନଙ୍କ ପରି ସ୍ମାର୍ଟ ଅଙ୍ଗନବାଡି କେନ୍ଦ୍ରରେ ପରିଣତ କରିବା ଏହାର ଉଦ୍ଦେଶ୍ୟ ରହିଛି। ଏଥିପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଧୀନ ଟାଙ୍ଗରପାଲି, ଅର୍ଡା, ଆମପଡା, ପାଇକପଡା, ଧୁବେନ ବୁଡରେ ପ୍ରାୟ ୫ଟି ଅଙ୍ଗନବାଡି କେନ୍ଦ୍ରକୁ ବିଭିନ୍ନ ପ୍ରକାର ଖେଳ ଉପକରଣ, ସ୍ମାର୍ଟ ଟିଭି, ଆକ୍ୱାଗାର୍ଡ, ବିଭିନ୍ନ ପ୍ରକାର ବହି ଓ ପାଠ ଉପକରଣ ଆଦି ପ୍ରଦାନ କରାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ଓ ମହିଳା କଲ୍ୟାଣ ଅଧିକାରୀ ଜୟନ୍ତୀ ଗଡତିଆ ଓ ବିଭିନ୍ନ ବ୍ଲକ୍‌ର ସିଡିପିଓ, ଅଙ୍ଗନବାଡି ସୁପରଭାଇଜର, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ଶାଖାର ଆର୍ଥିକ ସାମିଲିକରଣ ପ୍ରବନ୍ଧକ ପ୍ରଦୀପ ଲୁଗୁନ୍ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ଶ୍ରାବଣୀ ରାୟ, ପୂନମ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ନିଃଶୁଳ୍କ ଚିକିତ୍ସା କରୁଥିବା ଡାକ୍ତର



**ବରଗଡ଼,୩।୨(ସମିସ):** ଅନେକ ଲୋକ ଉଚ୍ଚ ଶିକ୍ଷିତ ହୋଇ ଚାକିରି କଲାପରେ ସେମାନଙ୍କ ସ୍ୱଭାବରେ ପରିବର୍ତ୍ତନ ଦେଖା ଯାଇଥାଏ। ନିଜର ଜନ୍ମମାଟି ତ ଦୂର କଥା ଜନ୍ମ କରିଥିବା ମା' ବାପାଙ୍କୁ ଭୁଲି ଯାଇଥାନ୍ତି। ହେଲେ ମେଲଛାମୁଣ୍ଡା ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଭାବେ ଡ.କମଳାକାନ୍ତ ଭୋଇ ଜଣେ ପ୍ରତିଷ୍ଠିତ ଡାକ୍ତର ହୋଇ ସୁଦ୍ଧା ପ୍ରତି ମାସ ଶେଷ ରବିବାର ନିଜ ଗାଁକୁ ଆସିଥାନ୍ତି; କେବଳ ଶହ ଶହ ରୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା କରିବାକୁ।

ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଗାଁରେ ଡ.କମଳାକାନ୍ତ ଭୋଇଙ୍କ ଜନ୍ମ। ହାଇସ୍କୁଲ ଯାଏଁ ଗାଁ ସ୍କୁଲରେ ହିଁ ପାଠ ପଢ଼ିଥିଲେ। ପରେ ନିଜ ଅଧ୍ୟବସାୟରୁ ସମ୍ବଲପୁର ଗଙ୍ଗାଧର ମେହେର କଲେଜରୁ ବିଜ୍ଞାନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୁର୍ଲାର ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ଏମବିବିଏସ୍ ଏବଂ ଏମଡି (ଜେନେରାଲ ମେଡିସିନ୍) ଡିଗ୍ରୀ ହାସଲ କରିଥିଲେ। ୧୯୯୭ରେ ଓଡ଼ିଶାର ଏକ ପଛୁଆ ଗ୍ରାମୀଣ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଭାବେ ଚାକିରି ଜୀବନ ପ୍ରାରମ୍ଭ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟର ଆଇପିଜିଏମଇଆରର ବାଙ୍ଗୁର ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋଲୋଜିରେ ପୋଷ୍ଟ ଡକ୍ଟରାଲ୍ ଡିଏମ୍ (ନ୍ୟୁରୋଲୋଜି) ପୂର୍ବରୁ ନୂଆଦିଲ୍ଲୀର ସ୍ୱୟଂଶାସିତ ଆଇଏଚବିଏଏସରେ ନ୍ୟୁରୋଲୋଜିରେ ତାଲିମ ନେଇଥିଲେ। ଉଚ୍ଚଶିକ୍ଷିତ, ଦକ୍ଷ ଡାକ୍ତର କମଳାକାନ୍ତ ବର୍ତ୍ତମାନ ରାୟପୁରର ଶ୍ରୀ ବାଲାଜୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍‌ରେ ପରାମର୍ଶଦାତା ନ୍ୟୁରୋଲୋଜିଷ୍ଟ ଏବଂ ସହଯୋଗୀ ପ୍ରଫେସର ଭାବେ କାର୍ଯ୍ୟରତ। ଷ୍ଟ୍ରୋକ୍ ଉପରେ ଗବେଷଣା ତାଙ୍କ ସଫଳତାର ଏକ ମାଇଲଖୁଣ୍ଟ। ବହୁମୁଖୀ ପ୍ରତିଭା ଓ ଅଭିଜ୍ଞତା ବଳରେ ଡ.କମଳାକାନ୍ତ ଛତିଶଗଡ ନ୍ୟୁରୋସାଇଣ୍ଟିଷ୍ଟ ଆସୋସିଏସନ୍‌ର ସଚିବ ପଦରେ ଅଭିସିକ୍ତ ତଥା ରାୟପୁରରେ ଜେସିଆଇ ମେଡିକୋସିଟି, ଇଣ୍ଡିଆନ୍ ଏକାଡେମୀ ଅଫ୍ ନ୍ୟୁରୋଲୋଜି, ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍, ୱାର୍ଲ୍ଡ ପାର୍କିନସନ ଡିଜିଜ୍ ଆଣ୍ଡ ମୁଭମେଣ୍ଟ ଡିସଅର୍ଡର ଏବଂ ଆମେରିକୀୟ ଏକାଡେମୀ ଅଫ୍ ନ୍ୟୁରୋଲୋଜିର ସଦସ୍ୟ। ଏହାଛଡ଼ା ସେ ବର୍ତ୍ତମାନ ରାୟପୁରରେ ଉତ୍କଳ ସଂସ୍କୃତି ପରିଷଦର ସଭାପତି, ଛତିଶଗଡରେ ଉତ୍କଳ ମହାସଭାର କାର୍ଯ୍ୟନିର୍ବାହୀ ସଦସ୍ୟ, ଜଗନ୍ନାଥ ମନ୍ଦିର ଏବଂ ରାୟପୁରରେ ଶ୍ରୀ ବାଲାଜୀ ମନ୍ଦିରର ଟ୍ରଷ୍ଟି ରହିଛନ୍ତି।

## ସରସରା ସରକାରୀ ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ




**ବରଗଡ଼,୩।୨(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ସରସରାର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସ୍କୁଲ ପରିସର ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ତଥା ବିଶିଷ୍ଟ କବି ରୋହିତ ଦାଶ ଯୋଗ ଦେଇଥିଲେ। କ୍ରୀଡାବିତ ନାଟ୍ୟ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥି ମାନଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ମାନିତ କରା ଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ପ୍ରବୋଧ ଦାଶ ଏଥିରେ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଦେଶୀ ବାରିକ ମଞ୍ଚ ପରିଚାଳନା କରିଥିଲେ। କବି ଶ୍ରୀ ଦାଶ ସ୍କୁଲ ପାଠାଗାରକୁ ତାଙ୍କ ଦ୍ୱାରା ଲିଖିତ କିଛି ମୂଲ୍ୟବାନ ପୁସ୍ତକ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ସୁଦାମ ଚରଣ ସା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଆ ସଂସ୍କୃତି ଆଧାରିତ କୀର୍ତ୍ତନ ନୃତ୍ୟ ଛାତ୍ର ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଅମୀୟ ଭୋଇ, ଭକ୍ତରାମ ଦଣ୍ଡସେନା, ସବିତା ପାଣିଗ୍ରାହୀ ତଥା ଶୋଭାରାଣୀ ପ୍ରଧାନ ପରିଚାଳନା କରିଥିଲେ।

### ଝାରବନ୍ଧରେ ସଡ଼କ ସୁରକ୍ଷା ଜାଗରଣ

## ପୁଲିସ, ଅଗ୍ନିଶମ ଓ ବନ ବିଭାଗର ଏକତ୍ର ସଚେତନତା ଯାତ୍ରା

**ଝାରବନ୍ଧ,୩।୨(ସମିସ):** 'ଟ୍ରାଫିକ ନିୟମ ମାନନ୍ତୁ, ଜୀବନ ବଞ୍ଚାନ୍ତୁ' ବାର୍ତ୍ତା ଦେଇ ଝାରବନ୍ଧ ଥାନା ପକ୍ଷରୁ ଝାରବନ୍ଧ ଟାଉନ୍ ଅଞ୍ଚଳରେ ଏକ ବ୍ୟାପକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଥାନା ଅଧିକାରୀ ଶୁକ୍ରା ମାଢ଼ିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ପୁଲିସ ବିଭାଗ ସହ ଅଗ୍ନିଶମ ବିଭାଗ, ବନ ବିଭାଗ ଓ ସ୍ଥାନୀୟ ଜନସାଧାରଣ ସଂଯୁକ୍ତ ଭାବେ ଅଂଶଗ୍ରହଣ କରିଥିଲେ। ଏହି ସମୟରେ ଯାନ ଚାଳକମାନଙ୍କୁ ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର, ଅତ୍ୟଧିକ ବେଗରେ ଯାନ ଚଳାଇବାରୁ ବିରତ ରହିବା ସହିତ ମଦ୍ୟପାନ କରି ଯାନ ଚଳାଇବା ନିଷେଧ ସମ୍ପର୍କରେ ସଚେତନ କରାଯାଇଥିଲା। ରାସ୍ତାରେ ଚଳାଚଳ ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବାକୁ କୁହାଯାଇଥିଲା। ସଚେତନତା ଅଭିଯାନରେ ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଢ଼ି, ଏଏସଆଇ କୌଶିକ ସାହୁ, ଗୟାରାମ ଷଣ୍ଢ, ଅଗ୍ନିଶମ ବିଭାଗର ଓଆଇସି କୃଷ୍ଣଚନ୍ଦ୍ର ଶବର, ବନ ବିଭାଗର ଫରେଷ୍ଟର ଗିରିରାଜ କୁମ୍ଭାର ପ୍ରମୁଖଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।







# ଏସ୍‌ସିବି ଦ୍ୱିତୀୟ ଆହାର କେନ୍ଦ୍ରରେ ତାଲା




କଟକ, ୩୧।୨(ସମିସ)

ରାଜ୍ୟର ସର୍ବବୃହତ ମେଡିକାଲ କଲେଜ ତଥା ଜୀବନରେଖା କୁହାଯାଉଥିବା କଟକ ଏସସିବି ମେଡିକାଲରେ ଏବେ 'ଆହାର'କୁ ନେଇ ହାହାକାର ଦେଖାଦେଇଛି। ମେଡିକାଲରେ ଥିବା ଏକମାତ୍ର ଆହାର କେନ୍ଦ୍ର ଉପରେ ଦୈନିକ ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ, ଅତ୍ୟଧିକ ଭିଡ଼ ଯୋଗୁଁ ସାଧାରଣ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହେବାକୁ ପଡୁଛି। ଭିଡ଼ ନିୟନ୍ତ୍ରଣ ପାଇଁ ଟେଲିମେଡିସିନ ବିଭାଗ ସମ୍ମୁଖରେ ଏକ ନୂତନ ଆହାର କେନ୍ଦ୍ରର କୋଠା ନିର୍ମାଣ କାର୍ଯ୍ୟ ସରିଯାଇଛି; କିନ୍ତୁ ଦୀର୍ଘ ଦିନ ହେଲା ପ୍ରଶାସନିକ ଅବହେଳା ଯୋଗୁଁ ଏଥିରେ ଏବେ ତାଲା ଝୁଲୁଛି।

ଏସସିବି ମେଡିକାଲକୁ ଦୈନିକ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଯିବାଆସିବା ହୋଇଥାଏ। ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ଆହାର କେନ୍ଦ୍ରରେ ଦିନବେଳା ୧୫୦୦ ଓ ରାତିରେ ୧୦୦୦ ଲୋକଙ୍କ ପାଇଁ ୫ ଟଙ୍କିଆ ମିଲ୍ ବ୍ୟବସ୍ଥା ରହିଛି। ମାତ୍ର ଦୁଇଟି କାଉଣ୍ଟର ମାଧ୍ୟମରେ ଏତେ ସଂଖ୍ୟକ ଲୋକଙ୍କୁ ଖାଦ୍ୟ ଯୋଗାଇବା ସମ୍ଭବ ହେଉନାହିଁ। ଅନେକ ସମୟରେ ରୋଗୀଙ୍କୁ ବେଡ୍‌ରେ ଛାଡ଼ି ସମ୍ପର୍କୀୟମାନେ ଖାଦ୍ୟ ପାଇଁ ଲାଇନ୍‌ରେ ଛିଡ଼ା ହେଉଛନ୍ତି, ତଥାପି ଶେଷରେ ଟିକେଟ୍ ଶେଷ ହୋଇଯିବା ଫଳରେ ସେମାନଙ୍କୁ ଭୋକିଲା ପେଟରେ ଫେରିବାକୁ ପଡୁଛି। ଏଭଳି



ଘଟଣା ପ୍ରତିଦିନ ଦେଖିବାକୁ ମିଳୁଥିଲେ ହେଁ ନୂଆ କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ତତ୍ପରତା ପ୍ରକାଶ ପାଉନାହିଁ। ଟେଲିମେଡିସିନ ବିଭାଗ ସମ୍ମୁଖରେ ନିର୍ମିତ ହୋଇଥିବା ଦ୍ୱିତୀୟ ଆହାର କେନ୍ଦ୍ରର କ୍ଷମତା ଦିନ ଓ ରାତି ମିଶାଇ ପ୍ରାୟ ୧୭୦୦ ପ୍ଲେଟ୍ ଖାଦ୍ୟ ବ୍ୟବସ୍ଥା ରହିଛି। ଯଦି ଏହି କେନ୍ଦ୍ରଟି ଖୋଲାଯାଆନ୍ତା, ତେବେ ଏସସିବିର ଟ୍ରାଫିକ ଜାମ୍ ଓ ଖାଦ୍ୟ ସମସ୍ୟା ଦୂର ହୋଇପାରନ୍ତା। କିନ୍ତୁ ସବୁ କାମ ସରିବା ପରେ ମଧ୍ୟ ଏହା କାହିଁକି ଲୋକାର୍ପିତ ହେଉନାହିଁ, ତାକୁ ନେଇ ସ୍ୱେଚ୍ଛାସେବୀ ଓ ଜନସାଧାରଣଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଘର ତିଆରି କରି ଫାଇଲ୍ ଅଟକାଇ ରଖିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ କଟକ ମେୟର ସୁବାସ ସିଂ କହିଛନ୍ତି ଯେ, ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ସିଏମସି ପାଖରେ ଥିଲେ ହେଁ ଆନୁଷଙ୍ଗିକ ଜିନିଷ, ଚାଉଳ ଓ ବଜେଟ୍ ପାଇଁ ନଗର ଉନ୍ନୟନ ବିଭାଗ ଉପରେ ନିର୍ଭର କରିବାକୁ ପଡ଼େ। ଏସସିବି ଓ ଚାଉଳିଆଗଞ୍ଜ ଆହାର କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗକୁ ଚିଠି ଲେଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ମାତ୍ର ସାଧାରଣ ଲୋକଙ୍କ ପ୍ରଶ୍ନ ହେଉଛି, ଯଦି କୋଠା ନିର୍ମାଣ ସରିଲାଣି, ତେବେ ପରିଚାଳନା ପାଇଁ ବ୍ୟବସ୍ଥା ଆଗୁଆ କାହିଁକି କରାଗଲା ନାହିଁ?

- **ଦୁର୍ଦ୍ଦଶା ଭୋଗୁଛନ୍ତି ରୋଗୀଙ୍କ ସମ୍ପର୍କୀୟ**
- **୫ ଟଙ୍କିଆ ମିଲ୍ ପାଇଁ ଘଣ୍ଟା ଘଣ୍ଟା ଲମ୍ବା ଲାଇନ୍**
- **ଟିକେଟ୍ ନ ପାଇ ନିରାଶରେ ଫେରୁଛନ୍ତି ଶହ ଶହ ଲୋକ**

## ଜାତୀୟ କନ୍ୟା ସନ୍ତାନ ଦିବସ




**କଟକ, ୩୧।୨(ସମିସ):** ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସଚେତନତାମୂଳକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପଦଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡ଼ି କର୍ମଚାରୀ ଓ ସୁପରଭାଇଜର 'ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନ ମାଧ୍ୟମରେ ସାଧାରଣ ଜନତାଙ୍କୁ ସକାରାତ୍ମକ ସନ୍ଦେଶ ଦେଇଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ଅନୁବାଦକ ସମ୍ମିଳନୀ ଉଦ୍‌ଯାପିତ

**କଟକ, ୩୧।୨(ସମିସ):** ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଚତୁର୍ଥ ଜାତୀୟ ଅନୁବାଦକ ସମ୍ମିଳନୀ ଉଦଯାପିତ ହୋଇଛି। ଏହା ଦୁଇଦିନ ଧରି ଚାଲିବା ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରୁ ଆସିଥିବା ବୁଦ୍ଧିଜୀବୀ ଓ ଅନୁବାଦ ସାହିତ୍ୟକାରଙ୍କୁ ଏକାଠି କରିଥିଲା। ଉଦଘାଟନୀ ଉତ୍ସବରେ ସୋମବାର ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା ଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏହାକୁ ଉଦଘାଟନ କରିଥିଲେ। ରିସର୍ଚ୍ଚ ଓ ଏକାଡେମିକ୍ ବିଭାଗ ଡିନ୍ ପ୍ରଫେସର ଡ. କେଶରୀ ସିଂହ, ଫ୍ୟାକଲ୍ଟି ଅଫ୍ ଆର୍ଟ୍ସ, କମ୍ୟୁନିକେସନ୍ ଆଣ୍ଡ ଇଣ୍ଡିକ୍ ଷ୍ଟଡିଜ୍ ଡିନ୍ ପ୍ରଫେସର ଡ. ରତିକାନ୍ତ ମହାପାତ୍ର, ନ୍ୟାସନାଲ୍ ସ୍କିଲ୍ ଡେଭେଲପମେଣ୍ଟ କର୍ପୋରେସନ୍ ପରାମର୍ଶଦାତା ଦ୍ୟାନେଶ୍ୱର ମୁଲେ ଏବଂ ଭାରତୀୟ ଅନୁବାଦ ସାହିତ୍ୟ ସମ୍ପାଦକ ଶରତ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସାୟନ୍ତନ ଦାସଗୁପ୍ତ, ଶିକ୍ଷା ସନ୍ଧାନର ପ୍ରଫେସର ଯତୀନ୍ଦ୍ର ନାୟକ, ସିକିମ୍ ବିଶ୍ୱବିଦ୍ୟାଳୟର ଡ. ଶାଶ୍ୱତି ଶାହା ପ୍ରମୁଖ ଭାରତୀୟ ଅନୁବାଦ ସାହିତ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନ ଓଡ଼ିଆ ଅନୁବାଦ ଓ ସାହିତ୍ୟ ପତ୍ରିକା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଧିବେଶନରେ ଡ. ଦୀପକ ସାମନ୍ତରାୟ, ମଧୁସୂଦନ ଦାସ, ଡ. ଗାୟତ୍ରୀ ଗୋସ୍ୱାମୀ, ଡ. ସୁନିତା ଦେବୀ, ଡ. କବିତା ପାଟିଲ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡ. ଶାଶ୍ୱତ ପଣ୍ଡା ପ୍ରମୁଖ ସଭାପତିତ୍ୱ କରିଥିଲେ। ଏହାର ଆବାହକ ଡ. ରିନ୍ଦନ କୁଣ୍ଡୁ ଧନ୍ୟବାଦ ଦେଇଥିଲେ।

## ଚହଟା ଘାଟରୁ ମହିଳାଙ୍କ ମୃତଦେହ ଉଦ୍ଧାର

**କଟକ, ୩୧।୨(ସମିସ):** ବିଡ଼ାନାସୀ ଥାନା ଅନ୍ତର୍ଗତ ମହାନଦୀର ଚହଟା ଘାଟରୁ ଆଜି ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ମୃତକ ହେଉଛନ୍ତି ଉପର ପୁଲିସ କଲୋନୀରେ ରହୁଥିବା ବାସନ୍ତୀ କର(୭୦)। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଜିମା ଦିଆଯାଇଛି। ଏନେଇ ବିଡାନାସୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତୁଳସୀପୁର ଉପର ପୁଲିସ କଲୋନୀରେ ରହୁଥିବା ଏଏସଆଇ ମନୋଜ କର ଗତ ୩୧ ତାରିଖ ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ଦିନ ପ୍ରାୟ ସାଢେ ୧ଟା ବେଳୁ ତାଙ୍କ ମାଆ ବାସନ୍ତୀ ନିଖୋଜ ହୋଇଯାଇଛନ୍ତି। ଆଜି ସକାଳେ ସ୍ଥାନୀୟ ଲୋକ ଦେଖିଥିଲେ ଯେ ଚହଟା ଘାଟରେ ଏକ ମୃତଦେହ ଭାସୁଛି। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର ପରେ ମନୋଜଙ୍କୁ ସୂଚନା ଦିଆଯାଇଥିଲା। ମୃତଦେହ ଚିହ୍ନଟ ପରେ ଏସସିବିରେ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯାଇଛି। ବିଡାନାସୀ ଥାନାରେ ଏକ ଅପମୃତ୍ୟୁ ମାମଲାରେ ପୁଲିସ ଅଧିକ ତଦନ୍ତ କରୁଛି।

## ଦୁଇମହଲା ଛାତରୁ ଖସି ରାଜମିସ୍ତ୍ରିଙ୍କ ମୃତ୍ୟୁ

**କଟକ, ୩୧।୨(ସମିସ):** ଦୁଇ ମହଲା ଛାତରୁ ଖସିପଡ଼ି ଜଣେ କାର୍ଯ୍ୟରତ ରାଜମିସ୍ତ୍ରିଙ୍କର ମୃତ୍ୟୁ ଘଟିଛି। ମୃତକଜଣକ ହେଲେ ଜଗତସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ଦରଡ଼ାପାରି ଗ୍ରାମର ପ୍ରଦୀପ ମାଝୀ (୪୨)। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ ଡାକ୍ତରଖାନା ପଠାଯାଇଥିଲା। ଏନେଇ ୪୨ମୌଜା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରଦୀପ ଆଜି ୪୨ମୌଜା ଥାନା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମରେ ଉପେନ୍ଦ୍ର ରାଉଳଙ୍କ ଘର କାମ କରୁଥିଲେ। କେତେକ ମୂଲିଆଙ୍କ ସହିତ ସେ ଦୁଇ ମହଲାରେ ଛାତରେ ପଲସ୍ତରା କରୁଥିଲା ବେଳେ ହଠାତ୍ ତଳେ ଆସି କଚାଡ଼ି ହୋଇପଡ଼ିଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ପୁଲିସ ଡାକ୍ତରଖାନାରୁ ଶବକୁ ଜବତ କରିଥିଲା। ମୃତ ପ୍ରଦୀପଙ୍କ ସାନଭାଇ ସନ୍ତୋଷ ମାଝୀଙ୍କ ଏତଲା ଆଧାରରେ ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ହେମନ୍ତ ସେଠୀ ସୂଚନା ଦେଇଛନ୍ତି।

## ଓଲଟିଲା ବୋଝେଇ ଟ୍ରକ୍

**କଟକ, ୩୧।୨(ସମିସ):** ମଧୁପାଟଣା ଛକ ନିକଟରେ ଥିବା ନୟାଚୌକ୍ ସମ୍ମୁଖରେ ଆଜି ଏକ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଟ୍ରକ୍‌ରେ କପଡ଼ା ଲଦା ହୋଇଥିଲା। ଏଥିରେ କେହି ମୃତାହତ ହୋଇନାହାନ୍ତି। ଏହା ପରେ ଟ୍ରକ୍‌କୁ ସେଠାରୁ କ୍ରେନ୍ ଯୋଗେ ହଟାଯାଇଛି। ଆଜି ଭୋର ସମୟରେ ରାଜସ୍ଥାନରୁ ଏକ କପଡ଼ା ବୋଝେଇ ଲାଇନ୍ ଟ୍ରକ୍ ଚୌଧୁରୀବଜାର ଆସୁଥିଲା। ମଧୁପାଟଣା ଛକ ପାଖରେ ଥିବା ନୟାଚୌକ୍‌ସ୍ଥିତ ଦୀପକ ଡାଇଗ୍ନୋଷ୍ଟିକ୍ ସମ୍ମୁଖରେ ଥିବା ଗୋଲେଇ ରାସ୍ତା ଅତିକ୍ରମ କଲା ବେଳେ ଟ୍ରକ୍‌ଟି ଭାରସାମ୍ୟ ହରାଇଲା। ଟ୍ରକ୍‌ରେ ଲଦା ହୋଇଥିବା କପଡ଼ା ପେଟିଗୁଡ଼ିକ ହଲିବାରୁ ଟ୍ରକ୍‌ର ଡାଲା ତାର ଚେଚିସ୍ ଉପରୁ ଖସିଯାଇଥିଲା। ଏହି ସୂଚନା ଚୌଧୁରୀବଜାରରେ ଥିବା ଗୋଦାମ ମାଲିକ ଜାଣିବା ପରେ କପଡ଼ା ପେଟିଗୁଡ଼ିକ କାଢ଼ି ନେଇଥିଲେ। ଏହାପରେ ଉକ୍ତ ଟ୍ରକ୍‌ର ଡାଲା ଓ ଟ୍ରକ୍‌କୁ କ୍ରେନ୍ ଯୋଗେ ସେଠାରୁ କଢ଼ାଯାଇଥିଲା।

## ଚୋର ଗିରଫ; ୩୮ ଟି ମୋବାଇଲ୍ ଜବତ

**କଟକ, ୩୧।୨(ସମିସ):** ଜଗତପୁର ଥାନା ପୁଲିସ ଆଜି ଜଣେ ପେସାଦାର ମୋବାଇଲ ଚୋରକୁ ଗିରଫ କରିଛି। ଅଭିଯୁକ୍ତର ଘର ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲା ବଳରାମପୁର ଗ୍ରାମରେ ହୋଇଥିବା ବେଳେ ତା' ନାଁ ମଙ୍ଗଳ ସିଂହ(୨୦)। ତା' ନିକଟରୁ ୩୮ ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି।



ଜଗତପୁର ଗୋଲେଇ ଛକ ଅଞ୍ଚଳରେ ଏରୋଗୋଲା ଗୋଷ୍ଠୀର କିଛି ବ୍ୟକ୍ତି ଚୋରା ମୋବାଇଲ ଫୋନ୍ ରଖିଥିବା ସମ୍ପର୍କରେ ଖବର ପାଇ ଜଗତପୁର ଥାନା ପକ୍ଷରୁ ଚଢ଼ଉ କରାଯାଇ ଅଭିଯୁକ୍ତ ମଙ୍ଗଳକୁ ପୁଲିସ ଗିରଫ କରାଯାଇଥିଲା। ତା' ନିକଟରୁ ୩୮ ଟି ମୋବାଇଲ ଫୋନ୍ ମଧ୍ୟରେ ୩୫ଟି ସ୍ମାର୍ଟ ଆଣ୍ଡ୍ରଏଡ୍ ଫୋନ୍ ଏବଂ ୩ଟି କୀ-ପ୍ୟାଡ୍ ଫୋନ୍ ବିଭିନ୍ନ ବ୍ରାଣ୍ଡର ରହିଥିଲା। ପୁଲିସ ଏହି ମୋବାଇଲ୍ ଫୋନ୍‌ର ମାଲିକାନା ଚିହ୍ନଟ କରୁଛି। ଏହି ଗ୍ୟାଙ୍ଗ୍‌ରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି, ପୁଲିସ ତଦନ୍ତ ଜାରି ରଖିଛି।

## ଜିଲ୍ଲାରୁ ୫.୭୩ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ

**କଟକ, ୩୧।୨(ସମିସ):** କଟକ ଜିଲ୍ଲାର ସମସ୍ତ ୧୪ଟି ବ୍ଲକର ଧାନ ଚାଷୀଙ୍କଠାରୁ ଆଜି ସୁଦ୍ଧା ୫ ଲକ୍ଷ ୭୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଗଲାଣି। ରାଜ୍ୟ ସରକାର ଏହି ଜିଲ୍ଲାରୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୧୨ ଲକ୍ଷ ୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଗତ ଜାନୁଆରୀ ୭ ତାରିଖଠାରୁ ସଦର ସବଡିଭିଜନରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଆଠଗଡ଼ ଓ ବାଙ୍କୀ ସବ ଡିଭିଜନରୁ ଗତ ଡିସେମ୍ବର ୨୬ ତାରିଖଠାରୁ ଧାନ କିଣା ଆରମ୍ଭ ପାଇଁ ଘୋଷଣା ହୋଇ ବିଳମ୍ବରେ ମଣ୍ଡି ଖୋଲିଥିଲା। ଏବେ ଜିଲ୍ଲାରେ ଖୋଲିଥିବା ୨୪୯ଟି ମଣ୍ଡି ଓ ୩ ଏସଏଚଜି ମାଧ୍ୟମରେ ଏହି ଧାନ କିଣା ଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୋଟ ୭୧ ହଜାର ୮୭୫ ରୁ ମାତ୍ର ୧୮ ହଜାର ଚାଷୀ ଧାନ ବିକ୍ରି କରିଛନ୍ତି।

## ଉଦ୍‌ଯାପିତ ହେଲା ତୃତୀୟ ବିଳାସୁଣୀ ମହୋତ୍ସବ




**କଟକ, ୩୧।୨(ସମିସ):** କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ତର୍ଗତ ବିଳାସୁଣୀ ଗ୍ରାମରେ ତିନିଦିନଧରିଚାଲିଥିବା'ତୃତୀୟବିଳାସୁଣୀ ମହୋତ୍ସବ' ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ଗୋପବନ୍ଧୁ ଏଭରଗ୍ରୀନ ଆଞ୍ଚଳିକ ଯୁବ ପରିଷଦ ଏବଂ 'ଭେଦା' ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି କ୍ରୀଡ଼ା ଓ ସାଂସ୍କୃତିକ ମହାକୁମ୍ଭରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ। ବିଳାସୁଣୀକୁ ଏକ ମଡେଲ ଗ୍ରାମରେ ପରିଣତ କରିବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି। ଏହି ବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲା ମହାଦେବ ମହାପାତ୍ର ସ୍ମାରକୀ ଆନ୍ତଃ ଜିଲ୍ଲା ଓ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ। ଏଥିରେ ପଶ୍ଚିମବଙ୍ଗ, ଝାଡଖଣ୍ଡ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୮ଟି ପ୍ରତିଷ୍ଠିତ ଦଳ ଭାଗ ନେଇଥିଲେ। ରୋମାଞ୍ଚକର ଫାଇନାଲ ମ୍ୟାଚରେ କଟକ ଟିମ୍ ଚାମ୍ପିଅନ ହୋଇଥିବା ବେଳେ ଖୋର୍ଦ୍ଧା ଟିମ୍ ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଛବି ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତିନି ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଶିଷ୍ଟ ଗାୟିକା ଇରା ମହାନ୍ତିଙ୍କ ସଙ୍ଗୀତ, ହାସ୍ୟ ଅଭିନେତା ପ୍ରଜ୍ଞା-ଶଙ୍କରଙ୍କ ଯୋଡ଼ିଙ୍କ କୌତୁକିଆ ଅଭିନୟ ଏବଂ ଓଲିଉଡ ତାରକା ଦୀପକ ବାରିକ, ରିଆ ଦେ, ତୃପ୍ତି ମୀରାମ୍ବିକା ଓ ପାୟଲ ପ୍ରିୟଦର୍ଶିନୀଙ୍କ ଉପସ୍ଥିତି ଉତ୍ସବକୁ ଦ୍ୱିଗୁଣିତ କରିଥିଲା। ସାଧନା କଳାକେନ୍ଦ୍ର ଓ ମା' କୁତାମଚଣ୍ଡୀ ନୃତ୍ୟ ଗ୍ରୁପର କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଆୟୋଜକ ତଥା 'ଭେଦା'ର ଅଧ୍ୟକ୍ଷ ଡଃ ବଦ୍ରିନାରାୟଣ ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଗୋପବନ୍ଧୁ ଏଭରଗ୍ରୀନ ପରିଷଦର ଅଧ୍ୟକ୍ଷ ଚକ୍ରଧର ରାଜ, ସଭାପତି ବିଷ୍ଣୁଚରଣ ଡାଲୁଆ ଏବଂ ସମ୍ପାଦକ ଲଲାଟେନ୍ଦୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଶୁଭାଶିଷ କର ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ'



**କଟକ, ୩୧।୨(ସମିସ):** ଶୁଭାଶିଷ କର ଥିଲେ ଏକାଧାରରେ ଜଣେ କ୍ରୀଡ଼ାବିତ୍, ସମାଜସେବୀ ଓ ପ୍ରକାଶକ। ସାଧାରଣ ଲୋକଙ୍କ ଦୁଃଖସୁଖରେ ସେ ନିଜକୁ ସମ୍ମିଳିତ କରିବା ସହ ସମାଜର ଉନ୍ନତି ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ। ଅକାଳରେ ତାଙ୍କ ବିୟୋଗ ଓଡ଼ିଶାର ସାମାଜିକ ଜୀବନରେ ଅଶେଷ କ୍ଷତି ସାଧନ କଲା ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କ୍ଲବ୍ ପରିସରରେ କ୍ରୀଡାବିତ୍ ଶୁଭାଶିଷ କରଙ୍କ ବିୟୋଗରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପ୍ରଫେସର ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆମେରିକାରେ ରହୁଥିବା ବିଶିଷ୍ଟ ଓଡ଼ିଆ ପ୍ରଫେସର ଡ. ଶୀତକଣ୍ଠ ଦାଶ, ସ୍ମୃତିରେ ଶୁଭାଶିଷ ପୁସ୍ତକକୁ ଉନ୍ମୋଚନ କରିଥିଲେ। ବିଧାୟକ ସୋଫିଆ ଫିର୍ଦୋଷ, କ୍ରୀଡା ପ୍ରଶାସକ ଆଶୀର୍ବାଦ ବେହେରା, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ଓଡ଼ିଶା କ୍ରିକେଟ ଆସୋସିଏସନର ସମ୍ପାଦକ ସଞ୍ଜୟ ବେହେରା, ବିଜେପି ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ଭାରତ ବିକାଶ ପରିଷଦର ପୂର୍ବକ୍ଷେତ୍ରର ସଭାପତି ସତ୍ୟବାଦୀ ଦାସ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚାନ୍ଦ, ଦେବୀପ୍ରସାଦ ଆଚାର୍ଯ୍ୟ, ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ସଚ୍ଚିଦାନନ୍ଦ ନାୟକ, ପ୍ରଦୀପ ମହାରଣା, ସୂର୍ଯ୍ୟ ମିଶ୍ର, ସୌମେନ୍ଦ୍ର ଦାସ, ସୁନାମଣୀ ରାଉତ, ସହଦେବ, ରାଉତ, ଜୀବନାନନ୍ଦ ଅଧିକାରୀ, ଗଜେନ୍ଦ୍ର ପାଣି, ଇଂ ପ୍ରମୋଦ ମିଶ୍ର ଓ ଡକ୍ଟର ବୈଜୟନ୍ତୀ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଡ. ପ୍ରଦୀପ୍ତ ପଣ୍ଡା ପବିତ୍ର ଗୀତା ପାଠ କରିଥିଲେ। ସମାଜସେବୀ ସୁକାନ୍ତ ପ୍ରସାଦ ନନ୍ଦ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। କର ପରିବାର ପକ୍ଷରୁ ଶିବାଶିଷ କର, ସ୍ନେହାଶିଷ କର, ସୁଜାତା କର, ଅସ୍ମିତା କର, ଅନୁପମା କର, ଆଲଭିନା, ଲଭଲୀନା, ଗୌରବ, ଜାଗୃତି, ସୌରଭ, ସାଇ ଶିବ, ଅଭିନବ ପ୍ରମୁଖ ପରିଚାଳନା କରିଥିଲେ।

## ମୋ କଟକ, ମୋ ଚିନ୍ତା: ବିଶ୍ୱଜିତ



**କଟକ, ୩୧।୨(ସମିସ):** ଜଣେ ଦୂରଦର୍ଶୀ ସମାଜସେବୀ ଭାବେ ରାଜନୀତିର କାଦୁଆଫିଙ୍ଗା ଚକ୍ରବ୍ୟୂହକୁ ଏଡ଼େଇ ଦେଇ ତାଙ୍କର ବାକି ମୂଲ୍ୟବାନ ସମୟ କଟକର ସାର୍ବଜନୀନ ବିକାଶ ତଥା କଟକିଆଙ୍କର ସବୁ ଅସୁବିଧାର ସମାଧାନ ପାଇଁ ନିଜକୁ ନିୟୋଜିତ ରଖିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଶ୍ୱଜିତ ମହାନ୍ତି। ତାଙ୍କ ପ୍ରତିଷ୍ଠିତ 'ମୋ କଟକ ମୋ ଚିନ୍ତା' ଅନୁଷ୍ଠାନ ମାଧ୍ୟମରେ କଟକରେ ବାସ କରୁଥିବା ସାହି ବସ୍ତିଠୁ ଆରମ୍ଭ କରି ସାଧାରଣ ଜନତାଙ୍କ ସେବା ପାଇଁ ସଂଗ୍ରାମ ଅହରହ ଜାରି ରଖିବେ ବୋଲି ସେ କହିଛନ୍ତି। ଏହାସହ ସ୍ୱାଭିମାନ ଓ ସାଲିସବିହୀନ ନୀତିକୁ ଆପଣେଇ ସେ ରାଜ୍ୟର ସର୍ବାଙ୍ଗୀନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ଦିନରେ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି।

## କଟକ ଅର୍ବାନ ହାଟରେ 'ମାଫିଆ' ରାଜ୍

# କବ୍‌ଜାରେ ପିଣ୍ଡି; ରାସ୍ତାରେ ଚାଷୀ ଓ ବ୍ୟବସାୟୀ

କଟକ, ୩୧।୨(ସମିସ)

କଟକ ସହରର ବ୍ୟବସାୟିକ ପ୍ରାଣକେନ୍ଦ୍ର କୁହାଯାଉଥିବା ଅର୍ବାନହାଟ ଏବେ ବିଶୃଙ୍ଖଳାର ପେଣ୍ଠସ୍ଥଳ ପାଲଟିଛି। କେନାଲ ରୋଡ୍ କଡ଼ରେ ବ୍ୟବସାୟ କରୁଥିବା କ୍ଷୁଦ୍ର ବ୍ୟବସାୟୀ ଓ ଚାଷୀଙ୍କ ସୁବିଧା ପାଇଁ ଏହି ପିଣ୍ଡି ନିର୍ମାଣ କରାଯାଇଥିଲେ ହେଁ, ଦୀର୍ଘ ୨ ବର୍ଷ ବିତିବା ପରେ ମଧ୍ୟ ଏହାର ସଠିକ୍ ଆବଣ୍ଟନ ହୋଇପାରି ନାହିଁ। ଫଳସ୍ୱରୂପ ସାଧାରଣ ବ୍ୟବସାୟୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ସରକାରୀ ସମ୍ପତ୍ତି ଏବେ ସ୍ଥାନୀୟ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅକ୍ତିଆରକୁ ଚାଲିଯାଇଛି। ପିଣ୍ଡି ଉପରେ ଏକାଧିକ ଡିପ୍ ଫ୍ରିଜ୍ ଓ କ୍ୟାବିନ୍ ପଡ଼ି ରହିଥିବା ବେଳେ ପ୍ରକୃତ ବ୍ୟବସାୟୀମାନେ ପେଟ ପାଟଣା ପାଇଁ ତାଳଦଣ୍ଡା କେନାଲ ରୋଡ୍ ଓ ଛତ୍ରବଜାର ରାସ୍ତା କଡ଼ରେ ବିପଦପୂର୍ଣ୍ଣ ଭାବେ ବସୁଛନ୍ତି।

ଅଭିଯୋଗ ହୋଇଛି ଯେ କଟକ ମହାନଗର ନିଗମ ପକ୍ଷରୁ ପିଣ୍ଡି ବଣ୍ଟନ ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ଏହି ପ୍ରଭାବଶାଳୀ ବ୍ୟକ୍ତିମାନେ ପିଣ୍ଡିଗୁଡ଼ିକୁ ନିଜ କବଜାରେ ରଖି ଅନ୍ୟମାନଙ୍କୁ ଭଡ଼ା ସୂତ୍ରରେ ଲଗାଉଛନ୍ତି। ଜଣେ



ବ୍ୟବସାୟୀଙ୍କୁ ପିଣ୍ଡିରେ ବସିବା ପାଇଁ ଦୈନିକ ପ୍ରାୟ ୨୨୮ ଟଙ୍କା ପର୍ଯ୍ୟନ୍ତ ଗଣିବାକୁ ପଡୁଛି। ଏଥିମଧ୍ୟରୁ ଜବରଦଖଲକାରୀ ଲୋକଙ୍କୁ ୧୫୦-୨୦୦ ଟଙ୍କା ଦେବାକୁ ପଡୁଥିବା ବେଳେ ସିଏମସିକୁ ୨୦ ଟଙ୍କା ଓ ପୂଜା କମିଟିକୁ ୮ଟଙ୍କା ଦେବାକୁ ହେଉଛି। ୟୁଜର୍ସ ଫି' ଆଦାୟ ନାଁରେ ଚାଲିଥିବା ଏହି ବେଆଇନ ମୂଲଚାଲ ଯୋଗୁଁ ଗରିବ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ଶୋଷଣର ଶିକାର ହେଉଛନ୍ତି। ଅର୍ବାନହାଟ ପିଣ୍ଡି ବ୍ୟବହାର ନ ହୋଇ ରାସ୍ତା ଉପରେ ବ୍ୟବସାୟ ହେଉଥିବାରୁ ଛତ୍ରବଜାର ଅଞ୍ଚଳରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ରାସ୍ତାରେ ମଇଳା ଆବର୍ଜନା ଜମା ହୋଇ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି। ପରିବା ଗାଡ଼ି ଓ ସାଧାରଣ ଲୋକଙ୍କ ଯିବାଆସିବା ସମୟରେ ରାସ୍ତା କଡ଼ରେ ବସୁଥିବା ବ୍ୟବସାୟୀମାନେ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ଆଶଙ୍କା ମଧ୍ୟରେ ରହୁଛନ୍ତି। ଏସବୁ ସତ୍ତ୍ୱେ ସିଏମସି କର୍ତ୍ତୃପକ୍ଷ କୌଣସି ଦୃଢ଼ ପଦକ୍ଷେପ ନେଉ ନ ଥିବା ଦେଖାଯାଇଛି।

ପିଣ୍ଡି ବଣ୍ଟନକୁ ନେଇ ଲାଗିରହିଥିବା ଏହି ବିବାଦର ଅନ୍ତ କେବେ ଘଟିବ, ତାହାକୁ ନେଇ ବ୍ୟବସାୟୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟେଣ୍ଡର ଜରିଆରେ ୟୁଜର୍ସ ଫି' ଆଦାୟ ବ୍ୟବସ୍ଥାକୁ ନେଇ ମଧ୍ୟ ଅନେକ ସନ୍ଦେହ ପ୍ରକଟ କରିଛନ୍ତି, ଯାହାକି ଭବିଷ୍ୟତରେ ବିଶୃଙ୍ଖଳାକୁ ଆହୁରି ବଢ଼ାଇବାର ସମ୍ଭାବନା ରହିଛି। ସ୍ଥାନୀୟ ବିଧାୟକ, ମେୟର ଓ କମିଶନର ମିଳିତ ଭାବେ ଏହି ସମସ୍ୟାର ସମାଧାନ କରି ପିଣ୍ଡିର ସ୍ୱଚ୍ଛ ଆବଣ୍ଟନ କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି। ଯଦି ତୁରନ୍ତ ବେଆଇନ କ୍ୟାବିନ୍ ଓ ଫ୍ରିଜ୍ ହଟାଇ ପିଣ୍ଡି ମୁକ୍ତ କରା ନ ଯାଏ, ତେବେ ଆଗାମୀ ଦିନରେ ବ୍ୟବସାୟୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

**ଆବଣ୍ଟନ ନ ଥିବାରୁ ଜବରଦଖଲକାରୀ ଆଦାୟ କରୁଛନ୍ତି ମୋଟା ଅଙ୍କର ଭଡ଼ା**

ସକାଳ
THE SAKALA



www.sakalaepaper.com



ରାୟଗଡ଼ାରେ ପଇଡ଼ ପିଇବାର ମଜା ନେଉଛନ୍ତି ଫ୍ରାନ୍ସ ପର୍ଯ୍ୟଟକ ପରିବାର

## ଗଛକୁ ଧକ୍କା ଦେଲା ଯାତ୍ରୀବାହୀ ବସ୍ ; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଏମ୍‌ଭି ୭୯, ୩।୨ (ସମିସ): ମାଲକାନଗିରି ଜିଲ୍ଲାରେ ଗଛକୁ ଧକ୍କା ଦେଇ ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗସ୍ତ ହୋଇଛି। ଯାତ୍ରୀମାନଙ୍କୁ ଅନ୍ୟ ଏକ ବସ୍‌ରେ ସ୍ଥାନାନ୍ତର କରାଯାଇ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ପରେ କ୍ଷତିଗ୍ରସ୍ତ ବସ୍‌ଟିକୁ ମାଲିକ ଦୁର୍ଘଟଣାସ୍ଥଳରୁ ବାହାର କରିଥିଲେ। ମା ବାଙ୍କେଶ୍ୱରୀ ଘରୋଇ ବସ୍‌ଟି ମୋଟୁରୁ ମାଲକାନଗିରି ଅଭିମୁଖେ ଆଜି ସକାଳ ପ୍ରାୟ ୭ଟା ସମୟରେ ଯାତ୍ରା କରୁଥିବା ବେଳେ ପୁସୁଗୁଡା ଠାରେ ଦୁର୍ଘଟଣା ଘଟିଛି। ସୌଭାଗ୍ୟବଶତଃ, କୌଣସି ଯାତ୍ରୀଙ୍କର କିଛି କ୍ଷୟକ୍ଷତି ହୋଇନାହିଁ। ଗାଡ଼ି ଚାଳକ କହିବା ଅନୁଯାୟୀ, ଆଉ ଏକ ବସ୍ ବିପରୀତ ଦିଗରୁ ଆସୁଥିବା ବେଳେ ହଠାତ୍ ଏକ ଗାଈ ରାସ୍ତାକୁ ଦୌଡ଼ି ଆସିବାରୁ ଗାଈକୁ ବଞ୍ଚାଇବାକୁ ଯାଇ ବସଟିକୁ ରାସ୍ତା କଡ଼କୁ ନେବା ବେଳେ ଗଛରେ ପିଟି ହୋଇଯାଇଥିଲା।

### ଆନ୍ଧ୍ର ବନଜାତ ଦ୍ରବ୍ୟ ସହାୟକ ଅଧିକାରୀଙ୍କ ଅନୁପ୍ରବେଶ

## କୋଟିଆ ତେନ୍ତୁଳିକୁ ଆନ୍ଧ୍ରକୁ ବିକିବାକୁ କହିଲେ



ପଟାଙ୍ଗି,୩।୨(ସମିସ): ଆନ୍ଧ୍ର ସରକାର କୋଟିଆ ପ୍ରତି ଲାଳସା ଛାଡ଼ି ପାରୁନଥିବା ଦେଖିବାକୁ ମିଳୁଛି।ପୁଣିଆଜିଆନ୍ଧ୍ରପ୍ରଦେଶର ବନଜାତ ଦ୍ରବ୍ୟ ସହାୟକ ଅଧିକାରୀ ମାନେ କୋଟିଆର ନେରେଡିୱାଲାସା ଗ୍ରାମରେ ଅନୁପ୍ରବେଶ କରିଥିଲେ। ନିକଟବର୍ତ୍ତି ଗ୍ରାମବାସୀଙ୍କୁ ଏକତ୍ରିତ କରିବା ସହ ଆନ୍ଧ୍ରକୁ କୋଟିଆରେ ଆଦାୟ ତେନ୍ତୁଳିକୁ ବିକିବା ନିମନ୍ତେ କହିଥିବା ଜଣାପଡିଛି।

ସୂଚନା ଅନୁଯାୟୀ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମ୍ ମାନ୍ୟମ ଜିଲ୍ଲା ଅନ୍ତର୍ଗତ ସାଲୁର ମଣ୍ଡଳ(ବ୍ଲକ)ର ବନଜାତ ଦ୍ରବ୍ୟ ସହାୟକ ବିଭାଗର ଅଧିକାରୀ ତଥା ଚୌଧୁରୀ ରାମୁଲୁଙ୍କ ନେତୃତ୍ୱରେ ତାଙ୍କର ଅଧିକାରୀଙ୍କ ସହ ମିଶି ଅନୁପ୍ରବେଶ କରିଥିଲେ। ସେ ନେରେଡିୱାଲାସା ଗ୍ରାମରେ ଧୂଳିପଦର, ଉପର ସେମ୍ବି, ତଳ ସେମ୍ବି ଏବଂ କୁମ୍ଭିମାଡା ଗ୍ରାମବାସୀଙ୍କୁ ଡାକି ଏକତ୍ରିତ କରିଥିଲେ। ଗ୍ରାମବାସୀଙ୍କୁ ଏକତ୍ରିତ କରିବା ସହ ଯେହେତୁ ପ୍ରତ୍ୟେକ ବର୍ଷ ଭଳି ବର୍ତ୍ତମାନ କୋଟିଆରୁ ଉକ୍ତ ସମୟରେ ବହୁଳ ମାତ୍ରାରେ ତେନ୍ତୁଳି ଅମଳ କରାଯିବ। ଉକ୍ତ ଅମଳ ତେନ୍ତୁଳି ଗୁଡ଼ିକୁ କେବଳ ଆନ୍ଧ୍ରକୁ ବିକିବା ନିମନ୍ତେ କହିଥିବା ଏବଂ କିଲୋ ପ୍ରତି ୩୬ ଟଙ୍କା ମୂଲ୍ୟ ପ୍ରଦାନ କରାଯିବ ବୋଲି କହିଥିବା ଜଣାପଡିଛି। ପ୍ରକାଶ ଥାଉକି ଗତ କିଛି ଦିନଧରି ଆନ୍ଧ୍ର ପ୍ରଦେଶ ଅନୁପ୍ରବେଶ ବଢିବା ସହ ଓଡ଼ିଶାର କାର୍ଯ୍ୟକ୍ରମ ଗୁଡ଼ିକୁ ଭଣ୍ଡୁର କରିବା ନିମନ୍ତେ ପ୍ରୟାସ ଆରମ୍ଭ କରାଯାଇଛି। କୋଟିଆ ପଞ୍ଚାୟତରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଗସ୍ତ ନେଇ କାର୍ଯ୍ୟକ୍ରମ ରହିଥିଲା। ଏଥିନେଇ ଉପର ସେମ୍ବି ଗ୍ରାମରେ ତମ୍ବୁ ଲଗାଇ ପ୍ରସ୍ତୁତି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ଲାଗିଥିବା ତମ୍ବୁ ଗୁଡ଼ିକୁ ଉପାଡ଼ି ଦେଇଥିଲା ଆନ୍ଧ୍ର। ହେଲେ ମଧ୍ୟ ଆନ୍ଧ୍ର ପ୍ରଶାସନର ଉକ୍ତ ଷଡ଼ଯନ୍ତ୍ରକୁ ଚାଲେଞ୍ଜ କରି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରବିବାର ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସଫଳ ହେବା ଦେଖି ଆନ୍ଧ୍ର ନୂତନ ଭାବେ ଉପର ସେମ୍ବି ଗ୍ରାମରେ ଆନ୍ଧ୍ର ପ୍ରଦେଶର ଜନସେନା ଦଳର ଜନପ୍ରତିନିଧି ଅନୁପ୍ରବେଶ କରିଥିଲେ। ଲୋକଙ୍କୁ ଉକ୍ତ ପ୍ରକଳ୍ପ କେବଳ ଖଣି ଖନନ ପାଇଁ ଓଡ଼ିଶା କରୁଛି ବୋଲି ଭୁତାଇ ଥିଲେ ଏବଂ ଆଗାମୀ ଦିନରେ ଉକ୍ତ ପ୍ରକଳ୍ପ ବିରୋଧରେ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର କରିବା ପାଇଁ ରାଜ୍ୟ ସରକାରଙ୍କୁ ଏକ ଚିଠି ଲେଖିବେ ବୋଲି ଲୋକଙ୍କୁ କହିଥିଲେ। ଏହାପରେ ପୁନର୍ବାର ଆନ୍ଧ୍ର ପ୍ରଦେଶର ପଞ୍ଚାୟତ ତଥା ସଚିବାଳୟର ଅଧିକାରୀ ମାନେ ଗତ ୨୯ ରିଖ ଦିନ ଉପର ସେମ୍ବି ଗ୍ରାମରେ ଅନୁପ୍ରବେଶ କରି ରାସନକାର୍ଡ ପ୍ରଦାନ କରିବା ନିମନ୍ତେ ସର୍ଭେ ଆରମ୍ଭ କରିଥିଲେ। ତାଙ୍କୁ କୋଟିଆ ପୋଲିସ ବିରୋଧ କରିବା ପରେ ସେମାନେ ଛତ୍ରଭଙ୍ଗ ଦେଇ ସେଠାରୁ ଫେରିଯାଇଥିଲେ।

## ନୂତନ ଅଧିକାରୀଙ୍କ ଯୋଗଦାନ

ତେନ୍ତୁଲିଖୁଣ୍ଟି,୩।୨(ସମିସ): ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନାରେ ନୂତନ ଥାନା ଅଧିକାରୀ ଭାବେ ବୀରେନ୍ଦ୍ର ବାଗ ଯୋଗ ଦେଇଛନ୍ତି । ଖାତିଗୁଡା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପ୍ରତି ବିଶେଷ ଦୃଷ୍ଟି ଦେବା



ସହ ଅପରାଧ ଶୂନ୍ୟ ଅଞ୍ଚଳ ପାଇଁ ପ୍ରାଥମିକତା ଦିଆଯିବ। ନେଇ ସୂଚନା ଦେଇଛନ୍ତି ଥାନା ଅଧିକାରୀ । ପୂର୍ବରୁ ସେ ବରଗଡ଼ ଜିଲ୍ଲା ପାଇକମାଳ ଥାନାରେ କାର୍ଯ୍ୟରତ ଥିଲେ। ସେଠାରୁ ବଦଳି କରି ଖାତିଗୁଡା ଥାନା ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଖାତିଗୁଡା ଥାନା ରେ ପୂର୍ବରୁ କାର୍ଯ୍ୟରତ ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରୀଙ୍କୁ ନବରଙ୍ଗପୁର ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଥିବା ସୂଚନା ମିଳିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା,୩।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ଆଦର୍ଶ ଅବକାରୀ ଥାନା ପୋଲିସ ୯କେଜି ୩୦୦ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଶିବ ବେସରା (୧୮) କୁ ଗିରଫ କରିଛି ଅବକାରୀ ପୁଲିସ। ଅଭିଯୁକ୍ତ ଯୁବକ ଶିବର ଘର କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ଲଣ୍ଡାଗାଁ ମୁଥାବାଲି ଗ୍ରାମରେ ବୋଲି ଜଣାପଡିଛି। ଜବତ ଗଞ୍ଜେଇର ବଜାରରେ ଆନୁମାନିକ ମୂଲ୍ୟ ୯୩ ହଜାର ଟଙ୍କା ହେବ। ରାୟଗଡ଼ା ଜିଲ୍ଲାରେ ବେଆଇନ ଗଞ୍ଜେଇ ଚୋରା ଚାଲାଣକୁ ରୋକିବା ପାଇଁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ.କୁମାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚଢ଼ଉ ଚାଲିଛି।

## କିଡ୍ସଗୀ ଇଂରାଜୀ ମାଧ୍ୟମ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ଗୁଣୁପୁର, ୩।୨(ସମିସ): ବିକ୍ରମପୁର ସ୍ଥିତ କିଡ୍ସଗୀ ପାରାଡାଇଜ୍ ପଡ଼ିଆରେ ବହୁ ଆଡମ୍ବର ଓ ଉତ୍ସାହର ସହ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡେପୁଟି କଲେକ୍ଟର ସୁବ୍ରତନାଥ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ଦେବାଶିଷ ପଣ୍ଡା, ଫାଉଣ୍ଡର ଓ ସିଇଓ, କ୍ଲାରା ସଫ୍ଟଟେକ, ନିଉ ଦିଲ୍ଲୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ସେହିପରି ଏସ.ଏସ.ସଦିକ୍ୟୁ, ଡିରେକ୍ଟର, ଉଲ୍ଟ୍ରାଟେକ୍ ସ୍ମାର୍ଟ ଏଜୁକେଶନ, ହାଇଦ୍ରାବାଦ ଓ କେ.ଏମ.ଦାସ, ଡେପୁଟି ମ୍ୟାନେଜର, ଆର୍ଯ୍ୟଭଟ ଏନସିଏଣ୍ଟ ଏକାଡେମୀ, ଖୋର୍ଦ୍ଧା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ଶତପଥୀ, ଡାଇରେକ୍ଟର ମୁରଲୀଧର ପଣ୍ଡା ଓ ଅଧ୍ୟକ୍ଷା ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟକ୍ଷା ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମହାପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ଶତପଥୀ 'ଗ୍ରୋନ' ଥିମ୍‌ର ଉଦ୍ଦେଶ୍ୟ ଓ ଶିକ୍ଷାର ସମଗ୍ର ବିକାଶ ଦୃଷ୍ଟିକୋଣକୁ ନେଇ ନିଜ ବକ୍ତବ୍ୟ ରଖିଥିଲେ। ଡାଇରେକ୍ଟର ମୁରଲୀଧର ପଣ୍ଡା ଉପସ୍ଥିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟି ସାମୂହିକ ସଭା, ସାମୁହିକ ମଧ୍ୟାହ୍ନ ଭୋଜନ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଥିଲା। ବାର୍ଷିକ କ୍ରୀଡା ଓ ବିଭିନ୍ନ ଏକାଡେମିକ୍ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା ସୁଶ୍ରୀ ଦେବଶ୍ରୀ ସାହୁ, ସୁଶ୍ରୀ ମନ୍ମିତା ମହାପାତ୍ର ଓ ସୁଶ୍ରୀ ଶାଶ୍ୱତୀ ମିଶ୍ର କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ଭାବେ ସମ୍ପନ୍ନ ହୋଇଥିଲା।

## ୟୁଜିସି ବିଲ୍ ସମର୍ଥନରେ ୧୦ ରେ ବାହାରିବ ରାଲି

ଲକ୍ଷ୍ମୀପୁର,୩।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଏସସି, ଏସଟି ସହ କିଛି ଓବିସି ୟୁଜିସି ବିଲ୍‌କୁ ସମର୍ଥ ଜଣାଇ ଏକ ରାଲି ବାହାର କରିବା ନେଇ ଏକ ପ୍ରସ୍ତୁତି ବୈଠକ ମିନି ଷ୍ଟାଡିୟମ୍ ଠାରେ ଆୟୋଜନ କରିଥିଲେ। କେନ୍ଦ୍ର ସରକାଙ୍କ ଏସ୍‌ସି, ଏସ୍‌ଟି, ଓବିସି, ମହିଳା, ବିକଳାଙ୍ଗ ମାନଙ୍କ ପାଇଁ ଯେଉଁ ବିଲ୍ ଆଣି ଥିଲେ ତାହା ସ୍ୱାଗତ ଯୋଗ୍ୟ। ଏହାକୁ ସୁପ୍ରିକୋର୍ଟ ରହିତାଦେଶ ଦେଇଛନ୍ତି । ତାକୁ ପୁନଃ ବିଲ୍ ପାସ୍ କରାଯିବାକୁ ସମର୍ଥନ କରି ଏକ ରାଲି ଲକ୍ଷ୍ମୀପୁର ସ୍ଥିତ ମିନି ଷ୍ଟାଡିୟମରୁ ବାହାର ରାଷ୍ଟ୍ରପତି, ପ୍ରଧାମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟ ତହସିଲଦାର ନୈବେଦ୍ୟ କୁମାର ଭୋଇଙ୍କ ଜରିଆରେ ପ୍ରଦାନ କରାଯିବା ନେଇ ସୁଚନା ଦେଇଛନ୍ତି। ଏହି ସମୟରେ ଆଦିବାସୀ ପ୍ରଗତିବାଦୀ ସମାଜର ସଭାପତି ତଥା ପୂର୍ବତନ ସାଂସଦ ଝିନ୍ ହିକକା, ସମ୍ପାଦକ ରାଧାଶ୍ୟାମ ଯାନୀ, କୋଷାଧ୍ୟକ୍ଷ ଆପାରାଓ ୱାଡେକା, ଡମ୍ ସମାଜର ସଭାପତି ବିଶ୍ୱଜିତ୍ ଗରଡ଼ା, ସମ୍ପାଦକ ବୁଲୁ ଖରା, ଉପଦେଷ୍ଟା ଇଷ୍ଟ ସଗରିଆ, ଗଦାଧର ବିଡ଼ିକା ଓ ଅନ୍ୟ ସଦସ୍ୟ ମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଓବିସି ସମାଜ ର ପରମେଶ୍ୱର ସାହୁ ମଧ୍ୟ ଏହି ବୈଠକରେ ଯୋଗ ଦେଇ ସମର୍ଥନ ଜଣାଇଥିଲେ। ପିପଲପଦର ପୂର୍ବତନ ସରପଞ୍ଚ ନାମଃ ମାଣ୍ଡିଙ୍ଗା, ଲକ୍ଷ୍ମୀପୁର ସରପଞ୍ଚ ଶ୍ୟାମସୁନ୍ଦର ତାଡିଙ୍ଗ ଉପସ୍ଥିତ ଥିଲେ। ସ୍ଥାନୀୟ ତଥା ଶ୍ରିବସ୍ତ ଖରା, ଲାବନ୍ୟ ବିଡ଼ିକା, ମଧୁ ହିଆଲ ଏବଂ କଂଗ୍ରେସର ଯୁବ ସଭାପତି ମଣ୍ଟୀ ଖରା ଓ ନବ ନିଯୁକ୍ତ ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ଶଙ୍କର ସାଉଁନ୍ତା ଉପସ୍ଥିତ ରହି ରାଲିକୁ ନେଇ ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା।

## ସହିଦ ଲକ୍ଷ୍ମଣ ନାୟକଙ୍କ ନାଁରେ ନାମିତ ହେଲା ସାଗରଗୁଡା ଛକ



କୁନ୍ଦୁରା,୩।୨ (ସମିସ): କୁନ୍ଦୁରା ସ୍ଥିତ ସାଗରଗୁଡା ଠାରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗ ଦେଇ ଶହୀଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଏହି ଅବସରରେ ସାଗରଗୁଡାଛକକୁ ଶହୀଦ ଲକ୍ଷ୍ମଣ ନାୟକ ଛକରେ ନାମିତ କରିଥିବା ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ଉପାଧ୍ୟକ୍ଷ ତରୁଣୀସେନ ବିଶୋଇ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ବିଡ଼ିଓ ପି ମନସ୍ୱିତା, ନବରଙ୍ଗପୁର ସାଂସଦ ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ ସମେତ ଗ୍ରାମବାସୀ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ଉ

ଜୟପୁର,୩।୨(ସମିସ): ଜୟପୁର ଅବକାରୀ ବିଭାଗ ପକ୍ଷରୁ ଦୁଇଦିନ ମଧ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ଚଢଉ କରାଯାଇ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଗତକାଲି ଜୟପୁର ସଦରଥାନା ଅନ୍ତର୍ଗତ ଟାଙ୍କୁଗୁଡା ଠାରୁ ରଣ୍ଡାପାଲି ମଦ ଚାଲାଣ କରୁଥିବା ବେଳେ ଅବକାରୀ ପୁଲିସ ରଣ୍ଡାପାଲି ନିକଟରେ ବଳରାମ ହରିଜନଙ୍କୁ ଗିରଫ କରିବା ସହିତ ୬ଲିଟର ବିଦେଶୀ ମଦ ଜବତ କରିଛନ୍ତି। ସାନକାଉଡ ଗ୍ରାମରେ ବିପ୍ର ବଳଙ୍କୁ ଗିରଫ କରାଯାଇ ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ଆଜି ଜୟପୁର ସଦରଥାନା କଣ୍ଟାପୁଟ ଗ୍ରାମକୁ ଦେଶୀ ମଦ ଚାଲାଣ ବେଳେ ନୂଆଗୁଡା ନିକଟରେ ଜୁଲି ପୂଜାରୀ ଏବଂ ଭିନ୍ନ ଭିନ୍ନ ସ୍ଥାନ ଉପରେ ଚଢଉ କରାଯାଇ ତ୍ରିନାଥ ବାଘ, ଦିଲୀପ ହରିଜନ, ପୃଷ୍ଟି ମୁଦୁଲିଙ୍କ ଠାରୁ ମୋଟ ୩୭ ଲିଟର ଦେଶୀ ମଦ ସହ ଏକ ବାଇକ୍‌କୁ ଜବତ କରିଥିବା ଅବକାରୀ ଅଧିକାରୀ ସୁବ୍ରତ ହିରଣ ସୂଚନା ଦେଇଛନ୍ତି।

## ନୂତନ ଥାନାଧିକାରୀଙ୍କ ଯୋଗଦାନ



କୋଷାଗୁମୁଡା,୩।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସଦର ମହକୁମା ସ୍ଥିତ ଥାନାରେ ନୂତନ ଭାବେ ଶ୍ରୀମତୀ ବଙ୍ଗୀ ଥାନାଧିକାରୀ ଭାବେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ନବରଙ୍ଗପୁର ସଦରରେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ କୋଷାଗୁମୁଡା ଥାନା ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଅସାମାଜିକ କାର୍ଯ୍ୟକଳାପକୁ ସୁଧାରିବେ ବୋଲି ସେ କହିଛନ୍ତି। କୋଷାଗୁମୁଡା ପ୍ରେସ କ୍ଲବର ସାମ୍ବାଦିକ ମାନେ ଶ୍ରୀମତୀ ବଙ୍ଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେଭଳି ପୂର୍ବତନ ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ଥାନାଧିକାରୀ ଶ୍ରୀ ନାୟକ ପାପଡାହାଣ୍ଡି ଥାନାକୁ ବଦଳି ହୋଇଛନ୍ତି। ବର୍ତ୍ତମାନ ନୂତନ ଥାନାଧିକାରୀଙ୍କୁ ଥାନାର ସମସ୍ତ ଏସଆଇ,ଏଏସଆଇ, କନେଷ୍ଟବଳ ଓ ହୋମଗାର୍ଡ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

## କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଦାବିପତ୍ର

ଜୟପୁର,୩।୨(ସମିସ): ଜିଲ୍ଲା କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ତୁରନ୍ତ ଧାନ ମଣ୍ଡିରୁ ଧାନ ଉଠାଇବା ନିମନ୍ତେ ମିଲର୍ସ "ମାସ' ଓ "ସାସ୍'ପ୍ରଦାନ କରିବା, ଜିଲ୍ଲାର ବିଭିନ୍ନ ମଣ୍ଡିରେ "ମାସ୍' ଓ "ସାସ୍' ନଥିବା ଯୋଗୁଁ ଲକ୍ଷାଧିକ କ୍ୱିଣ୍ଟାଲ ଧାନ ବିଭିନ୍ନ ମଣ୍ଡିରେ ପଡି ରହିଛି ଏବଂ ଚାଷୀଙ୍କ ଟୋକନ କିଭଳି ଆସିବ ତାହାର ବ୍ୟବସ୍ଥା କରାଯାଉ ନାହିଁ। ମଣ୍ଡିରୁ ଚାଷୀଙ୍କ



ଅସହାୟତାର ସୁଯୋଗ ନେଇ ମିଲର୍ସମାନେ କଟନୀ ଛଟନୀ ମାଧ୍ୟମରେ କ୍ୱିଣ୍ଟାଲ ପିଛା ୫ରୁ ୧୫ କେଜି ପର୍ଯ୍ୟନ୍ତ ଅଧିକ ଦାବି କରୁଛନ୍ତି। ଏହିପରି ପରିବହନ, ହ୍ୟାଣ୍ଡେଲିଂ ବାବଦକୁ ଖର୍ଚ୍ଚ ଏବଂ ଖାଲି ଅଖା ବସ୍ତା ଟଙ୍କା ଦିଆଯାଉ ବୋଲି ଦାବି କରିଛନ୍ତି। ତେଣୁ ଏହାର ଏକ ନିରପେକ୍ଷ ତଦନ୍ତ କରିବା ସହିତ ଚାଷୀଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କୃଷକ କଲ୍ୟାଣ ମଞ୍ଚ ଜିଲ୍ଲ ଶାଖା ସମ୍ପାଦକ ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଚାଷୀ ସନ୍ଧାର୍ଥ ତ୍ରିପାଠୀ, ସଞ୍ଜୟ ବେହେରା, ବିଧୁଭୂଷଣ ତ୍ରିପାଠୀ, ରଣେନ୍ଦ୍ର ପ୍ରସାଦ ହୋତା, ପୂର୍ଣ୍ଣଚନ୍ଦ୍ର ନାୟକ, ପି.ଭେଙ୍କଟ ପାଲ୍ଲିରାଜୁ, ରାଜେନ୍ଦ୍ର ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

## ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଡାବୁଗାଁ ଗସ୍ତ

ଡାବୁଗାଁ, ୩।୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ଗସ୍ତ କରି ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଯାଇଥଇଲେ। ମନ୍ତ୍ରୀ ବିଦ୍ୟାଳୟ ପରିସରରେ ପହଞ୍ଚି ଶିକ୍ଷାର ଗୁଣମାନ, ପାଠପଢ଼ା ପରିବେଶ ଏବଂ ଶିକ୍ଷକ-



ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶିଶୁମାନଙ୍କୁ ଶିକ୍ଷା ସହିତ ସଂସ୍କାର, ଶୃଙ୍ଖଳା ଓ ନୀତିମୂଲ୍ୟର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି ଗସ୍ତ ସମୟରେ ବିଡିଓ ସମୀର ପାତ୍ର, ତହସିଲଦାର ଗୀତା ମୁର୍ମୁ, ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ, ଡାବୁଗାଁ ବ୍ଲକ ଭାଜପାର କାର୍ଯ୍ୟକର୍ତ୍ତା ମାନେ ବିଜେପି ଜିଲ୍ଲା ସମ୍ପାଦକ ଜେ. ରାଜଶେଖର ରାଓ, ମହେଶ ପାତ୍ରଙ୍କ ସହ ଅନେକ ଜନପ୍ରତିନିଧି, ଅଭିଭାବକ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ଚୌଧୁରୀ, ଗୁରୁମା ଗୁରୁଜୀଙ୍କ ସହ ଛାତ୍ରୀଛାତ୍ର ମାନେ ଉପସ୍ଥିତି ଥିଲେ।

## ନଦୀରେ ପଡ଼ି ବୃଦ୍ଧା ମୃତ

ଲକ୍ଷ୍ମୀପୁର,୩।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ପିପଲପଦର ପଞ୍ଚାୟତର ବାରିଗାଁର ଲବୀନ ମିଣିଆକା (୬୦) ନିଜ ପୋଢ ଖୋଜିବାକୁ ଯାଇ କାଦୁଅରେ ଗୋଡ଼ ଖସି ନଦୀରେ ପଡ଼ି ମୃତ୍ୟୁବରଣ କରିଥିଲେ। ପୁଲିସ୍ ଓ ଗାଁ ଲୋକଙ୍କ ସହାୟତାରେ ମଙ୍ଗଳବାର ନଦୀରୁ ଶବ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ସୁଜ୍ଞାନୀ ସାହୁ କହିଛନ୍ତି। ସରକାରୀ ସହାୟତା ପାଇଁ ପୂର୍ବତନ ସରପଞ୍ଚ ନାମଃ ମାଣ୍ଡିଙ୍ଗା ଦାବି କରିଛନ୍ତି।

## 'ହାଲ୍ ବିସ୍ଥାପିତଙ୍କୁ ପୁନଃ ବିସ୍ଥାପନ ପାଇଁ ବୁଲଡୋଜର୍ ରାଜ୍'

### ରାଜ୍ୟ ତଥ୍ୟାନୁସନ୍ଧାନୀ ଟିମ୍‌ର ନିନ୍ଦା



କୋରାପୁଟ,୩।୨(ସମିସ): ସୁନାବେଡ଼ାରେ ହିନ୍ଦୁସ୍ଥାନ ଏରୋନେଟିକ୍ ଲିମିଟେଡ (ହାଲ୍) ପ୍ରତିଷ୍ଠା ପାଇଁ ୨୦ରୁ ଅଧିକ ଗାଁକୁ ବିସ୍ଥାପିତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ଥଇଥାନ କରିବା ପରିବର୍ତ୍ତେ ଅନ୍ୟାୟ ଭାବେ ବୁଲଡୋଜର୍ ରାଜ୍ ଜରିଆରେ ଗତ ୨୧ ଜାନୁଆରୀରେ ପୁନଃ ବିସ୍ଥାପନ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ବୋଲି ଘଟଣାର ଅନୁଧ୍ୟାନ କରିବାକୁ ଆସିଥିବା ଏକ ରାଜ୍ୟ ତଥ୍ୟାନୁସନ୍ଧାନୀ ଟିମ୍‌ର ପ୍ରତିନିଧିମାନେ ଏକ ସାମ୍ବାଦିକ ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଅତିଥି ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଲୋକଶକ୍ତି ଅଭିଯାନର ରାଜ୍ୟ ସଭାପତି ପ୍ରଫୁଲ୍ଲ ସାମନ୍ତରା, ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ୍, ଜନ ଆନ୍ଦୋଳନ ମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ ତଥା ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ଗବେଷକ ସନ୍ଦୀପ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଗୁପ୍ତେଶ୍ୱର ପାଣିଗ୍ରାହୀ ଯୋଗଦେଇ କ୍ଷତିଗ୍ରସ୍ତ ୬ ଟି ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ବୁଲଡୋଜର୍ ରାଜ୍ ନୀତିର ଉଚ୍ଛେଦ ପାଇଁ ଦାବି କରିଥିଲେ। ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ୨୧ ତାରିଖ ସକାଳୁ ଲୋକମାନେ ନିଦରୁ ଉଠିବା ପୂର୍ବରୁ ହାଲ୍‌ର ନିରାପତ୍ତା ବାହିନୀ, ତହସିଲଦାର ଓ ପୁଲିସ ବୁଲଡୋଜର୍ ନେଇ ତାଲାପୁଟ ଗାଁର ଚୈତନ୍ୟ ବୁରୁଡି, କମଲୁ ଖିଲୋ, ରଘୁ କିଣ୍ଡବୁଡି, ହରିବନ୍ଧୁ ଖିଲୋ, ମଙ୍ଗଳା ଦେଉଳପଡିଆ, ଭାସ୍କର ମାଛ ଙ୍କ ଘରକୁ ବଳପୂର୍ବକ ଭାଙ୍ଗି ଦେଇଥିଲେ ଓ ସେମାନଙ୍କର ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ କରିଦେଇଥିଲେ। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ସେମାନେ ବୁଲଡୋଜର୍ ରାଜ୍ ବନ୍ଦ ହୋଇଥିଲା। ଚୈତନ୍ୟ ବୁରୁଡିଙ୍କ ୫ ଦିନର ଶିଶୁର ନାମକରଣ ଉତ୍ସବ ପାଇଁ ରଖାଯାଇଥିବା ସାମଗ୍ରୀ ନଷ୍ଟ ହୋଇଥିବା ବେଳେ ଓ ଅଢ଼େଇ ଲକ୍ଷ ଟଙ୍କା, ସୁନାଗହଣା ଲୁଟ ହୋଇଛି ବା ହଜି ଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ମଙ୍ଗଳା ଦେଉଳଗାଡିଆଙ୍କ ଦୁଇ ଝିଅ ଅନିତା ଓ ସୁନିତା ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ସେମାନଙ୍କର ଚାଉଳ କଳ ଚାଲୁଥିବା ବେଳେ ଭାଙ୍ଗି ଦିଆଯାଇଛି ଓ ଦେଢ଼ ଲକ୍ଷ ଟଙ୍କା ଓ ସୁନାଗହଣା ଲୁଟି ନିଆଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଦୁର୍ଭାଗ୍ୟଜନକ ତଥା ନିନ୍ଦନୀୟ ଘଟଣାର ଉପଯୁକ୍ତ ତଦନ୍ତ, ସମସ୍ତ ବିସ୍ଥାପିତ ପରିବାରଙ୍କୁ ଜମି ଅଧିଗ୍ରହଣ ଆଇନ୍- ୨୦୧୩ ଅନୁଯାୟୀ ଉପଯୁକ୍ତ ଭାବରେ ପୁନର୍ବାସ ଓ କ୍ଷତିପୂରଣ ସହ ଥଇଥାନ କରିବା, ବଳପୂର୍ବକ ଭାଙ୍ଗି ଦିଆଯାଇଥିବା ୬ଟି ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଏପରି ବେଆଇନ୍ ପଦକ୍ଷେପ ନେଇଥିବା ସରକାରୀ ପଦାଧିକାରୀ ଓ ହାଲ୍ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ସେମାନେ ଦାବି କରିଛନ୍ତି।

### ■ ମେଡିକାଲ ପ୍ରଶାସନିକ ଅଧିକାରୀଙ୍କ ଦବଙ୍ଗଗିରି !

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ କର୍ମଚାରୀ



କୋରାପୁଟ,୩।୨(ସମିସ): ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲର ପ୍ରଶାସିକାଙ୍କ ମନମୁଖି କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିଚାଲିଛି। ମେଡିକାଲ କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରି ନ୍ୟାୟ ପ୍ରଦାନ ନିମିତ୍ତ ପାରା ମେଡିକାଲ ଷ୍ଟାଫ ଓ ନର୍ସିଂ ଅଫିସର ମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନିକ ଅଧିକାରୀ ( ରେଜିଷ୍ଟର ଆଡମିନ) ୨୦୨୩ ମସିହାରୁ ମେଡିକାଲରେ ନୂତନ ଭାବେ ମେଡିକାଲରେ ଯୋଗଦାନ ପରଠାରୁ ବିଭିନ୍ନ ସମୟରେ ପାରା ମେଡିକାଲ ଓ ନର୍ସିଂ ଅଫିସର ମାନଙ୍କୁ ସୋ କଜ୍ ନୋଟିସ ଦେଇ ପାରା ମେଡିକାଲ ଓ ନର୍ସିଂ ଅଫିସର ମାନଙ୍କୁ ମାନସିକ ନିର୍ଯାତନା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ନିଜ କ୍ଷମତାର ଦୁରୁପଯୋଗ କରି ମେଡିକାଲ ଅଧିକ୍ଷକଙ୍କ ପ୍ୟାଡ ବ୍ୟବହାର କରି ଅଧିକ୍ଷକଙ୍କ ଅଜ୍ଞାତରେ କର୍ମଚାରୀ ମାନଙ୍କୁ ସୋ କଜ ନୋଟିସ ଦେଉଥିବା ନର୍ସିଂ ଅଫିସର ଆସୋସିଏସନ କୋରାପୁଟ ଶାଖାର ସାଧାରଣ ସମ୍ପାଦକ କୁଳମଣୀ ସାହୁ କହିଛନ୍ତି। ଏ ସଂକ୍ରାନ୍ତରେ ଅଧୀକ୍ଷକଙ୍କୁ ଅଭିଯୋଗ କରାଯିବାରେ ସେ କିଛି ଜାଣି ନାହାନ୍ତି, ତାଙ୍କ ଅଜାଣତରେ ଏ ସବୁ ହେଉଛି ବୋଲି କହିଛନ୍ତି। 'ମୋ ଇଚ୍ଛା ଯାହା ହବ ମୁଁ କରିବି ମୁଁ କାହାକୁ ଡରୁନି ଏପରିକି ଜିଲ୍ଲାପାଳ ମଧ୍ୟ ମୋର କିଛି କରିପାରିବେନି' ବୋଲି ପ୍ରଶାସନିକ ଅଧିକାରୀ କହୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଦରମାକୁ ପୁନର୍ବାର ଟ୍ରେଜେରିକୁ ରିଫଣ୍ଡ କରିବାକୁ ନୋଟିସ ଦେଉଥିବା ସେ ଗୁରୁତର ଅଭିଯୋଗ କରିଛନ୍ତି। ଇନକ୍ରିମେଣ୍ଟ, ଡିଏ, ଏରିଅର ଓ ଅପଗ୍ରେଡେସନ ଆଦି ନକରି କେବଳ ବିଭିନ୍ନ ସମୟରେ ସୋ କଜ୍ ନୋଟିସ ମିଳୁଛି ବୋଲି ସେ କହିଛନ୍ତି। ପ୍ରଶାସନିକ ଅଧିକାରୀଙ୍କୁ ବହିଷ୍କାର କରିବାକୁ ସେମାନେ ଦାବି କରିଛନ୍ତି। ଯଦି ଦାବି ପୂରଣ ନ ହୁଏ ୮ ତାରିଖ ଦିନ ଧାରଣାରେ ବସିବା ସହିତ ୯ ତାରିଖ ଠାରୁ ରୋଗୀ ସେବା ବନ୍ଦ କରିଦେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନର୍ସିଂ ଅଫିସର ଆସୋସିଏସନ କୋରାପୁଟ ଶାଖାର ସଭାପତି ରାଜଲକ୍ଷ୍ମୀ ପ୍ରଧାନଙ୍କ ସମେତ ଶତାଧିକ ପାରା ମେଡିକାଲ ଓ ନର୍ସିଂ ଅଫିସର ଉପସ୍ଥିତ ଥିଲେ।

### ରୋଗୀ ସେବା ବନ୍ଦ କରିବାକୁ ଚେତାବନୀ

## ପ୍ରଧାନଶିକ୍ଷକଙ୍କ ମନମାନିରୁ ଉତ୍ତେଜନା

● ସ୍କୁଲ ଫାଟକରେ ତାଲା ପକାଇ ଧାରଣା



ମୁରିବାହାଲ, ୩।୨(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗଁରେଇ ପଞ୍ଚାୟତର ଫଟାମୁଣ୍ଡା ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଗ୍ରାମବାସୀ ତାଲା ମାରି ଧାରଣା ଦେଇଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁସାରେ ପ୍ରଧାନ ଶିକ୍ଷକ ଚତୁର ବାଗ ସ୍କୁଲରେ ମନମୁଖୀ କାର୍ଯ୍ୟ କରୁଛନ୍ତି। ବର୍ଷ ବର୍ଷ ଧରି ସ୍କୁଲ ପରିଚାଳନା କମିଟିକୁ ନିଜ ଇସାରାରେ ପରିଚାଳନା କରୁଛନ୍ତି। ଶିଶୁ ସେବିକା ନିଯୁକ୍ତିରେ ବ୍ୟାପକ ଅନିୟମିତତା କରିଛନ୍ତି। ଗତ ୨୧ ତାରିଖ ଦିନ ଫଟାମୁଣ୍ଡା ଗ୍ରାମବାସୀ ମୁରିବାହାଲ ବିଇଓ ଅଫିସରେ ଏକ ଦାବିପତ୍ର ଦେଇଥିଲେ; ହେଲେ ତଦନ୍ତ ହେଲାନି। ଏଣୁ ଗେଟରେ ତାଲା ମାରି ସ୍କୁଲ ସମ୍ମୁଖରେ ଧାରଣାରେ ବସିଛନ୍ତି ବୋଲି ଗ୍ରାମବାସୀ କହିଥିଲେ। ମୁରିବାହାଲ ବିଇଓ ଶାନ୍ତନୁ ପଡ଼ିଆରୀ ଏବଂ ପୁଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ନୂତନ ସ୍କୁଲ ପରିଚାଳନା କମିଟି ଗଠନ କରାଯିବ। ଏହା ପରେ ଶିଶୁ ସେବିକା ନିଯୁକ୍ତିକୁ ଅନୁମୋଦନ ଦିଆଯିବ ବୋଲି ବିଇଓ ପ୍ରତିଶ୍ରୁତି ଦେବାପରେ ଲୋକେ ଧାରଣାରୁ ଓହରିଥିଲେ। ଅନ୍ୟପକ୍ଷେ ଏ ନେଇ ପ୍ରଧାନ ଶିକ୍ଷକ ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ତାଙ୍କୁ ବଦନାମ କରାଯାଉଛି ବୋଲି କହିଛନ୍ତି।

# ଚରମସୀମାରେ ଅବ୍ୟବସ୍ଥା ଓ ଅନିୟମିତତା



● ବେପାରୀଙ୍କୁ ଧାନ ଟେକିଦେଲେ ଛୋଟଚାଷୀ
● ବଡ଼ ଚାଷୀଙ୍କ ଧାନବିକ୍ରି ଆଶା ମଉଳୁଛି
● ବେପାରୀ, ମିଲର ଓ ପେକ୍ସ ସମ୍ପାଦକଙ୍କ ମଧୁଚନ୍ଦ୍ରିକା
● ଯୁଆଡେ ଦେଖିଲେ ଶହ ଶହ ବସ୍ତା ଧାନ
● ମିଲର ଗୋଦାମ ଓ ବିଭାଗୀୟ ଟାର୍ଗେଟ ପୂରିଲାଣି

ବଲାଙ୍ଗିର, ୩।୨(ସମିସ)

ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷ ଧାନକିଣା ଅବ୍ୟବସ୍ଥା ଚରମସୀମାରେ ପହଞ୍ଚିଛି। ପର୍ଯ୍ୟାୟକ୍ରମେ ଅନେକ ଅବ୍ୟବସ୍ଥା ଓ ଅନିୟମିତତାର ଚିତ୍ର ସାମ୍ନାକୁ ଆସିଛି। ବର୍ତ୍ତମାନ ଧାନକିଣାର ଆଉ ଏକ ସାଂଘାତିକ ସ୍ଥିତି ସାମ୍ନାକୁ ଆସିଛି। ଧାନକିଣା ଅବ୍ୟବସ୍ଥା ମାଡ଼ରେ ଛୋଟଚାଷୀ, ଭାଗଚାଷୀ ଧାନ ବିକିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କ୍ୱିଣ୍ଟାଲ ପ୍ରତି ୨ ହଜାର ଟଙ୍କାରୁ କମ୍ ଦରରେ ବେପାରୀ ହାତକୁ ଟେକିଦେଇଥିବା ବଡ ଚାଷୀ ଧାନ ବିକି ନ ପାରି କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ କରିଛନ୍ତି। ମାସ ମାସ ଧରି ବଡ଼ ଚାଷୀଙ୍କ ଧାନ ଗୋଦାମରେ ମୂଷା ଖାଇବାକୁ ବସିଛି। ଅନେକ ଚାଷୀ ପ୍ରଥମ ଟୋକନ ଧାନ ବି ବିକିପାରିନାହାନ୍ତି। ତେବେ ସେମାନେ ଆଉ କେତେ ଧାନ ବିକିବେ, ଧାନ ବିକିପାରିବେ ନା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

ବଲାଙ୍ଗିର ଜିଲ୍ଲାର ପ୍ରାୟ ସବୁ ମଣ୍ଡିରେ ଶହ ଶହ ବସ୍ତା ଧାନ ପଡ଼ିରହିଛି। ଧାନକିଣା ଟାର୍ଗେଟ ମଧ୍ୟ ସରିବାକୁ ବସିଲାଣି। ପ୍ରାୟ ୯୦ ପ୍ରତିଶତ ଟାର୍ଗେଟ ସରିଯାଇଛି। ଆଉ ମାତ୍ର ୧୦ ପ୍ରତିଶତ ଟାର୍ଗେଟ ରହିଛି। ବାସ୍ତବରେ କିନ୍ତୁ ଏବେ ବି ଅନେକ ଚାଷୀଙ୍କ ଧାନ ବିକ୍ରି କରିବା ପାଇଁ ଟୋକନ ଆସିନାହିଁ। ଗୋଟିଏ ପଟେ ପ୍ରଶାସନ ସବୁ ଠିକଠାକ ଚାଲିଥିବା କହୁଛି। ଅନ୍ୟପଟେ ପ୍ରତ୍ୟେକ ମିଲର ପାଖରୁ ସରକାରୀ ଦଳର ନେତାଙ୍କୁ ଟନ୍ ପ୍ରତି ଚାନ୍ଦା ଯାଉଥିବା ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ବରଗଡ଼ ଚାଷୀ ସମାବେଶରେ କହିଛନ୍ତି; ଯାହାକି ବଲାଙ୍ଗିର ଜିଲ୍ଲାରେ ଶତ ପ୍ରତିଶତ ସତ ବୋଲି ଆଲୋଚନା ହେଉଛି। ବିଭାଗୀୟ ସୂଚନା ଅନୁସାରେ ଚଳିତ ବର୍ଷ ଧାନ ବିକିବା ପାଇଁ ପ୍ରାୟ ୧ ଲକ୍ଷ ୫ ହଜାର ଚାଷୀ ପଞ୍ଜିକରଣ କରିଥିଲେ। ସେମାନଙ୍କୁ ମଧ୍ୟରୁ ପ୍ରାୟ ୧ ଲକ୍ଷ ଚାଷୀଙ୍କୁ ଟୋକନ ଦିଆଯାଇଥିବା ଯୋଗାଣ ବିଭାଗର ଅଧିକାରୀ ପୂର୍ବରୁ ସୂଚନା ଦେଇଛନ୍ତି। କିଛି ଦିନ ପୂର୍ବରୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସୂଚନା କ୍ରମେ ପ୍ରାୟ ୪୨ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଟାର୍ଗେଟ ରହିଥିବା ବେଳେ ଏହା ପାଖାପାଖି ସରିବାକୁ ବସିଲାଣି। ବାସ୍ତବରେ କିନ୍ତୁ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଯେଉଁ ମଣ୍ଡିକୁ ଦେଖିଲେ ଧାନ ବସ୍ତା ବସ୍ତା ପଡ଼ିରହିଛି। ଯଦି ଚାଷୀ ବିକ୍ରି କରିଛନ୍ତି ତେବେ ପଡ଼ିଥିବା ଧାନ କାହାର ତାହା ବଡ଼ ପ୍ରଶ୍ନ। ଅଭିଯୋଗ ଅନୁସାରେ ଚଳିତ ବର୍ଷ ଧାନକିଣାରେ ଅବ୍ୟବସ୍ଥା, ବିଳମ୍ବ ହେବାରୁ ଅନେକ ଛୋଟଚାଷୀ ଓ ଭାଗଚାଷୀ ବେପାରୀ ହାତକୁ ଧାନ ଟେକି ଦେଇସାରିଛନ୍ତି। ବର୍ତ୍ତମାନ ସୁଦ୍ଧା ତାହା ମିଲର ଗୋଦାମରେ ମହଜୁଦ ରହିଛି। ଯାହା କି ମିଲର ଓ ପେକ୍ସ ସମ୍ପାଦକ ମିଶି ମିଥ୍ୟା ଏଣ୍ଟ୍ରି କରିସାରିଛନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ବଡଚାଷୀଙ୍କ ଧାନ ବିକ୍ରି ହେବ କେମିତି। ଉଦାହରଣ କନ୍ଦାପୁରୀ ପେକ୍ସ ଅଧୀନରେ ଥିବା ଦୁମଦୁମି ଗାଁର ଚାଷୀ ଲକ୍ଷ୍ମୀକାନ୍ତ ଥାଟି। ଜମି ପରିମାଣ ଅନୁସାରେ ତାଙ୍କର ୩ଶହ କ୍ୱିଣ୍ଟାଲ ପାଇଁ ଟୋକନ ଜେନେରେଟ ହୋଇଛି। କିନ୍ତୁ ସରକାରୀ ବିଧିବ୍ୟବସ୍ଥା ଅନୁସାରେ ଗୋଟିଏ ଟୋକନରେ ସେ ମାତ୍ର ୭୫ କ୍ୱିଣ୍ଟାଲ ଧାନ ବିକ୍ରି କରିପାରିବେ। ଏହି ଅନୁସାରେ ସେ ୪ଟି ଟୋକନରେ ଧାନ ବିକିବା କଥା; କିନ୍ତୁ ଦୁର୍ଭାଗ୍ୟ ଆଜି ପର୍ଯ୍ୟନ୍ତ ଗୋଟିଏ ଟୋକନର ବି ଧାନ ସେ ବିକିନାହାନ୍ତି। ପ୍ରାୟ ୨ ମାସରୁ ଅଧିକ ହେଲା ସେ ଧାନ ଅମଳ କରିଛନ୍ତି। ବର୍ତ୍ତମାନ ମୂଷା ନଷ୍ଟ କରିସାରିଲେଣି। ଏମିତିରେ ଚାଷୀର ଦୁଃଖ ସହଜରେ ଅନୁମାନ କରାଯାଇପାରିବ। ଏହିଭଳି ଜିଲ୍ଲାରେ ଶତାଧିକ ବଡ଼ଚାଷୀ ରହିଛନ୍ତି; ଯେଉଁମାନେ ଗୋଟିଏ ବି ଟୋକନରେ ଧାନ ବିକିନାହାନ୍ତି। ବିଭାଗ କିନ୍ତୁ ଟୋକନ ଦେଇ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଛି। ଚାଷୀ ମଣ୍ଡିରେ ଧାନ ବିକୁ କି ନ ବିକୁ ତାଙ୍କର କିଛି ଯାଏ ଆସେ ନାହିଁ। ଯଦି ଚାଷୀଙ୍କୁ ବ୍ୟବସ୍ଥିତ ଢଙ୍ଗରେ ଟୋକନ ଦିଆଯାଇଥିଲା ତେବେ କେମିତି ଏତେ ସଂଖ୍ୟାରେ ବଡଚାଷୀଙ୍କ ଧାନ ବିକ୍ରି ହୋଇ ନ ଥିବା ସତ୍ତ୍ୱେ ଟାର୍ଗେଟ ପୂରିବାକୁ ବସିଲାଣି। ଏଭଳି ସ୍ଥିତିରେ ଏହା ସ୍ପଷ୍ଟ ଯେ ବେପାରୀ ଜରିଆରେ ଛୋଟ ଚାଷୀଙ୍କ ଧାନରେ ମିଲର ଗୋଦାମ ପୂରିବାକୁ ବସିଥିବା ବେଳେ ବଡ ଚାଷୀଙ୍କ ଧାନ ନିଜ ଗୋଦାମରେ ନଷ୍ଟ ହେବାରେ ଲାଗିଛି। ଏଭଳି ସ୍ଥିତିରେ ବଲାଙ୍ଗିର ଜିଲ୍ଲାରେ ଧାନକିଣା ଅବ୍ୟବସ୍ଥା କେଉଁ ସ୍ତରକୁ ପହଞ୍ଚିଛି ତାହା ସହଜରେ ଅନୁମାନ କରାଯାଇପାରେ।

● ପତ୍ରାପାଲିରେ ସଡ଼କ ଦୁର୍ଘଟଣା

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୪ ଗୁରୁତର

କଣ୍ଟାବାଞ୍ଜି, ୩।୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି-ଗୁଡିଘାଟ ରାସ୍ତା ପତ୍ରାପାଲି ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ୪ ଜଣ ଗୁରୁତର ହୋଇଛନ୍ତି।

ମୁରିବାହାଲ ଥାନା ଇଚ୍ଛାପଡ଼ା ଗାଁର ଗଦାଧର ଚିନା ଓ ତାଙ୍କ ଜଣେ ସମ୍ପର୍କୀୟ ବାଇକ୍ ଯୋଗେ କଣ୍ଟାବାଞ୍ଜିକୁ ଆସି ଘରକୁ ଫେରୁଥିଲେ। ନୂଆମୁଣ୍ଡା ଗାଁର ଅମିତ ମାହାନନ୍ଦ, ଘନଶ୍ୟାମ କୁମାର୍, ଅଜୟ ଦୀପ ବାଇକ ଯୋଗେ କଣ୍ଟାବାଞ୍ଜିକୁ ଆସୁଥିଲେ। ଦୁଇ ବାଇକ୍ ପତ୍ରାପାଲି ଗାଁଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗୁରୁତର ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗଦାଧରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୪ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ଗୁରୁତର ରହିଛି। ସମସ୍ତେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ସ୍ଥାନୀୟ ପୁଲିସ ଅଧିକ ତଦନ୍ତ ଚଳାଇଛି।

## କଣ୍ଟାବାଞ୍ଜି ଡାକ୍ତରଖାନା ସମସ୍ୟାକୁ ନେଇ ବିଜେଡିର ଧାରଣା

● ଡାକ୍ତରଖାନା ଛାଡ଼ି କ୍ଲିନିକ୍‌ରେ ବସୁଛନ୍ତି ଡାକ୍ତର
● ୫ ଦିନ ହେଲା ରକ୍ତଭଣ୍ଡାର ଅଚଳ
● ଦୀର୍ଘ ଦିନ ପାଣି ସମସ୍ୟା ଦୂର ହେଉନି
● ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବେହାଲ



କଣ୍ଟାବାଞ୍ଜି, ୩।୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ବିଜେଡି ଗର୍ଜିଛି। ମଙ୍ଗଳବାର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ଡାକ୍ତରଖାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିରୁପମା ମାଝି ଓ ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ଡାକ୍ତରଖାନା ସମ୍ମୁଖୀନରେ ଧାରଣା ଦିଆଯାଇଥିଲା।

ଅନେକ ଦିନ ହେଲା କଣ୍ଟାବାଞ୍ଜି ଡାକ୍ତରଖାନାରେ ସମସ୍ୟା ଲାଗି ରହିଛି। ରାଜ୍ୟରେ ସରକାର ପରିବର୍ତ୍ତନ ହେଲା; କଣ୍ଟାବାଞ୍ଜି ବିଧାୟକ ପରିବର୍ତ୍ତନ ହେଲେ; କିନ୍ତୁ ଡାକ୍ତରଖାନା ସମସ୍ୟା ଦୂର ହେଉନି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ କଣ୍ଟାବାଞ୍ଜି ଅଞ୍ଚଳବାସୀଙ୍କ ଜୀବନ ରକ୍ଷା ପାଇଁ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ନିର୍ମାଣ କରାଯାଇଥିଲା। ଏହି ରକ୍ତ ଭଣ୍ଡାର ଉପରେ ହଜାର ହଜାର ରୋଗୀ ନିର୍ଭର କରିଥାନ୍ତି; ହେଲେ ଆଜି ସେହି ରକ୍ତ ଭଣ୍ଡାରର ଲାଇସେନ୍ସ ନବୀକରଣ ହେଉନାହିଁ। ଏହାଫଳରେ ଗତ କିଛି ଦିନ ହେଲା ରକ୍ତଭଣ୍ଡାର ଅଚଳ ହୋଇ ପଡ଼ିଛି। ଏଣୁ ଆବଶ୍ୟକ ବେଳେ ରକ୍ତ ନ ପାଇ ରୋଗୀ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷେ ଏହି ଡାକ୍ତରଖାନାରେ ଅନେକ ସମୟରେ ଡାକ୍ତର ରହୁ ନାହାନ୍ତି। ସରକାରୀ ତହବିଲ୍‌ରୁ ଦରମା ନେଇ ଡାକ୍ତର କିନ୍ତୁ ଅଧିକାଂଶ ସମୟ ଘରୋଇ କ୍ଲିନିକ୍‌ରେ ବସୁଛନ୍ତି। ସେହିଭଳି ଏହି ଡାକ୍ତରଖାନାରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ରାଜ୍ୟ ମନ୍ତ୍ରୀମଣ୍ଡଳରେ ବଲାଙ୍ଗିର ଜିଲ୍ଲାରୁ ଦୁଇ ଦୁଇ ଜଣ ମନ୍ତ୍ରୀ ରହିଛନ୍ତି। ଜଣେ ଖୋଦ୍ ରାଜ୍ୟ ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ଓ ଆଉ ଜଣେ ସ୍ୱାସ୍ଥ୍ୟମନ୍ତ୍ରୀ। ଏହା ସତ୍ତ୍ୱେ ଏହି ଜିଲ୍ଲାରେ ଏହିଭଳି ଭାବେ ଡାକ୍ତରଖାନା ଚାଲିଛି। ଏଥିରୁ ଜଣା ପଡୁଛି ଦୁଇ ମନ୍ତ୍ରୀଙ୍କ ନିଜ ଜିଲ୍ଲା ପ୍ରତି ଗୁରୁତ୍ୱ ନାହିଁ। ଅନ୍ୟଥା ଡାକ୍ତରମାନେ ଖାତିର କରୁ ନାହାନ୍ତି। ଏଭଳି ଅଭିଯୋଗ କରି କଣ୍ଟାବାଞ୍ଜିରେ ବିଜୁ ଜନତା ଦଳ ଧାରଣ ଦେଇଛି ବୋଲି ବିଜେଡ଼ି ନେତା ଗିରିରାଜ ସିଂ ମାଝୀ କହିଛନ୍ତି। ଏହି ଧାରଣାରେ ବିଜେଡ଼ି ନେତ୍ରୀ ପିଙ୍କି ଖର୍ସେଲ, ବିଜେଡ଼ି ନେତା ଦେବାର ବାରିକ, ଦେବରାଜ ଯାଦବ, ତବନ ବଏ, ଆଶାଦୁଲ୍ଲା ଖାଁ, ଛୋଟୁ ଖାଁ, ସଚିବ ହଂସ, ଚୈତନ୍ୟ ମାଝୀ, ଆଶିଷ ବେହେରା, ରାଜେନ୍ଦ୍ର ଦୀପଙ୍କ ସହ ଅନେକ ସଂଗଠନ ସଦସ୍ୟ ଉପସ୍ଥିତ ଥିଲେ।

## ଖପ୍ରାଖୋଲର ବ୍ଲକ୍‌ର ସବୁ ସ୍କୁଲରେ ପ୍ରାଣାୟାମ ଏବଂ ଓଁକାର ଜପ ବାଧ୍ୟତାମୂଳକ

ଖପ୍ରାଖୋଲ, ୩।୨(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟରେ ଏଣିକି ପ୍ରାର୍ଥନା ସମୟରେ ଭ୍ରମରି ପ୍ରାଣାୟାମ ଓ ଓଁ କାର ଜପ ବାଧ୍ୟତାମୂଳକ ହେବ। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ଏକ ଚିଠି କରିଛନ୍ତି। ଏହି ଚିଠି ମାଧ୍ୟମରେ ସମସ୍ତ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଘରୋଇ ଶିକ୍ଷାନୁଷ୍ଠାନକୁ ଅବଗତ କରାଯାଇଛି।

ଖପ୍ରାଖୋଲ ବ୍ଲକରେ ଭ୍ରମରି ପ୍ରାଣାୟାମ ଓ ଓଁ କାର ଜପ ଲାଗୁ ହେବା ପୂର୍ବରୁ ଏହା ପ୍ରଥମ କରି ବେଲପଡ଼ା ବ୍ଲକର ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ ଲାଗୁ ହୋଇଥିଲା। ଭ୍ରମରି ପ୍ରାଣାୟାମ ଓ ଓଁ କାର ଜପର ନିୟମିତ ଅଭ୍ୟାସ ଦ୍ୱାରା ଶିକ୍ଷା ସହ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ଚରିତ୍ର ଗଠନରେ ଏହା ବିଶେଷ ସହାୟକ ହେବ। ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷାପ୍ରତି ଆତ୍ମବିଶ୍ୱାସ ଯୋଗାଇବ। ସେମାନଙ୍କର ସୁସ୍ଥ ମାନସିକତାର ବିକାଶ ହେବ। ସମସ୍ତ ବିଦ୍ୟାଳୟରେ ପ୍ରାର୍ଥନା ସମୟରେ ୫ ମିନିଟ୍ ଭ୍ରମରି ପ୍ରାଣାୟାମକୁ ଏଗାର ଥର ଓ 'ଓଁ 'କାର ଜପକୁ ୭ ଥର ଜପ କରିବାକୁ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଧ୍ୟତାମୂଳକ କରିଛନ୍ତି। ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ରହିବେ। ଏହାକୁ ପ୍ରଧାନ ଶିକ୍ଷକମାନଙ୍କ ସହ ଶିକ୍ଷକ ଶିକ୍ଷୟତ୍ରୀ ମଧ୍ୟ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ନକଲି କଫ୍‌ସିରପ୍ କାରବାରରେ ଜଣେ ଗିରଫ

ବଲାଙ୍ଗିର, ୩।୨(ସମିସ): ବଲାଙ୍ଗିର ସହରରେ ଦିନକୁ ଦିନ ବେଆଇନ ନିଶାଦ୍ରବ୍ୟ ଏବଂ ଅପମିଶ୍ରିତ କଫ୍ ସିରପ୍ କାରବାର ବଢୁଛି। ଏହା ଉପରେ ପୁଲିସ ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ କରାଯାଇଛି। ଟାଉନ ଥାନା ରାଜୀବ ନଗର ଅଞ୍ଚଳର ଜଣେ ଯୁବକଙ୍କୁ ଏହି ଘଟଣାରେ ଗିରଫ କରାଯାଇଛି। ତାଙ୍କ ପାଖରୁ ପୁଲିସ ବିପୁଳ ପରିମାଣର ନିଶା ବଟିକା, କଫ୍ ସିରପ୍ ଏବଂ ନଗଦ ଟଙ୍କା ଜବତ କରିଛି ପୁଲିସ। ଟାଉନ ଥାନାର ଏଏସଆଇ ସନ୍ତୋଷ ରଥ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ ଚଢଉ କରିଥିଲେ। ନିଶାଖୋରଙ୍କୁ ସେ ଅପମିଶ୍ରିତ କଫ୍ ସିରପ୍ ବିକ୍ରି କରୁଥିବା ବେଳେ ପାଟ୍ରୋଲିଂ ଟିମ୍ ସହ ଚଢ଼ଉ କରିଥିଲା। ଚଢ଼ାଉ ସମୟରେ ରାଜୀବ ନଗରର କୃପା ସାହୁ (୩୭) କଫ୍ ସିରପ୍ ବିକ୍ରି କରୁଥିବା ଅବସ୍ଥାରେ ଟିମ୍ ହାବୁଡ଼ରେ ପଡ଼ିଥିଲେ। ପୁଲିସ ଅଭିଯୁକ୍ତଙ୍କ ପାଖରୁ ୬ ବୋତଲ ସିଲ ଏସକଫ, ୬୦୦ ମିଲିଲିଟରର ରଙ୍ଗୀନ ଅପମିଶ୍ରିତ ତରଳ ପଦାର୍ଥ ଜବତ କରି ଅଭିଯୁକ୍ତ କୃପା ସାହୁଙ୍କୁ ଗିରଫ କରିଛି।



## ଗୁଡ଼ିଘାଟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ମୁରିବାହାଲ, ୩।୨(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ସଦରମହକୁମାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମିତ ହୋଇଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଜିଲ୍ଲା ପରିଷଦ ଉପାଧ୍ୟାୟ ମିଥିଳା ମାଝୀ, ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡକ୍ଟର ଥବୀର ମେହେର, ଗୁଡିଘାଟ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡାକ୍ତର ରାଜେଶ ଝାଙ୍କର, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ଅଞ୍ଚଳର ସମସ୍ତ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ବିଭିନ୍ନ ଗ୍ରାମର ଜନସାଧାରଣ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ବିଧାୟକ ତାଙ୍କ ହାତ ପାଣ୍ଠିରୁ ଆମ୍ବୁଲାନ୍ସ ଯୋଗାଇଦେବା ଲାଗି ଘୋଷଣା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଦେବବ୍ରତ ବିଶି ସଂଯୋଜନା କରିଥିଲେ।





## ମାମଲା ପରେ ବି ଅଭିଯୁକ୍ତଙ୍କୁ ଧରୁନି ପୁଲିସ

ବଲାଙ୍ଗିର, ୩।୨(ସମିସ)

ବଲାଙ୍ଗିର ଜିଲ୍ଲାରେ ବାଲି ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ପ୍ରହସନ ପାଲଟିଛି। ବେଆଇନ ବାଲି ଚାଲାଣ ଅଭିଯୋଗ ଆସିଲେ ପ୍ରଶାସନିକ ଅଧିକାରୀମାନେ ଚଢଉ କରି କିଛି ଗାଡି ଜବତ କରୁଛନ୍ତି ସତ; କିନ୍ତୁ ବାଲି ଚାଲାଣ କରୁଥିବା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହସ କରୁ ନ ଥିବା ଅଭିଯୋଗ ହୋଇଛି। ବାଲି ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତାହା ପାଳନ କରିବାକୁ କିନ୍ତୁ ସରକାରୀ ବାବୁମାନଙ୍କ ବଲାଙ୍ଗିର ଜିଲ୍ଲାରେ ସାହସ ପାଉନି। ଏହାର ଉଦାହରଣ ହେଉଛି ଅଙ୍ଗ ନଦୀରୁ ବାଲି ଚାଲାଣ ଉପରେ ଚଢଉ ଘଟଣା। ଚଢଉର ପ୍ରାୟ ୩ ସପ୍ତାହ ପରେ ବି ବାଲି ମାଫିଆକୁ ପୁଲିସ ଗିରଫ କରିନାହିଁ।

ଗତ ଜାନୁୟାରୀ ୧୪ ତାରିଖରେ ବଲାଙ୍ଗିର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଗଲପୁର ବ୍ଲକରେ ଥିବା ଅଙ୍ଗନଦୀ ରଫାଖାଲ ଅଞ୍ଚଳରେ ମିଳିତ ଚଢଉ କରାଯାଇଥିଲା। ଯେଉଁଥିରେ ରାଜସ୍ୱ, ଖଣି ବିଭାଗ ସହ ପୁଲିସ ବିଭାଗ ସାମିଲ ହୋଇଥିଲା। ରଫାଖାଲରେ ବନ୍ୟା ପ୍ରତିରୋଧ କାନ୍ଥକୁ ଭାଙ୍ଗିଦେଇ ଏହି ଚାଲାଣ ଚାଲିଥିବା ବେଳେ ତିନୋଟି ଜେସିବି ଓ ଗୋଟିଏ ମେସିନକୁ ଟିମ୍ ଜବତ କରିଥିଲା। ବାଲି ମାଫିଆ ଜଣକ ବେଆଇନ ବାଲି ଚାଲାଣ କରିବା ପାଇଁ ବନ୍ୟା ପ୍ରତିରୋଧ କାନ୍ଥ ଭାଙ୍ଗି ଦେଇଥିବା ବେଳେ ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପାଚେରୀ ଭାଙ୍ଗିବା ଅଭିଯୋଗ ଆଜି ପର୍ଯ୍ୟନ୍ତ ହୋଇନାହିଁ।

● ସପ୍ତାହେ ପୂର୍ବରୁ ଲୋଇସିଂହା ଥାନାରେ ହୋଇଛି ମାମଲା
● ୧୪ ତାରିଖରେ ହୋଇଥିଲା ଚଢଉ

ଏହି ମାମଲାରେ ଖଣି ବିଭାଗ ୧୧ ଲକ୍ଷ ଟଙ୍କା ଜରିମାନା ବୁଝାଇବା ପାଇଁ ସାଲେଭଟାର ରିକାଶ ଅଗ୍ରୱାଲଙ୍କୁ ନୋଟିସ କରିଥିଲା। ଯାହାକୁ ଶ୍ରୀ ଅଗ୍ରୱାଲ ଅବମାନନା କରିବା ପରେ ଗତ ୨୨ ତାରିଖରେ ଖଣି ଅଧିକାରୀ ରିକାଶ ଅଗ୍ରୱାଲ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏହି ବେଆଇନ ଚାଲାଣ ମାମଲାରେ ରିକାଶଙ୍କୁ ପୁଲିସ ଗିରଫ କରିବ ବୋଲି ସେହି ସମୟରେ ଲୋଇସିଂହା ଥାନା ଅଧିକାରୀ ସିପୋରା ସରାୟା ଲୁଗୁନ କହିଥିଲେ। କିନ୍ତୁ ମାମଲା ରୁଜୁ ହେବାର ୭ ଦିନ ପରେ ବି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିନାହିଁ। ଏହା ଭିତରେ ବ୍ୟକ୍ତି ଜଣକ ବାଲି ଚାଲାଣ କରିବା ପାଇଁ ନୂଆ ବ୍ୟବସ୍ଥା ଚଳାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନା ଅଧିକାରୀ ସିପୋରା ସରାୟ ଲୁଗୁନଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି। ତାଙ୍କୁ ଗିରଫ କରାଯାଇନାହିଁ। କରାଯିବ ବୋଲି ହାଲୁକା ଭାବେ କହିଥିଲେ। ଏନେଇ ଖଣି ବିଭାଗ ଅଧିକାରୀ କୌଣସି ପ୍ରତିକ୍ରିୟା ରଖୁ ନ ଥିବା ବେଳେ ପରୋକ୍ଷରେ ସମ୍ପୃକ୍ତ ଚାଲାଣକାରୀଙ୍କୁ ଉଭୟ ପୁଲିସ ଓ ଖଣି ବିଭାଗ ପକ୍ଷରୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହୋଇଛି। ପ୍ରଥମେ ବେଆଇନ ଭାବେ ଶହ ଶହ ଟ୍ରିପ ବାଲି ଚାଲାଣ କରିବା, ବାଲି ଚାଲାଣ ପାଇଁ ଲୋକଙ୍କ ଜୀବନକୁ ବିପଦରେ ପକାଇ ବନ୍ୟା ପ୍ରତିରୋଧ କାନ୍ଥ ଭାଙ୍ଗିବା ସତ୍ତ୍ୱେ ଚାଲାଣକାରୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରଶାସନିକ କଳ ଓ ଚାଲାଣକାରୀ ମଧ୍ୟରେ ରହିଥିବା ଭିତିରି ସମ୍ପର୍କକୁ ପଦାରେ ପକାଇଛି। ପୂର୍ବରୁ ମଧ୍ୟ ଜିଲ୍ଲାର ବିଭିନ୍ନ ଥାନାରେ ବାଲି ଚାଲାଣ ଚଢଉ ଘଟଣାରେ ଗାଡି ଜବତ ହୋଇଛି। ଡ୍ରାଇଭର ଗିରଫ ହୋଇଛନ୍ତି; କିନ୍ତୁ ବାଲି ମାଫିଆଙ୍କୁ ପୁଲିସ ଗିରଫ କରିବାରେ ପୁଲିସ ବିଫଳ ହୋଇଛି।

● ଧୁମାଭଟାରେ ସହିଦ ଜଗବନ୍ଧୁ ନାଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତା

## ତେନ୍ତୁଲିମୁଣ୍ଡାକୁ ପରାଜିତ କରି ଟିକ୍ରାପଡ଼ା ଚାମ୍ପିଅନ





ବେଲପଡ଼ା, ୩।୨(ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଧୁମାଭଟାରେ ଶହିଦ ଜଗବନ୍ଧୁ ନାଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।

ତେନ୍ତୁଲିମୁଣ୍ଡା ସ୍ୱାର୍ଟାନ୍ କ୍ଲବ୍ ଏବଂ ଟିକ୍ରାପଡ଼ା ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଟିକ୍ରାପଡ଼ା ତେନ୍ତୁଲିମୁଣ୍ଡା ଦଳକୁ ପରାଜିତ କରି ଚାମ୍ପିଅନ ହୋଇଥିଲା। ତେନ୍ତୁଲିମୁଣ୍ଡା ରନସ୍‌ର୍ ଅପ୍ ହୋଇଥିଲା।

ସରପଞ୍ଚ ବନମାଳୀ ନାଏକ, ଅନିମା ଦାଶ, ତିରୁପତି ବର୍ଗେ, ସୀତାରାମ କରନ, ଡ. ଦିଲ୍ଲୀପ ମେହେର, ବାସୁଦେବ ସାହୁ, ଘନଶ୍ୟାମ ରାଉତ, ସତ୍ୟ ବିଶ୍ୱାଳ, ଯୋଗେଶ ବିଶ୍ୱାଳ, ଦେବରାଜ ନାଏକ, ଲମ୍ବୋଦର ନାଏକ, ତରଣୀ ବାଗ, ରୁତୁ ସିଂ ବାଗ, କମଳ ଲୋଚନ ନାଏକ, ହୃଷିକେଶ ବୁଡେକ, ଦେବାର୍ଚ୍ଚନ ନାଗ, ମୁକେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ସାପ କାମୁଡ଼ାରେ ନାବାଳିକା ମୃତ

କେସିଙ୍ଗା, ୩।୨(ସମିସ): କେସିଙ୍ଗା ବ୍ଲକ ଉକ୍ରେଲା ଫାଣ୍ଡି ଚାଞ୍ଚେର ଗ୍ରାମରେ ବିଷଧର ସାପ କାମୁଡ଼ାରେ ଜଣେ ୫ ବର୍ଷର ନାବାଳିକାର ମୃତ୍ୟୁ ଘଟିଛି ।ଚାଞ୍ଚେର ଗ୍ରାମର ଜୟଧର ମାଝୀଙ୍କ ଝିଅ ସେବିକା ମାଝୀ ଘର ପାଖରେ ଥିବା ବିଲକୁ ବରକୋଳି ତୋଳିବା ପାଇଁ ଯାଇଥିଲା । ସେହି ସମୟରେ ବର ଗଛ ପାଖରେ ଥିବା ଏକ ବିଷଧର ସାପ ତାକୁ କାମୁଡି ଦେବାରୁ ସେବୀକା ସେହିଠାରେ ପଡ଼ିଯାଇଥିଲା । ପରିବାରଲୋକ ସେବିକା କୁ ଜିଲ୍ଲା ମେଡିକାଲକୁ ନେଇଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

● ଚାଷୀଙ୍କ ପାଇଁ ଚିନ୍ତାରେ ଚିନ୍ତାମଣି

# ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା

ଜୟପାଟଣା, ୩।୨(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖୀଗୁଡା ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରେ ହେଉଥିବା ଦୁର୍ନୀତି ଅଭିଯୋଗରେ ଅମରଣ ଅନଶନ ଦେଇଥିଲେ ସମାଜିକ କର୍ମୀ ଚିନ୍ତାମଣି କୁମାର ।ଚାଷୀଙ୍କ ପାଇଁ ଚିନ୍ତା କରିଛନ୍ତି ଚିନ୍ତାମଣି, ମଙ୍ଗଳବାର ମୁଖୀଗୁଡା ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ମହାମା ଗାନ୍ଧୀଙ୍କ ଫୋଟୋ ରଖି ଅନଶନରେ ବସିଥିଲେ । ଶ୍ରୀ କୁମାରଙ୍କ ଅଭିଯୋଗ ଅନୁଯାୟୀ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରେ ପ୍ରତି ଖରଫ ଓ ରବି ଋତୁରେ ମୁଖ୍ୟ କେନାଲ ଠାରୁ ଆରମ୍ଭ କରି ମାଇନର ଓ ସବମାଇନର କେନାଲ ଗୁଡ଼ିକରେ କେନାଲ ମରାମତି, ରକ୍ଷଣାବେକ୍ଷଣ କାର୍ଯ୍ୟରେ ବହୁ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ହେଉଥିବା ଦାବି କରିଛନ୍ତି ।ବିନା ସୂଚନା ଫଳକ ଓ ନିମ୍ନମାନର କାମ କରି କୋଟି କୋଟି ଟଙ୍କାକୁ ଦୁର୍ନୀତି ହେଉଥିବା ଅଭିଯୋଗ କରିଛନ୍ତି ।କାର୍ଯ୍ୟସ୍ଥଳରେ ସୂଚନାଫଳକ ରହୁନାହିଁ ଯାହାଫଳରେ ଚାଷୀ କିମ୍ବା ଜନ ସାଧାରଣ କାମ ବିଷୟରେ ଜାଣି ପାରୁନାହାନ୍ତି ।ଫଳରେ କାମ କରୁଥିବା ଠିକାଦାର ନିଜ ମନ ଇଚ୍ଛା କାମ କରୁଛନ୍ତି ଅନ୍ୟପକ୍ଷରେ ଉକ୍ତ କାମଗୁଡିକୁ ମଧ୍ୟ ବିଭାଗୀୟ ଅଧିକାରୀମାନେ ନିୟମ ଅନୁଯାୟୀ ତଦାରଖ କରୁନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ।ଏହାସହ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବହୁ କାମ କରୁଥିବା ବେଳେ ସର୍ଟ ଟେଣ୍ଡରରେ ବହୁ ଅର୍ଥ ହେରଫେର ଓ ଟେଣ୍ଡରରେ ମଧ୍ୟ ପ୍ରତିଯୋଗିତା ନହୋଇ କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ କାମ ପାଉଥିବା ଭଳି ଅଭିଯୋଗ କରିଛନ୍ତି ଚିନ୍ତାମଣି ।ଅନଶନ ଦେଇଥିବା ସ୍ଥାନରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ନାଏକ, ଜୟପାଟଣା ଥାନା ଅଧିକାରୀ ଅର୍ଚ୍ଚନା ନାଏକ ପ୍ରମୁଖ ଯାଇ ଆଲୋଚନା କରିବା ସହ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବି ବୋଲି ଲିଖିତ ଭାବେ ଦେଲା ପରେ ଅନଶନରୁ ହଟିଥିଲେ ଚିନ୍ତାମଣି ।

# ନୂତନ ୱାର୍ଡ ଗଠନ ପାଇଁ ଦାବିପତ୍ର ପ୍ରଦାନ



ରେଢ଼ାଖୋଲ, ୩।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ତ୍ରିବଣପୁର ପଞ୍ଚାୟତ ଅଇଁଲାପାଲି, ଗୋବିନ୍ଦପୁର, ଅରଖକୁଦ ୩ଟିଗ୍ରାମ ମିଶି ପୂର୍ବରୁ ଗୋଟାଏ ୱାର୍ଡ ଗଠନ ହେଇଛି ।ଦୁଃଖର ବିଷୟ ଅଇଁଲାପାଲି, ଗୋବିନ୍ଦପୁର ଗ୍ରାମବାସୀ ନିର୍ବାଚନ ସମୟରେ ମତଦାନ ଦେବାପାଇଁ ପ୍ରାୟ ୪ କିଲୋମିଟର ଦୂର ଅରଖକୁଦ ଗ୍ରାମକୁ ଯିବାକୁ ପଡୁଛି। ଅଇଁଲାପାଲି ଏବଂ ଗୋବିନ୍ଦପୁର ଗ୍ରାମବାସୀ ମିଶି ୨ଶହ ଭୋଟର ଅଛନ୍ତି । ଉଭୟ ଦୁଇ ଗ୍ରାମବାସୀ ଏକାଠି ହୋଇ ନୂତନ ୱାର୍ଡ ଗଠନ ପାଇଁ ମଙ୍ଗଳବାର ଦିନ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ କୁମାର ବେହେରା, କୃଷ୍ଣଚନ୍ଦ୍ର ବେହେରା, ଯଶୋବନ୍ତ ବେହେରା, ପ୍ରମୁଖ ଉଭୟ ଗ୍ରାମର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

● ବେତଗଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଲୁହାପଙ୍କ ଟିମ୍‌କୁ ହରାଇ ବେତଗଡ଼ ଚାମ୍ପିଅନ



ରେଢ଼ାଖୋଲ, ୩।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ବେତଗଡ଼ ଖେଳ ପଡ଼ିଆରେ ମଙ୍ଗଳବାର ଦିନ ବେତଗଡ଼ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଚାଲିଥିବା ବେତଗଡ଼ କ୍ରିକେଟ କପ୍‌ର ଫାଇନାଲ ମ୍ୟାଚରେ ଲୁହାପଙ୍କ ଏବଂ ବେତଗଡ଼ ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚ୍ ଟି ଫର୍ମାଟ ବିଶିଷ୍ଟ ଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ଲୁହାପଙ୍କକୁ ୨-୦ରେ ହରାଇ ବେତଗଡ଼ ଚାମ୍ପିଅନ ହୋଇଛି ।ଆୟୋଜିତ ପୁରସ୍କାର ବିତରଣୀସଭାରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଜୋନ-୨ର ଜିଲ୍ଲାପରିଷଦ ସଦସ୍ୟ ଶରତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବେତଗଡ଼ ୱାର୍ଡ ମେମ୍ବର ସନ୍ତୋଷିନୀ ମହାରଣା, ପିଣ୍ଟୁ ପ୍ରଧାନ, ସୁନିଲ କୁମାର ପ୍ରଧାନ, ଜୟନ୍ତ ପ୍ରଧାନ, ବିଜୟ ସାହୁ, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ବେତଗଡ଼ କ୍ରିକେଟ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

# ଛାତ୍ରଛାତ୍ରୀଙ୍କ ଖେଳ ପଡ଼ିଆରେ ପିଚୁ ପ୍ଲାଣ୍ଟ

କଳମପୁର, ୩।୨(ସମିସ)



ବିଦ୍ୟାଳୟ ଲାଗି ସଂରକ୍ଷିତ ଖେଳ ପଡ଼ିଆ ମଧ୍ୟ ଜମି ମାଫିଆଙ୍କ କବଳରୁ ବର୍ତ୍ତି ପାରୁନାହିଁ । ବିଡ଼ମ୍ବନା ଯେ ସେହି ସ୍ଥାନରେ ପିଚୁ ପ୍ଲାଣ୍ଟ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେବାକୁ ବସି ଥିବା ବେଳେ କେହି ମଧ୍ୟ ପ୍ରତିବାଦ କରୁ ନାହାନ୍ତି । ଏପରି କି ଏନ୍‌ଓସି ଦେବାକୁ ମଧ୍ୟ ପଛାଇ ନାହାନ୍ତି । ଏମିତି ଘଟଣା କଳାହାଣ୍ଡି ଜିଲ୍ଲା କଳମପୁର ତହସିଲ ଅନ୍ତର୍ଗତ ପାତ୍ରବସା ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ କଳମପୁର ତହସିଲ ଅନ୍ତର୍ଗତ ପାତ୍ରବସା ହାତୀ ନଦୀ ବ୍ରିଜ ନିକଟରେ ଏକ ପିଚୁ ପ୍ଲାଣ୍ଟ ଗଢି ଉଠିଛି । ଏହି ସ୍ଥାନ ସରକାରଙ୍କ ଅଧୀନରେ ରହିଥିବା ବେଳେ ଏହାକୁ ପାତ୍ରବସା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଖେଳକୁଦ କରିବା ଲାଗି ସଂରକ୍ଷିତ ରଖିଥିଲେ । ଏହି ସ୍ଥାନ ବିଦ୍ୟାଳୟ ଠାରୁ ଦୂରରେ ଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଖେଳକୁଦ ଲାଗି ବିଦ୍ୟାଳୟ ପରିସରରେ ସ୍ଥାନ ନ ଥିବାରୁ ଏହାକୁ ସଂରକ୍ଷିତ ରଖାଯାଇ ଥିଲା । ସେହି ଠାରେ କୋକସରା ଅଞ୍ଚଳର ଜନୈକ ବ୍ୟକ୍ତି ପିଚୁ ପ୍ଲାଣ୍ଟ ନିର୍ମାଣ କରିଛନ୍ତି । ପ୍ରଶ୍ନ ଉଠୁଛି ସେହି ସ୍ଥାନରେ ପିଚୁ ପ୍ଲାଣ୍ଟ ନିର୍ମାଣ ପାଇଁ କିଏ ଅନୁମତି ଦେଲା । ଉକ୍ତ ପ୍ଲାଣ୍ଟ ପାତ୍ରବସା ବ୍ରିଜ ନିକଟରେ ନିର୍ମିତ ହୋଇଥିବା ବେଳେ ସେଠାରେ ଗାଁ ଶ୍ମଶାନକୁ ଯିବା ରାସ୍ତା ରହିଛି । ପିଚୁ ପ୍ଲାଣ୍ଟ ପାଇଁ ସେହି ରାସ୍ତାର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁ ନାହିଁ। ହାତୀ ନଦୀରୁ ଉଠା ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ସେଠାରେ ଏକ ଟାଙ୍କି ନିର୍ମିତ ହୋଇଛି, କେତେକ ଗଛ କାଟି ଦେଇ ଏସବୁ ନିର୍ମାଣ କରାଯାଇ ଥିବା ବେଳେ ସରକାରୀ ଭାବେ ଲଗା ଯାଇଥିବା ବିପୁଳ ସଂଖ୍ୟକ ଆମ୍ବ ଗଛରେ ବଉଳ ଧରିଛି ।ଏସବୁ ଏବେ ବିପଦ ପଥକୁ ଟାଣି ହୋଇଯିବା ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଶ୍ନ ଉଠେ ଏଠାରେ ପଥରକ୍ୱାରି ନ ଥାଇ କେମିତି ପିଚୁ ପ୍ଲାଣ୍ଟ ନିର୍ମାଣ କରାଗଲା ।ଏଠାରେ ଏଭଳି ବଡକାମ ନାହିଁ ଯେ ଯାହାକି ପିଚୁ ପ୍ଲାଣ୍ଟର ଆବଶ୍ୟକ ପଡ଼ିବ । ଏଠାରୁ ଉତ୍ପାଦିତ ସାମଗ୍ରୀ ତେବେ କେଉଁ ଅଞ୍ଚଳକୁ ଚାଲାଣ ହେବ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ପିଚୁ ପ୍ଲାଣ୍ଟ ପାଇଁ ହାତୀ ନଦୀର ଜଳ ପ୍ରଦୂଷଣ ହେବା ଆଶଙ୍କାରେ ଖଙ୍ଗାରଗୁଡା ଗ୍ରାମବାସୀ ତୀବ୍ର ବିରୋଧ କରୁଛନ୍ତି । ଏପଟେ ଯାତାୟାତର ପ୍ରମୁଖ ରାସ୍ତା ନିକଟରେ ଏହି ପ୍ଲାଣ୍ଟ ନିର୍ମିତ ହୋଇ ଥିବାରୁ ପଥଚାରୀମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେବା ଆଶଙ୍କା ରହିଛି । କୋକସରା ଅଞ୍ଚଳର ଏହି ପ୍ଲାଣ୍ଟ ମାଲିକ ଜୟପାଟଣା ଅଞ୍ଚଳରେ ଏକ କ୍ରସର ସ୍ଥାପନ କରିଥିବା ବେଳେ ସେଠାରେ ଗତବର୍ଷ ବିସ୍ଫୋରକ ଜବତ ହୋଇଥିବା ଘଟଣା କାହାରିକୁ ଅଛପା ନାହିଁ। ତାଙ୍କ ପିଛାରେ ଜମି ବିବାଦ ମଧ୍ୟ ରହିଥିବା କୁହାଯାଉଛି ।ସରକାର ପ୍ରଦ୍ୟୁଷଣ ନେଇ ନାନାଦି କଟକଣା ଜାରି କରିଥିବା ବେଳେ ଏହା ବାୟୁ ସହିତ ଜଳ ପ୍ରଦୂଷଣ କରିବା ଘଟଣାକୁ ଅଣଦେଖା କରାଯାଇ ନ ପାରେ । ଏନେଇ ବିଭିନ୍ନ ବିଭାଗ ସହିତ ଯୋଗାଯୋଗ କଲେ ମଧ୍ୟ କେହି ମୁହଁ ଫିଟାଉ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ନ ଥିବା ବେଳେ ଜନ ସାଧାରଣରେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି ।

● ଏନଓସି ଦେଲା କିଏ
● ଜଳବାୟୁ ପ୍ରଦୂଷଣ ଆଶଙ୍କା
● ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରଭାବିତ

# ଦୋକାନ ଶଟର ଭାଙ୍ଗି ଚୋରି



କୁଚିଣ୍ଡା, ୩।୨(ସମିସ): ବାମରା ବ୍ଲକ ଗଡ଼ପୋଷସ୍ଥିତ ଏକ ରାସନ୍ ଦୋକାନର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ର ସାମଗ୍ରୀ ଚୋରି ହୋଇଥିବା ଗୋବିନ୍ଦପୁର ଥାନାରେ ଅଭିଯୋଗ କରାଯାଇଛି । ସୂଚନା ଅନୁସାରେ ଗଡ଼ପୋଷ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ନିକଟରେ ସୁନିଲ ଅଗ୍ରୱାଲଙ୍କ ରାସନ୍ ଦୋକାନ କରିଛନ୍ତି। ଗତ ରବିବାର ବିଳମ୍ବିତ ରାତିରେ ଚୋରମାନେ ଦୋକାନର ଶଟର ଭାଙ୍ଗି, ନଗଦ ଟଙ୍କା ସମେତ ୨ ଲକ୍ଷରୁ ଅଧିକ ମୂଲ୍ୟର ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ରହିଛି । ସୋମବାର ସକାଳେ ସୁନିଲ ଦୋକାନ ଖୋଲିବା ପାଇଁ ଆସି ଥିବା ବେଳେ ତାଙ୍କ ଦୋକାନ ସଟର ଭାଙ୍ଗି ଚୋରି ହୋଇଥିବା ଜାଣିଥିଲେ ।ଏ ନେଇ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ସନ୍ଧ୍ୟାରେ ଗୋବିନ୍ଦପୁର ଥାନା ଅଧିକାରୀ ରାଜେନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଥିଲେ। ଚୋରି ଘଟଣା ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି ।

# ଖର୍ସନମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜମନକିରା, ୩।୨(ସମିସ): ଜମନକିରା ବ୍ଲକ ଖର୍ସନମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ପ୍ରଧାନଶିକ୍ଷକ ମହେଶ୍ୱର ଦଣ୍ଡ ସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ କୁଲୁଣ୍ଡି ପିଏନବି ଶାଖା ପରିଚାଳକ ଭବାନୀ ଶଙ୍କର ନେଟି, ମୁଖ୍ୟବକ୍ତା ଭାବରେ ବିଆଇଜି ଉଚ୍ଚ ମାଧ୍ୟମିକ ଭୋଜପୁର ଅଧ୍ୟାପିକା ସୁବାଷିନୀ ଶତପଥୀ, ସମ୍ମାନିତ ଅତିଥି ଭାବରେ ଜମନକିରା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସଦେବକୀ ନାଏକ, ଆଞ୍ଚଳିକ ସାଧନ କର୍ମୀ ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା, ଖର୍ସନମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୀନା ପଧାନ, ଜମନକିରା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶ୍ରୀକାନ୍ତ ପଟେଲ ଯୋଗଦେଇ ଛାତ୍ରଛାତ୍ରୀ ମନଦେଇ ପାଠ ପଢ଼ି ଭଲ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ କେଶବ ପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ କୃତକାର୍ଯ୍ୟହୋଇ ଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ପୂର୍ବତନ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ନାଥଙ୍କୁ ମଞ୍ଚରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା ଗହଣରେ ଏସଏମସି ସଭାପତି ରିନା ପଧାନ ସମ୍ମାନିତ କରିଥିଲେ ।ସହକାରୀ ଶିକ୍ଷୟିତ୍ରୀ ଅବନୀ ନାଏକ, ଶ୍ୱେତାଲିନ ଦର୍ଶନୀ ପାତ୍ରୀ ସହ ଗ୍ରାମବାସୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

● ସରକାରୀ କର୍ମଚାରୀଙ୍କ ଅବହେଳା

# ହିତାଧିକାରୀ ଟଙ୍କା ପାଇବାରୁ ବଞ୍ଚିତ

କୁଚିଣ୍ଡା, ୩।୨(ସମିସ): କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର କର୍ମଚାରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁଁ ପଞ୍ଚାୟତର ଗାଇ ଓ ଛେଳି ଗୁହାଳ କରିଥିବା ହିତାଧିକାରୀ ଦୀର୍ଘ ଦିନ ହେବ ସେମାନଙ୍କର ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି ।ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବକ୍ସମା ପଞ୍ଚାୟତର ବିଭିନ୍ନ ଗ୍ରାମରବାସିନ୍ଦା ମନରେଗା ଯୋଜନାରେ ଗାଇ ଓ ଛେଳି ଗୁହାଳ ନିର୍ମାଣ କରିଛନ୍ତି । ଜିଓ ଟ୍ୟାଗ ନ କରି ମଧ୍ୟ ସମ୍ପୃକ୍ତ ପଞ୍ଚାୟତର କର୍ମଚାରୀ ମାନେ ହିତାଧିକାରୀଙ୍କ ନିକଟକୁ ଯାଇ ଗୁହାଳ ନିର୍ମାଣ କାମ ଶୀଘ୍ର ସାରିବା ପାଇଁ ବାରମ୍ବାର ତାଗିଦ କରିବାରୁ ହିତାଧିକାରୀ ଧାର ଉର୍ଦ୍ଧାର କରି ଗୁହାଳ ନିର୍ମାଣ କରିଛନ୍ତି । ମାତ୍ର ବଚନ ପିଙ୍ଗ, ସଞ୍ଚିତ କିସାନ, ଫୁଲତୁଲି ବୁଡ଼ା, ବିରଞ୍ଚି ମେହେର, ଶିବ ବୁଡା ଓ କିଶୋର ଦେହୁରୀଙ୍କ ସହ ଅଧିକାଂଶ ହିତାଧିକାରୀ କାମ ସରିବାର ଛଅ ପରେ ମଧ୍ୟ ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏଡିଓ ଏବଂ ପିଇଓ କାର୍ଯ୍ୟରେ ଅବହେଳା କରି ଏହି ହିତାଧିକାରୀଙ୍କ ଏମଆର ବାହାର କରି ନ ଥିବାରୁ ଯେଉଁମାନେ ଛେଳି ଓ ଗାଇ ଗୁହାଳ କରିଛନ୍ତି ସେମାନେ ବିଲ ଟଙ୍କା ପାଉ ନାହାଁନ୍ତି ବୋଲି ଅଭିଯୋଗ ହେଉଛି । ଅନ୍ୟ ହିତାଧିକାରୀମାନେ ଗୃହ ନିର୍ମାଣ କରିବା ପାଇଁ ଇଚ୍ଛୁକ ହେଉନାହାନ୍ତି । ଏହା ସହିତ ମନରେଗାରେ ବକ୍ସମା ପଞ୍ଚାୟତରେ ଆଜି ପର୍ଯ୍ୟନ୍ତ ଗୋଟିଏ ମଧ୍ୟ ବ୍ୟକ୍ତିଗତ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାରେ ସଫଳତା ଦେଖା ଯାଇନାହିଁ। କାର୍ଯ୍ୟରତ କର୍ମଚାରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ସରକାରଙ୍କ ଯୋଜନା କେବଳ କାଗଜକଲମରେ ହିଁ ସୀମିତ ହୋଇ ରହିଯିବାର ଉଦାହରଣ ସୃଷ୍ଟି କରିଛି ବକ୍ସମା ପଞ୍ଚାୟତ। ତେବେ ଏ ବାବଦରେ ମତାମତ ପାଇଁ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କୁ ଯୋଗାଯୋଗ କରିବାରୁ ମନରେଗାରେ ଟଙ୍କା ଆସି ନାହିଁ ଟଙ୍କା ଆସିଲେ ସେମାନଙ୍କର ପ୍ରାପ୍ୟ ଦିଆଯିବ ବୋଲି କହିଛନ୍ତି। ଯଦି ଟଙ୍କା ନାହିଁ ତେବେ ହିତାଧିକାରୀ ସ୍ଥାନକୁ ଜିଓ ଟ୍ୟାଗ ନ କରି, ଏମଆର ବାହାର ନ କରି ସେମାନଙ୍କୁ ଗୁହାଳ ଘର ଶୀଘ୍ର କରିବା ପାଇଁ ତାଗିଦ କରି ଘର ନିର୍ମାଣ କାମ କରାଇ ଅଯଥାରେ ସେମାନଙ୍କୁ ହଇରାଣ କରିବାର ଉଦ୍ଦେଶ୍ୟ କଣ ବୋଲି ପ୍ରଶ୍ନ ଉଠାଇଛନ୍ତି ।ତଦନ୍ତ କରି ହିତାଧିକାରୀଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରିବା ପାଇଁ ଜନସାଧାରଣରେ ଦାବି ହେଉଛି ।

# ରୋଟାରୀ ଡିଷ୍ଟ୍ରିକ୍ଟର ଅଧ୍ୟକ୍ଷ ଓ ସଚିବମାନଙ୍କ ଶିକ୍ଷଣ ସେମିନାର



ସମ୍ବଲପୁର, ୩।୨ (ସମିସ): ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୧ର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚିତ ଅଧ୍ୟକ୍ଷ ଓ ସଚିବମାନଙ୍କ ଲାଗି ଆୟୋଜିତ ଶିକ୍ଷଣ ସେମିନାର 'ଜ୍ଞାନାର୍ଜନ' ସଫଳତାର ସହ ସମ୍ପନ୍ନ ହୋଇଛି। ସମ୍ବଲପୁରସ୍ଥିତ ରାମଗୋବିନ୍ଦ ଏକରେଜ୍, ବ୍ୟାଙ୍କୁଏଟ୍ ଏଣ୍ଡ ଲନ୍ସରେ ଟିମ୍ ଓଜସ୍ୱୀଙ୍କ ଆନୁକୂଲ୍ୟରେ ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଦ୍ୱାରା ଏହି ସେମିନାର ଆୟୋଜିତ ହୋଇଥିଲା। ସେମିନାରର ଉଦ୍ଦେଶ୍ୟ ଥିଲା ଆଗାମୀ ବର୍ଷରେ ରୋଟାରୀ ସେବାକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ନେତୃତ୍ୱ କୌଶଳ ବିକାଶ, ଜ୍ଞାନ ବୃଦ୍ଧି ଓ ସେବାମୂଳକ କାର୍ଯ୍ୟ ପାଇଁ ପ୍ରସ୍ତୁତି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୫ ଜଣ ନିର୍ବାଚିତ ଅଧ୍ୟକ୍ଷ ଓ ସଚିବ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସତ୍ରରେ ସେମିନାର ଅଧ୍ୟକ୍ଷ ପୂର୍ବତନ ସଭାପତି ସନ୍ତୋଷ ହୋତା ସ୍ୱାଗତ ଭାଷଣ ଦେଇଥିଲେ । ଆୟୋଜକ କ୍ଲବ୍‌ର ଅଧ୍ୟକ୍ଷ ରଶ୍ମି ରଞ୍ଜନ ମହାପାତ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପିଡିଜି ଏଫ୍.ସି. ମହାନ୍ତି (ଡିଏଲଏଫ୍) ଅଂଶଗ୍ରହଣକାରୀମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଡିଜିଇ ଆଲମ୍ ସିଂହ ରୂପ୍ରା ୨୦୨୬-୨୭ ପାଇଁ ରୋଟାରୀ ଆନ୍ତର୍ଜାତିକ ଅଧ୍ୟକ୍ଷଙ୍କ ଦୃଷ୍ଟିକୋଣ ସହ ଜିଲ୍ଲାର ଭିଜନ୍ ଉପସ୍ଥାପନ କରିଥିଲେ। ପିଡିଜି ହରଜିତ୍ ସିଂହ ହୁରା ମାନବିକ ସେବା ଓ ପ୍ରଭାବଶାଳୀ ପ୍ରକଳ୍ପ ମାଧ୍ୟମରେ ସାର୍ବଜନୀନ ଛବି ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଡିଏସଜି (୨୦୨୬-୨୭) ଅଜୟ ଅଗ୍ରୱାଲ୍ 'ମାଇ ରୋଟାରୀ' ସମ୍ପର୍କିତ ବିଭିନ୍ନ ପ୍ରକ୍ରିୟା ଉପରେ ଅନଲାଇନ୍ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ସତ୍ରରେ ପିଡିଜି ଏଫ୍. ସି. ମହାନ୍ତି ରୋଟାରୀ ଫାଉଣ୍ଡେସନ୍ ଗ୍ରାଣ୍ଟ ଓ ଷ୍ଟୁଅର୍ଡସିପ୍ ବିଷୟରେ ଆଲୋଚନା କରିଥିଲେ। ସମାପନୀ ସତ୍ରରେ ଡିଜିଇ ଆଲମ୍ ସିଂହ ରୂପ୍ରା ଓ ପିଡିଜି ଏଫ୍.ସି. ମହାନ୍ତି ଉପସଂହାରୀ ମତ ରଖିଥିଲେ।

## ବଲାଙ୍ଗିରରେ ଡକାୟତି ଯୋଜନା ପଣ୍ଡ

# ମାରଣାସ୍ତ୍ର, ବନ୍ଧୁକ ସହ ଡିକେ ଗ୍ୟାଙ୍ଗର ୪ ଦୁର୍ଦ୍ଧାନ୍ତ ଅଭିଯୁକ୍ତ ଗିରଫ

ବଲାଙ୍ଗିର, ୩।୨(ସମିସ)





ବଲାଙ୍ଗିର ସହରରେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ଟାଉନ ଥାନା ପୁଲିସ ପଣ୍ଡ କରିଛି। ମଙ୍ଗଳବାର ଅପରାହ୍ନରେ ସାଲେପାଲି ଅଞ୍ଚଳରେ ଚଢ଼ଉ କରି ପୁଲିସ ୪ ଜଣ ସଶସ୍ତ୍ର ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାରପାଲିପଡ଼ାର ସୁମନ୍ତ ଓରଫ ମୋଟୁ ବାରିକ (୨୩), ବିଭୂତିପଡ଼ାର କରୁଣା ଓରଫ ଆଶିଷ ସ୍ୱାଇଁ (୨୪), କୁଲଥିପାଲି ଗାଁର କୁଶଳେଶ୍ୱର ବାଗ (୨୫), ବରପାଲିପଡ଼ାର ସିଲୁ ପ୍ରଧାନ (୨୬) । ଅନ୍ୟ ୨ ଜଣ ଫେରାର ହୋଇ ଯାଇଛନ୍ତି । ଏମାନେ ସହରର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ଏସଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି ।

ଏସଆଇ ଡି. ଶତପଥୀ ଏବଂ ଏଏସଆଇ ବୈକୁଣ୍ଠ ଦେହେରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ସାଲେପାଲି ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ୬-୭ ଜଣ ଯୁବକ ମାରଣାସ୍ତ୍ର ସହ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇଥିଲେ। ପୁଲିସ ତୁରନ୍ତ ସେଠାରେ ଚଢ଼ଉ କରି ୪ ଜଣଙ୍କୁ କାବୁ କରିଥିଲା। ଅଭିଯୁକ୍ତ ସିଲୁ ନିକଟରୁ ପୁଲିସ ଏକ ପିସ୍ତଲ ଓ ୨ଟି ଗୁଳି, ଏକ ବଡ଼ କଟୁରୀ, ୪ଟି ମୋବାଇଲ୍ ଫୋନ୍, ନଗଦ ୧୮, ୫୩୦ ଟଙ୍କା ଜବତ କରିଛି । ଏସଡିପିଓଙ୍କ ସୂଚନା ଅନୁସାରେ ଗିରଫ ସିଲୁ, ଆଶିଷ ଏବଂ ସୁମନ୍ତ ନାମରେ ଅନେକ ମାରପିଟ୍, ହତ୍ୟା ଉଦ୍ୟମ, ଡକାୟତି ମାମଲା ରହିଛି । ଜେରା ସମୟରେ ଅଭିଯୁକ୍ତମାନେ ପ୍ରକାଶ କରିଛନ୍ତି ଯେ, କୁଖ୍ୟାତ ଡିକେ ଗ୍ୟାଙ୍ଗର ଜଣେ ମୁଖ୍ୟ ସେମାନଙ୍କୁ ସଂଗଠିତ କରିବା ସହ ସହରରେ ଆତଙ୍କ ଖେଳାଇବା ପାଇଁ ମାରଣାସ୍ତ୍ର ଯୋଗାଇ ଦେଉଥିଲା । ଟାଉନ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରିଛି । ଏହି ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତ ଏବଂ ମୁଖ୍ୟ ସୂତ୍ରଧରକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

# ସୀମାନ୍ତ ଅଞ୍ଚଳରେ ବୁଲୁଛି ବାଘ



ସିନାପାଲି, ୩।୨(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ବାଘ ଘୁରି ବୁଲୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୀମାନ୍ତରେ ଥିବା ନୂଆମାଳପଡ଼ା ପଞ୍ଚାୟତର ବଣପାହାଡ ଘେରା ଡଙ୍ଗର ଗାଁରେ କିଛି ଲୋକ ବାଘକୁ ଦେଖି ଭୟଭୀତ ଅବସ୍ଥାରେ ଦୌଡ଼ି ପଳାଇଥିବା ବେଳେ ଘଟଣାର ସତ୍ୟତା ଜଣାପଡ଼ିଛି । ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ରହିଥିବା ବେଳେ ଛତିଶଗଡ଼ ରାଜ୍ୟ ସୀତାନଦୀ ଅଭୟାରଣ୍ୟ ଅନ୍ତର୍ଗତ ଉଦନ୍ତୀ ବ୍ୟାଘ୍ର ଅଭୟାରଣ୍ୟ କୁ ଅଞ୍ଚଳ ଟି ସଂଲଗ୍ନ କରୁଛି । ଏହି ଅଞ୍ଚଳ ସମେତ ଘାଟମାଳ ଓ ନଙ୍ଗଲବୋର୍ଡ ପଞ୍ଚାୟତ ମଧ୍ୟ ସୀମାନ୍ତରେ ରହିବା ସହିତ ଏହି ଅଭୟାରଣ୍ୟ ସହିତ ସୁନାବେଡ଼ା ଅଭୟାରଣ୍ୟକୁ ସଂଲଗ୍ନ ରହିଛି । ଯାହା ଫଳରେ ବାଘ କେଉଁ ମୁହୂର୍ତ୍ତରେ ବିଭିନ୍ନ ଗାଁ ଗଣ୍ଡା ଘୁରି ବୁଲୁଛି । କୌଣସି ମୁହୂର୍ତ୍ତରେ ଅଘଟଣ ହେବାର ଆଶଙ୍କା ଥିବାରୁ ଲୋକେ ସନ୍ଧ୍ୟା ହେଇଗଲେ ପଦାକୁ ବାହାରିବାକୁ ଭୟ କରୁଛନ୍ତି । ଏ ନେଇ ବନ ବିଭାଗ ତରଫରୁ ମଧ୍ୟ ସତର୍କ ଦୃଷ୍ଟି ଦିଆଯାଇଥିବା ବେଳେ ଲୋକଙ୍କୁ ଭୟଭୀତ ନ ହେବା ପାଇଁ ନଙ୍ଗଲବୋର୍ଡ ବିଟ ଫରେଷ୍ଟର କନ୍ଦର୍ପ ସୁନାନୀ କହିବା ସହ ବନ୍ୟ ପ୍ରାଣୀ ବଣରେ ରହିବ ଏଥିରେ ଭୟଭୀତ ହେବା କଥା ନୁହେଁ । ଲୋକ ଦେଖିଥିବା କହୁଛନ୍ତି ଆମେ ବି ଏହା ଉପରେ ସ୍ୱତନ୍ତ୍ର ନଜର ରଖିଛୁ ବୋଲି ପ୍ରକାଶ କରିଛନ୍ତି । ବାଘକୁ ନୂଆପଡ଼ା ଜିଲ୍ଲାରେ ବାରମ୍ବାର ଅନେକ ଅଘଟଣ ଘଟିଥିବା ବେଳେ ଏଥିପ୍ରତି ବନ ବିଭାଗ ତରଫରୁ ସତର୍କତା ରହିବା ଅତ୍ୟନ୍ତ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

■ ମଣ୍ଡିରେ ଉପଜିଲ୍ଲାପାଳଙ୍କ ଚଢ଼ଉ

## ୫ ଜଣଙ୍କ ନାମରେ ଥାନାରେ ଅଭିଯୋଗ



ମାଲକାନଗିରି,୩୧୨(ସମିସ): ମାଲକାନଗିରି ଜିଲ୍ଲାର ବିଭିନ୍ନ ଧାନ ମଣ୍ଡିରେ ଅବ୍ୟବସ୍ଥା ଓ ଦଲାଲଙ୍କ ଦୌରାତ୍ମ୍ୟ ନେଇ ଅଭିଯୋଗ ହେବାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି। ଅଭିଯୋଗକୁ ଆଧାର କରି ଉପଜିଲ୍ଲାପାଳ ବୁଦ୍ଧ୍ୟୋଧନ ଭୋଇ ଅତର୍କିତ ଚଢ଼ଉ କରି ୫ଜଣ ସନ୍ଦିଗ୍ଧଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରିଥିବାର ସୂଚନା ମିଳିଛି। ସୂଚନା ଅନୁଯାୟୀ ମାଲକାନଗିରି ସଦର ବ୍ଲକର ଏମ୍ଭି-୧୧ ସ୍ଥିତ ଧାନ ମଣ୍ଡି ଉପରେ ପ୍ରଶାସନର କଡ଼ା ନଜର ରହିଥିଲା। ବିଭିନ୍ନ ଧାନ ମଣ୍ଡିରେ ଅନିୟମିତତା ଅଭିଯୋଗ ପୂର୍ବରୁ ହୋଇଥିବା ବେଳେ ଏହି ମଣ୍ଡିରେ ଅନିୟମିତତା ନେଇ ଖବର ମିଳିବା ପରେ ଚଢ଼ଉ କରିଥିଲେ ଉପଜିଲ୍ଲାପାଳ। ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରିବା ସହ ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ଆଧାରରେ ୫ଜଣ ସନ୍ଦିଗ୍ଧଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଇଥିଲେ। ଆଗାମୀ ଦିନରେ ଜିଲ୍ଲାର କୌଣସି ବି ମଣ୍ଡିରେ ଯଦି ଅଣଶା କିମ୍ବା ଅନଧିକୃତ ବ୍ୟକ୍ତିଙ୍କୁ ଦେଖିବାକୁ ମିଳିବ, ତେବେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି।

## ପାରିବାରିକ ଗଣ୍ଡଗୋଳରୁ ଓକିଲ-ପୁଲିସ ମୁହାଁମୁହିଁ ଘଟଣା

# ଜୟପୁର ଏସ୍‌ଡିପିଓଙ୍କ ତଦନ୍ତ ରିପୋର୍ଟ ପରେ ପଦକ୍ଷେପ: ଏସ୍‌ପି



ଜୟପୁର,୩୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନା ପୁଲିସ ଏବଂ ଜିଲ୍ଲା ଆଇନଜୀବୀ ସଂଘ ମଧ୍ୟରେ ଜଣେ ଆଇନଜୀବୀଙ୍କ ମାଡ଼ ଘଟଣାକୁ ନେଇ ଗତ ଦୁଇଦିନ ହେଲାଣି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଗତକାଲି ଜିଲ୍ଲା ଆଇନଜୀବୀ ସଂଘର ସ୍ୱତ ସାଧାରଣ ପରିଷଦ ବୈଠକରେ ଗତ ମାସ ୨୪ ତାରିଖରେ ଜିଲ୍ଲା ଆଇନଜୀବୀ ସଂଘର ସଦସ୍ୟ ଜି.ରାଜଶେଖର ଟାଉନ୍ ଥାନାରେ ଆକ୍ରମଣ କରିଥିବା ଘଟଣାକୁ ନେଇ ନିନ୍ଦା କରିବା ସହିତ ରାଜ୍ୟ ଆଇନଜୀବୀ ସଂଘର ଅଭିଯୋଗକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ସହିତ ଏକ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଥିନେଇ ଆଜି ଜିଲ୍ଲା ଆଇନଜୀବୀ ସଂଘ ସଭାପତି ସରୋଜ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ଏସ୍‌ପି ରୋହିତ ବର୍ମାଙ୍କୁ ଜୟପୁର ସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ଠାରେ ସାକ୍ଷାତ କରିବା ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ଏସ୍‌ପି ଶ୍ରୀ ବର୍ମା ଜିଲ୍ଲା ଆଇନଜୀବୀ ସଂଘର କର୍ମକର୍ତ୍ତା ମାନଙ୍କୁ ପ୍ରତିଶ୍ରୁତି ଦେଇ ଏହି ମାମଲାର ତଦନ୍ତ ଜୟପୁର ଏସ୍‌ଡିପିଓ ପାର୍ଥ କାଶ୍ୟପଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଏବଂ ଆସନ୍ତା ୩ରୁ ୪ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଘଟଣା ସମ୍ପର୍କରେ ଏସ୍‌ପି ଶ୍ରୀ ବର୍ମା କିଛି ବିସ୍ତୃତ ଭାବେ କହିନଥିଲେ ସୁଦ୍ଧା ପରିବାରର ଗଣ୍ଡଗୋଳକୁ ନେଇ ଆଇନଜୀବୀଙ୍କ ଭାଇଙ୍କ ଏତଲାକୁ ଭିତ୍ତି କରାଯାଇ ଆଇନଜୀବୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଥିବା ନେଇ ସୂଚନା ଦେବା ସହିତ ତଦନ୍ତ ପରେ ସମସ୍ତ ଘଟଣା ଜଣାପଡ଼ିବ ବୋଲି କହିଥିଲେ। ପ୍ରକାଶ ଯେ, ଗତ ୨୪ ତାରିଖରେ ରାତିରେ ଅଭିଯୋଗକାରୀ ଆଇନଜୀବୀ ଶ୍ରୀ ରାଜଶେଖରଙ୍କ ଭାଇ ଜି ବିଜୟ ଶେଖର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କ ଆଇନଜୀବୀ ଭାଇ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଆସି ତାଙ୍କୁ ଏବଂ ତାଙ୍କ ବାପା ଓ ମା'ଙ୍କ ସମେତ ଅନ୍ୟାନ୍ୟ ସଦସ୍ୟଙ୍କୁ ଆକ୍ରମଣ କରିଛନ୍ତି। ଏହିପରି ତାଙ୍କର ବେକ ଚାପି ମାଡ଼ ମାରିଥିଲେ ଏବଂ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଭାଇଙ୍କ ବେକ ଚିପିଥିବା ବେଳେ କୌଣସି ପ୍ରକାରେ ତାଙ୍କ କବଳରୁ ଖସି ଆସି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ପଛପଛେ ତାଙ୍କ ଭାଇ ଆଇନଜୀବୀ ଶ୍ରୀ ରାଜଶେଖର ଥାନାରେ ପହଞ୍ଚି ନିଜ ପକ୍ଷରୁ ପାଲଟା ଏତଲା ଦେବାକୁ କହିଥିଲେ। କିନ୍ତୁ ତାଙ୍କ ଅବସ୍ଥା ଦେଖି ଡାୟରୀରେ ରହିଥିବା ପୁଲିସ ତାଙ୍କୁ ବସିବାକୁ କହିଥିଲେ ଏବଂ ତାଙ୍କ ଏତଲାକୁ ନେବାକୁ ମଧ୍ୟ ସୁଯୋଗ ଦିଆଯିବ ବୋଲି କହିଥିଲେ। କିନ୍ତୁ ଶ୍ରୀ ରାଜଶେଖର ମାନସିକ ସ୍ଥିତି ଠିକ ନଥିବା ଯୋଗୁଁ ଉପସ୍ଥିତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଥାନା ଅଧିକାରୀ

### ଏସ୍‌ପିଙ୍କ ସହ ଜିଲ୍ଲା ଆଇନଜୀବୀ ସଂଘର ଆଲୋଚନା

ଜଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ଥାନାର ସିସି ଟିଭିରେ ସମସ୍ତ ଘଟଣା ରେକର୍ଡ ହୋଇଥିବା ବେଳେ ଥାନାର ଟେବୁଲ ଚେୟାରକୁ ଗୋଇଠା ମାରିବା ଏବଂ ଡାୟରୀରେ ରହିଥିବା ଏସ୍‌ଆଇ ଏବଂ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଅଭିଯୋଗକାରୀ ଆଇନଜୀବୀ ଶ୍ରୀ ରାଜଶେଖର ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ଥାନାର କିଛି କର୍ମଚାରୀ ଟାଣି ନେଇ ଏକ କୋଠରୀ ଭିତରେ ପ୍ରବେଶ କରିବା ସହ ୪ରୁ ୫ ଜଣ ପୁଲିସ କର୍ମଚାରୀ ମାଡି ବସି ବେଲ୍ଟ ଏବଂ ମୁଥ ମାରିଥିଲେ। ଫଳରେ ତାଙ୍କ ମୁହଁ, ହାତର ଆଙ୍ଗୁଠି ଏବଂ ପିଠିରେ ଚିହ୍ନ ରହିବା ସହିତ କ୍ଷତ ସୃଷ୍ଟି ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଥାନାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହିପରି ଗଣ୍ଡଗୋଳକୁ ନେଇ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଦୁଇଜଣ ବରିଷ୍ଠ ଆଇନଜୀବୀ ସେଦିନ ରାତିରେ ଖବରପାଇ ଥାନାରେ ପହଞ୍ଚି ଆଲୋଚନା ମାଧ୍ୟମରେ ଘଟଣାର ସମାଧାନ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଟାଉନଥାନା ପୁଲିସ ପକ୍ଷରୁ ସମ୍ପୃକ୍ତ ଆଇନଜୀବୀଙ୍କ ଭାଇ ଜି.ବିଜୟ ଶେଖରଙ୍କ ଏତଲାକୁ ଭିତ୍ତି କରାଯାଇ ହତ୍ୟା ଉଦ୍ୟମ ଦଫାରେ ମାମଲା (୩୩/୨୬) ରୁଜୁ କରାଯାଇଛି ଏବଂ ଅଭିଯୁକ୍ତ ଆଇନଜୀବୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଛି ବୋଲି ଟାଉନଥାନା ପୁଲିସ ପକ୍ଷରୁ ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ ପୀଡ଼ିତ ଆଇନଜୀବୀ ଜିଲ୍ଲା ଆଇନଜୀବି ସଂଘରେ ତାଙ୍କୁ ଉକ୍ତ ଦିନ ରାତିରେ ପୁଲିସ ମାଡ ମାରିବା ସହିତ ଆହତ କରିଥିବା ନେଇ ଅଭିଯୋଗ କରିଥିଲେ। ତାଙ୍କର ପାଲଟା ଅଭିଯୋଗକୁ ପଞ୍ଜିକୃତ କରାଯାଇନାହିଁ ବୋଲି ଅଭିଯୋଗ କରିଥିଲେ। ଜିଲ୍ଲା ଆଇନଜୀବୀ ସଂଘ ପକ୍ଷରୁ ଗତକାଲି ସାଧାରଣ ପରିଷଦ ବୈଠକ ଡକାଯାଇ ଆଲୋଚନା କରାଯାଇ ଥିଲା ଏବଂ ରାଜ୍ୟ ଆଇନଜୀବୀ ସଂଘକୁ ଅବଗତ କରିବା ପରେ ଗତ ରବିବାର ରାଜ୍ୟ ଆଇନଜୀବି ସଂଘର ସମ୍ପାଦକ ଜେ.କେ ସାମନ୍ତସିଂହାର କୋରାପୁଟ ଜିଲ୍ଲା ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଟାଉନଥାନା ଅଧିକାରୀ ଶ୍ରୀ ରାଉତ ଏବଂ ତାଙ୍କ କର୍ମଚାରୀ ମାନେ ଆଇନଜୀବୀଙ୍କୁ ଘଟଣାଦିନ ରାତିରେ ଥାନାରେ ବେଆଇନ ଭାବେ ଅଟକ ରଖିବା ସହିତ ଶାରୀରିକ ନିର୍ଯାତନା ଦେଇଥିବା ଯୋଗୁଁ ତୁରନ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପତ୍ର ମାଧ୍ୟମରେ ଜଣାଇଥିଲେ। ସଂପୃକ୍ତ ପୀଡ଼ିତ ଆଇନଜୀବି ଶ୍ରୀ ରାଜଶେଖରଙ୍କ ଏତଲାକୁ ମଧ୍ୟ ପଞ୍ଜିକୃତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଥିନେଇ ଜିଲ୍ଲା ଆଇନଜୀବୀ ସଂଘର ସଭାପତି ସରୋଜ କୁମାର ଦାଶ କହିଛନ୍ତି ଯେ, ଜିଲ୍ଲା ଆଇନଜୀବୀ ସଂଘର କର୍ମକର୍ତ୍ତା ଏବଂ ଜୟପୁର ଏସ୍‌ଡିପିଓଙ୍କ ଉପସ୍ଥିତିରେ ଜିଲ୍ଲା ଏସ୍‌ପି ଶ୍ରୀ ବର୍ମାଙ୍କ ସହିତ ଆଲୋଚନା କରାଯାଇଛି ଏବଂ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ନିରପେକ୍ଷ ଭାବେ ଘଟଣାର ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ୩୮ ଏକର ଗଞ୍ଜେଇ ଚାଷ ନଷ୍ଟ



ବୈପାରୀଗୁଡ଼ା,୩୧୨(ସମିସ): ଗତ କିଛି ଦିନ ହେବ ଲଗାତାର ଭାବେ ବୈପାରୀଗୁଡାରେ ଚାଲିଛି ନୀଳ ଜହର ନଷ୍ଟ ଅଭିଯାନ। ବୈପାରୀଗୁଡା ପୁଲିସ ଓଆଇସି ଡମ୍ବୁରୁଧର ବର୍ତିଆ ଓ ଅବକାରୀ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ମିଳିତ ଚଢ଼ଉ ହୋଇଥିବା ବେଳେ ୩୮ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ପୂର୍ବରୁ ବୈପାରୀଗୁଡା ବ୍ଲକର ବିଭିନ୍ନ ସ୍ଥାନରେ ଗଞ୍ଜେଇ ଚାଷ ନଷ୍ଟ କରାଯାଉଥିବା ବେଳେ ଏବେ ମାଝୀଗୁଡା ପଞ୍ଚାୟତର ଭାଟିପୋଡ଼ା ଅଞ୍ଚଳରେ ଚଢ଼ଉ କରାଯାଇଛି। ସରକାରୀ ଜମି ଓ ଜଙ୍ଗଲ ଜମିରେ ବେଆଇନ ଭାବେ ଚାଷ ହୋଇଥିବା ୩୮ ଏକର ଅଞ୍ଚଳର ଗଞ୍ଜେଇ ଚାଷକୁ କାଟି ପୋଡି ଦିଆଯାଇଛି। ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୪ କୋଟିରୁ ଅଧିକ ହେବ ବୋଲି ଜଣାପଡିଛି । ଏହି ଚଢ଼ଉରେ ବୈପାରିଗୁଡା ଅତିରିକ୍ତ ତହସିଲଦାର ଝାଡେଶ୍ୱର ସୌରା, ବୈପାରୀଗୁଡା ଅବକାରୀ ଏଏସଆଇ ସରୋଜ କୁମାର ବେହେରା ଏଏସଆଇ ଜୟପୁର ସୋନା ମାଝୀ, ରଘୁନାଥ ସାଉନ୍ତା, ମହେଶ ବେହେରା, ରାଉତ୍ତୁ ଦୀନବନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

● ବୈପାରୀଗୁଡ଼ା ସମିତି ବୈଠକ

## ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ତାତିଲେ ଜନପ୍ରତିନିଧି



ବୈପାରୀଗୁଡ଼ା,୩୧୨(ସମିସ): ବୈପାରୀଗୁଡା ବ୍ଲକ ସଭାଗୃହ ଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ ଓ କୋଟପାଡ଼ ବିଧାୟିକା ରୁପୁ ଭତ୍ରା ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ନବରଙ୍ଗପୁର ସାଂସଦ ପ୍ରତିନିଧି ହରିହର ପ୍ରଧାନୀ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୁଆ ଓ ସଭ୍ୟା ମଣି ଯାନୀ, କୋଟପାଡ଼ ବିଧାୟକ ପ୍ରତିନିଧି ଚିଏଚ ପ୍ରଭାକର ରାଓ, ପ୍ରମୁଖ ମଞ୍ଚାସିନ ଥିଲେ। ବିଡିଓ ସୁବ୍ରତ ସାହୁ ଅତିଥି ପରିଚୟ ପ୍ରଦାନ ସହ ବୈଠକ ଆଭିମୁଖ୍ୟ ବିଷୟରେ କହିଥିଲେ। ଏଥିରେ ୨୦ଟି ପଞ୍ଚାୟତର ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଭାଗ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଭାଗର ଅଧିକାରୀ ଉପସ୍ଥିତ ନଥିବାରୁ ଜନପ୍ରତିନିଧି ମାନେ କ୍ଷୋଭ ପ୍ରକାଶ କରିରିଥିଲେ। ଅନୁପସ୍ଥିତ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ଶ୍ରୀ ମାଛ କହିଛନ୍ତି। ବୈଠକରେ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଜନପ୍ରତିନିଧିମାନେ ଉପସ୍ଥାପନା କରିଥିଲେ। ପୂର୍ବ ଦିନର ଅଭିଯୋଗ ସମସ୍ୟା ସମାଧାନ ହୋଇ ନଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ପାଣି ସମସ୍ୟା ସମାଧାନ ପାଇଁ ଆବଶ୍ୟକ ଖର୍ଚ୍ଚ ପଞ୍ଚାୟତ ବୁଝିବ ବୋଲି ନିଷ୍ପତି ନିଆଯାଇଛି। ଆଗକୁ ଗ୍ରୀଷ୍ମଋତୁ ଆସୁ ଥିବାରୁ ଏଭଳି ନିଷ୍ପତି ନିଆଯଇଛି ବୋଲି ଜଣାପଡ଼ିଛି।

## ମହାଶିବରାତ୍ରି ପ୍ରସ୍ତୁତି ବୈଠକ

ପାପଡାହାଣ୍ଡି,୩୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମହାଶିବରାତ୍ରି ପାଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ତପନ କୁମାର ନାୟକ ସଭାପତିତ୍ୱରେ ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ କପିଳଦେବ ସାହୁ, ତହସିଲ ସୁପରଭାଇଜର ଜାଭେଦ ଆକ୍ତର, ପୂର୍ବତନ ସରପଞ୍ଚ ଜଗନ ମୋହନ ରାଓ, ମନ୍ଦିର ପୂଜକ ଶିବ କୁମାର ତ୍ରିପାଠୀ, ଥାନା ଅଧିକାରୀ ଦୀପକ କୁମାର ଜେନା, ଏସଆଇ ଉମାକାନ୍ତ ଶବର, ଏଏସଆଇ ରାମ ନାୟକ, ରାଜସ୍ୱ ନିରୀକ୍ଷକ ମାହାଙ୍କୁଡ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ପୂଜକ ନୀଳକଣ୍ଠ ତ୍ରିପାଠୀ ଗତ ବର୍ଷ ବିବରଣୀ ପାଠ କରିଥଲେ। ବୈଠକରେ ମନ୍ଦିର ପରିସର ସଫାସୁତୁରା କରାଯିବ। ମନ୍ଦିର କମିଟି ତରଫରୁ ଦହିପଣାର ବ୍ୟବସ୍ଥା ପାଇଁ ନିଷ୍ପତି ହୋଇଥିଲା। ଠିକ ସମୟରେ ମନ୍ଦିର ଖୋଲିବା ସହ ନୀତିକାନ୍ତି ପରେ ଭକ୍ତଙ୍କ ଦର୍ଶନ ପାଇ ଖୋଲାଯିବ। ମନ୍ଦିର ଚତୁର୍ପାଶ୍ୱରେ ଟେଣ୍ଟ ଓ ପଙ୍ଖାର ବ୍ୟବସ୍ଥା ଓ ବ୍ଲିଚିଂ ପାଉଡର, ଧାଡି ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ପାଇ ବ୍ୟବସ୍ଥା, ପାନୀୟ ଜଳ ପାଇ ନିଷ୍ପତି ହୋଇଥିଲା। ରାତ୍ରି ୧୦ଟା ସମୟରେ ମହାଦ୍ୱୀପ ମନ୍ଦିର ଉପେର ଉଠିବ, ରାତ୍ରି ମନୋରଞ୍ଜନ ସକାଶେ ଅଧିବାସୀ ସାଂସ୍କୃତିକ ନାଟକ କରିବା ପାଇ ନିଷ୍ପତି କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇ ପୋଲିସ ଉପସ୍ଥିତ ରହିବାକୁ ନିଷ୍ପତି ହୋଇଛି। ଏହି ବୈଠକରେ ହରି ମୋହନ ଶର୍ମା, ଜି. ଅନନ୍ତ ମୂର୍ତ୍ତି, ଶିବ ପ୍ରସାଦ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ରାଜକିଶୋର ରାଓ, ବିନୋଦ ଅଗ୍ରୱାଲ, ଅଶୋକ ନାୟକ, ହରି ପାଣିଗ୍ରାହୀ, ଅଜୟ ବିଷୋୟୀ, ଏନ. ଜନାର୍ଦ୍ଦନ ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ।

● ମେଗା ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ

## ପାନୀୟ ଜଳଯୋଗାଣ ଦାବିରେ ରାସ୍ତା ଅବରୋଧ



ନାରାୟଣପାଟଣା, ୩୧୨ (ସମିସ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ବାଗାମ ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଦେଖା ଦେଇଛି। ଗ୍ରାମରେ ୧୨୦ ଘର ଥିବାବେଳେ ଜନସଂଖ୍ୟା ୫ଶହରୁ ଅଧିକ। ଏତେ ଲୋକଙ୍କ ପାଇଁ ଗ୍ରାମରେ ସରକାରଙ୍କ ତରଫରୁ ୪ଟି ନଳକୂପ ଥିବାବେଳେ ଦୁଇଟି ଅଚଳ ହୋଇ ପଡ଼ିଛି। ବାକି ଦୁଇଟିରୁ ସ୍ୱଳ୍ପ ପରିମାଣର ପାଣି ବାହାରୁଥିବାରୁ ତାହା ସମୁଦ୍ରକୁ ଶଙ୍ଖେ ପରି ମେନେ ହେଉଛି। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ତାଙ୍କ ଦୁଃଖ ବୁଝିବାକୁ କାହା ପାଖରେ ସମୟ ହିଁ ନାହିଁ। ଏନେଇ ଶେଷରେ ଗ୍ରାମବାସୀ ରାସ୍ତା ଉପରେ ହାଣ୍ଡି ବାଲ୍ଟି ଧରି ବସି ରହି ରାସ୍ତା ଅବରୋଧ କରିଥିବାରୁ ବୋର୍ଗି ଓ ଲଙ୍ଗଳବେଡା ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏପରିକି ସେଇ ରାସ୍ତାରେ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବା ଉପରେ ତାର ପ୍ରଭାବ ପଡ଼ିଥିଲା। ଖବର ପାଇ ବିଭାଗୀୟ ଅଧିକାରୀ ଉକ୍ତ ସ୍ଥାନରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଅପର ପଟେ ବ୍ଲକରେ ଚାଲିଥିବା ମେଗା ପ୍ରକଳ୍ପ କାର୍ଯ୍ୟ ଶେଷ ହେଉ ନଥିବାରୁ ସବୁ ସମସ୍ୟା ଉପୁଜୁଥିବା ଗ୍ରାମବାସୀ କହିଛନ୍ତି। ପ୍ରଶାସନ ବ୍ଲକ୍ ବାସୀଙ୍କୁ ମେଗା ପ୍ରକଳ୍ପର ସ୍ୱପ୍ନ ଦେଖାଇ ଦେଇ ଚୁପ୍ ବସି ପଡ଼ିଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ନେଇ ଥିବା ଠିକାଦାର ଜାଣି ଶୁଣି ଡେରି କରି ଚାଲିଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ମେଗା ପ୍ରକଳ୍ପ ତୁରନ୍ତ ଚାଲୁ କଲେ ନାରାୟଣପାଟଣା ବ୍ଲକରେ ଆଉ ପାନୀୟ ଜଳର ସମସ୍ୟା ରହିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଚୋରି

ପୋଡ଼ାଗଡ଼,୩୧୨(ସମିସ): କୋରାପୁଟ -ରାୟଗଡ଼ା ୩୨୬ନଂ ଜାତୀୟ ରାଜପଥ କଡ଼ ପରଜା ସୁକୁ ଛକରେ ଥିବା ଏକ ଘରୁ ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଚୋରି ହୋଇଛି। କୋରାପୁଟ ସଦର ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ ଚନ୍ଦର କୁମାର ପଣ୍ଡାଙ୍କ ଘରୁ ଚୋରି ହୋଇଛି। ନିଜ ସମ୍ପର୍କୀୟଙ୍କ ଘରକୁ ଭୋଜିରେ ସାମିଲ ହେବା ପାଇଁ ଗତ ଶନିବାର ଦିନ ପରିବାର ସହ ଯାଇଥିଲେ। ମଙ୍ଗଳବାର ପାର୍ବତୀପୁରରୁ ଫେରିଲା ବେଳକୁ ଘରର ତାଲା ଭାଙ୍ଗି ଯାଇଥିବା ଦେଖିଥିଲେ। ନିଜ ଘରେ ପଶି ଦେଖିଲା ବେଳେକୁ ଘରର ଆଲମାରୀ ଖୋଲା ଯାଇଥିଲା। ଆଲମାରୀ ଖୋଲାଥିବା ଦେଖି ଆଖପାଖ ଲୋକଙ୍କୁ ଡାକି ଦେଖାଇଥିଲେ। ଆଲମାରୀରେ ଥିବା ୧ ଲକ୍ଷ ୨୦ ହଜାର ଟଙ୍କା ଓ ପାଖାପାଖି ୨ ରୁ ୩ ତୁଳା ସୁନା ନଥିବା ଦେଖି ହତାଶ ହୋଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ଅତି ଚତୁରତା ସହ ଚୋରି କରିଛନ୍ତି। ଚୋରି କଲାପରେ ଉକ୍ତ ତାଲା ଭାଙ୍ଗି ଅନ୍ୟ ଏକ ତାଲା ପକାଇ ଦେଇଥିବା ଦେଖା ଦେଇଛି। ଏନେଇ କୋରାପୁଟ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ କୋରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ କୃପାଦାନ ଖୋସଲା ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଡ଼ାଗଡ ବାସୀ କହିଛନ୍ତି କି ଗତ ଦିନ ହେଲା ଅନେକ ଚୋରି ହୋଇଛି। ଏତଲା ଦେଲେ ମଧ୍ୟ ଚୋର ଧରାପଡୁନାହାନ୍ତି। ଆଗାମୀ ଦିନରେ ପୋଡ଼ାଗଡ ଠାରେ ପୋଲିସ ଆଉଟ୍ ପୋଷ୍ଟ କରିବାକୁ ଦାବି ହେଉଛି।

● ନଳିନୀ ବିଦ୍ୟାମନ୍ଦିରରେ ଛାତ୍ରୀ ଝାଡ଼ାବାନ୍ତି ଆକ୍ରାନ୍ତ ହେବା ଘଟଣା

## କାରଣ ଖୋଜିବାରେ ବିଫଳ ସ୍ୱାସ୍ଥ୍ୟ ବିଭାଗ

**ବିଷମ କଟକ,୩୧୨(ସମିସ):** ଶୁକ୍ରବାର ଦିନ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକଣା ପଞ୍ଚାୟତ ଅଧିନରେ ଥିବା ବାରୀଗୁଡା ନଳିନୀ ବିଦ୍ୟା ମନ୍ଦିର ହଷ୍ଟେଲର ୪୨ଜଣ ଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହେବା ଏବଂ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ପାଞ୍ଚଦିନ ବିତିଯାଇଥିଲେ ସୁଦ୍ଧା ଏହାର କରଣ ଖୋଜି ପାରୁନାହିଁ ସ୍ୱାସ୍ଥ୍ୟ ବିଭାଗ। ସମସ୍ତ ଆକ୍ରାନ୍ତ ଛାତ୍ରୀ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ସେଥିରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ବର୍ତମାନ ସୁଦ୍ଧା ୧୫ଜଣ ଛାତ୍ରୀ ମେଡିକାଲାରେ ଚିକିତ୍ସାଧିନ ଅବସ୍ଥାରେ ରହିଛନ୍ତି।ଏଥିରେ କିଛି ଛାତ୍ରୀ ସୁସ୍ଥ ହୋଇ ଫେରିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଟିମ୍ ବିଦ୍ୟାଳୟର ଛାତ୍ରାବାସକୁ ଯାଇ ସମସ୍ତ ପ୍ରକାର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛି । ହେଲେ ବର୍ତମାନ ସୁଦ୍ଧା କୌଣସି ରିପୋର୍ଟ ହସ୍ତଗତ ହୋଇନାହିଁ। ଯଦ୍ୱାରା ପାଞ୍ଚ ଦିନ ବିତିଯାଇଥିଲେ ମଧ୍ୟ ଝାଡାବାନ୍ତିର କାରଣ ଅସ୍ପଷ୍ଟ ରହିଛି। ଖାଦ୍ୟ ବିଷକ୍ରିୟ ନା ଦୂଷିତ ପାଣି କାରଣରୁ ଝାଡାବାନ୍ତି ହେଉଛି ତାହା ସ୍ପଷ୍ଟ ହୋଇପାରୁନାହିଁ। ଏ ନେଇ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ହରିହର ବଳଦେବ ଟୁଡୁଙ୍କ ସହ ଯୋଗାଯୋଗ କରାଯିବାରୁ ନମୁନା ସଂଗ୍ରହ କରାଯାଇ କଟକ ପଠାଯାଇଛି। ଏହାର ରିପୋର୍ଟ ଆସିଲା ପରେ ଝାଡାବାନ୍ତିର କାରଣ ସ୍ପଷ୍ଟ ହେବ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଛାତ୍ରୀଙ୍କ ଚିକିତ୍ସା ଚାଲିଛି ଏବଂ ସେମାନଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ



ମାଲକାନଗିରି, ୩୧୨(ସମିସ): ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ଆଜି ପେଟ୍ରୋଲିଂ ସମୟରେ ୧୬ କେଜି ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ମାଲକାନଗିରି ସଦର ଥାନା ଅନ୍ତର୍ଗତ ଦାନିଗୁଡା ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଙ୍ଗ କରୁଥିବା ସମୟରେ କୋରୁକୋଣ୍ଡାରୁ ମାଲକାନଗିରି ଅଭିମୁଖେ ଜଣେ ବ୍ୟକ୍ତି ଏକ ସ୍କୁଟି ଯୋଗେ ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ ହେବାରୁ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କ ନିକଟରୁ ୧୬ କେଜି ଗଞ୍ଜେଇ ଜବତ କରିବା ସହ ସ୍କୁଟିକୁ ଜବତ କରାଯାଇଛି। ଏହି ଗଞ୍ଜାଇକୁ ସୁକୁମା ଅଭିମୁଖେ ନେଉଥିବା ନେଇ ସ୍କୁଟି ଚାଳକ ସ୍ୱୀକାର କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଷାଠିଏ ହଜାର ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ସ୍କୁଟି ଚାଳକ ଚନ୍ଦ୍ର ଗୁଣ୍ଟାଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ଘର ବାଲିମେଳା ବୋଲି ଜଣାପଡିଛି। ଏହି ଚଢ଼ଉରେ ଅବକାରୀ ବିଭାଗର ଇନ୍ସପେକଟର ବିଙ୍ଗରାଜ ଦାମୀ, ଜ୍ଞାନରଞ୍ଜନ ସାହୁ, ପ୍ରଦୀପ ନାୟକ, ପାଣ୍ଡବ ଟୁଡୁ, ଚନ୍ଦନ ଚେଟି ପ୍ରମୁଖ ସାମିଲ ଥିଲେ।

# ଆଦିବାସୀଙ୍କ ମୌଳିକ ଅଧିକାର ନେଇ ବିକ୍ଷୋଭ



ପଦ୍ମପୁର,୩୧୨(ସମିସ): ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ପଦ୍ମପୁର ବ୍ଲକ କେନ୍ଦୁଗୁଡା ହାଟପଦା ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି କେନ୍ଦୁଗୁଡା ରାଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅତିରିକ୍ତ ତହସିଲଦାରଙ୍କୁ ୧୦ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। କେନ୍ଦୁଗୁଡା ରାଜସ୍ୱ କର୍ମଚାରୀ ଜଙ୍ଗଲ ଜମି, ଘର ଡିହ ପଟା ପ୍ରଦାନ କରିବା, ଜଙ୍ଗଲ ଜମି ଚିହ୍ନଟ କରିବା ପାଇଁ ଆର,ଆଇ ଓ ଓମିନ ମାସିକ ୧୫ ଦିନ କାମ କରିବା, ଭିବି ଜି ରାମ ଜି ଆଇନ ବାତିଲ କରିବା ସହ ମନେରଗା ଆଇନ ଲାଗୁ କରିବା , ଦୈନିକ ୬୦୦ ଟଙ୍କା ମଜୁରୀ ପ୍ରଦାନ କରିବା , ସମସ୍ତଙ୍କ ପାଇଁ ମାଗଣା ୩୦୦ ୟୁନିଟ୍ ବିଦ୍ୟୁତ ଯୋଗାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷ ଟଙ୍କା ଯୋଗାଇବା, ସମସ୍ତ କ୍ଷେତ ମଜଦୁର ରାସନ କାର୍ଡ ଧାରିକୁ ୫୦ କେଜି ଚାଉଳ, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ କରିବା, କୃଷକ ବିରୋଧି ବିହନ ବିଲ ବାତିଲ କରିବା, ଜନ ବିରୋଧୀ ବିଦ୍ୟୁତ୍ ସଂଶୋଧନ ବିଲ୍ ବାତିଲ କରିବା ଦେବା ପାଇଁ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ ଫେବୃଆରୀ ୧୨ ତାରିଖ ଦିନ ଧର୍ମଘଟ ଓ ହଡତାଲ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜେନ୍ଦ୍ର ମାଝି (ବ୍ଲକ ସମ୍ପାଦକ) , ମାଥ୍ୟୁ ରଇତ, ପ୍ରକାଶ ମାଝୀ, କେଶବ ମାଝୀ, ଯୋହନ ମାଝୀ , ହର୍ଷନନ୍ଦ ଲିମା, କର୍ଣ୍ଣଏଲ ଗମାଙ୍ଗ, ବୈରପତି ଶବର, ଦାଉଦ ମାଝୀ, ପାଉଲ ରଇତ, ଭିମ ମାଝୀ, ସାହେବ ଲିମା, ଝାଡୁଗା ମାଝି ଓ ଯକ୍ଷ ଲିମା ପ୍ରମୁଖ ଉପସ୍ଥିତ ରହିଥିଲେ।

● ଚେନ୍ନାଇରେ ଚମକିଲେ କୋରାପୁଟ ଡାକ ବିଭାଗ କର୍ମଚାରୀ

## ସର୍ବଭାରତୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତାରେ ପାଇଲେ ଦ୍ୱିତୀୟ ସ୍ଥାନ



କୋରାପୁଟ,୩୧୨(ସମିସ): ଚେନ୍ନାଇରେ ଡାକ ବିଭାଗ ଦ୍ୱାରା ଆୟୋଜିତ ସର୍ବଭାରତୀୟ କ୍ରୀଡା ପ୍ରତିଯୋଗିତାରେ କୋରାପୁଟ ଡାକ ବିଭାଗ ମୁଖ୍ୟ କାର୍ଯ୍ୟଳୟରେ କାର୍ଯ୍ୟରତ ବସନ୍ତ କୁମାର ମେଲେକା ପାୱାର ଲିଫ୍ଟିଂରେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରି କୋରାପୁଟ ଜିଲ୍ଲା ଓ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ବସନ୍ତ କୁମାର ମେଲେକା ଛାତ୍ର ଜୀବନରୁ କ୍ରୀଡା ପ୍ରତି ରୁଚି ରଖିଥିଲେ, ସେ ବିଭିନ୍ନ ସମୟରେ କ୍ରୀଡା କ୍ଷେତ୍ରରେ ସଫଳତା ପାଇଁ ପୁରସ୍କୃତ ହୋଇଥିବା ବେଳେ ଜଣେ ଉଚ୍ଚ କୋଟୀର କ୍ରୀଡାବିତ ଭାବେ ସ୍ପୋର୍ଟସ କୋଟାରେ ଡାକ ବିଭାଗରେ ଚାକିରି ପାଇଥିଲେ। ଗତ ମାସ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଡାକ ବିଭାଗର ତାମିଲନାଡୁ ସର୍କଲ ଦ୍ୱାରା ଚେନ୍ନାଇରେ ଆୟୋଜିତ ପ୍ରତିଯୋଗିତାରେ ବସନ୍ତ ମୋଟ ୪୬୦ କିଲୋଗ୍ରାମ ବର୍ଗରେ ଭାଗ ନେଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ବସନ୍ତ ଜଣେ ମାତ୍ର ଓଡ଼ିଶାର ସଫଳ ପ୍ରତିଯୋଗୀ ହୋଇଛନ୍ତି। ଚେନ୍ନାଇରେ ଅନୁଷ୍ଠିତ ଏକ ସମାରୋହରେ ଡାକ ବିଭାଗ ତାମିଲନାଡୁ ସର୍କଲ ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲ ମିସ୍ ମାରିଆନା ଥୋମାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବସନ୍ତ ମେଲେକାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବସନ୍ତ କର୍ମ କ୍ଷେତ୍ରରେ ପହଞ୍ଚିବା ପରେ କୋରାପୁଟ ମୁଖ୍ୟ କାର୍ଯ୍ୟାଳୟର ପୋଷ୍ଟ ମାଷ୍ଟର ଅନାମ ଚରଣ ପାତ୍ର ଏବଂ ଅନ୍ୟମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

### ରାଷ୍ଟ୍ରପତିଙ୍କୁ ସ୍ୱାଗତ ପାଇଁ ପାହାଡ଼ପୁର ଗାଁ ଚଳଚଞ୍ଚଳ

# ଦିଦିଙ୍କ ଅପେକ୍ଷାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ






**ରାଇରଙ୍ଗପୁର, ୩।୧(ସମିସ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠୁ ୬ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଗସ୍ତରେ ଆସୁଛନ୍ତି। ବୁଧବାର ରାଇରଙ୍ଗପୁରରେ ପହଞ୍ଚିବାକୁ ଥିବାବେଳେ ଗୁରୁବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପାହାଡପୁର ଗ୍ରାମ ପରିଦର୍ଶନ କରିବେ। ରାଇରଙ୍ଗପୁର ତାଙ୍କ ଜନ୍ମଭୂମି ଓ କର୍ମଭୂମି ହୋଇଥିଲେ ସୁଦ୍ଧା କୁସୁମୀ ବ୍ଲକ ଅନ୍ତର୍ଗତ ଉପରବେଡ଼ା ଗ୍ରାମ ହେଉଛି ତାଙ୍କ ପୈତୃକ ଗ୍ରାମ ଓ ପାହାଡପୁର ତାଙ୍କ ଶାଶୂ ଘର ଗାଁ ଅଟେ। ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ ଚତୁର୍ଥ ଥର ପାଇଁ ଜିଲ୍ଲା ଗସ୍ତରେ ଆସୁଥିବାବେଳେ ଗ୍ରାମକୁ ଏହା ତୃତୀୟ ଥର ଗସ୍ତ ହେବ। ଏ ନେଇ ପାହାଡ଼ପୁର ଗ୍ରାମର ଚଳଚଞ୍ଚଳ ହୋଇ ଉଠିଛି। ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଚାଲିଥିବାବେଳେ ତାହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପ୍ରସ୍ତୁତିକୁ ଆଗେଇ ନିଆଯାଇଛି। ସମୟ ଯେତିକି ପାଖେଇ ପାଖେଇ ଆସୁଛି ଗ୍ରାମବାସୀ, ଏସଏଲଏସ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କ ମଧ୍ୟରେ ଉତ୍ସାହ ପ୍ରବଳ ହେବାରେ ଲାଗିଛି।

ଫେବୃଆରୀ ୫ ତାରିଖ ଗୁରୁବାର ଦିନ ସକାଳୁ ନିଜ ବାସଭବନରେ ଜଳଖିଆ ପରେ ସକାଳ ୯.୦୦ ଘଟିକା ସମୟରେ ଶାଶୂ ଘର ଗ୍ରାମ ପାହାଡପୁରକୁ ଗସ୍ତ କରିବେ। ସେଠାରେ ତାଙ୍କ ସ୍ୱାମୀ ଓ ଦୁଇ ପୁଅଙ୍କ ସ୍ମୃତିରେ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟର ନିର୍ମାଣ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଝିଅ ଇତିଶ୍ରୀ ମୁର୍ମୁ ଏସଏଲଏସ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଅଛନ୍ତି। ଇତିଶ୍ରୀଙ୍କ ତତ୍ତ୍ୱାବଧାନରେ ଏସଏଲଏସ ଟ୍ରଷ୍ଟ ବୋର୍ଡ ଦ୍ୱାରା ଉକ୍ତ ବିଦ୍ୟାଳୟ ପରିଚାଳିତ ହେଉଛି। ତେବେ ଗୁରୁବାର ଦିନ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପାହାଡପୁର ଗ୍ରାମକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଉଛି। ପାହାଡ଼ପୁର ଗ୍ରାମସ୍ଥ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଦ୍ୟାଳୟ ପରିସରରେ ଥିବା ରାଷ୍ଟ୍ରପତିଙ୍କ ସ୍ୱାମୀ ଓ ଦୁଇପୁଅଙ୍କ ପ୍ରତିମୂର୍ତ୍ତି ସଫାସୁତୁରା କରାଯାଇଛି। ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଗୋଷାଣୀ ପୂଜା କରିବା ସହ ଜାହିରା ସ୍ଥଳରେ ପୂଜାର୍ଚ୍ଚନା କରିବେ। ଯାହାକୁ ନେଇ ପାହାଡପୁର ଗ୍ରାମ ରାସ୍ତା ସହିତ ଜାହିରା ପୀଠକୁ ମଧ୍ୟ ସାଜସଜ୍ଜା କରାଯାଉଛି। କେଉଁଠି ରଙ୍ଗ ମାରିବା କାର୍ଯ୍ୟ ଚାଲିଛି ତ କେଉଁଠି ବିଦ୍ୟୁତ ଯୋଗାଣ କାର୍ଯ୍ୟ ଚାଲିଛି। ଏଥିସହ ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ କରାଯାଉଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରାସ୍ତା କଡ଼ରେ ବ୍ୟାରିକେଡ଼ ଦିଆଯାଇଛି। ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ରହିଛି। ସେଠାରେ ରାଷ୍ଟ୍ରପତିଙ୍କ ସମ୍ପର୍କୀୟ, ପାହାଡପୁର ବାସିନ୍ଦା, ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ରାଷ୍ଟ୍ରପତିଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ସେଠାରେ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ସୁଟିଂ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି।

ତେବେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ପୁଣି ଥରେ ଭାରତର ରାଷ୍ଟ୍ରପତି ତଥା ତାଙ୍କର ଦିଦିଙ୍କୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ତାଙ୍କ ସହ ଭାବବିନିମୟ କରିବେ। ଯାହାକୁ ନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ବେଶ ଖୁସି ଅଛନ୍ତି। ଏସଏଲଏସ ଟ୍ରଷ୍ଟ ବୋର୍ଡର ଉପାଧ୍ୟକ୍ଷ ମୁନା ପ୍ରତିହାରୀଙ୍କ ତତ୍ତ୍ୱାବଧାନରେରେ ବିଦ୍ୟାଳୟର ସାଜସଜ୍ଜା ସହିତ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ପାହାଡପୁର ଗ୍ରାମ ଏଲଆଣ୍ଡଟି ପକ୍ଷରୁ ହୋଇଥିବା ଦକ୍ଷତା ବିକାଶ କେନ୍ଦ୍ରକୁ ରାଷ୍ଟ୍ରପତି ଯିବେ ବୋଲି ସୂଚନା ମିଳିଛି। ସେପଟେ ପ୍ରଶାସନିକ ଅଧିକାରୀ ଘନଘନ ପାହାଡପୁର ଗସ୍ତ କରୁଛନ୍ତି। ତେବେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରାଷ୍ଟ୍ରପତିଙ୍କୁ ପାଖରୁ ଦେଖିବା ପାଇଁ ଅତି ଉତ୍ସାହ ଓ ଉତ୍କଣ୍ଠା ସହିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଅପେକ୍ଷା କରିଛନ୍ତି।

## ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ସଭାସ୍ଥଳ ପ୍ରସ୍ତୁତ



**ରାଇରଙ୍ଗପୁର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ରାଇରଙ୍ଗପୁର ଚଳଚଞ୍ଚଳ ହୋଇଉଠିଛି। ବୁଧବାର ପ୍ରଥମ ଦିନ ଗସ୍ତ ଅବସରରେ ରାଇରଙ୍ଗପୁରସ୍ଥ କଚେରୀ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ, ଓୟୁଏଟି, ଆର୍ଚେରୀ କେନ୍ଦ୍ର, ରାଇରଙ୍ଗପୁର ସହର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ପୌରପାଳିକା ସମ୍ମିଳନୀ କକ୍ଷ ଓ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ୩୬୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଓ ନିଶା ନିବାରଣ କେନ୍ଦ୍ର ଆଦିର ଶିଳାନ୍ୟାସ ସହ ଆଇଟି କେନ୍ଦ୍ରର ଉଦଘାଟନ ଭର୍ଚୁଆଲ ମୋଡ଼ରେ କରିବେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ସାଂସଦ ଓ ବିଧାୟକ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ କଚେରୀ ପଡ଼ିଆ ବିରାଟ ଟେଣ୍ଟର ସ୍ୱତନ୍ତ୍ର ସଭା ପ୍ୟାଣ୍ଡେଲ ପ୍ରସ୍ତୁତି କରାଯାଇଛି। ଉକ୍ତ ସ୍ଥାନର ଶେଷ ପର୍ଯ୍ୟାୟର ପ୍ରସ୍ତୁତି ଜିଲ୍ଲାପାଳ ହେମକାନ୍ତ ସୟ ତଦାରଖ କରି ଆବଶ୍ୟକ କାର୍ଯ୍ୟକୁ ସମ୍ପାଦନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ମଧ୍ୟରେ ଚଳଚଞ୍ଚଳତା ରହିଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ, ଜିଲ୍ଲାପାଳ, ଏଡିଜି, ଡିଆଇଜି, ଏସପି, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ତହସିଲଦାର, ବିଡ଼ିଓ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଦୁଇଟି ମନ୍ଦିରରେ କରିବେ ପୂଜା



**ରାଇରଙ୍ଗପୁର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ଦିନିଆ ଗସ୍ତରେ ଆସୁଥିବାବେଳେ ରାଇରଙ୍ଗପୁରସ୍ଥ ଦୁଇଟି ମନ୍ଦିରରେ ପୂଜା କରିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ଶ୍ରୀପୂର୍ଣ୍ୟେଶ୍ୱର ମହାଦେବ ମନ୍ଦିର ଓ ଶ୍ରୀଜଗନ୍ନାଥ ମନ୍ଦିରକୁ ସାଜସଜ୍ଜା କରାଯାଇଛି। ଗସ୍ତର ପ୍ରଥମ ଦିନ ଅର୍ଥାତ ଫେବୃଆରୀ ୪ ତାରିଖରେ ରାଇରଙ୍ଗପୁରର ମୁର୍ମୁ ଛକ ନିକଟସ୍ଥ ଶ୍ରୀପୂର୍ଣ୍ୟେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ଠାକୁରଙ୍କ ଦର୍ଶନ କରି ଆଶିଷ କାମନା କରିବେ। ପରେ ସେଠାରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ସୁଟିଂ କରିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ମନ୍ଦିର ପରିସରକୁ ସଜାଯାଇଛି। ଏହାସହିତ ମନ୍ଦିର ସଫାସୁତୁରା କରିବା ସହ ପୂଜା ପାଇଁ ପ୍ରସ୍ତୁତ କରାଯାଇଛି। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ନିଜେ ସଫେଇ କାର୍ଯ୍ୟ କରିଥିବା ଦେଖିବାକୁ ମିଳିଛି। ତହସିଲଦାର ଓ ତହସିଲ କର୍ମଚାରୀ ମିଶି ମନ୍ଦିର ମଧ୍ୟରେ ସଫେଇ କରିବା ସହ ପୂଜା ବାସନ ଆଦି ସଫା କରିଛନ୍ତି। ରାଷ୍ଟ୍ରପତିଙ୍କ ବାଧାଶୂନ୍ୟ ପୂଜାର୍ଚ୍ଚନା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

ସେହିପରି ଗସ୍ତର ଦ୍ୱିତୀୟ ଦିନ ଫେବୃଆରୀ ୫ରେ ରାଇରଙ୍ଗପୁରସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯିବେ। ସେଠାରେ ପୂଜାର୍ଚ୍ଚନା କରିବା ସହ ପ୍ରସାଦସେବନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଦୁଇଟି ମନ୍ଦିରରେ ରାଷ୍ଟ୍ରପତି ପୂଜା କରିବାକୁ ଥିବାବେଳେ ତ୍ରୁଟି ଶୂନ୍ୟ ବ୍ୟବସ୍ଥା ପାଇଁ ପୂର୍ବ ପ୍ରସ୍ତୁତି ଶେଷ ହୋଇଯାଇଛି। ସୁରୁଖୁରୁରେ ସମସ୍ତ ବ୍ୟବସ୍ଥା ପରିଚାଳନା ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

## ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଏଡିଜି ଓ ଏସ୍‌ପି

**ରାଇରଙ୍ଗପୁର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାରରୁ ୩ ଦିନିଆ ଜିଲ୍ଲା ଗସ୍ତରେ ଆସୁଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏ ନେଇ ପୁଲିସ ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଇଛି। ମଙ୍ଗଳବାର ରାଇରଙ୍ଗପୁରସ୍ଥ କଚେରୀ ପଡ଼ିଆରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା ହୋଇଛି। ଅତିରିକ୍ତ ଡିଜି ଦୟାଳ ଗାଙ୍ଗୱାର ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ପୁଲିସ ସୁରକ୍ଷା ବ୍ୟବସ୍ଥା ନେଇ ବ୍ରିଫିଂ ସହ ମକଡ୍ରିଲ କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ବ୍ଲୁ-ବୁକ୍ ସିକ୍ୟୁରିଟି ଅନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରିଜର୍ଭ ପୁଲିସ ଫୋର୍ସ ଓ ପୋଲିସ କର୍ମଚାରୀଙ୍କ ଦାୟିତ୍ୱ ବାବଦରେ ଜଣାଯାଇଛି। ବରିଷ୍ଠ ପୁଲିସ ଓ ପ୍ରଶାସନିକ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ତଦାରଖ ସହ ସମୀକ୍ଷା କରୁଛନ୍ତି। ପ୍ରତି କାର୍ଯ୍ୟକ୍ରମ ସ୍ଥଳରେ ଜଣେ ଲେଖାଏଁ ଅଭିଜ୍ଞ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୁରକ୍ଷା ବ୍ୟବସ୍ଥା ନେଇ ନିୟୋଜିତ କରାଯାଇଛି। କୌଣସି ପ୍ରକାର ତ୍ରୁଟିମୁକ୍ତ ଭାବେ ପ୍ରୋଟୋକଲ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କିପରି ହେବ ସେନେଇ ପୁଲିସ ବିଭାଗ ସଚେତନ ରହିଛି। ରାଷ୍ଟ୍ରପତିଙ୍କ ପ୍ରତିଟି ଗସ୍ତ ସ୍ଥାନ, ସଭା ସ୍ଥଳ, ଶିମିଳିପାଳ ଅଭୟାରଣ୍ୟ ଆଦିରେ ସୁରକ୍ଷା ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି। ସୁରକ୍ଷା ପାଇଁ ୪୮ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ୬ ଜଣ ଏସପି ଓ କମାଣ୍ଡାଣ୍ଟ ପାହ୍ୟା ଅଫିସର, ୧୨ ଜଣ ଏଏସପି ଓ ଡେପୁଟି କମାଣ୍ଡାଣ୍ଟ ପାହ୍ୟା ଅଫିସର, ୨୭ ଡିଏସପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପାହ୍ୟା ଅଫିସର, ୬୦ ଇନ୍ସପେକ୍ଟର, ୧୬୦ ଏସଆଇ, ୩୪୦ ହୋମଗାର୍ଡ, ୩ଟି ଏସ୍‌ଓଜି ଟିମ୍, ୨ଟି ଡିବିଏଫ ଟିମ, ଗୋଟିଏ ଓଡ୍ରାଫ ଟିମ୍ ସମେତ ଅନ୍ୟାନ୍ୟ ଫୋର୍ସ କର୍ମଚାରୀ ମୁତୟନ ହେବେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ପୁଲିସ ବିଭାଗ ସମସ୍ତ ପ୍ରସ୍ତୁତ ଶେଷ ହୋଇ କାର୍ଯ୍ୟକ୍ରମ ସ୍ଥଳରେ ପୁଲିସ ନିୟୋଜିତ ହୋଇଛନ୍ତି। କଡାକଡି ଭାବେ ପୁଲିସର ଛାଉଣୀ ହୋଇଛି। ଏଡିଜି ଦୟାଳ ଗାଙ୍ଗୱାର, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଏସପି ବରୁଣ ଗୁଣ୍ଟୁପାଲି ସମେତ ଅନ୍ୟ ଅଧିକାରୀ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କଡାକଡି ଭାବରେ କରୁଛନ୍ତି। ରାଷ୍ଟ୍ରପତିଙ୍କ ୩ ଦିନିଆ ଗସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନା ନେଇ ପ୍ରତିଦିନ ସୁରକ୍ଷା ବ୍ୟବସ୍ଥାର ବରିଷ୍ଠ ପୁଲିସ ଅଧିକାରୀ ତଦାରଖ ସହ ସମୀକ୍ଷା କରୁଛନ୍ତି।






## ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟିତ ହେବ ହଲିଡେ ହୋମ୍

**ରାଇରଙ୍ଗପୁର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଇରଙ୍ଗପୁରକୁ ଗସ୍ତରେ ଆସି ପହଞ୍ଚିବା ପରେ ପ୍ରଥମେ ହଲିଡେ ହୋମ୍ ଉଦଘାଟନ କରିବେ। ଏଥିସହିତ ଉକ୍ତ ସ୍ଥାନରେ ତାଙ୍କର ରହଣି ରହିଛି। ଯାହାକୁ ନେଇ ହଲିଡେ ହୋମକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ନିମନ୍ତେ ମହୁଲଡିହାସ୍ଥ ସେଣ୍ଟ୍ରାଲ ଗଭର୍ମେଣ୍ଟ ହଲିଡେ ହୋମ୍ ଅପେକ୍ଷାରେ ରହିଛି। ଉପାନ୍ତ ଅଞ୍ଚଳରେ ପ୍ରଥମ କରି ଉକ୍ତ ହଲିଡେ ହୋମ ହୋଇଛି। ଯାହାକି ବେଶ ସୁନ୍ଦର ଭାବେ ନିର୍ମିତ ହୋଇଛି। ରାଇରଙ୍ଗପୁରରେ ଏହା ନିର୍ମାଣ ଦ୍ୱାରା ବିକାଶ କ୍ଷେତ୍ରରେ ସହାୟକ ହେବ। ତେବେ ରାଇରଙ୍ଗପୁରର ବଇଦାପୋଷିସ୍ଥ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉଦ୍‌ଘାଟନ କାର୍ଯ୍ୟକ୍ରମ ସ୍ଥଗିତ ହୋଇଛି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ାବିତ୍‌ଙ୍କ ପ୍ରତିଭାକୁ ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ପରିସ୍ଫୁଟନ କରିବା ପାଇଁ ନିର୍ମିତ ଉକ୍ତ ଜାତୀୟ ସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହା ରାଷ୍ଟ୍ରପତି ଉଦ୍‌ଘାଟନ କରିବା ନେଇ ପୂର୍ବରୁ ଚୂଡାନ୍ତ ହୋଇଥିଲା। କିନ୍ତୁ କୌଣସି କାରଣ ନିମନ୍ତେ ତାହାକୁ ସ୍ଥଗିତ କରାଯାଇଛି। ଆଗକୁ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି। ରାଷ୍ଟ୍ରପତି ବୁଧବାର ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଇରଙ୍ଗପୁରସ୍ଥ ଦାଣ୍ଡବୋଷ ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ପ୍ରଥମେ ହଲିଡେ ହୋମକୁ ଯାଇ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟ କାର୍ଯ୍ୟକ୍ରମ ସାରି ପୁଣି ସନ୍ଧ୍ୟା ସମୟରେ ହଲିଡେ ହୋମ ଯାଇ ସେଠାରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି।

## ଐତିହାସିକ ସରସ୍ୱତୀ ମେଳା ଉଦ୍‌ଘାଟିତ



**ଉଦଳା, ୩।୨(ସମିସ):** ଐତିହାସିକ ସରସ୍ୱତୀ ମେଳା ଉଦ୍‌ଘାଟିତ ହୋଇଛି। ବିଭିନ୍ନ ପ୍ରକାର ୧୦୦୦ରୁ ଅଧିକ ଦୋକାନ ସହିତ ରାମଦୋଳି, ମିନାବଜାର ମେଳାର ଆକର୍ଷଣ ବୃଦ୍ଧି କରିଛି। ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡି, ଉପନଗରପାଳ ଲିଲି ଭୋଳ ମେଳାକୁ ଉଦ୍‌ଘଟନ କରିଛନ୍ତି। କାଉନସିଲ ଧୀରେନ୍ଦ୍ର ଖଣ୍ଡେଲୱାଲ, ସୌଭାଗ୍ୟ ସାହୁ, ଉର୍ମିଳା ପାତ୍ର, ଭଗବତୀ ପାତ୍ର, ଶୁଭଦୀପ ମହାନ୍ତି, ପଦ୍ମାବତୀ ଦେହୁରୀ, ମମତା ଟୁଡୁ, ସଭାପତି ବସନ୍ତ ପରିଡ଼ା, ସମ୍ପାଦକ ରବୀନ୍ଦ୍ର ପରିଡ଼ା, ଉପସଭାପତି କ୍ଷୀରୋଦ ମହାନ୍ତି, ଉପଦେଷ୍ଟା ପ୍ରଭାତ ପରିଡ଼ା, ହାଡ଼ିବନ୍ଧୁ ପୋଥାଳ, କୋଷାଧ୍ୟକ୍ଷ ଡିକେନ୍ସ ବେହେରା, ସହସମ୍ପାଦକ ଦାତାକର୍ଣ୍ଣ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜ୍ୟୋତି ଦାସ, ଶେଷଦେବ ସାହୁ, ମାନସ ରଞ୍ଜନ ମହାନ୍ତି, ସୁଶୀଲ ମହାନ୍ତି, ମହେଶ୍ୱର ଦାସ, ବିଜୟ ବେହେରା, ଶାନ୍ତିଲତା ଦାସ, ଗୌରୀଶଙ୍କର ବେହେରା, କୃଷ୍ଣ ଚୈତନ୍ୟ ସଦୁଆଳ, ରଜତ ବେହେରା, ହେମନ୍ତ ବେହେରା, କାମଦେବ ସାହୁ, ନିରଞ୍ଜନ ବେହେରା, ଜୟଶ୍ରୀ ବେହେରା, ନାରାୟଣ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ମେଳା ଚାଲିବ। ଓଡ଼ିଶାର ଏକମାତ୍ର ସରସ୍ୱତୀ ମନ୍ଦିରରେ ୧୫୦ ବର୍ଷ ଧରି ଏହି ମେଳା ଅନୁଷ୍ଠିତ ହୋଇଆସୁଛି।

# ନୂତନ ଏନ୍‌ଏସି ଗୃହ ନିର୍ମାଣ ପାଇଁ ସ୍ଥାନ ପରିଦର୍ଶନ କଲେ ମନ୍ତ୍ରୀ



**ରାସଗୋବିନ୍ଦପୁର, ୩।୨(ସମିସ):** ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାସଗୋବିନ୍ଦପୁରକୁ ଏନଏସି ଭାବେ ଘୋଷଣା କରାଯିବା ପରେ ଆଜି ପ୍ରସ୍ତାବିତ ଏନଏସି ଗୃହ ନିର୍ମାଣ ପାଇଁ ନିର୍ଦ୍ଧାରିତ ଜାଗା ପରିଦର୍ଶନ କରିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ ଜାଗା ପରିଦର୍ଶନ ସମୟରେ ଭବନ ନିର୍ମାଣ ଯୋଜନା, ଯାତାୟାତ ସୁବିଧା, ପାନୀୟ ଜଳ, ବିଦ୍ୟୁତ, ନିଷ୍କାସନ ବ୍ୟବସ୍ଥା ସହ ଅନ୍ୟାନ୍ୟ ମୌଳିକ ସୁବିଧା ବିଷୟରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଲୋକଙ୍କ ସୁବିଧାକୁ ଧ୍ୟାନରେ ରଖି ସ୍ଥାୟୀ ଓ ଆଧୁନିକ ଏନଏସି ଗୃହ ନିର୍ମାଣ କରାଯିବ। ନୂତନ ଏନଏସି ଗଠନ ସହିତ ରାସଗୋବିନ୍ଦପୁର ଅଞ୍ଚଳର ସମଗ୍ର ଉନ୍ନତି ହେବ ଓ ସହରୀ ସୁବିଧା ବଢ଼ିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏ ଅବସରରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ତହସିଲଦାର ଉପେନ୍ଦ୍ର ଦାସ, ବିଡିଓ ଅନନ୍ତ ହାଁସଦା, ରାଜସ୍ୱ ନିରୀକ୍ଷକ ଚକ୍ରଧର ସେଠୀ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ସମ୍ପାଦକ ପୁରୁଷୋତ୍ତମ ଦେ, ବରିଷ୍ଠ କର୍ମକର୍ତ୍ତା ନରୋତ୍ତମ ମହାନ୍ତି, ଅଞ୍ଜନ ମୁର୍ମୁ, ଦିଲ୍ଲୀପ ମଜୁମଦାର, ଚିତ୍ତରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ଅବସରରେ ମନ୍ତ୍ରୀ ରାଇଶୋଳଠାରେ ନୂତନ ସପ୍ତେଶ୍ୱର ଶିବ ମନ୍ଦିର, ରାସଗୋବିନ୍ଦପୁର ଉପ୍ରା ବିଦ୍ୟାଳୟରେ ଦୁଇଟି ଓ ରାଇଶୋଳ ଉପ୍ରା ବିଦ୍ୟାଳୟର ଗୋଟିଏ ଅତିରିକ୍ତ ଶ୍ରେଣୀ ଗୃହ, ରାଘବପୁରର ନୂତନ ଜିପିଏଲଏଫ ଗୃହ ଓ ମାର୍କେଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବା ସହ ତୁଟାପଡ଼ା ସଂସ୍କୃତ ସ୍କୁଲର ବାର୍ଷିକ ଉତ୍ସବ ଯୋଗଦେଇଥିଲେ।

## ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧନା



**ରାଇରଙ୍ଗପୁର, ୩।୨(ସମିସ):** ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ଆସେକା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ନୂଆଗାଁଠାରେ ତାଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ମୋଚିରାମ ହେମ୍ବ୍ରମ, ସୁପାଇ ମାର୍ଣ୍ଡି, ନାନାକ ମୁର୍ମୁ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଓ ସୁଦାମ ମହାଳି ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

# ପୁରୁଷୋତ୍ତମ ଇଲେକ୍ଟ୍ରୋ ହୋମିଓପାଥି ମେଡିକାଲରେ ଜାତୀୟ ସମ୍ମିଳନୀ

**ସାରସକଣା, ୩।୨(ସମିସ)**




ସାରସକଣା ବ୍ଲକ ଝାରପୋଖରିଆସ୍ଥ ପିଇଏଚ୍ ପ୍ରତିଷ୍ଠାନ ପରିସରରେ ଇଲେକ୍ଟ୍ରୋ ହେମିଓପାଥି ଡାକ୍ତର ସଂଘ ପକ୍ଷରୁ ଇଲେକ୍ଟ୍ରୋ ହୋମିଓପାଥି ଉଦ୍ଭାବକ ଡଃ କାଉଣ୍ଟ ଶିସର ମେଟିଙ୍କ ୩୭ତମ ଜନ୍ମ ମାସ ଉପଲକ୍ଷେ ୩୭ତମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡଃ ଚୂଡ଼ାମଣି ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭବବା ହାଁସଦା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଡଃ ସରୋଜ ସାହୁ, ସମ୍ମାନିତ ଅତିଥି ଭାବେ ଡଃ ଭି. କେ. ମିଶ୍ର, ସମ୍ମାନିତ ଅତିଥି ଭାବେ ଡଃ ଅବନ୍ତୀ ଦାଶମହାପାତ୍ର, ଧାଙ୍ଗୁଡିସୋଳ ସରପଞ୍ଚ ଲୋକେଶ୍ୱର ନାଏକ, ରମାଦେଇପୁର ସରପଞ୍ଚ ଦ୍ରୌପଦୀ ନାଏକ, ଡାକ୍ତର ସଂଘର ସଭାପତି ଡଃ ସରୋଜ ନାୟକ, ସଂଘ ସମ୍ପାଦକ ଡଃ କୁଳବହୁତ ପାତ୍ର, ଅଧ୍ୟକ୍ଷ ଡଃ ଫକୀର ଚନ୍ଦ୍ର ଦାସ, ଅଧ୍ୟାପକ ଡଃ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ଓ ଜିଲ୍ଲାରୁ ୧୫୦ରୁ ଅଧିକ ଡାକ୍ତର ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଇଲେକ୍ଟ୍ରୋ ହୋମିଓପାଥି ଉଦ୍ଭାବକ ଡଃ ମେଟିଙ୍କ ଗାରିମା ଓ ତାଙ୍କ ଜନ୍ମ ମାସ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେବା ସହିତ ଇଲେକ୍ଟ୍ରୋ ହୋମିଓ ଔଷଧର ଉପକାରିତା ଓ ରୋଗର ନିରାକରଣ ବିଷୟରେ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡଃ ଅଜୟ ସେନାପତି ମଞ୍ଚ ପରିଚାଳନା କରିଥିବାବେଳେ ଡଃ ଗୋପାଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛୋଟରାୟପୁରରେ ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ମୋରଡ଼ା, ୩।୨(ସମିସ):** ମୋରଡା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଛୋଟରାୟପୁର ଗ୍ରାମରେ ବାବା ଜଟେଶ୍ୱର ଯୁବକ ସଂଘ ପକ୍ଷରୁ ଅଞ୍ଚଳରେ ପ୍ରଥମଥର ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଏଥିରେ ମୋରଡା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଗୌରହରି ମହାନ୍ତ, ମୋରଡା ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ହୃଷିକେଶ ମହାନ୍ତ, ଗ୍ରାମ ସେକ୍ରେଟାରୀ ବୀରେନ୍ଦ୍ର ମହାନ୍ତ, ଶିକ୍ଷକ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିରୁ କାଦୁଆଣି ଓ ବଣକାଟି ଫାଇନାଲକୁ ଉନ୍ନୀତ ହୋଇଥିଲେ। କ୍ଲବ୍‌ର ସଭାପତି ଗଗନ କୁମାର ମହାନ୍ତ ଓ ସମ୍ପାଦକ ଗୌତମ ମହାନ୍ତ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ବିମାନ ଦୁର୍ଘଟଣାକୁ ୨୪ ଦିନ

# ଦୁର୍ଘଟଣା ସମୟର ଛାତିଥରା ଘଟଣା ବଖାଣିଲେ ଅନିତା

ରାଉରକେଲା, ୩।୨(ସମିସ)



ରାଉରକେଲା ବିମାନ ଦୁର୍ଘଟଣାକୁ ୨୪ ଦିନ ବିତିଥିବା ବେଳେ ଦୁର୍ଘଟଣା ସମୟର ଛାତିଥରା ଘଟଣାକୁ ବଖାଣିଛନ୍ତି ସୁସ୍ଥ ହୋଇ ଫେରିଥିବା ଭୁବନେଶ୍ୱରର ବିମାନ ଯାତ୍ରୀ ଅନିତା ସାହୁ। ଭାଇ ସାଙ୍ଗରେ ହସ ଖୁସିରେ ରାଉରକେଲା ବୁଲିବାକୁ ଅସିବାକୁ ଭୁବନେଶ୍ୱରରୁ ଗତ ଜାନୁଆରୀ ୧୦ ତାରିଖରେ ବିମାନରେ ବସିଥିଲେ। କିନ୍ତୁ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ହଠାତ୍ କିଛି ଜିନିଷ ଖସିବାର ପ୍ରଚଣ୍ଡ ଶବ୍ଦ ହୋଇଥିଲା। ତା'ପରେ ଘଡ ଘଡ ଶବ୍ଦ ହୋଇ ବିମାନଟି ହଠାତ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେ ଦୃଶ୍ୟ ଛାତି ଥରାଇଲା ଭଳି ଥିଲା। ଯାହା ଏବେ ବି ମନେ ପଡ଼ିଲେ ଛାତିରେ ଛନକା ପଶିଯାଉଛି ବୋଲି ଅନିତା କହିଛନ୍ତି। ବିମାନ ଦୁର୍ଘଟଣାରେ ଭାଇ ଶୁଶାନ୍ତ କୁମାର ବିଶ୍ୱାଳ ଗୁରୁତର ଆହତ ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିବା କଥା କହି ସେ ଭାବ ବିହ୍ୱଳ ହୋଇପଡ଼ିଥିଲେ। ଗୁରୁତର ଆହତ ହୋଇ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଗତ ୩୦ ତାରିଖ ଘରକୁ

### ଆର୍ଥିକ ସହାୟତା ପ୍ରଦାନ ପାଇଁ କଲେ ଦାବି

ଫେରିବା ପରେ ଗତକାଲି ସେ ଭାଇଙ୍କ ମୃତ୍ୟୁ ଖବର ପାଇଥିବା କହି ଅନିତା କାନ୍ଦି ପକାଇଥିଲେ। ବିମାନରେ ଚଢ଼ିବା ପୂର୍ବରୁ ଭାଇ ଭଉଣୀ ଭଲରେ ପହଞ୍ଚାଇବା ପାଇଁ ଠାକୁରଙ୍କୁ ଡାକିଥିଲୁ। କିନ୍ତୁ ଚିକିତ୍ସାଧିନ ସମୟରେ ମଧ ଭାଇକୁ ସୁସ୍ଥ କରିଦେବା ପାଇଁ ଠାକୁରଙ୍କୁ ଡାକିଥିଲି ବୋଲି ଅନିତା କହିଛନ୍ତି। ସେ ଧିରେ ଧିରେ ସୁସ୍ଥ ହେଉଥିଲେ ମଧ ତାଙ୍କର ପରବର୍ତ୍ତୀ ଚିକିତ୍ସା ଖର୍ଚ୍ଚ ସହିତ ଦୁଇଟି ଝିଅ ପାଠ ପଢୁଥିବାରୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିମାନ ଯାତ୍ରୀ ଅନିତା ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲାର ଜଲଦା ନିକଟରେ ଗତମାସ ୧୦ ତାରିଖ ଇଣ୍ଡିଆ ୱାନ୍ ଏୟାର ବିମାନ ଜରୁରୀ କାଳୀନ ଅବତରଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବସିଥିବା ଦୁଇଜଣ ପାଇଲଟଙ୍କ ସହ ୪ ଜଣ ବିମାନ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ବିମାନ ପାଇଲଟ ନବୀନ କାଡଙ୍ଗା, ପାଇଲଟ ତରୁଣ ଶ୍ରୀବାସ୍ତବଙ୍କ ସହ ବିମାନ ଯାତ୍ରୀ ସୁନିଲ ଅଗ୍ରୱାଲ, ସବିତା ଅଗ୍ରୱାଲ ଓ ଅନିତା ସାହୁ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବିମାନ ଯାତ୍ରୀ ଶୁଶାନ୍ତ କୁମାର ବିଶ୍ୱାଳଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

## ରେଳ ବଗି ତଳେ ଚାପି ହୋଇ ଶ୍ରମିକ ମୃତ

### କ୍ଷତିପୂରଣ ଦାବିରେ କାରଖାନା ଫାଟକ ଆଗରେ ଉତ୍ତେଜନା

**ରାଉରକେଲା, ୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଣ୍ଟ କାରଖାନା ପରିସରରେ ରେଳ ବଗିରେ ଚାପି ହୋଇ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କ୍ଷତିପୂରଣ ପ୍ରଦାନ ଦାବିରେ କାରଖାନା ମୁଖ୍ୟ ଫାଟକ ଆଗରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁଯାୟୀ, ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ କାରଖାନାରେ ଆଜି ଅପରାହ୍ଣ ପ୍ରାୟ ୧ଟା ସମୟରେ କାରଖାନା ଷ୍ଟକ ୟାର୍ଡ ନିକଟରେ ରେଳ ଧାରଣା ଶେଷ ମୁଣ୍ଡରେ ଥିବା ଷ୍ଟପର ନିକଟରେ କାର୍ଯ୍ୟରତ ଥିବା ବେଳେ ଜଣେ ଶ୍ରମିକ ମାଲବାହୀ ଟ୍ରେନର ପଛ ବଗିରେ ଚାପି ହୋଇଯିବାରୁ ତାଙ୍କ ମୃତ୍ୟୁ ହୋଇଥିଲା। ମୃତକ ଜଣକ ରାଜଗାଙ୍ଗପୁର କୁଟୁଣୀଆ ପଞ୍ଚାୟତ ଭିକାପଡ଼ା ଅଞ୍ଚଳର ଚନ୍ଦ୍ର ମିଞ୍ଜ(୨୫) ବୋଲି ସୂଚନା ମିଳିଛି। ଘଟଣା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଶ୍ରମିକଙ୍କ ମୃତଦେହ ରାଉରକେଲା ଶବ ଗୃହରେ ରଖାଯାଇଛି। ମୃତକଙ୍କ ପରିଜନ ଓ ଗ୍ରାମବାସୀମାନେ କମ୍ପାନୀ ମୁଖ୍ୟ ଫାଟକ ନିକଟରେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କାରଖାନା ମୁଖ୍ୟ ଫାଟକ ନିକଟରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ରାଜଗାଙ୍ଗପୁର ବିଧାୟକ ଘଟଣା ସ୍ଥଳରେ ପହଞ୍ଚିଥିବା ବେଳେ କ୍ଷତିପୂରଣ ଦାବି ନେଇ ମୃତକଙ୍କ ସମ୍ପର୍କୀୟମାନେ ଫାଟକ ଆଗରେ ବସି ରହିଛନ୍ତି। ଏହି ଘଟଣାରେ କମ୍ପାନୀ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ଘଟଣାର ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

## ଗାଡି ପଛକୁ ଧକ୍କା ଦେଲା ହାଇୱା; ଚାଳକ ଗୁରୁତର

**ଲହୁଣିପଡ଼ା, ୩।୨(ସମିସ):** ଲହୁଣିପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଦର୍ଜି ନିକଟରେ ଗାଡି ପଛକୁ ଏକ ହାଇୱା(ଓଡି ୧୪ ଏ ଏଫ ୪୩୪୩) ଧକ୍କା ଦେବାରୁ ହାଇୱା ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଚାଳକ ଜଣକ ଝାରଖଣ୍ଡର ବେକାରୋ ଜିଲ୍ଲା ନିବାସୀ ପ୍ରମୋଦ କୁମାର ସିଂ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ରଘୁନାଥପାଲୀ ଟିପ୍ପର ଓନର୍ସ ଆସୋସିଏସନର କାର୍ଯ୍ୟାଳୟ ଉଦ୍‌ଘାଟିତ



**ରାଉରକେଲା, ୩।୨(ସମିସ):** ସ୍ଥାନୀୟ ଜଲଦା 'ଏ' ବ୍ଲକ ନିକଟରେ ନୂତନ ଭାବେ ଗଠିତ ରଘୁନାଥପାଲୀ ଟିପର ଓନର୍ସ ଆସୋସିଏସନର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ଲୋଡିଂ ନ ପାଇ ହନ୍ତସନ୍ତ ହେଉଥିବା ସ୍ଥାନୀୟ ଟିପ୍ପର ମାଲିକମାନେ ଏହି ଆସୋସିଏସନ ଗଠନ ପରେ ଲାଭବାନ ହେବେ ବୋଲି ସୂଚନା ମିଳିଛି। ରଘୁନାଥପାଲୀ ଟିପର ଓନର୍ସ ଆସୋସିଏସନର ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଆସୋସିଏସନର ସଦସ୍ୟ କିପରି ସର୍ବନିମ୍ନ ଲୋଡିଂ ପାଇ ପାରିବେ ସେ ଦିଗରେ ଯାହା କିଛି ସହଯୋଗ ଆବଶ୍ୟକ ପଡ଼ିବ ତାହା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସୋସିଏସନର ସଭାପତି ଅଶୋକ କୁମାର ପଟ୍ଟନାୟକ ତାଙ୍କର ସ୍ୱାଗତ ଭାଷଣରେ କହିଥିଲେ, ଆସୋସିଏସନ ଗଠନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ସମ୍ପ୍ରତି ରାଉରକେଲାରେ ଶହ ଶହ ସଂଖ୍ୟାରେ ଟିପ୍ପର ମାଲିକ କେବଳ ଟ୍ରାନ୍ସପୋର୍ଟ ବ୍ୟବସାୟ ଉପରେ ନିର୍ଭରଶୀଳ। ତେବେ ସେମାନଙ୍କ ଟିପର ପାଇଁ ଟେନସା, ବରସୁଆଁ, କୋଇଡା, ବଡବିଲ ଅଞ୍ଚଳରେ ଖଣିରୁ ବିଭିନ୍ନ କାରଣରୁ ଲୋକାଲ ଟିପର ମାଲିରମାନଙ୍କୁ ଲୋଡିଂ ମିଳୁ ନଥିବାରୁ ସେମାନେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ବାହାର ଟିପରଗୁଡିକୁ ଲୋଡିଂ ଦିଆଯାଇ ଲୋକାଲ ଟିପ୍ପରଗୁଡିକୁ ଅଣଦେଖା କରାଯାଉଥିବାର ଲକ୍ଷ ଲକ୍ଷ ଟଙ୍କା ଋଣ କରି ଟିପର କ୍ରୟ କରିଥିବା ବେଳେ ମାଲିକମାନେ ଲୋଡିଂ ନ ମିଳିବାରୁ ବ୍ୟାଙ୍କର ମାସିକ କିସ୍ତି ପରିଶୋଧ କରି ନପାରି ନାନା ପ୍ରକାର ଚିନ୍ତାରେ ରହିଛନ୍ତି। ଏହି ବୃହତ୍ ସମସ୍ୟାକୁ ସମାଧାନ କରିବା ହିଁ ବିଶେଷ କରି ରଘୁନାଥପାଲୀ ଟିପର ଓନର୍ସ ଆସୋସିଏସନର ଗଠନର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ଏତଦବ୍ୟତୀତ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ସହରର ବିଭିନ୍ନ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ, ସହରରେ ପରିବେଶ ସୁରକ୍ଷା ବୃକ୍ଷରୋପଣ ତଥା ପଶୁ ପକ୍ଷୀଙ୍କ ସୁରକ୍ଷା ପରି ସାମାଜିକ କାର୍ଯ୍ୟକ୍ରମ ଆସୋସିଏସନ ପକ୍ଷରୁ ହାତକୁ ନିଆଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ। ଏହି ଅବସରରେ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ, ଜଲଦା ସରପଞ୍ଚ ଗୀତା ଓରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ନିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସଭାପତି ଦେବ ପ୍ରସାଦ ମିଶ୍ର, ଉପସଭାପତି ସୌମ୍ୟରଞ୍ଜନ ନାୟକ, କୋଷାଧକ୍ଷ ବ୍ରଜ କିଶୋର ସାମଲଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଭାପତି ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଉତ୍ପାଦନ କ୍ଷେତ୍ରରେ ଆର୍‌ଏସ୍‌ପିର ଶ୍ରେଷ୍ଠ ପ୍ରଦର୍ଶନ



**ରାଉରକେଲା, ୩।୨(ସମିସ):** ମହାରତ୍ନ କମ୍ପାନୀ ସେଲର ଅନ୍ୟତମ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହାର ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଛି। ପ୍ରମୁଖ ଉତ୍ପାଦନ ଓ ଚାଲାଣ କ୍ଷେତ୍ରରେ ଏହା ନୂତନ ମାଇଲଖୁଣ୍ଟ ଅତିକ୍ରମ କରିଛି। ରାଉରକେଲା ଇସ୍ପାତ କାରଖାନା ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଦଶ ମାସରେ ୩୪, ୫୭, ୭୬୧ ଟନ୍ ବିକ୍ରିଯୋଗ୍ୟ ଉତ୍ପାଦନ କରି ଏହାର ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ରେକର୍ଡ ହାସଲ କରି ପୂର୍ବ ବର୍ଷ ଅବଧି (ସିପିଏଲୱାଇ)ରେ ହାସଲ କରିଥିବା ଏହାର ପୂର୍ବ ଶ୍ରେଷ୍ଠ ୩୪, ୩୫, ୭୬୭ ଟନ୍‌ର ରୋକର୍ଡକୁ ଅତିକ୍ରମ କରିଛି। ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ୨୨, ୦୬, ୪୩୨ ଟନ୍ ଏଚଆର କଏଲ ରୋଲିଂ କରି ଏହି ସଫଳତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଯାହା ଏହାର ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ରହିଛି। ଯାହା ପୂର୍ବ ବର୍ଷ ଅବଧିରେ ହାସଲ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୨୧, ୧୬, ୦୯୭ ଟନ୍‌ର ରେକର୍ଡକୁ ଅତିକ୍ରମ କରିଛି। ଏଚଏସଏମ-୨ ର ନୂତନ ସିଟ୍ ସିଅରିଂ ଲାଇନ (ଏସଏସଏଲ) ମଧ ଅପ୍ରେଲ-ଜାନୁଆରୀ ମଧରେ ୨, ୫୯, ୮୭୦ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରି ଏହାର ଶ୍ରେଷ୍ଠ ପ୍ରଦର୍ଶନ ପଞ୍ଜିକୃତ କରିଛି। ଯାହା ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୨୩ ପ୍ରତି ବୃଦ୍ଧି ରହିଛି। ନୂତନ ପ୍ଲେଟ୍ ମିଲ୍ ବିଭାଗ ଆର୍ଥିକ ବର୍ଷର ପ୍ରଥମ ଦଶ ମାସରେ ୮, ୨୫, ୯୯୯ ଟନ୍ ପ୍ଲେଟ୍ ଉତ୍ପାଦନ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ ର ସମାନ ଅବଧିରେ ରେକର୍ଡ କରାଯାଇଥିବା ଏହାର ପୂର୍ବ ଶ୍ରେଷ୍ଠ ୭, ୭୩, ୭୭୯ ଟନ୍‌ର ରେକର୍ଡକୁ ଅତିକ୍ରମ କରିଛି।ସେହିପରି ଅପଷ୍ଟ୍ରିମରେ, ବ୍ଲାଷ୍ଟ ଫର୍ଣ୍ଣେସ୍-୫ 'ଦୁର୍ଗା' ୨୬, ୯୭, ୯୬୧ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରି ଅପ୍ରେଲ-ଜାନୁଆରୀ ମଧରେ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୧ 'ପାର୍ବତୀ' ସମାନ ଅବଧି ମଧରେ ୮, ୯୫, ୪୪୬ ଟନ୍ ଉତ୍ତପ୍ତ ଧାତୁର ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ରେକର୍ଡ କରି ଏହି ପ୍ରଦର୍ଶନକୁ ପରିପୂରକ କରିଛି। ସେହିଭଳି ସିଣ୍ଟର ପ୍ଲାଣ୍ଟ-୩ ବିଭାଗ ମଧ ୩୦, ୯୭, ୯୮୬ ଟନ୍ ରେକର୍ଡ ସିଣ୍ଟର ଉତ୍ପାଦନ ସହିତ ଏହାର ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଛି। ଆର୍‌ଏସ୍‌ପି ଜାନୁଆରୀ ୩୦ ତାରିଖରେ ଗୋଟିଏ ଦିନରେ ୫, ୫୭୬ ଟନ୍‌ର ରେକର୍ଡ ସଡକ ଯୋଗେ ଚାଲାଣ ପଞ୍ଜିକରଣ କରି ଲଜିଷ୍ଟିକ୍ସରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗ ମଧ ଚଳିତ ଜାନୁଆରୀ ମାସରେ ୩, ୦୪, ୬୪୯, ଟନ୍ ରେଳ ଯୋଗେ ଚାଲାଣ କରି ଶ୍ରେଷ୍ଠ ରେକର୍ଡ ସ୍ଥାପନ କରିଛି ଏବଂ ଗତ ଜାନୁଆରୀ ୨୦୨୪ରେ ହାସଲ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୨, ୯୮, ୨୧୯, ଟନ୍ ଚାଲାଣ ରେକର୍ଡକୁ ଅତିକ୍ରମ କରିଛି।

# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଆଦ୍ରଭୂମି ଦିବସ

କୁତ୍ରା, ୩।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗଠାରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଆଦ୍ରଭୂମି ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କଟଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ପୁଷ୍ପା କେର୍କେଟା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ କେର୍କେଟା କହିଥିଲେ, ଆଦ୍ରଭୂମି ପ୍ରକୃତିର ଏକ ଅମୂଲ୍ୟ ସମ୍ପଦ। ଏହା ପରିବେଶ ସୁରକ୍ଷା, ଜଳ ସଞ୍ଚୟ, ଜୈବବିବିଧତା ସଂରକ୍ଷଣ ଓ ମଣିଷର ଜୀବନ ଜୀବିକା ପାଇଁ ଅତ୍ୟନ୍ତ ଆବଶ୍ୟକ। ଆଦ୍ରଭୂମିକୁ ନଷ୍ଟ



କରିବା ଫଳରେ ପରିବେଶ ଅସନ୍ତୁଳନ ସୃଷ୍ଟି ହେଉଛି ବୋଲି ସେ ଚେତାବନୀ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡା. ନିତ୍ୟାନନ୍ଦ ବେହେରା ଅଧକ୍ଷତା କରି କହିଥିଲେ, ଆଦ୍ରଭୂମି ପ୍ରକୃତିର ସନ୍ତୁଳନ ରକ୍ଷାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷାରେ ଅଗ୍ରଣୀ ଭୂମିକା ନେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଇକୋ କ୍ଲବ ଶିକ୍ଷକ ମୋହେନ୍ଦ୍ର ସିଂହ ଜଳାଭୂମିର ପରିଭାଷା, ଗୁରୁତ୍ୱ ଓ ଏହାର ସଂରକ୍ଷଣ ବିଷୟରେ ବିସ୍ତୃତ ଭାବେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଜଳାଶୟ, ପୋଖରୀ ଓ ନଦୀ ରକ୍ଷା ନ ହେଲେ ଭବିଷ୍ୟତରେ ଗଭୀର ସମସ୍ୟା ସୃଷ୍ଟି ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ମମତା ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଶେଷରେ କୁମାରୀ ଜୟପୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକମଣ୍ଡଳୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଦ୍ରଭୂମି ସୁରକ୍ଷା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

## ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ

**ବଣାଇଁ, ୩।୨(ସମିସ):** ଆସନ୍ତା ୧୫ ତାରିଖ ରବିବାର ଦିନ ସ୍ଥାନୀୟ ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱରଙ୍କ ମହା ଶିବରାତ୍ରି ଜାଗର ମେଳା ପାଳନ ନିମନ୍ତେ ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ଏଥିରେ ଯୋଗ ଦେଇଥିଲେ। ଜାଗର ମେଳା ସମୟରେ ଯେଉଁ ଉଠା ଦୋକାନୀ ମନ୍ଦିର ପରିସରରେ ଦୋକାନ ଖୋଲିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ସେମାନେ ବଣାଇଁ ରାଜସ୍ୱ ନିରୀକ୍ଷକଙ୍କ ଠାରେ ନିଜର ଦୋକାନର ଆକାର ଓ କ୍ଷେତ୍ରଫଳ ଅନୁଯାୟୀ ନିର୍ଦ୍ଧାରିତ ମୂଲ୍ୟ ଜମା ଦେଇ ରସିଦ ନେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ମନୋଜ କୁମାର ପତି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ଗୃହ ଓ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ, ବଣାଇଁ ଥାନା ଅଧିକାରୀ ପିଙ୍କି ମୁର୍ମୁ, ଉପଖଣ୍ଡ ବିଦ୍ୟୁତ ବିଭାଗ ଅଧିକାରୀ, ବଣାଇ ରେଞ୍ଜର ଦେବାଶିଷ ନାୟକ, ସରପଞ୍ଚ ନମିତା ନାଗ, ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନ, ଆଇନଜୀବୀ ବିଶ୍ୱଜିତ ସାହୁ, ମୁଖ୍ୟ ପୂଜକ ଜୟଶଙ୍କର ଦେହୁରୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# 'ଯତରା' ସାଂସ୍କୃତିକ ଶୋଭାଯାତ୍ରା ପାଇଁ ବୈଠକ

**ରାଉରକେଲା, ୩।୨(ସମିସ):** ଚଳିତ ଫେବୃଆରୀ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଯତରା ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ମହୋତ୍ସବ 'ଯତରା-୨୦୨୬'ର ପ୍ରଥମ ଦିବସରେ ସହର ମଧରେ ସାଂସ୍କୃତିକ ଶୋଭାଯାତ୍ରା ମଧରେ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ସୁନ୍ଦରଗଡ଼



ସଦଭାବନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଫେବୃଆରୀ ୮ ତାରିଖ ଦିନ ସକାଳ ୭ ଟା ସମୟରେ ସମଲେଇ ମନ୍ଦିର ଠାରେ ପୂଜାର୍ଚ୍ଚନା କରି ଏହି ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଆରମ୍ଭ ହେବ। ଏହି ଶୋଭାଯାତ୍ରାଟି ସମଲେଇ ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ଛକ, ବିଏସ ହାଇସ୍କୁଲ ଛକ, ପଞ୍ଚମୁଖି ହନୁମାନ ମନ୍ଦିର ଛକ, ରାଉରକେଲା ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ଡିଆରଡିଏ ଛକ, ଅଟଳ ଛକ, ଟାଉନ ଥାନା ଛକ, ରଙ୍ଗାଢ଼ିପା ଛକ ଦେଇ ଯତରା ପଡ଼ିଆରେ ପହଞ୍ଚିବ। ଏହି ସମସ୍ତ ଛକମାନଙ୍କରେ ସାଂସ୍କୃତିକ ଶୋଭାଯାତ୍ରାକୁ ବିଭିନ୍ନ ଅନୁଷ୍ଠାନ, ପୂଜା କମିଟି, ସଂଗଠନମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ସାଂସ୍କୃତିକ ଦଳ ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ଗୁଡିକ ଯୋଗ ଦେବେ। ଏହି ଅବସରରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଏବଂ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କମିଟି, ସଂଗଠନ ତଥା ସମସ୍ତ ଜିଲ୍ଲାବାସୀମାନଙ୍କର ସହଯୋଗ କାମନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଭିନ୍ନ ପୂଜା କମିଟି, ବିଭିନ୍ନ ସମାଜ, ବିଭିନ୍ନ ସଂଘ, ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ



**ରାଉରକେଲା, ୩।୨(ସମିସ):** ଗତ ଫେବୃଆରି ୩ ତାରିଖରେ ସୁନ୍ଦରଗଡ଼ ରେଭେନ୍ୟୁ କଲୋନି ସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପରିସରରେ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦୁର୍ଗାମାଧବ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଘର ବାର୍ଷିକ ବିବରଣୀ ସମ୍ପାଦକ ରାଜକିଶୋର ମହାରଣା ପାଠ କରିଥିଲେ। ସଂଘର ଦିବଙ୍ଗତ ସଭ୍ୟ ସ୍ୱର୍ଗତ ତ୍ରୈଲୋକନାଥ ନାଏକ, କ୍ଷମାଶୀଳ ନାଏକ, ଦଶରଥ ନାଏକ, ଲିଙ୍ଗରାଜ ନାଏକ, ଭ୍ରମରମଣି ପଟେଲ, କିଶୋର ମୋହନ ପୁରୋହିତ ଓ ବିନୋଦ ବିହାରି ଦାସଙ୍କ ସ୍ମୃତିଚାରଣ କରାଯାଇ ସେମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ୨୦୨୬-୨୦୨୮ ବର୍ଷ ପାଇଁ ଏକ ୧୭ ଜଣିଆ ନୂତନ କାର୍ଯ୍ୟକାରିଣି ସମିତିକୁ ସଂଘ ଦ୍ୱାରା ଅନୁମୋଦନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଡ. ଚିରବ୍ରତ ଦତ୍ତ, ଗୁଣନିଧି ମହାନ୍ତି, ବିଭୁଧେନ୍ଦ୍ର ଠାକୁର, ମନୋଜ କୁମାର ପୁରୋହିତ, ସନ୍ତୋଷ କୁମାର ପାଲ ଓ ଜିତେନ୍ଦ୍ର ନାଏକଙ୍କୁ ଯଥାକ୍ରମେ ସଭାପତି, କାର୍ଯ୍ୟକାରୀ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଓ କୋଷାଧକ୍ଷ ଭାବରେ ମନୋନୀତ କରାଯାଇଛି। ଏତଦ୍‌ବ୍ୟତୀତ ଚନ୍ଦ୍ରମଣି ମିଶ୍ର, ବିମଳ ବୋଷ, ଲଳିତ ମୋହନ ଦାସ, ତାରାଚାନ୍ଦ ପଟେଲ, ମାୟାଧର ଚିହ୍ନରା, ନବୀନ କୁମାର ପଟେଲ, ଅଶ୍ୱିନୀ କୁମାର ମିଶ୍ର, ଉଦିତ କୁମାର ନାଏକ ଓ ସୁଷମା ପଟେଲ, ଜୀବେଶ୍ୱରୀ ପଟେଲ ଓ ସୁତପା ଚୌଧୁରୀଙ୍କୁ କାର୍ଯ୍ୟକାରିଣି ସଦସ୍ୟ/ସଦସ୍ୟା ଭାବରେ ମନୋନୀତ କରାଯାଇଛି। ଦୁର୍ଗାମାଧବ ପଟେଲ, ବିମଳେନ୍ଦୁ ରାୟ, ଈଶ୍ୱର ଚନ୍ଦ୍ର ନାଏକ, ରାଜକିଶୋର ମହାରଣା ଓ ଶାନ୍ତନୁ କୁମାର ମହାପାତ୍ର ପ୍ରମୁଖଙ୍କୁ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବରେ ମନୋନୀତ କରାଯାଇଥିଲା। ସଂଘର ଆଗାମୀ ବର୍ଷ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇ ଅନୁମୋଦନ ପ୍ରସ୍ତାବ ଗୃହିତ ହୋଇଥିଲା। ଶେଷରେ ସଂଘର ଉପସଭାପତି ଗୁଣନିଧି ମହାନ୍ତି ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

## ସେଲ୍ ବ୍ୟାଡମିଣ୍ଟନ୍ ଚାମ୍ପିଅନ୍‌ସିପ୍

# ଆର୍‌ଏସ୍‌ପି ମହିଳା ଦଳ ଚାମ୍ପିଅନ୍; ପୁରୁଷକୁ କାଂସ୍ୟ

ରାଉରକେଲା, ୩।୨(ସମିସ)



ଗତ ଜାନୁଆରୀ ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୁର ଇସ୍ପାତ କାରଖାନା (ଆଇଏସପି) ଦ୍ୱାରା ଆୟୋଜିତ ସେଲ୍‌ଫ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍ ୨୦୨୫-୨୬ରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଉଭୟ ପୁରୁଷ ଏବଂ ମହିଳା ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ଚାମ୍ପିଅନସିପରେ ଆରଏସପି ମହିଳା ବ୍ୟାଡମିଣ୍ଟନ୍ ଦଳ ଚମ୍ପିୟାନ ଟାଇଟଲ ହାସଲ କରିଥିବା ବେଳେ ପୁରୁଷ ଦଳ କାଂସ୍ୟ ପଦକ ହାସଲ କରିଛନ୍ତି। ମହିଳା ଦଳରେ ପିଡି ବିଭାଗର ଜିଏମ ସୁଶ୍ରୀ ଶାନ୍ତି କୁମାରୀ, ନୂତନ ପ୍ଲେଟ ମିଲ ବିଭାଗର ମ୍ୟାନେଜର ନିବେଦିତା ବେହେରା, ହଟ୍ ଷ୍ଟ୍ରିପ୍ ମିଲ୍-୨ର ସିନିୟର ମ୍ୟାନେଜର ରୀତା ମୁର୍ମୁ ଏବଂ ପିପି ଆଣ୍ଡ ସି ବିଭାଗର ଏମ୍‌ଟି-ଟି କେ ଶ୍ରାବଣୀ ସାମିଲ ଥିଲେ। ଫାଇନାଲରେ ଆରଏସପି ମହିଳା ଦଳ ବୋକାରୋ ମହିଳା ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ସେହିପରି ପୁରୁଷ ଦଳରେ ନୂତନ ପ୍ଲେଟ ମିଲ ବିଭାଗର ଏଜିଏମ୍ ଆର ନବୀନ, ସିଓଏଣ୍ଡସିସି ବିଭାଗର ଏଜିଏମ୍ ପିଏନଏମୱାଇ ସ୍ୱାମୀ, ଟିଏଣ୍ଡଆରଏମ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ମହମ୍ମଦ ଏମ୍ ରସିଦ ଏବଂ ବିଏଫ ବିଭାଗର ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଟିକେ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ଏହି ଦଳ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟକୁ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଥିଲା। ସୂଚନା ଯୋଗ୍ୟ, ଇଡି (କାର୍ଯ୍ୟ) ସଚିବାଳୟର ସେକ୍ସନ ଅଫିସର ରାଜୀବ ନାୟକ ଦଳର ମ୍ୟାନେଜର ଥିଲାବେଳେ ନୂତନ ପ୍ଲେଟ୍ ମିଲ୍ ବିଭାଗର ସିନିୟର ମ୍ୟାନେଜର ଆଶୁତୋଷ ଦଳାଇ ଦଳର ପ୍ରଶିକ୍ଷକ ଥିଲେ। ସେଲ୍‌ଫର ସମସ୍ତ ୟୁନିଟ୍ ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିଲେ।

## ପ୍ରଧାନଶିକ୍ଷକ ଜେଲ୍ ଯିବା ଘଟଣା

# ୩ ଦିନହେଲା ବିଦ୍ୟାଳୟରେ ପାଠପଢ଼ା ବନ୍ଦ



### ନ୍ୟାୟ ପାଇଁ ସଂଘର ସହାୟତା ଲୋଡ଼ିଲେ ପତ୍ନୀ

### ମଣ୍ଡଳ ଶିକ୍ଷାଧିକାରୀଙ୍କ ବିରୋଧରେ ଅସନ୍ତୋଷ

**ନିଶ୍ଚିନ୍ତକୋଇଲି,୩।୨(ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ ପାଇଁ ସରପଡ଼ା ପଞ୍ଚାୟତ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ଦାସଙ୍କୁ ଅନ୍ୟାୟ ଭାବେ ଜେଲ୍ ହାଜତକୁ ପଠାଇ ଦିଆଯିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ବିଦ୍ୟାଳୟରେ ପାଠ ପଢାଉଥିବା ସମୟରେ ପ୍ରଧାନଶିକ୍ଷକଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ବେଳେ ବିଇଓଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା ବୋଲି ପ୍ରଧାନଶିକ୍ଷକଙ୍କ ପତ୍ନୀ ଅନୁପମା ଦାସ ଅଭିଯୋଗ କରିଛନ୍ତି। ଶିକ୍ଷାଧିକାରୀଙ୍କ ବିନା ଅନୁମତିରେ ପୂର୍ବରୁ କୌଣସି ସୂଚନା ଦିଆ ନ ଯାଇ କିଭଳି ଜଣେ ଶିକ୍ଷକଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଉଚ୍ଚସ୍ତରୀୟ ତଦନ୍ତ ସାପେକ୍ଷ ବୋଲି ତାଙ୍କ ପତ୍ନୀ ଦାବି କରିଛନ୍ତି। ପ୍ରଧାନଶିକ୍ଷକଙ୍କ ଜୀବନପ୍ରତି ବିପଦ ରହିଥିବା ଏବଂ ବିଦ୍ୟାଳୟର ଏକ ଗୋଷ୍ଠୀ ତାଙ୍କୁ ମିଥ୍ୟା ମାମଲାରେ ଫସାଇବା ନେଇ ଚକ୍ରାନ୍ତ କରିଥିବା ଜାଣିପାରି ପତ୍ନୀ ଅନୁପମା ଗତ ଜାନୁୟାରୀ ୨୮ ତାରିଖରେ ତାଙ୍କ ସ୍ୱାମୀଙ୍କୁ ସୁରକ୍ଷା ଦେବା ପାଇଁ ସେଠାରୁ ବଦଳି କରିଦେବା ନେଇ ଏକ ଲିଖିତ ଅଭିଯୋଗ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ କରିଥିଲେ। ହେଲେ ମଣ୍ଡଳ ଶିକ୍ଷାଧିକାରୀ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେଇ ଆଇଆଇସିଙ୍କୁ ହାତ କରି ଏଭଳି ଘଟଣା ଘଟାଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ତାଙ୍କ ସ୍ୱାମୀଙ୍କୁ ନ୍ୟାୟ ପ୍ରଦାନ କରିବାରେ ସହଯୋଗ ପାଇଁ ସେ ଲିଖିତ ଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷକ ସଂଘକୁ ଅବଗତ କରାଇଛନ୍ତି। ଅପରପକ୍ଷରେ ନିର୍ଦ୍ଦୋଷ ଶିକ୍ଷକଙ୍କୁ ଜେଲ୍ ପଠାଇଥିବା ଘଟଣାରେ ଅଭିଭାବକମାନେ ଗତ ଶନିବାର ବିଦ୍ୟାଳୟରେ ପହଞ୍ଚି ଅଧାରୁ ପାଠ ପଢା ବନ୍ଦ୍ କରିଥିବା ବେଳେ ସୋମବାର କେହି ଛାତ୍ରଛାତ୍ରୀ ଦ୍ୟାଳୟକୁ ଆସି ନ ଥିଲେ। ଏହାର ସମାଧାନ ପାଇଁ ବହୁ ଅଭିଭାବକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ସାକ୍ଷାତ୍ କରି ବିଦ୍ୟାଳୟକୁ କିଭଳି ଶୃଙ୍ଖଳିତ କରାଯିବ ସେନେଇ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାଳୟ ପକ୍ଷରୁ କିଛି ପଦକ୍ଷେପ ନିଆଯାଇ ନାହିଁ। ଯାହାଦ୍ୱାରା ମଙ୍ଗଳବାର ମଧ୍ୟ ବିଦ୍ୟାଳୟକୁ ଜଣେ ହେଲେ ଛାତ୍ରଛାତ୍ରୀ ଆସି ନାହାନ୍ତି। ଦୁଇ ଦିନ ବିଦ୍ୟାଳୟ ବନ୍ଦ ରହିଥିଲେ ମଧ୍ୟ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏ ସଂକ୍ରାନ୍ତରେ ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯିବାରୁ ସେ ଫୋନ୍ ଉଠାଇ ନ ଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷରେ ଉକ୍ତ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

## ଉଇସ୍‌ଡମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ତରଙ୍ଗ'




**କିଶନନଗର,୩।୨(ସମିସ):** କଟକ ସଦର ଅନ୍ତର୍ଗତ କିଶନନଗର ସାମନ୍ତରାପୁରଠାରେ ଥିବା ଅଗ୍ରଣୀ ଇଂରାଜୀ ମାଧ୍ୟମ ଉଇସଡମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ "ତରଙ୍ଗ' ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ନିର୍ଦ୍ଦେଶକ ବିବେକାନନ୍ଦ ଭୂୟାଁଙ୍କ ତତ୍ତ୍ୱବଧାନରେ ଏବଂ ପରିଚାଳନା ନିର୍ଦ୍ଦେଶକ ପ୍ରୀତମ ଚୌଧୁରୀଙ୍କ ପରିଚାଳନାରେ ଆୟୋଜିତ ସଭାରେ ବାଲିକୁଦା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସଙ୍ଗୀତକାର ଦେବେନ୍ଦ୍ରନାଥ ବାରିକ ସଭାପତିତ୍ୱ କରିଥିଲେ। ଅତିଥିଭାବେ କିଶନନଗର କଲେଜର ଅଧ୍ୟକ୍ଷ ସଂଜୀବ ପଟ୍ଟନାୟକ ଓ କିଶନନଗର ତହସିଲର ଅତିରିକ୍ତ ତହସିଲଦାର ଜ୍ୟୋତିରଞ୍ଜନ ବେହେରା ଯୋଗ ଦେଇଥିଲେ। ସ୍ୱାଗତ ଅଭିଭାଷଣ ରଖିଥିଲେ ଶିକ୍ଷାବିତ ପ୍ରଦୀପ୍ତ ଆଚାର୍ଯ୍ୟ। ଅତିଥିଙ୍କ ପରିଚୟ ଜ୍ୟୋତିପ୍ରଜ୍ଞା ଦାଶ ଦେଇଥିବା ବେଳେ ଗୀତାଞ୍ଜଳି ନାୟକ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦିଲ୍ଲୀପ ବେହେରା ଧନ୍ୟବାଦ ଦେଇଥିଲେ।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ



**ସାଲେପୁର,୩।୨(ସମିସ):** ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ରାଘବପୁରଠାରେ ଥିବା ହନୁମାନ ମନ୍ଦିର ପରିସରରେ ୪୯ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ଦ୍ୱାବିଂଶତମ ବାର୍ଷିକ ଶ୍ରୀରାମ ବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ଦିନ ଧରି ଶ୍ରୀରାମ ବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବ୍ୟାସ ରୂପେ ରବି ନାରାୟଣ ଦାଶ ଏବଂ ଧାରକ ମାନେ ଶ୍ରୀରାମ ଚରିତ ମାନସ ପାଠ କରିଥିବା ବେଳେ ଅବତନ ଷଡଙ୍ଗୀଙ୍କ ନେତୃତ୍ୱରେ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟ କରିଥିଲେ। ଏଥିରେ କର୍ତ୍ତା ରୂପେ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଏବଂ ସଂଯୁକ୍ତା ଆଚାର୍ଯ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ରଜନୀକାନ୍ତ ଦାଶ, କୋଷାଧ୍ୟକ୍ଷ ମୀନକେତନ ଖୁଣ୍ଟିଆ, ଭାରତ ଭୂଷଣ ଦାସ, ପୁଲକ ଦାଶ, ଶିଶିର ଦାଶ, ରବୀନ୍ଦ୍ର ନାଥ ହୋତା, ଭବାନୀ ଶଙ୍କର ଦାଶ, ସୌମ୍ୟ ରଞ୍ଜନ ଦାଶ, ମଧୁସୂଦନ ନାୟକ, ସନ୍ତୋଷ ସ୍ୱାଇଁ, ଧୀରେନ୍ଦ୍ର ନାୟକ, ପ୍ରଫୁଲ୍ଲ ଦାସ, ବସନ୍ତ ମହାରଣା, ଶିଶିର ପଣ୍ଡା, ସୁଶାନ୍ତ ନାୟକ, ନବକିଶୋର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ପରିଚାଳନା କରିଥିଲେ।

## ବିଜେପିର ସାଂଗଠନିକ ବୈଠକ

**ଚୌଦ୍ୱାର,୩।୨(ସମିସ):** ଚୌଦ୍ୱାର ଓ ଇନ୍ଦ୍ରାଣୀପାଟଣା ମଣ୍ଡଳ ବିଜେପିର ସାଂଗଠନିକ ବୈଠକ କଳାପ୍ରକାଶିନୀ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ମଣ୍ଡଳ ସଭାପତି ମମତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ବୁଥ କମିଟି ଗଠନ, କର୍ମୀମାନଙ୍କର ଦାୟିତ୍ୱ, ଗ୍ରାମୀଣ ନିଯୁକ୍ତି ନୂତନ ଗ୍ୟାରେଣ୍ଟି, ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ରଣନୀତି ପ୍ରସ୍ତୁତି ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ରାଜ୍ୟ ପରିଷଦ ସଦସ୍ୟ ଚିରଞ୍ଜିବୀ ଖଣ୍ଡାୟତରାୟ, ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରଶାନ୍ତ ହୋତା, ଦାମୋଦର ନାୟକ, ଅଜିତ ସୁବୁଦ୍ଧିରାୟ, ଇଂ ସୁଜାତା ସାହୁ, ସନ୍ତୋଷ ସାହୁ, ବିଷ୍ଣୁ ଚରଣ ପରିଡ଼ା, ସନ୍ତୋଷ ବେହେରା, ଅଶୋକ ନାୟକ, ପ୍ରଶାନ୍ତ ବିଶ୍ୱାଳ, ସୁମିତ୍ରା ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ।

## ସଡ଼କ ସୁରକ୍ଷା ସଚେତନତା



**ତିଗିରିଆ,୩।୨(ସମିସ):** ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ଏନଏସଏସ, ଏନସିସି ଓ ରେଡ଼କ୍ରସ ବିଭାଗ ପକ୍ଷରୁ ରବିବାର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପରିବହନ ବିଭାଗ, ନିରାପତ୍ତା ଓ ପୁଲିସ ବିଭାଗ ପରାମର୍ଶକ୍ରମେ ତଥା ସ୍ଥାନୀୟ ପୁଲିସର ସହଯୋଗରେ ନିଜିଗଡ଼ ପଞ୍ଚାୟତସ୍ଥିତ ମହାବୀର ବଜାରଠାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ବିଜୟ ବେହେରା ଏହି ସଚେତନତା ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଏନଏସଏସ ଅଧିକାରୀ ଡ. ପତିତପାବନ ପଣ୍ଡା, କ୍ୟାପଟେନ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ତିଗିରିଆ ଥାନା, ତିଗିରିଆ ବଜାର ଓ ନିଜିଗଡ଼ରେ ପଥଚାରୀଙ୍କୁ ସଚେତନ କରିଥିଲେ। ଛାତ୍ରଛାତ୍ରୀ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

# ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା




**ସାଲେପୁର,୩।୨(ସମିସ):** ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘର ୮ ଦଫା ଦାବିକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଅଣଦେଖା ପ୍ରତିବାଦରେ ଆଜି ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଉପଭୋକ୍ତା ସଂଘର ସଭାପତି ନନ୍ଦକିଶୋର ଭୂୟାଁଙ୍କ ସଭାପତିତ୍ୱରେ ଓ ଗଗନ ମିଶ୍ରଙ୍କ ପରିଚାଳନାରେ ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ଦିଲ୍ଲୀପ ଦାଶ, କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ଗୁଲରେଜ ଅଲ୍ଲୀ, ବେଣୁଧର ପ୍ରଧାନ, ମାହାଙ୍ଗା ସେକ୍ସନର ଅଖିଳେଶ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନିଶ୍ଚିନ୍ତକୋଇଲି ସେକ୍ସନର ରମାକାନ୍ତ ବେହେରା, ସୁରେନ୍ଦ୍ର ବେହେରା, ପ୍ରବୀର ଚନ୍ଦ୍ର ଦାସ, ପ୍ରତାପ ଚନ୍ଦ୍ର ଭୂୟାଁ, ଗୋପବନ୍ଧୁ ଭୂୟାଁ, ଅଜିତ ପଣ୍ଡା, କୁଞ୍ଜମୋହନ ସେଠୀ, ରାଜେଶ ସାହୁଙ୍କ ସମେତ ବହୁ ବିଦ୍ୟୁତ୍ ଉପଭୋକ୍ତା ଟିପିସିଓଡିଏଲ୍‌ର ଗ୍ରାହକ ଶୋଷଣର ଜବାବ ଦିଆଯିବ ବୋଲି ଆହ୍ୱାନ ଦେଇଥିଲେ। ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ବଡ଼ମ୍ବାରେ ହିନ୍ଦୁ ସମ୍ମିଳନୀ




**ବଡ଼ମ୍ବା,୩।୨(ସମିସ):** ବଡ଼ମ୍ବା ସଦର ମହକୁମାସ୍ଥିତ ରାଜବାଟୀ ଜଗନ୍ନାଥ ମନ୍ଦିର ପରିସରରେ ବଡ଼ମ୍ବା, କୋଲେଶ୍ୱର ଓ ଗଡ଼ାପୋଖରୀ ଗ୍ରାମପଞ୍ଚାୟତକୁ ନେଇ ଏକ ହିନ୍ଦୁ ସମ୍ମିଳନୀ ସମ୍ପନ୍ନ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା ଓ ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦର ପବିତ୍ର ମୋହନ ଦାସ ଯୋଗଦେଇଥିଲେ। ଏଥିରେ ରାଜଯୋଗିନୀ ବ୍ରହ୍ମକୁମାରୀ ଅନୁପମା, ସାଧୁ ଟୁଲୁ ଦାସ ମହାରାଜ ଓ ବିପିନ ବିହାରୀ ମହାନ୍ତିଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ବଡ଼ମ୍ବା ଅଞ୍ଚଳର ପାଖାପାଖି ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। ସ୍ଥାନୀୟ ସଂକୀର୍ତ୍ତନମଣ୍ଡଳୀ ଓ କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। କଟକ ଜିଲ୍ଲା ହିନ୍ଦୁ ସମ୍ମିଳନୀର ସଂଯୋଜକ ଶିକ୍ଷକ ରମେଶଚନ୍ଦ୍ର ବେହେରା, ବଡ଼ମ୍ବା ବିକାଶ ପରିଷଦର ସଭାପତି ସନ୍ତୋଷ ପଟ୍ଟନାୟକ ଓ ଅଧିବକ୍ତା ଅଖିଳ ଦାସଙ୍କ ସମେତ ଆରଏସଏସର ଜିଲ୍ଲା କର୍ମକର୍ତ୍ତା ସହଯୋଗ କରିଥିଲେ।

## ମା' ଦକ୍ଷିଣ ଚଣ୍ଡୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ଆଠଗଡ଼,୩।୨(ସମିସ):** ଆଠଗଡ ଏନଏସି ଅଧୀନ କନ୍ତୋଳ ଗ୍ରାମର ଆରାଧ୍ୟ ଦେବୀ ମା'ଦକ୍ଷିଣ ଚଣ୍ଡୀଙ୍କ ପୀଠରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ରବିବାର ପୂର୍ଣ୍ଣାହୁତି ହୋଇଛି। ରାଜ୍ୟର ବିଶିଷ୍ଟ ପଣ୍ଡିତଙ୍କ ବେଦ ପାଠରେ ୪ ଦିନ ବ୍ୟାପୀ ଗ୍ରାମରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗୁରୁବାର ଗ୍ରାମ ତଥା ଆଖ ପାଖ ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ମହିଳା ବ୍ରତଧାରଣ କରି କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦକ୍ଷିଣ ଚଣ୍ଡୀ ମନ୍ଦିର ଉନ୍ନୟନ ପରିଷଦ ପକ୍ଷରୁ ଶ୍ରଦ୍ଧାଳୁ ଓ ବ୍ରତଧାରୀଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପଣ୍ଡିତଙ୍କ ବେଦ ପାଠରେ ରାତି ପ୍ରାୟ ସାଢେ ୯ଟା ସମୟରେ ପୂର୍ଣ୍ଣାହୁତି ହୋଇଥିଲା। ମନୋଜ ନାୟକ ସପତ୍ନୀକ କର୍ତ୍ତା ଥିଲେ। ମନ୍ଦିର ଉନ୍ନୟନ ପରିଷଦ ସଭାପତି ଲକ୍ଷ୍ମୀଧର ପୃଷ୍ଟି, ସଂପାଦକ ଲଳିତ ମୋହନ ନାୟକ, ସୁନୀଲ ଦଳେଇ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଶାନ୍ତ ସାହୁ, ଅଶୋକ ପ୍ରଧାନ, ପ୍ରସନ୍ନ ଭକ୍ତା ଓ ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୩।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଓରତି ପଞ୍ଚାୟତସ୍ଥିତ ଖଣ୍ଡାୟତ ପଟିକିରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜନୀକାନ୍ତ ନନ୍ଦଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମୋଦିନୀ ପଣ୍ଡାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ଗୌରାଙ୍ଗ ଚରଣ ନନ୍ଦ, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଜେନା, କାର୍ତ୍ତିକଚନ୍ଦ୍ର ଦାସ, ମନୋଜ ସେଠୀ, ପ୍ରସନ୍ନ ନନ୍ଦ, ସିଆରସିସି ପ୍ରଭାତ ବେହେରା ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ, ପରିଚାଳନା କମିଟି, ବହୁ ଅଭିଭାବକ ଏବଂ ବିଭିନ୍ନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଶ୍ରୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଆରତୀ ସାହୁ ଧନ୍ୟବାଦ ଦେଇଥିଲେ।

## ଲର୍ଣ୍ଣିଂ ଟ୍ରି ଏକାଡେମୀର ବାର୍ଷିକ ଉତ୍ସବ



**ତିଗିରିଆ,୩।୨(ସମିସ):** ତିଗିରିଆ ବ୍ଲକର ନୂଆସଡକଠାରେ ଥିବା ଲର୍ଣ୍ଣ ଟ୍ରି ଏକାଡେମୀର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଶୁଭଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଶିଷ୍ଟ ଅତିଥିଭାବେ ପଦ୍ମଶ୍ରୀ ସମ୍ମାନ ମନୋନୀତ ବୁଣାକାର ଶରତ କୁମାର ପାତ୍ର, ସମ୍ମାନିତ ଅତିଥିଭାବେ ଓଡ଼ିଆ ସିନେମା ଅଭିନେତ୍ରୀ ସୋମା ଭୌମିକ, କଣ୍ଠଶିଳ୍ପୀ ସସ୍ମିତା ମିଶ୍ର, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟ, ପ୍ରତିଷ୍ଠାତା ସଦସ୍ୟ, ଅଭିଭାବକ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଚୋରି ଅଭିଯୋଗରେ ଜଣେ ଗିରଫ

**ସାଲେପୁର,୩।୨(ସମିସ):** ସାଲେପୁର ପୁଲିସ ଏକ ଚୋରି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା'ଠାରୁ କିଛି ମାତ୍ରାରେ ଚୋରା ସାମଗ୍ରୀ ଜବତ କରଛି। ଗତ ମାସ ୨୮ ତାରିଖ ମାଛୁଆତି ଗ୍ରାମର ସରୋଜ ସ୍ୱାଇଁଙ୍କ ଘରୁ ସୁନାରୁପା ଅଳଙ୍କାର ଚୋରି ହୋଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। ସରୋଜ ସ୍ୱାଇଁଙ୍କ ଘରେ କାମ କରୁଥିବା ଜଗତପୁର ଥାନା ପ୍ରଧାନପଡ଼ା ଗ୍ରାମର ରଞ୍ଜନ ପରିଡ଼ା ଏହି ଚୋରି ଘଟଣାରେ ସଂପୃକ୍ତ ଥିବାରୁ ତାକୁ ଗିରଫ କରିବା ସହ ତା'ଠାରୁ ଚୋରି ହୋଇଥିବା କିଛି ଅଳଙ୍କାର ଜବତ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ପେଟାଲ୍ସ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ



**ଫୁଲନଖରା,୩।୨(ସମିସ):** ବ୍ରାହ୍ମଣଝରିଲୋ କୁଶକଣ୍ଠାସ୍ଥିତ ପେଟାଲ୍ସ ଇଣ୍ଟରନ୍ୟାସନାଲ ସ୍କୁଲର ୭ମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ପ୍ରଶାସନିକ ନ୍ୟାୟଧିକରଣର ପୂର୍ବତନ ଉପାଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି, ଫକୀରମୋହନ ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡ. କୁମାରବର ଦାସ ମୁଖ୍ୟବକ୍ତା, ଇଂ ପର୍ଶୁରାମ ପାଣିଗ୍ରାହୀ, ପରିଚାଳନା କମିଟିର ଚେୟାରପର୍ସନ୍ ଡଃ ପ୍ରିୟଦର୍ଶିନୀ ରଥ, ସଦସ୍ୟ ପରେଶଚନ୍ଦ୍ର ରଥ, ଉପାଧ୍ୟକ୍ଷ ସ୍ୱପ୍ନିଲ୍ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ଶିକ୍ଷା, କ୍ରୀଡା, ଶୃଙ୍ଖଳା ଓ ସାଂସ୍କୃତିକ କ୍ଷେତ୍ରରେ ପାରଦର୍ଶୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା କାତ୍ୟାୟିନୀ କାନୀତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମସ୍ତ ଶିକ୍ଷାକର୍ମୀ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ଓ ସମାଜ ସଚେତନତା ଉପରେ ଆଧାରିତ ନାଟକକୁ ବହୁ ସଂଖ୍ୟାରେ ଅଭିଭାବକ ଉପଭୋଗ କରିଥିଲେ।

# ରାଜ୍ୟସ୍ତରୀୟ ବିଷୟଭିତ୍ତିକ ଆଲୋଚନା




**କନ୍ଦରପୁର,୩।୨(ସମିସ):** କଟକ ସଦରସ୍ଥିତ କନ୍ଦରପୁର ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ଏକ ରାଜ୍ୟସ୍ତରୀୟ ବିଷୟଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ପ୍ରାଣୀ ବିଜ୍ଞାନର ମୁଖ୍ୟା ଡ. ସ୍ୱାତୀ ପଣ୍ଡା ତାଙ୍କ ବିଭାଗର ସହଯୋଗରେ ପୂର୍ବାହ୍ନରେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସୁନାମଧନ୍ୟ ମହାବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରର ପ୍ରସଙ୍ଗ "କଞ୍ଜର୍ଭସନ ଅଫ ବାଇଓ ଡାଇଭର୍ସିଟି କ୍ଲାଇମେଟ୍ ଚେଞ୍ଜ ଆଣ୍ଡ ସଷ୍ଟେନେବୁଲ ଡେଭେଲପମେଣ୍ଟ' ଉପରେ ବିଷଦ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବାଇଓ ଡାଇଭର୍ସିଟି ବିଭାଗର ପ୍ରାକ୍ତନ ମୁଖ୍ୟ ଶରତ ପାଲିତା, ମୁଖ୍ୟବକ୍ତା ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼ ଉମେଶ ଚନ୍ଦ୍ର ପତି, ସ୍ୱତନ୍ତ୍ର ଅତିଥିଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ମେଜର ମଞ୍ଜୁଶ୍ରୀ ପତି ଯୋଗଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଶ୍ୟାମଗୋବିନ୍ଦ ଜେନା ମଞ୍ଚାସୀନ ଥିବା ବେଳେ ଅଧ୍ୟାପିକା ଡ଼ ନମିତା ପଟ୍ଟନାୟକ ନିଜର ବକ୍ତବ୍ୟ ରଖି ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ସ୍ୱାତି ସଙ୍ଗୀତା ବେହେରା ଓ ଅଧ୍ୟାପିକା ପ୍ରତ୍ୟାଷା ଶତପଥୀ ମିଳିତ ଭାବେ ସଂଯୋଜନା କରିଥିବାବେଳେ, ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଡ଼ ଅମୀୟ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ୍ତ ବିଶ୍ୱାଳ, ଅଧ୍ୟାପକ ଅଦ୍ୱୈତ୍ୟ ସ୍ୱାଇଁ, ଅଧ୍ୟାପକ ସଂଗ୍ରାମ ଜଗଦେବଙ୍କ ସମେତ ସମସ୍ତ ବିଭାଗୀୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

**'ସକାଳ' ପ୍ରଭାବ**

# ପରତଲାରେ ମରାମତି ହେଲା ନଳକୂପ

ଶଗଡ଼ା, ୩।୨(ସମିସ)

ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରି ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ବାସ୍ତବରେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ପରତଲା ଗ୍ରାମରେ ଥିବା ନଳକୂପ ୨ମାସରୁ ଅଧିକ ହେବ ଅଚଳ ହୋଇ ପଡ଼ିଥିଲା। ଗ୍ରାମରେ ପାଖାପାଖି ୧୦୦ ପରିବାର ବସବାସ କରୁଛନ୍ତି। ନଳକୂପରୁ ପାଣି ବାହାରୁ ନ ଥିବା ଯୋଗୁଁ ଲୋକେ ପାଣି ପାଇଁ ବହୁତ ହଇରାଣ ହେଉଥିଲେ। ଏହି ନଳକୂପ ମରାମତି ପାଇଁ ଲୋକେ ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। କେହି କିନ୍ତୁ ଶୁଣୁ ନ ଥିଲେ। ଶେଷରେ ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ସମସ୍ୟାର ସମାଧାନ ହୋଇଛି। ଏହି ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ହେଧର, ଅତାବିରାର ରିଙ୍କୁ ଜଗଦଲା, ବଲାଙ୍ଗୀର ଜିଲ୍ଲା ଲୁଇସିଙ୍ଗାର ସୁଶାନ୍ତ ପ୍ରଧାନ, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ଅନନ୍ତ ମିଶ୍ର, ମନଧର କର୍ମୀ ପ୍ରମୁଖ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟରେ ରାଜ୍ୟ ସରକାର, ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ। ଏହାପରେ ଅଚଳ ନଳକୂପକୁ ମରାମତି କରାଯାଇଛି।



# ବାଣୀଗୋଛା-ମନମୁଣ୍ଡା ରାସ୍ତା ମରାମତି କରୁନି ଏଆର୍‌ଏସ୍‌ଏସ୍

ବୌଦ୍ଧ, ୩।୨(ସମିସ): ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଣିଗୋଛାଠାରୁ ମନମୁଣ୍ଡା ଯାଏଁ ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଏଆରଏସଏସ ଠିକସଂସ୍ଥା ଦ୍ୱାରା ୨୦୨୨ ମସିହାରେ ଏହା ସମ୍ପନ୍ନ ହୋଇଛି। ୫ ବର୍ଷ ଯାଏଁ ଠିକାସଂସ୍ଥା ଏହାର ମରାମତି କରିବା କଥା; ଏଯାବତ କିନ୍ତୁ ମରାମତି ହେଉନାହିଁ। ଏଣୁ ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହାଫଳରେ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ଅନେକ ଧନ ଜୀବନ ନଷ୍ଟ ହେଉଛି। ଏହି ରାସ୍ତାରେ ସାଧାରଣ ଜନତା ରୋଡ ଟ୍ୟାକ୍ସ ବା ଟୋଲ ଟ୍ୟାକ୍ସ ଦେଉଛନ୍ତି। ହେଲେ ରାସ୍ତା ମରାମତି ଦିଗରେ ଗୁରୁତ୍ୱ ଦିଆଯାଉନି। ଏଣୁ ରାସ୍ତା ମରଣ ଯନ୍ତା ପାଲଟିଛି। ରାସ୍ତା ମରାମତି ନିୟମକୁ ଠିକାସଂସ୍ଥା ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି। ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତୁରନ୍ତ କଳା ତାଲିକା ଭୁକ୍ତ କରାଯାଉ ବୋଲି ବିଜେଡି ନେତା ଅବକାଶ ସାହୁ ଦାବି କରିଛନ୍ତି। ଠିକା ସଂସ୍ଥା ଏହି କାର୍ଯ୍ୟକୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଛି। ଏହା ଫଳରେ ରାସ୍ତାର ସ୍ଥିତି ଆଜି ମରଣ ଯନ୍ତା ପାଲଟିଛି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଠିକା କମ୍ପାନୀରୁ ଟଙ୍କା ଆଦାୟ କରି ରାସ୍ତା ମରାମତି କରାଯାଉ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି। ଯଦି ଏହି ଦାବି ପ୍ରତି ଜିଲ୍ଲା ପ୍ରଶାସନ ତଥା ସରକାର ଅଣଦେଖା କରନ୍ତି ତେବେ ଜାତୀୟ ରାଜପଥ ଅବରୋଧ କରିବାକୁ ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି।

# ଦିଗଶିରାରେ ୧୦୦୮ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

ଡୁଙ୍ଗୁରିପାଲି, ୩।୨(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା, ଡାହୁକବୁଡ ଓ ତମାମୁରା ସଙ୍ଗମସ୍ଥଳୀ ସ୍ଥିତ ବୁଦ୍ଧରାମ ସିଦ୍ଧି ଆଶ୍ରମ ମଠରେ ୯ଦିନ ଧରି ଚାଲିବାକୁ ଥିବା ୧୦୦୮ କୁଣ୍ଡୀୟ ବିଶ୍ୱଶାନ୍ତି ଶ୍ରୀରାମ ମହାଯଜ୍ଞର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆଜି ଅନୁଷ୍ଠିତ କଳସ ଯାତ୍ରା ଜନସମୁଦ୍ର ପାଲଟିଥିଲା। ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ହଜାର ହଜାର ଶ୍ରଦ୍ଧାଳୁମାନେ ଆଶ୍ରମ ମଠରୁ ପଦଯାତ୍ରାରେ ୪ କିଲୋମିଟର ଦୂର ଦିଗଶିରା ନଦୀ ଅଭିମୁଖେ ଯାଇଥିଲେ। ସେଠାରୁ ପୂଜା ଅର୍ଚ୍ଚନା କରି କଳସରେ ପବିତ୍ର ଜଳ ଧରି ଘଣ୍ଟ ବାଦ୍ୟ ସହ ସଂକୀର୍ତ୍ତନ ଦଳ ସହ ବିଶାଳ ଶୋଭାଯାତ୍ରାରେ ଯଜ୍ଞ ସ୍ଥଳକୁ ଆସିଥିଲ। ପରେ ଏହି କଳସଗୁଡ଼ିକୁ ଯଜ୍ଞ ସ୍ଥଳରେ ବିଧିବଦ୍ଧ ଭାବେ ସ୍ଥାପନ କରାଯାଇଛି। ସନ୍ଧ୍ୟାରେ ଓଡ଼ିଆ ତୁଳସୀ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ ପରିବେଷଣ କରାଯାଇଥିଲା। ଓଡ଼ିଶାରେ ପ୍ରଥମ ଥର ପାଇଁ ଏତେ ବଡ଼ ସଂଖ୍ୟାରେ ୧୦୦୮ କୁଣ୍ଡ ଯଜ୍ଞ କୁଣ୍ଡ ପ୍ରସ୍ତୁତ କରାଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଯଜ୍ଞ କାର୍ଯ୍ୟକୁ ଦିଗଶିରା, ତମାମୁରା ଓ ଡାହୁକବୁଡ଼ ସଙ୍ଗମ ସ୍ଥଳ ମଠାଧୀଶ ବୁଦ୍ଧରାମ ଶିଦ୍ଧାଶ୍ରମ ପୁରୁଷୋତ୍ତମ ଦାସ, ବଲାଙ୍ଗିର ବେଇରାସର ଦ୍ୱାରିକାଧୀଶ ମଠର ମହନ୍ତ ନୃସିଂହ ଚରଣ ଦାସ ମହାରାଜ, ମଧ୍ୟପ୍ରଦେଶ ଗଙ୍ଗାଘାଟ ଚିତ୍ରକୋଟ ଧାମର ମହନ୍ତ ନୃସିଂହ ଚରଣ ଦାସ ମହାରାଜଙ୍କ ସହ ଆଶ୍ରମ କର୍ମକର୍ତ୍ତା ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଏହାକୁ ପରିଚାଳନା କରୁଛନ୍ତି।

# ପୂର୍ବତନ ସରପଞ୍ଚ ବିଶ୍ୱାମିତ୍ର ମହାକୁଡ଼ଙ୍କ ପରଲୋକ

ବୌଦ୍ଧ, ୩।୨(ସମିସ): ବୌଦ୍ଧ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଧଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବଶ୍ୱାମିତ୍ର ମହାକୁଡ ଆଉ ନାହାନ୍ତି। ତାଙ୍କର ପରଲୋକ ଘଟିଛି। ପୁରୁଣାକଟକଠାରେ ବିଜୁ ଜନତା ଦଳର ବୌଦ୍ଧ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ବ୍ଲକ ସଭାପତି ପଙ୍କଜ ସାହୁ, ବରିଷ୍ଠ ନେତା ସୀତାରାମ ଅଗ୍ରୱାଲା, ରବିନାରାୟଣ ପ୍ରଧାନ, ଜିଲ୍ଲା ଉପସଭାପତି ସୁବୋଧ ପ୍ରଧାନ, ଦଳର ସାମାଜିକ ଗଣମାଧ୍ୟମ ସଂଯୋଜକ ଅବକାଶ ସାହୁ, ପୁରୁଣାକଟକ ସରପଞ୍ଚ ଅଶୋକ ସେଠି, କରଞ୍ଜକଟା ସରପଞ୍ଚ ନିହାର ଘୋଷ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ପ୍ରଶାସନ ସହଯୋଗରେ ଆନ୍ଧ୍ରରୁ ଆସିଲା ଶବ

- ବୁରଗୋରାରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ
- ପରିବାରକୁ ଆଶ୍ୱାସନା ଦେଲେ ଶ୍ରମ ଅଧିକାରୀ

ବୌଦ୍ଧ, ୩।୨(ସମିସ): ଆନ୍ଧ୍ରପ୍ରଦେଶରେ ମୃତ୍ୟୁ ଘଟିଥିବା ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ବୁରଗୋରା ଗ୍ରାମର ଅରୁଣ ରଣବିଡ଼ାଙ୍କ ମୃତଦେହ ଗାଁକୁ ଫେରିଛି। ବୌଦ୍ଧ ଜିଲ୍ଲା ପ୍ରଶାସନ ତଥା ଶ୍ରମ ବିଭାଗର ତତ୍ତ୍ୱାବଧାନରେ ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ ପହଞ୍ଚି ତାଙ୍କ ପତ୍ନୀ ଶାନ୍ତି ମହାନନ୍ଦିଆ, ଦୁଇ ପୁଅ, ଗୋଟିଏ ଝିଅ ଏବଂ ମାଆ ନୟନା ରଣବିଡ଼ାଙ୍କୁ ସମବେଦନା ଜଣାଇଥିଲେ। ତେବେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଜୁନରୁ ସେ ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲ୍ଲା ଅଧୀନ ପେଟା ଗ୍ରାମର ଏକ ସୂତାକଳରେ କାର୍ଯ୍ୟ କରୁଥିଲେ। ଗତ ୨୯ ତାରିଖ ଦିନ କାର୍ଯ୍ୟରତ ଥିବା ସମୟରେ ସନ୍ଦେହଜନକ ଭାବେ ତାଙ୍କ ମୃତ୍ୟୁ ଘଟିଥିଲା।



# ଗଞ୍ଜେଇ କାରବାରରେ ଜଣେ ଗିରଫ

ବୌଦ୍ଧ, ୩।୨(ସମିସ): ବୌଦ୍ଧ ଥାନା ବଘିଆପଡ଼ା ନିକଟରୁ ଏକ ପିକ୍‌ଅପ୍ ସହ ୪୯୬ କେଜି ଗଞ୍ଜେଇ



ଜବତ ହୋଇଛି। ଏହି ଘଟଣାରେ ପଦ୍ମନପୁର ଗ୍ରାମର କ୍ଷେତ୍ର ବେହେରା ଗିରଫ ହୋଇଛି। ଏ ସମ୍ପର୍କରେ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ, ୩।୨(ସମିସ): ବୌଦ୍ଧ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମନରେଗା ବଞ୍ଚାଅ ଅଭିଯାନ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ବିନ୍ଧ୍ୟାବିନୀ ସାହୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ମର୍ଜାକୁଦ ବ୍ରିଜ ଛକଠାରୁ ଶୋଭାଯାତ୍ରାରେ ବାହାରିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମନରେଗାର ନାମ ହଟାଇ ବିଭି ଜି ରାମ ଜି ନାମରେ ପରିବର୍ତ୍ତନ କରି ଲୋକଙ୍କୁ କର୍ମ ନିଯୁକ୍ତି ଦେବା ସଂକଳ୍ପରୁ ସରକାର ପଳାୟନ କରିଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ସାହୁ, ଉଦ୍ଧବ ବେହେରାଙ୍କ ସମେତ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।



# କୋର୍ଟରେ ଗଞ୍ଜେଇ ପ୍ରଦର୍ଶନ କଲା ପୁଲିସ

ବୌଦ୍ଧ, ୩।୨(ସମିସ): ସୁନାଝରୀ ଜଙ୍ଗଲରୁ ଜବତ ହୋଇଥିବା ୩୬ କ୍ୱିଣ୍ଟାଲ ୩୦ କେଜି ଗଞ୍ଜେଇକୁ ବୌଦ୍ଧ ପୁଲିସ କୋର୍ଟରେ ପ୍ରଦର୍ଶନ କରିଛି। ଗତ ୩୧ ତାରିଖ ଦିନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ପୁଲିସର ଏକ ଟିମ ଆମ୍ବଝରୀ ଗ୍ରାମ ନିକଟ ଜଙ୍ଗଲରେ ଚଢଉ କରିଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଏହା ଓଜନ କରାଯାଇଥିଲା। ଏ ସମ୍ପର୍କରେ ବୌଦ୍ଧ ଥାନାରେ ମାମଲା ରୁଜୁ ହେବା ପରେ ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଛି।

# କପାଚାଷ କ୍ଷେତ୍ରୀୟ ଦିବସ କାର୍ଯ୍ୟକ୍ରମ

ଶଗଡ଼ା, ୩।୨(ସମିସ): କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ସଦାନନ୍ଦପୁର ଗ୍ରାମରେ କୃଷି ବିଭାଗ ପକ୍ଷରୁ କପା ଚାଷ କ୍ଷେତ୍ରୀୟ ଦିବସ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଲଳିତ ସାହୁ, ସହକାରୀ କୃଷି ଅଧିକାରୀ ଚାନ୍ଦିନୀ ପ୍ରଧାନ, ରାଜୀବ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ସୁନିତା ମେହେର, କୃଷକ ସାଥୀ ଦୟାସାଗର ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ଦିଗଦର୍ଶନ ଦେଇଥିଲେ। ଉପସ୍ଥିତ ଚାଷୀଙ୍କୁ କପା ଚାଷ ବିଷୟରେ ବୁଝାଇବା ସହ ଏହାର ଲାଭ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନେକ ଚାଷୀ ଉପସ୍ଥିତ ଥିଲେ।

# ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମନମୁଣ୍ଡା, ୩।୨(ସମିସ): ଖଟଖଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଣ୍ଟାମଳ ବ୍ଲକ ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡ଼ର ସଂଘ ପକ୍ଷରୁ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ରାମକୃଷ୍ଣ ନାୟକ ଓ ଶିକ୍ଷକ ବିରାଜ କର୍ମୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଏବିଇଓ ନୀଳମଣୀ ପଣ୍ଡା, ଅନିତା ମେହେର, ବୌଦ୍ଧ ଜିଲ୍ଲା ଏକ୍ସକ୍ୟାଡର ସଙ୍ଘର ସଭାପତି ରଞ୍ଜୁ ଅମାତ, କଣ୍ଟାମଳ ବ୍ଲକର ସମିତି ସଭ୍ୟ କେଦାରନାଥ ସାହୁ, ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶଥପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦୁଇ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନର ଗୁଣଗାନ କରିଥିଲେ। କଣ୍ଟାମାଳ ବ୍ଲକ ସଙ୍ଘର ସଭାପତି ରତ୍ନନିଧି ଖମାରୀ ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ ସମ୍ପାଦକ କେଶବ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ଅନୁପମା ମିଶ୍ର ସଭା କାର୍ଯ୍ୟ ପରିଚାଳନା ସହଯୋଗ କରିଥିବା ବେଳେ ସରୋଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ରଞ୍ଜନ ଗାରିଆ, କ୍ଷୀରୋଦ୍ର ପ୍ରଧାନ, ଜଗବିହାରୀ ପ୍ରଧାନ, ଶକୁନ୍ତଳା ସାହୁ, ସୁନିତା ଦାସ, ଦମୟନ୍ତୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**ମା' ମାହେଶ୍ୱରୀ କ୍ରିକେଟ କପ୍ ଉଦ୍‌ଘାଟିତ**

# ସେମିଫାଇନାଲରେ ଘଣ୍ଟପାଲି

ବୀରମହାରାଜପୁର, ୩।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତର ନୂଆଗଡ଼ ଗ୍ରାମରେ ମଙ୍ଗଳବାର ଷଷ୍ଠ ମା' ମାହେଶ୍ୱରୀ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ନିରୂପମା ବଗର୍ତ୍ତି ମୁଖ୍ୟଅତିଥି ଏବଂ କ୍ରୀଡାବିତ ବିପିନ ପଣ୍ଡା, ଚୈତନ୍ୟ ଝାଙ୍କର ଓ ସୁରାଜ ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ କମଳପୁର ଓ ଷଣ୍ଢା ମଧ୍ୟରେ ହୋଇଥିଲା। ଏଥିରେ ଷଣ୍ଢା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୮୧ ରନ କରିଥିଲା। ଜବାବରେ କମଳପୁର ଦଳ ଆବଶ୍ୟକୀୟ ୮୨ ରନକୁ ୬ ଓଭର ରେ ୨ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚଟି ଚନ୍ଦଲି ଓ ଘଣ୍ଟପାଲି ମଧ୍ୟରେ ହୋଇଥିଲା। ଏଥିରେ ଚନ୍ଦଲି ପ୍ରଥମେ ବ୍ୟାଟିଂ କରି ୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୩୪ ରନ କରିଥିଲା। ଜବାବରେ ଘଣ୍ଟପାଲି ଦଳ ୭.୪ ଓଭରରେ ୮ ଉଇକେଟ ହରାଇ ଆବଶ୍ୟକୀୟ ୩୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚଟି ପ୍ରଥମ ମ୍ୟାଚ୍‌ର ବିଜେତା କମଳପୁର ଓ ଦ୍ୱିତୀୟ ମ୍ୟାଚର ବିଜେତା ଘଣ୍ଟପାଲି ମଧ୍ୟରେ ହୋଇଥିଲା। ଏଥିରେ କମଳପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୭୫ ରନ କରିଥିଲା। ଜବାବରେ ଘଣ୍ଟପାଲି ୫.୨ ଓଭରରେ କୌଣସି ଉଇକେଟ ନ ହରାଇ ଆବଶ୍ୟକୀୟ ୭୬ ରନ ସଂଗ୍ରହ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଥମ ମ୍ୟାଚ ପାଇଁ କମଳପୁରର ପ୍ରକାଶ ଲୁହା, ଦ୍ୱିତୀୟ ମ୍ୟାଚ ପାଇଁ ଘଣ୍ଟପାଲି ଦଳର ରୋଷନ ପ୍ରଧାନ ଓ ତୃତୀୟ ମ୍ୟାଚ୍ ପାଇଁ ପିଙ୍କୁ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ ଗୁଡିକରେ ଅରବିନ୍ଦ ଝାଙ୍କାର ଓ ମୁକେଶ ରଥ ଅମ୍ପାୟାର, ରାଜାରାମ ମାହାର ସ୍କୋରିଙ୍ଗ ଏବଂ ବିକାଶ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ।



**ରାଜ୍ୟସ୍ତରୀୟ ଗୋପବନ୍ଧୁ ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ସୁନ୍ଦରଗଡ଼କୁ ହରାଇ ଝାରସୁଗୁଡ଼ା ଚାମ୍ପିଅନ

ତରଭା, ୩।୨(ସମିସ): ତରଭା ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ପଞ୍ଚମ ଗୋପବନ୍ଧୁ ମେମୋରିଆଲ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଝାରସୁଗୁଡା ମହିଳା ଫୁଟବଲ ଦଳ ଓ ଛତିଶଗଡ଼ ମହିଳା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡା ଏଞ୍ଜେଲ ଏକାଡେମୀ ଦଳ ୫-୧ ଗୋଲରେ ଛତିଶଗଡ଼ ଏଫସି ଦଳକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ଼ ଜେଏମଏସ ଏଫ୍‌ସି ଓ ସମ୍ବଲପୁର ଏୟୁଏସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଦଳ ୧-୦ ଗୋଲରେ ସମ୍ବଲପୁର ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ ଝାରସୁଗୁଡା ଏଞ୍ଜେଲ ଏକାଡେମୀ ଓ ସୁନ୍ଦରଗଡ଼ ଜେ ଏମ ଏସ ଏଫ ସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ୧-୧ ଗୋଲରେ ଖେଳ ଅମୀମାଂଶିତ ରହିବାରୁ ପେନାଲଟି ସୁଟ ଆଉଟରେ ଝାରସୁଗୁଡା ଦଳ ୫-୪ ଗୋଲରେ ସୁନ୍ଦରଗଡ଼ ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଉଦଘାଟନୀ ମ୍ୟାଚରେ ସଭାପତି ଜନାର୍ଦ୍ଦନ ଥାନାପତି ଅଧକ୍ଷତାରେ ତରଭା ଏନଏସି ଅଧାକ୍ଷା ବନ୍ଦିତା ନାଏକ ମୁଖ୍ୟ ଅତିଥି, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀ କାନ୍ତ ମଲ୍ଲିକ, ସଂଶିତ ସାହୁ, ଅବିତ ସାହୁ, ୱାର୍ଡ ସଭ୍ୟା ସୁଜାତା ରଥ, ଯମୁନା ସେଠ, ନଳିନୀ ନାଏକ, ନମିତା ମହାନ୍ତି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦ୍ୱତୀୟ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କାଉନସିଲର ପ୍ରଦୀପ ମହାଣା, ସମ୍ମାନିତ ଅତିଥି ଦୁର୍ଯ୍ୟୋଧନ ରାଉତ, ରତନ ଲଲ ଅଗ୍ରୱାଲ, ଏଏସଆଇ ସୁଧୀର ଜେନା, ସୂର୍ଯ୍ୟ ନାରାୟଣ ସାହୁ, ମହେନ୍ଦ୍ର ନାଏକ, ସୁବାଷ ସେଠୀ, ସନ୍ତୋଷ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ଉତ୍ସବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ସରୋଜ କମ୍ପ, ସମ୍ମାନିତ ଅତିଥି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ଦୁର୍ଗା ପ୍ରସାଦ ଷଡଙ୍ଗୀ, ଆକାଶ ସାହୁ, ଦଶରଥ ସାହୁ ପ୍ରମୁଖ ଯୋଗ ଦେଇ ବିଜେତା ଦଳ ଝାରସୁଗୁଡାକୁ ଟ୍ରଫି ସହ ପାଞ୍ଚ ହଜାର ଟଙ୍କା ଓ ଉପ ବିଜେତା ସୁନ୍ଦରଗଡ଼ ଦଳକୁ ଟ୍ରଫି ସହ ତିନିହଜାର ଟଙ୍କା ପ୍ରଦାନ କରିଥିଲେ। ବେଷ୍ଟ ଗୋଲ କିପର ସୁନ୍ଦରଗଡ଼ ଦଳର ରତ୍ନିତା ପାତ୍ର ଓ ବେଷ୍ଟ ଡିଫେନ୍ସ ସୁନିତା କୁମୁରା, ବେଷ୍ଟ ପ୍ଲେଆର ଅଫ୍ ଦ ସିରିଜ ଝାରସୁଗୁଡା ଦଳର ଶ୍ରୁତି କଣ୍ଟାଗିଆ, ମେନ ଅଫ୍ ଦ ମେଚ ଗୋଲ କିପର ସନମ ହାଁସଦାମାନଙ୍କୁ ପୁରସ୍କୃତ କରିଥିଲେ। ଏଇଏସ୍ କଲେଜର ପିଇଟି ସଞ୍ଜିବ ସାହୁ ଖେଳ ପରିଚାଳଣା କରିଥବା ବେଳେ ନରେନ୍ଦ୍ର ରଣା, ସୁଶାନ୍ତ ବାଘ, ଖୁଜାର ମହମ୍ମଦ ସହଯୋଗ କରିଥିଲେ। ହିରଣ୍ମୟ ପଟ୍ଟନାୟକ ଓ ବାବୁଲା ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ମଧୁସୂଦନ ପାଣ୍ଡେ, ସୁରେନ୍ଦ୍ର ଦଲବେହେରା, ରଶ୍ମିରତ୍ନନ ଦାଶ, ରବିତାଣ୍ଡି, ସିକନ୍ଦର ନାଏକ, ବିମଳ ମାହାଣାଙ୍କ ସହ ଫୁଟବଲ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



**ଜୟ ଦୁର୍ଗା କ୍ରିକେଟ ପ୍ରତିଯୋଗିତା**

# ଲୋକାପଡ଼ାକୁ ହରାଇ ବଡ଼ଝିଙ୍କି ଚାମ୍ପିଅନ

ପଲଶାଗୋରା, ୩।୨(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଜୁନାନୀ ଜୟ ମା ଦୁର୍ଗା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୧୨ତମ ଜୟ ମା' ଦୁର୍ଗା କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚ ବଡ଼ଝିଙ୍କି ଓ ଲୋକାପଡ଼ା ଦଳ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମ ଫର୍ମାଟ ୧୦ଓଭର ବିଶିଷ୍ଟ ହୋଇଥିଲା। ଝିଙ୍କିଦଳ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ହରାଇ ୧୨୯ ରନ୍ କରିଥିଲା। ଜବାବରେ ଲୋକାପଡ଼ା ଦଳ ୮ ୱିକେଟ ହରାଇ ୯୧ ରନ୍ ସଂଗ୍ରହ ୩୮ ରନରେ ପରାସ୍ତ ହୋଇଥିଲା। ଦ୍ୱିତୀୟ ଫର୍ମାଟ ୮ ଓଭର ବିଶିଷ୍ଟ ମ୍ୟାଚରେ ଲୋକାପଡ଼ା ଦଳ ୧୦ ଉଇକେଟରେ ୯୪ ରନ୍ କରିଥିଲା। ଜବାବରେ ବଡ଼ଝିଙ୍କି ଦଳ ୮ ଓଭରରେ ୧୩ ରନ୍‌ରେ ପରାସ୍ତ ହୋଇଥିଲା। ତୃତୀୟ ଫର୍ମାଟ ୨ ଓଭର ଲେଖାଏଁ ଖେଳ ହୋଇଥିଲା। ଲୋକାପଡ଼ା ପ୍ରଥମେ ବ୍ୟାଟିଂ କରି ୧୭ ରନ୍ କରିଥିଲା। ଜବାବରେ ବଡ଼ଝିଙ୍କି ଦଳ ୧୮ ରନ୍ ସଂଗ୍ରହ କରି ଦୁଇଟି ଫର୍ମାଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଅମ୍ପାୟାର ଭାବେ ମଣ୍ଟୁ ସାହୁ, ଆକାଶ ପ୍ରଧାନ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ବେଦବ୍ୟାସ କହଁର ସହଯୋଗ କରିଥିଲେ। କାର୍ତ୍ତିକ ମେହେର ଓ ବାନ୍ଧବ ନାଏକ ଧାରବିବାରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଶିମିଳିପଦର ସରପଞ୍ଚ ସାର୍ଦ୍ଦୁଳ ନାଗ, ଯୁବନେତା ଶିତିକଣ୍ଠ ମିଶ୍ର, ବନପାଳ ପୁରେନ୍ଦ୍ର କର୍ମୀ, ଆଦିବାସୀ ନେତା ଡମ୍ବୁରୁ କହଁର, କ୍ରିକେଟ ପ୍ରେମୀ ସଦାନନ୍ଦ ପ୍ରଧାନ, ସମୀର ମାଝୀ, ଶିବନାଥ ଚାଉଳିଆ, ରଞ୍ଜନ ପାତ୍ର, ଦେବାଶିଷ ମଲିକ ଉପସ୍ଥିତ ଥିଲେ। କମିଟି ସଭାପତି ସଦାନନ୍ଦ ସାହୁ, ସତ୍ୟବାନ ନାଏକ, ଚିନ୍ମୟ କହଁର, ସଚିନ କହଁର, ଗୌତମ କହଁର, ଗିରିଧାରୀ ପୁଟେଲ, ଆକାଶ କହଁର, କମଳକାନ୍ତ ଭାଟି ପ୍ରମୁଖ ସହଯୋଗ କରିଥିଲେ।



- ସରସରାରେ ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସମ୍ବଲପୁରକୁ ହରାଇ ଭଞ୍ଜନଗର ବିଜୟୀ



ବୌଦ୍ଧ, ୩।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ହାଇସ୍କୁଲ ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସର୍ଲାକାନୀକୁ ହରାଇ ଭଞ୍ଜନଗର ସିବି ଏକାଡମୀ ୩-୦ ଗୋଲରେ ବିଜୟୀ ହୋଇଛି। ସରପଞ୍ଚ ହରି ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାମରିକ କର୍ମଚାରୀ ସୂର୍ଯ୍ୟ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ କିରଟି ପ୍ରଧାନ, ମଥୁରା ସରପଞ୍ଚ ପ୍ରଦୀପ କହଁର, ରାଧାନଗର ସରପଞ୍ଚ ଗଣେଶ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

# ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ

● ବଡ଼ ଶତପଥୀ ସଭାପତି, ଅଶ୍ୱିନୀ ସମ୍ପାଦକ ଓ ସୁରଥ କୋଷାଧକ୍ଷ

**ପାଇକମାଲ, ୩।୨(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ସାଧାରଣ ସଭା ମଙ୍ଗଳବାର ନୃସିଂହନାଥ ବିନ୍ଧ୍ୟବାସିନୀ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଯାଇଛି। ପାଇକମାଲ ସାମ୍ବାଦିକମାନଙ୍କ ଆୟୋଜନ କ୍ରମେ ସଭାପତି ବଡ ଶତପଥୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଲ ବିଡିଓ ପ୍ରଫୁଲ ଓଡ୍ରୁ, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ଗୌତମ ସିଂ, ବିଜୟ ସ୍ୱାଇଁ, ହୃଦାନନ୍ଦ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ସାମ୍ବାଦିକ ସଂଘର ସମସ୍ତ ପ୍ରକାରର ସହଯୋଗ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅଶ୍ୱିନୀ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟଜିତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦିବଂଗତ ସାମ୍ବାଦିକ ରମେଶ ବାରିକଙ୍କ ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ପୂର୍ବକ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ବରିହା ଉପସ୍ଥିତ ସାମ୍ବାଦିକଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସାମ୍ବାଦିକ ଭବନ ନିର୍ମାଣ, କର୍ମକର୍ତ୍ତା ଚୟନ ଓ ସଂଗଠନର ସୁଦୃଢ଼ୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ବଡ ଶତପଥୀ, ଉପ ସଭାପତି ସତ୍ୟଜିତ ପ୍ରଧାନ, ସମ୍ପାଦକ ଅଶ୍ୱିନୀ ପାତ୍ର, ସହ ସମ୍ପାଦକ ଗୌରାଙ୍ଗ ଚରଣ ଦାସ, ମାନସରଞ୍ଜନ ନାୟକ, କୋଷାଧକ୍ଷ ସୁରଥ ସାହୁ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଲାଲବିହାରୀ ମିଶ୍ର ବିଷ୍ଣୁ ପ୍ରସାଦ ବାଜପେୟୀ, କ୍ଷମାନିଧି ନାୟକ, ରଞ୍ଜନ ଦେବତା, ପ୍ରମୁଖଙ୍କୁ ରଖାଯାଇଥିବା ବେଳେ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରତ୍ନମଣି ଶତପଥୀ, ପ୍ରଦୀପ୍ତ ଦାଶ, ନୀଳକଣ୍ଠ ଦୀପ, ଆଦର୍ଶ ନାଥ, ଧିରେନ୍ଦ୍ର ମହାନ୍ତି, ନିରୋଜ ପାଣି, ଜହନକୁମ୍ଭାର, ଦେବେନ୍ଦ୍ର ସାହୁ, ମନୋଜ ଭୋଇ, ମନୋନୀତ ହୋଇଛନ୍ତି। ୧୧ ଜଣିଆ ନିର୍ମାଣ କମିଟି ଗଠନ କରାଯାଇଥିଲା। ଶେଷରେ ରଞ୍ଜନ ଦେବତା ଧନ୍ୟବାଦ ଦେଇଥିଲେ।



# ଖୁଣ୍ଟିରେ ଅଟକିଛି ଜଳ ଯୋଗାଣ ପ୍ରକଳ୍ପ



● ୬ ମାସ ହେଲା କାମ ବନ୍ଦ
● ଅର୍ଦ୍ଧନିର୍ମିତ ପାଣିଟାଙ୍କି, ଗ୍ରୀଷ୍ମ ପୂର୍ବରୁ ଚିନ୍ତାରେ ଅଞ୍ଚଳବାସୀ

ଅମ୍ବାଭୋନା, ୩।୨(ସମିସ)

ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକର ଭୁକ୍ତା ଗାଁରେ ଚାଲିଥିବା ବୃହତ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଓଭରହେଡ ପାଣି ଟାଙ୍କି ନିର୍ମାଣ କାମ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଦୀର୍ଘ ସମୟ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଥିବାରୁ ଗ୍ରୀଷ୍ମ ପୂର୍ବରୁ ଅଞ୍ଚଳବାସୀ ଚିନ୍ତାରେ ପଡ଼ିଛନ୍ତି। ଠିକାଦାର, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ମଧ୍ୟରେ ମଧୁଚନ୍ଦ୍ରିକା ଅଭିଯୋଗ ଫଳରେ ପ୍ରକଳ୍ପ କାର୍ଯ୍ୟ ଦୀର୍ଘଦିନ ଧରି ଅଟକି ରହିଛି। ସରକାର ପକ୍ଷରୁ ନିର୍ଦ୍ଧାରୀତ ସମୟସୀମା ମଧ୍ୟରେ ପାଣିଟାଙ୍କି ନିର୍ମାଣ ସମ୍ପୂର୍ଣ୍ଣ କରି ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ପ୍ରକଳ୍ପ ଆଗକୁ ବଢ଼ି ପାରୁନାହିଁ। ଏଣୁ ଆଗାମୀ ଗ୍ରୀଷ୍ମ ଋତୁରେ ଭୁକ୍ତା ସହ ବଡଧରା, ଲୁଦୁପାଲି, ଲଖନପୁର ଆଦି ଗ୍ରାମବାସୀ ଭୟଙ୍କର ଜଳ ସଙ୍କଟରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ବିନା ଯନ୍ତ୍ରୀଙ୍କ ତଦାରଖରେ ନିମ୍ନମାନର ମେଟାଲ, ବାଲି, ଚିପ୍ସ ଓ ସିମେଣ୍ଟ ବ୍ୟବହାର କରାଯାଇଛି। ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ମଧ୍ୟରେ ଅନୁଚିତ ସମ୍ପର୍କ ଥିବା ଅଭିଯୋଗ ମଧ୍ୟ ଉଠିଛି। ଶ୍ରମିକ ମାନଙ୍କୁ ବିନା ସୁରକ୍ଷା ସାମଗ୍ରୀରେ କାମ କରାଯାଉଥିବାରୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଅଞ୍ଚଳବାସୀ ଗ୍ରୀଷ୍ମ ପୂର୍ବରୁ ପ୍ରକଳ୍ପ ସମ୍ପୂର୍ଣ୍ଣ କରି ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରୁଥିବା ବେଳେ ଠିକାଦାରଙ୍କ ପକ୍ଷରୁ ନାଲିଆଖି ଦେଖାଯାଉଥିବା ଅଭିଯୋଗ ରହିଛି। ଏନେଇ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ତୁରନ୍ତ ହସ୍ତକ୍ଷେପ ଦାବି କରାଯାଇଛି। ଏପଟେ, ନିର୍ଦ୍ଧାରୀତ ସମୟସୀମା ମଧ୍ୟରେ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ନହେଲେ ସମ୍ପୃକ୍ତ ସଂସ୍ଥାକୁ କଳାତାଲିକାଭୁକ୍ତ କରାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ଭୁବନେଶ୍ୱର ସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତି ପ୍ରତିଷ୍ଠାନର ମନରେଗା ସମ୍ମିଳନୀ କକ୍ଷରେ ଆୟୋଜିତ ବୃହତ ଗ୍ରାମୀଣ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ରାଜ୍ୟସ୍ତରୀୟ ତିନି ଦିବସୀୟ ସମୀକ୍ଷା ବୈଠକରେ ମନ୍ତ୍ରୀ ଏହା ସ୍ପଷ୍ଟ କରିଛନ୍ତି।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ଭେଡେନ, ୩।୨(ସମିସ):** ଭେଡେନ-ବରଗଡ଼ ମୁଖ୍ୟରାସ୍ତା ଭେଡେନ ତହସିଲ କାର୍ଯ୍ୟାଳୟ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବା ଦ୍ୱାରା ୨ ଜଣ ଗୁରୁତର ଆହତ ହୋଇ ବୁର୍ଲା ସ୍ଥାନାନ୍ତର ହୋଇଛନ୍ତି। ଆହତ ଦ୍ୱୟ ହେଲେ ଭେଡେନ ବ୍ଲକ ଅଧୀନ ଅଇଁଲାପାଲି ପଞ୍ଚାୟତ ସ୍ଥିତ କଟାପାଲି ଗାଁର ସୁଶାନ୍ତ ପଧାନ(୩୨) ଏବଂ ରେମଣ୍ଡା ଗାଁର ଆନନ୍ଦ ମେହେର(୨୮)। ମଙ୍ଗଳବାର ସୁଶାନ୍ତ ବାଇକ୍‌ରେ ନିଜ ଗାଁକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଜାମଡୋଲ ଗାଁକୁ ଆସିଥିବା ଆନନ୍ଦ ନିଜ ଗାଁ ରେମଣ୍ଡାକୁ ବାଇକ୍‌ରେ ଫେରୁଥିଲେ। ତେବେ ଭେଡେନ ତହସିଲ କାର୍ଯ୍ୟଳୟ ନିକଟରେ ଦୁଇ ଜଣଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପ୍ରଭାବରେ ଉଭୟ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଏଥିରେ ସୁଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେପଟେ ଆନନ୍ଦଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ ଦୁଇ ଜଣଙ୍କୁ ଉଦ୍ଧାର କରି ସାଙ୍ଗେ ସାଙ୍ଗେ ଭେଡେନ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ମାତ୍ର ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଖବର ପାଇ, ଭେଡେନ ପୁଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଏବଂ ଦୁର୍ଘଟଣାଗ୍ରସ୍ତ ମଟରସାଇକଲ ଦ୍ୱୟକୁ ଥାନାକୁ ଆଣିଛି।

## ବିଜେପୁରର ଉନ୍ନତିକରଣ ପାଇଁ ବିଧାୟକ ଓ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

**ବିଜେପୁର, ୩।୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ସହରର ସମଗ୍ର ଉନ୍ନତିକରଣ ଓ ନାଗରିକ ସୁବିଧା ବୃଦ୍ଧି ପାଇଁ ସ୍ଥାନୀୟ ବିଧାୟକ ସନତ ଗଡ଼ତିୟାଙ୍କ ନେତୃତ୍ୱରେ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଉପଜିଲ୍ଲାପାଳ ସ୍ନେହା ଅରଗୁଲା, ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଜ୍ୟୋତିପ୍ରକାଶ ଭୋଇଙ୍କ ସମେତ ସ୍ଥାନୀୟ ପ୍ରତିନିଧିମାନେ ସାମିଲ ଥିଲେ। ଅଧିକାରୀମାନେ ବିଜେପୁର ସହରର ଦାମ୍ବୋଦର କଟା, ବସଷ୍ଟାଣ୍ଡ, ଏନଏସି କାର୍ଯ୍ୟାଳୟ ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ବୁଲି ଦେଖିଥିଲେ। ସ୍ଥାନୀୟ ସମସ୍ୟା, ମୌଳିକ ସୁବିଧାର ଅଭାବ ଓ ଉନ୍ନୟନର ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ। ଯାତାୟାତ ବ୍ୟବସ୍ଥା, ପାନୀୟ ଜଳ, ନିର୍ମଳ ପରିବେଶ, ଡ୍ରେନେଜ୍ ବ୍ୟବସ୍ଥା ଓ ସହର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଜେପୁରକୁ ଏକ ସୁସ୍ଥ, ସୁବ୍ୟବସ୍ଥିତ ଓ ବିକଶିତ ସହର ଭାବେ ଗଢ଼ିବା ପାଇଁ ପ୍ରାଥମିକତା ଦିଆଯିବ ବୋଲି ବିଧାୟକ ଶ୍ରୀ ଗଡ଼ତିୟା କହିଥିଲେ। ସାଧାରଣ ଲୋକଙ୍କ ସମସ୍ୟାକୁ ଦେଖି ସମାଧାନ କରିବା ପାଇଁ ପ୍ରଶାସନ ସହ ମିଶି କାମ କରାଯିବ ବୋଲି ସେ କହିଥିଲେ।

## ପୁଟୁକା ଗାଁକୁ ଲକ୍ଷ୍ମୀ ବସ୍ ସେବା ଦାବି

**ଝାରବନ୍ଧ, ୩।୨(ସମିସ):** ଝାରବନ୍ଧ ବ୍ଲକ ଜଗଦଳପୁର ପଞ୍ଚାୟତ ଅଧୀନ ପୁଟୁକା ଗାଁକୁ ଲକ୍ଷ୍ମୀ ବସ ସେବା ଯୋଗାଇବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜୋରଦାର ଦାବି ଉଠିଛି। ଲକ୍ଷ୍ମୀ ବସ ଝାରବନ୍ଧ ବ୍ଲକ ମୁଖ୍ୟାଳୟରୁ ଜଗଦଳପୁର ପର୍ଯ୍ୟନ୍ତ ଚଳାଚଳ କରୁଥିବା ସତ୍ତ୍ୱେ ପୁଟୁକା ଗାଁକୁ ପ୍ରବେଶ କରୁନାହିଁ। ଫଳରେ ସ୍ଥାନୀୟ ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନେ ଝାରବନ୍ଧ ଯିବା ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଗଦଳପୁରରୁ ପ୍ରାୟ ୫ କିମି ଦୂରରେ ଥିବା ପୁଟୁକା ଗ୍ରାମବାସୀ ବସ ସୁବିଧାରୁ ବଞ୍ଚିତ ହୋଇ ପ୍ରତିଦିନ ଯାତାୟାତ ପାଇଁ ଏହି ଅସୁବିଧା ଭୋଗ କରୁଛନ୍ତି। ବିଶେଷକରି ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନକୁ ଯିବା ପାଇଁ ବହୁ କଷ୍ଟ ସ୍ୱୀକାର କରିବା ସହ ଆର୍ଥିକ ବୋଝ ବୋହିବାକୁ ବାଧ ହେଉଛନ୍ତି। ଏନେଇ ଗ୍ରାମବାସୀ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଅଭିଯୋଗ କରି ବସ ସେବା ଯୋଗାଇ ଦେବାକୁ ଦାବି ଜଣାଇଛନ୍ତି। ବିଡିଓ ଏନେଇ ଲକ୍ଷ୍ମୀ ବସର ଜେନେରାଲ ମ୍ୟାନେଜରଙ୍କ ସହ ଫୋନ ମାଧ୍ୟମରେ କଥା ହୋଇଥିବା ସୂଚନା ମିଳିଛି। ସେଥିରେ ପୁଟୁକା ଗାଁକୁ ବସ ସେବା ବିସ୍ତାର ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

# ଜନ୍ମମାଟିରେ ବୀର ଯବାନ ସୁମିତ ବାରାଇଙ୍କୁ ଭବ୍ୟ ସମ୍ବର୍ଦ୍ଧନା



**ବରଗଡ଼, ୩।୨(ସମିସ):** କଟାପାଲିର ବୀର ସନ୍ତାନ ସୁମିତ ବରାଇ ଭାରତୀୟ ସେନାରେ ଦୀର୍ଘ ୨୨ ବର୍ଷର ନିଷ୍ଠାପର ସେବା ପରେ ଅବସର ଗ୍ରହଣ କରି ନିଜ ଜନ୍ମମାଟିକୁ ଫେରିଛନ୍ତି। ବରଗଡ଼ରେ ପହଞ୍ଚିବା ପରେ ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୁମିତ ବରଗଡ଼ରେ ପହଞ୍ଚିବା ପରେ ପ୍ରଥମେ ମାଁ କାଳୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ସହର ପରିକ୍ରମା କରାଯାଇଥିଲା। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରୁ ନିଜ ଗାଁ କଟାପାଲିକୁ ଯିବା ସମୟରେ ରାସ୍ତାରେ ଶତାଧିକ ଲୋକ ତାଙ୍କୁ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ। ଗାଁରେ ପହଞ୍ଚିବା ପରେ କଟାପାଲି ଉତ୍ସବମୁଖର ହୋଇଥିଲା। କଟାପାଲି ସରପଞ୍ଚ ରମେଶ ସାହୁ, ସମାଜସେବୀ ସତ୍ୟ କେତନ ମହାନ୍ତି, ଦିବାକର ମାଝି, ସଞ୍ଜୟ ମହାପାତ୍ର, ଦୀପକ ବିଶ୍ୱାଳ, ଇଞ୍ଜିନିୟର ରୋଶନ ବରାଇ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ପରିବାର ବର୍ଗ ଓ ଗ୍ରାମବାସୀଙ୍କ ଗହଣରେ ସୁମିତଙ୍କୁ ପାଛୋଟି ନିଆହୋଇଥିଲା। ସୁମିତ ୨୦୦୪ ରେ ଆର୍ମି ମେଡିକାଲ କୋର୍‌ରେ ଯୋଗ ଦେଇଥିଲେ। ନିଜର କାର୍ଯ୍ୟକାଳ ମଧ୍ୟରେ ଲେହ-ଲଦାଖ, ଅରୁଣାଚଳ ପ୍ରଦେଶ, ରାଜସ୍ଥାନ ଓ ପଞ୍ଜାବ ଭଳି ସୀମାନ୍ତ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି। ସେନାବାହିନୀର ଆପତ୍କାଳୀନ ବିଭାଗ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ୯ ବର୍ଷ ଓ ୨୦ ବର୍ଷର ଲଙ୍ଗ ସର୍ଭିସ ମେଡାଲ, ସୈନ୍ୟ ସେବା ମେଡାଲ (ମରୁସ୍ଥଳ ଓ ବେଙ୍ଗଲ-ଆସାମ) ଏବଂ ୱେଷ୍ଟର୍ଣ୍ଣ କମାଣ୍ଡ ସୁରକ୍ଷା ପଦକ ଭଳି ଅନେକ ସମ୍ମାନରେ ଭୂଷିତ କରାଯାଇଛି।

## ବୈରଖପାଲି ହାଇସ୍କୁଲରେ ସ୍କୁଲ ପିଲାଙ୍କୁ ବ୍ୟାଗ୍ ବଣ୍ଟନ

**ବିଜେପୁର, ୩।୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଖରମୁଣ୍ଡା କ୍ଲଷ୍ଟର ଅଧୀନ ବୈରଖପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଗତି ମିଲକ୍ସ ଓ ଦାରୁବ୍ରହ୍ମ କୃଷକ ଉତ୍ପାଦକ ସଂଗଠନ ମିଳିତ ଉଦ୍ୟମରେ ଆର୍ଥିକ ଓ ଜାତିଗତ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ବିନା ମୂଲ୍ୟରେ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଛି। ପ୍ରଗତି ମିଲକ୍ସ ଜୋନ ପ୍ରୋକ୍ୟୁରମେଣ୍ଟ



ମ୍ୟାନେଜର ମୃତ୍ୟୁଞ୍ଜୟ ଦୀପ ଓ ସୁପର ଭାଇଜର ସନ୍ନ୍ୟାସୀ ସାହୁଙ୍କ ସହଯୋଗ କ୍ରମେ ସ୍କୁଲର ୯୪ ଜଣ ଛାତ୍ରଛାତ୍ରୀଙ୍କୁ ବ୍ୟାଗ ବିତରଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆକାଶ ପାଣ୍ଡେ, ସହକାରୀ ଶିକ୍ଷକ ଦିବ୍ୟଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ମେହେର, ଅନିଲ ବାରିକ, ଯାଜ୍ଞସେନି ପଧାନ, ଲିଙ୍ଗ ଦୀପ, ଧିରେନ୍ଦ୍ର ଭୋଇ, ସତ୍ୟବାନ ବରିହା, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରହ୍ଲାଦ ମେହେର ଓ ଧର୍ମେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ବରଗଡ଼ ନୂତନ ଥାନାଧିକାରୀଙ୍କୁ ସ୍ୱାଗତ



**ବରଗଡ଼, ୩।୨(ସମିସ):** ଅଟୋରିକ୍ସା ମାଲିକ ସଙ୍ଘ ତରଫରୁ ମଙ୍ଗଳବାର ସଙ୍ଘର ସଭାପତି ସର୍ଦ୍ଦାର ପ୍ରୀତମ ସିଂହଙ୍କ ନେତୃତ୍ୱରେ ନୂତନ ଭାବେ ଯୋଗ ଦେଇଥିବା ବରଗଡ଼ ଥାନାଧିକାରୀ ଚିତ୍ତରଞ୍ଜନ ମେହେରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ସଙ୍ଘ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ଶ୍ରୀ ମେହେରଙ୍କ ସହ ଚର୍ଚ୍ଚା ଆଲୋଚନା କରିଥିଲେ। ସ୍ୱାଗତ କାର୍ଯ୍ୟକ୍ରମରେ ସୁଦର୍ଶନ ସ୍ୱାଇଁ, ବୃନ୍ଦାବନ ବେହେରା, ତରଣୀ ସୁରଜାଲ, ଜୟ ତାଣ୍ଡି, ସାରଥି ମେହେର, ବୁଲୁରାମ ଦଳେଇ ଓ ବନମାଳୀ ପାତ୍ର ଉପସ୍ଥିତ ଥିଲେ।

## ଦାଶ ସ୍ମାରକୀ ମହିଳା ଫୁଟବଲ
## ବରଗଡ଼କୁ ହରାଇ ଝାରସୁଗୁଡ଼ା ବିଜେତା

**ପଦ୍ମପୁର, ୩।୨(ସମିସ):** ପାଇକମାଳ ବ୍ଲକ ଲଖମରାରେ ଜିଲ୍ଲା ଦାଶ ସ୍ମାରକୀ ଦିନିକିଆ ମହିଳା ଫୁଟବଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼, ଟିଟିଲାଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବରଗଡ଼ ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଦଳ ୨-୦ ଗୋଲରେ ବିଜୟୀ ହୋଇଛି। ରେଫରୀ ଭାବେ ସନ୍ତୋଷ ପଧାନ, ମଧୁସୂଦନ ନାଏକ, ମଣ୍ଟୁ ବାଗ, ଦୀପକ ରାଜହଂସ, ଶଙ୍କର ବଣିଆ ଖେଳ ପରିଚାଳନା କରିଥିଲେ। ଆଙ୍କିତା ସାହାଣୀ, ବନମାଳିଆ ରାଉତିଆ ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କଳାକାର ରେଶମା ଦୋରା, ସମାଜସେବୀ ମଧୁସୂଦନ ଦାଶ, ସୋନାଲି ପାଢ଼ୀ, ରେଶମା ଦୋରାଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍ ପ୍ରାରମ୍ଭରେ ପୂର୍ବତନ ଖେଳାଳି, କଳାକାର ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଉପଢୌକନ ଦେଇ ଆୟୋଜକ ଦିଲିପ ଦାଶ ସମ୍ମାନିତ କରିଥିଲେ। ଶେଷରେ ଆୟୋଜକ ମୁଖ୍ୟ ଦିଲିପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ପାଇଁ ପ୍ରସ୍ତାବ ଆମନ୍ତ୍ରଣ

**ଝାରବନ୍ଧ, ୩।୨(ସମିସ):** ଜିଲ୍ଲା ପରିଷଦ କାର୍ଯ୍ୟାଳୟ ବରଗଡ଼ ତରଫରୁ ପତ୍ର ସଂଖ୍ୟା ୩୮୧ ଅନୁଯାୟୀ ଏକ ନୋଟିସ ଜାରି କରାଯାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପତ୍ର ସଂଖ୍ୟା ୭୯୯/ଅନୁସାରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତି କରାଯିବ। ଏହି ପରିପ୍ରେକ୍ଷିରେ ବରଗଡ଼ ଜିଲ୍ଲାର ଝାରବନ୍ଧ ବ୍ଲକ ପାଇଁ ଆବଶ୍ୟକୀୟ ବିକାଶ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବ ତାଲିକା ସମସ୍ତ ନିର୍ବାଚିତ ଜନପ୍ରତିନିଧି ଓ ନାଗରିକଙ୍କ ଠାରୁ ଆମନ୍ତ୍ରଣ କରାଯାଇଛି। ଏହି ପ୍ରସ୍ତାବଗୁଡିକୁ ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବରଗଡ଼ଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ପ୍ରସ୍ତାବ ତାଲିକା ଫେବୃଆରୀ ୧ ରୁ ୯ ମଧ୍ୟରେ ହିଁ ଦାଖଲ କରିବାକୁ ଅନୁରୋଧ କରାଯାଇଛି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ପଦ୍ମପୁର, ୩।୨(ସମିସ):** ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ୮ ଦିବସୀୟ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଶିବିରଟି ଉଦ୍‌ଘାଟିତ ହୋଇଥିଲା। +୩ ପ୍ରଥମ ବର୍ଷର ୧୯୨ ଜଣ ଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା ଡ.ଚନ୍ଦ୍ରିକା ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମାଷ୍ଟର ଟ୍ରେନର ନମ୍ରତା ତାଣ୍ଡି ଓ ସୁନୀତି ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରୀକ୍ଷା ଓ ଛୁଟି ଦିନମାନଙ୍କୁ ବାଦ ଦେଇ ଦୀର୍ଘ ୮ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଉଦ୍‌ଯାପନୀ ଦିବସରେ ସଭାପତି ନାଥ ନାରୀମାନଙ୍କ ପାଇଁ ଆତ୍ମସୁରକ୍ଷା ଆବଶ୍ୟକତା ଉପରେ ବୁଝାଇଥିଲେ। ଡ.ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଚିରଞ୍ଜୀବୀ ଆୟୁର୍ବେଦ ଚିକିତ୍ସାଳୟ ଉଦ୍‌ଘାଟିତ



**ବରଗଡ଼, ୩।୨(ସମିସ):** ଚିରଞ୍ଜୀବୀ ଆୟୁର୍ବେଦ ଚିକିତ୍ସାଳୟ ନୂତନ ଭାବେ ବରଗଡ଼ରେ ଆରମ୍ଭ ହୋଇଛି। ଭଟଲି ରୋଡ ସ୍ଥିତ ଟାଙ୍ଗରପଡ଼ା ୱାର୍ଡ ନମ୍ବର ୧ ପାଖରେ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଛି। ଡ.ଦେବବ୍ରତ ସାହୁ ଓ ଡ.ଦେବାଶିଷ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାର ରୋଗର ଚିକିତ୍ସା କରାଯିବ ବୋଲି ସୂଚନା ରହିଛି। ଏଠାରେ ମୁଖ୍ୟତଃ ଡାଇବେଟିସ, ହାଇପର ଟେନସନ, କିଡନୀ, ଥାଇରଏଡ, ଆର୍ଥରାଇଟିସ ଭଳି ଜୀବନଶୈଳୀ ଜନିତ ରୋଗ ଉପଶମ କରାଯିବ ବୋଲି ଡ.ଦେବବ୍ରତ କହିଛନ୍ତି। ଏହାସହ ଆୟୁର୍ବେଦର ବିଭିନ୍ନ ପ୍ରକାର ଔଷଧ ମଧ୍ୟ ଉପଲବ୍ଧ ରହିବ। ବର୍ତ୍ତମାନ ସମୟରେ ବ୍ୟୟ ବହୁଳ ଚିକିତ୍ସା ଯୋଗୁଁ ଲୋକଙ୍କ ଧନ, ଜୀବନହାନୀ ହେଉଥିବାରୁ ଆୟୁର୍ବେଦ ଚିକିତ୍ସା ଲୋକଙ୍କ ପାଇଁ ଆଶାର ଆଲୋକ ହୋଇ ପାରିବ ବୋଲି କହିଛନ୍ତି। ଡ.ଦେବାଶିଷ ସାହୁ, ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟରୁ ବିଏଏମଏସ ଡିଗ୍ରୀ ହାସିଲ କରିଛନ୍ତି।

# ମାଁ ମେଟଖାଇ ଟେନିସ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପଦ୍ମପୁର ଚାମ୍ପିଅନ

ବିଜେପୁର, ୩।୨(ସମିସ)




ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅଧୀନ ବି-ନୂଆଁପାଲି ଖେଳ ପଡ଼ିଆ ଠାରେ ଅଷ୍ଟମ ମାଁ ମେଟଖାଇ ଟେନିସ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜିର ଫାଇନାଲ ମ୍ୟାଚ୍ କୁଚିପାଲି ଓ ପଦ୍ମପୁର ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ପଦ୍ମପୁର ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ବିଜେତା ପଦ୍ମପୁର ଦଳକୁ ୨୦ ହଜାର ଟଙ୍କା ଓ ଉପବିଜେତା କୁଚିପାଲି ଦଳକୁ ୧୨ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇମ୍ରାନ ଭୋପଲା, ବରିଷ୍ଠ ବିଜେପି ନେତା ଲୋକେଶ୍ୱର ସିଂ ବରିହା, ମଣ୍ଡଳ ସଭାପତି ପ୍ୟାରିଲାଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ପରିଚାଳନାରେ ସୁମିଲ ବେହେରା, ନରୋତ୍ତମ ପଧାନ, ଅନ୍ତର୍ଯ୍ୟାମୀ ପଧାନ, ଚନ୍ଦ୍ରମଣି ବରିହା, ସୁନୀଲ ରାଉତ, ରିଙ୍କୁ ସାହୁ, ଉମେଶ ଭୋଇ, ପ୍ରଦୀପ ଭୋଇ, ସୁଶାନ୍ତ ଭୋଇ, ରାଜେନ୍ଦ୍ର ଗଣ୍ଡଗୋଳ, ଉମାକାନ୍ତ ଭୋଇ, ମୋହନ ଭୋଇଙ୍କ ସମେତ ଏମଏମସିସିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଛେତଗାଁରେ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା



**ପାଇକମାଳ, ୩।୨(ସମିସ):** ପାଇକମାଳ ବ୍ଲକ ଛେତଗାଁରେ ଦୁଇ ଦିନ ଧରି ଏଲଟିଆଇ ମାଇଣ୍ଡଟ୍ରି ଓ ମହାଶକ୍ତି ଫାଉଣ୍ଡେସନ ତରଫରୁ ଛେତଗାଁ ପଞ୍ଚାୟତ ସହଯୋଗରେ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ବକ୍ତୃତା, କୁଇଜ୍, ଗୀତ ଇତ୍ୟାଦି କ୍ରୀଡା ଆୟୋଜିତ ହୋଇଥିଲା। ସମୁଦାୟ ୪୫ଟି ପ୍ରତିଯୋଗିତାରେ ୧୩୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ଓ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟିକା ତଥା ମୁଖ୍ୟ ଅତିଥି ବର୍ଷା ସିଂ ବରିହା ଓ ସମ୍ମାନିତ ଅତିଥି ଭାବେ ପାଇକମାଳ ମହାଶକ୍ତି ଫାଉଣ୍ଡେସନ ବ୍ଲକ ସଂଯୋଜକ ମିତ୍ରଭାନୁ ସାହୁ, ଛେତଗାଁ ସରପଞ୍ଚ ବନିତା ମହାନନ୍ଦ, ବ୍ଲକ ଚେୟାରମ୍ୟାନ ଭାବନା ସିଂ, ବିଡିଓ ପ୍ରଫୁଲ୍ଲ ଓଡ୍ରୁ, ହୃଦାନନ୍ଦ ଭୋଇ, ଟାଇଲ ଚନ୍ଦ୍ର ଭୋଇ, ଗୌତମ ସିଂ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ମହାଶକ୍ତି ଫାଉଣ୍ଡେସନ ପାଇକମାଳ ବ୍ଲକ ସହ ସଂଯୋଜକ ଅଜିତ ପୁଟା ଓ ନଟବର ପ୍ରଧାନ ଅନ୍ୟାନ୍ୟ ସିଆରପିମାନଙ୍କ ମଧ୍ୟରେ ଶିବାନୀ କୁମ୍ଭାର, ସାବିତ୍ରୀ ସାହୁ, ଶିବାନୀ ହର୍ପଲ, କିରଣ ସେଠ, ପ୍ରଶାନ୍ତ ପାଣ୍ଡେ, କାର୍ତ୍ତିକ ସିଂ, ରିତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କଚ୍ଛପ ଗତିରେ ଚାଲିଛି ଧାନ କ୍ରୟ ବ୍ୟବସ୍ଥା

# ଚାଷ ଦୁଃଖଠାରୁ ବଳିଯାଉଛି ଧାନ ବିକ୍ରି ଦୁଃଖ

ବାରିକପୁର, ୩।୨(ସମିସ)



ଚଳିତ ବର୍ଷ ଧାନ ମଣ୍ଡି ଖୋଲିବା ବିଳମ୍ବିତ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରିନାହିଁ। ଫଳରେ ଟୋକନ ପାଇଥିବା ହଜାର ହଜାର ଚାଷୀ ଅଦ୍ୟାବଧି ଧାନ ବିକ୍ରୟରୁ ବଞ୍ଚିତ ହୋଇ ହନ୍ତସନ୍ତ ହେଉଛନ୍ତି। ଏ ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୧୬ଟି ମଣ୍ଡିରେ ଟ୍ରିପ୍ ଟ୍ରିପ୍ ଧାନ ଗଦା ହୋଇଥିଲେ ସୁଦ୍ଧା ମିଲର ଧାନ ନ ଉଠାଇବା ପ୍ରଶାସନିକ ଅପାରଗତାକୁ ପଦାରେ ପକାଇଛି।

ସୂଚନା ମୁତାବକ, ଆଦି ଶକ୍ତି ଏସ୍‌ଏଚ୍‌ଜି ମଣ୍ଡିରୁ ପ୍ରାଥମିକ ପର୍ଯ୍ୟାୟରେ ୭୪୬୯ କ୍ୱିଣ୍ଟାଲ ଧାନ ନେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ସେହିଭଳି ଆସ୍ଥା ମନ୍ତ୍ରବାସିନୀଠାରୁ ୬୮୭୦, ବାଲିପୋଖରୀ ସମିତିଠାରୁ ୮୩୦୩, ଜଳମଣ୍ଡୁଆ ସମିତିଠାରୁ ୧୪୫୫୬, ମା' ବଡ଼ମ୍ବା ଏସ୍‌ଏଚ୍‌ଜିଠାରୁ ୫୭୬୬, ମା' ଦୁର୍ଗା ଏସ୍‌ଏଚ୍‌ଜିଠାରୁ ୫୯୦୭, ମାଳଦା ସମିତିରୁ ୯୪୦୬, ନାଆମୀ ସମିତିରୁ ୧୨୪୧୨, ନାରାୟଣ ସମିତିରୁ ୯୫୯୫, ନେରଡ଼ା ସମିତିରୁ ୬୪୭୦, ମା' ଦୁର୍ଗା ଏସ୍‌ଏଚ୍‌ଜି(ଖ)ଠାରୁ ୫୦୦୩, ଓମ୍ ବାବାମଣି ଏସ୍‌ଏଚ୍‌ଜିଠାରୁ ୬୪୧୨, ରହଣିଆ ସମିତିଠାରୁ ୧୨୬୭୧, ଶକ୍ତିସ୍ୱରୂପା ଏସ୍‌ଏଚ୍‌ଜିଠାରୁ ୪୫୪୫, ଶିରିଡ଼ି ସାଇ ଏସ୍‌ଏଚ୍‌ଜିଠାରୁ ୮୭୮୪ ଓ ତେସିଙ୍ଗା ସମିତିଠାରୁ ୯୭୨୪ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମୋଟାମୋଟି ଭାବେ ବ୍ଲକ ଅଞ୍ଚଳରେ ପ୍ରାଥମିକ ପର୍ଯ୍ୟାୟରେ ୧୦ ହଜାର ୮୭୩ ଜଣ ଚାଷୀଙ୍କଠାରୁ ୧ ଲକ୍ଷ ୩୩ ହଜାର ୭୯୩ କ୍ୱିଣ୍ଟାଲ ଧାନ କିଣା ହେବ ବୋଲି ବ୍ୟବସ୍ଥା ହୋଇଥିଲା। ପରିତାପର ବିଷୟ ଅଦ୍ୟାବଧି ମାତ୍ର ୪୧ ହଜାର ୪୯୮ କ୍ୱିଣ୍ଟାଲ ଧାନ ମଣ୍ଡିରୁ ଯାଇଥିବା ଜଣାପଡ଼ିଛି। ଦେଖିବାକୁ ଗଲେ ଲକ୍ଷ୍ୟ ଧାର୍ଯ୍ୟଠାରୁ ୫୦ ପ୍ରତିଶତ ଧାନ ଏଯାଏଁ କିଣା ହୋଇନାହିଁ। ପରିସ୍ଥିତି ଏଭଳି ହୋଇଛି ଯେ, କିଛି ମଣ୍ଡିରୁ ଦୁଇ ଚାରି ଖଣ୍ଡ ଟ୍ରକ୍ ଧାନ ନେଇ ଯିବା ପରେ ମିଲର ଆଉ ଧରାଛୁଆଁ ଦେଉନାହାନ୍ତି। ଏପଟେ ଦୈନିକ ମଣ୍ଡିକୁ ଦୌଡ଼ି ଦୌଡ଼ି ଚାଷୀ ନୟାନ୍ତ ହେଉଛନ୍ତି। ଚାଷ କରିବାଠାରୁ ମଣ୍ଡିରେ ଧାନ ବିକିବା ଦୁଃଖ ବଳିଯାଇଛି। ମଣ୍ଡିରେ ଧାନ ପକାଇ ପରିଚାଳକଙ୍କୁ କହିଲେ ସେମାନେ ମିଲର ଗାଡ଼ି ପଠାଉ ନ ଥିବା କହି ଚାଷୀକୁ ସାନ୍ତ୍ୱନା ଦେଉଥିବାବେଳେ କୌଣସି ପ୍ରଶାସନିକ ଅଧିକାରୀ ମଣ୍ଡି ପରିଦର୍ଶନ କରୁନାହାନ୍ତି। ମିଲର ଓ ପ୍ରଶାସନର ଭିତିରିଆ ସଲାସୁତରାରେ ଏଭଳି ହେଉଛି ବୋଲି ଆଲୋଚନା ଜୋର୍ ଧରିଛି। ଏପଟେ ଚାଷୀମାନେ ଏକ ଦୁଃଖଦ ପରିସ୍ଥିତି ଭିତରେ କାଳାତିପାତ କରୁଛନ୍ତି। ଧାନ କ୍ରୟ ବ୍ୟବସ୍ଥା କଚ୍ଛପ ଗତିରେ ଚାଲୁଥିବା ସ୍ପଷ୍ଟ ଜଣାପଡୁଥିବା ବେଳେ ପରିଚାଳନାରେ ସମ୍ପୃକ୍ତ ସରକାରୀ ବାବୁଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଛି। ସତେଯେମିତି ଲାଗୁଛି ମିଲର ଉପରେ କାହାର କର୍ତ୍ତୃତ୍ୱ ନାହିଁ। କେବଳ ଚାଷୀମାନେ ଯାହା ହଇରାଣ ହରକତ ହେବା ସାର ହେଉଛି।

### ମଣ୍ଡିରେ ଶ୍ରମିକ ଗୁରୁତର

**ବାରିକପୁର, ୩।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ସମବାୟ ସମିତି ମଣ୍ଡିରେ ଜଣେ ଶ୍ରମିକ ଗୁରୁତର ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ସୋମବାର ମଣ୍ଡିରେ ଧାନକ୍ରୟ ହେଉଥିଲା। ନବନିର୍ମିତ ମଣ୍ଡି ପିଣ୍ଡିକୁ ଲାଗି ଖଳାରେ ଶ୍ରମିକମାନେ ଧାନ ବସ୍ତା ଗଦା କରୁଥିଲେ। ଏହି ସମୟରେ ନିର୍ମାଣାଧୀନ ଖଳା ଦବିଯିବାରୁ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଉପରେ ଧାନ ବସ୍ତା ପଡ଼ିଯାଇଥିଲା। ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଶ୍ରମିକ କାହ୍ନୁଚରଣ ସେଠୀଙ୍କ ଗୋଡ଼ ଭାଙ୍ଗିଯାଇଥିବା ସୂଚନା ମିଳିଛି। ଆଣ୍ଠୁରେ ଗଭୀର ଆଘାତ ଲାଗିଥିବା କୁହାଯାଉଛି। ସେ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଧାନ ଖଳା ଅତି ନିମ୍ନମାନର ନିର୍ମାଣ ହୋଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ମଣ୍ଡିରୁ ମିଲର ଉଠାଉନାହାନ୍ତି ଧାନ



**ଭଦ୍ରକ, ୩।୨(ସମିସ):** ଭଦ୍ରକ ଜିଲ୍ଲା ଧୂଷୁରୀ ସମବାୟ ସମିତି ମାଧ୍ୟମରେ ସରକାର ଧୂଷୁରୀର ଆଖପାଖ ପଞ୍ଚାୟତ-ନଦୀଗାଁ, ଭଟସାହି ଆଂଶିକ, ହାସନବାଦ, ସାହସପୁର ଓ ଧୂଷୁରୀ ଅଞ୍ଚଳର ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସିଥିବା ଟାର୍ଗେଟ୍ ୪୯୨୦ କ୍ୱିଣ୍ଟାଲ ଧାନ ମଧ୍ୟରୁ ମା' ରାଇସ୍ ମିଲ୍ ତାଙ୍କ କୋଟାର ୧୨୦୦ କ୍ୱିଣ୍ଟାଲ ଧାନ ଉଠାଣ କରିଛନ୍ତି। ସେହିଭଳି ଏଜିଏମ୍ ରାଇସ୍ ମିଲ୍ ତାଙ୍କ କୋଟାର ୪୦୦ କ୍ୱିଣ୍ଟାଲ ଧାନ ଉଠାଣ କରି ଆସୁନାହାନ୍ତି। ଏହି ସମସ୍ୟା ବିଷୟରେ ଧୂଷୁରୀ ସମବାୟ ସମିତିର ଧାନକ୍ରୟ ଅଧିକାରୀ ସୁଦର୍ଶନ ନାୟକଙ୍କୁ ପଚାରିବାରୁ ସେ କହିଲେ, ଧୂଷୁରୀ ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପ ଆମେ ବ୍ୟବହାର କରିଛୁ ତାହା ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଯାଇଛି। ଧାନ ରଖିବା ପାଇଁ ଜାଗା ନାହିଁ, ଆମେ କେବଳ ଜାନୁଆରୀ ମାସରେ ୩, ୫ ଓ ୭ ତାରିଖର ମିଳିଥିବା ଟୋକନ୍‌ର ଧାନ ଉଠାଣ କରୁଛୁ। ତେବେ ମିଲର ସହଯୋଗ କରୁନାହାନ୍ତି, ଏହା ଫଳରେ ବହୁ ଚାଷୀ ଧାନ ରଖି ଜଗି ବସିଛନ୍ତି ବୋଲି କହିଛନ୍ତି। ନିକଟରେ ଜିଲ୍ଲାକୁ ଆସିଥିବା ଯୋଗାଣ ମନ୍ତ୍ରୀ ଜିଲ୍ଲାରେ ଧାନ କିଣାର ସମୀକ୍ଷା କେବଳ ଧର୍ମକୁ ଆଖିଠାର ଭଳି ଲାଗୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଜାନୁଆରୀ ୭ ତାରିଖ ପରେ ଇସ୍ୟୁ ହୋଇଥିବା ଟୋକନର କେବେ ତାଙ୍କ ପାଳି ପଡ଼ିବ, ଏନେଇ ଚାଷୀମାନେ ଆଶଙ୍କାରେ ରହିଥିବା ଜଣାଯାଇଛି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ଭଦ୍ରକ, ୩।୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲିର ବିଶିଷ୍ଟ ସମାଜସେବୀ, ସୁନାମଧନ୍ୟ ବ୍ୟବସାୟୀ, ଧର୍ମପ୍ରାଣ ଶ୍ରୀଧର ପ୍ରସାଦ ସାହୁଙ୍କ ୯ମ ସ୍ମୃତିଚାରଣ ସଭା ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଛି। ସାହିତ୍ୟିକ ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭଦ୍ରକ ଜିଲ୍ଲା ପରିଷଦର ପ୍ରାକ୍ତନ ସଭାପତି ଦ୍ୱିଜବର ରାଉତ, ମୁଖ୍ୟବକ୍ତା ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ସମ୍ମାନିତ ଅତିଥି ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମାଝୀ, ଶିକ୍ଷକ ନେତା ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, କମ୍ୟୁନିଷ୍ଟ ନେତା ପ୍ରଭାକର ବିଶ୍ୱାଳ, ସମାଜସେବୀ ବ୍ରଜସୁନ୍ଦର ମହାନ୍ତି, ପ୍ରଫୁଲ୍ଲ ସାହୁ, ସାମ୍ବାଦିକ ଅଶୋକ ପଣ୍ଡା, ଆଇନଜୀବୀ ପ୍ରଶାନ୍ତ ଦାଶ ପ୍ରମୁଖ ଯୋଗଦେଇ ଶ୍ରୀଧର ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତାଙ୍କ ଅମ୍ଳାନ ସ୍ମୃତି କୀର୍ତ୍ତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷକ ନେତା ଅମୂଲ୍ୟ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶ୍ରୀଧର ସାହୁଙ୍କ ସମ୍ପର୍କରେ ପ୍ରଫେସର ଶାନ୍ତନୁ କୁମାର ମହାନ୍ତିଙ୍କ ଲିଖିତ ବାର୍ତ୍ତା ପାଠ କରିଥିଲେ। ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରେସି କନ୍‌ଭେଣ୍ଟ ସ୍କୁଲର ବାର୍ଷିକ ଉତ୍ସବ



**ଭଦ୍ରକ, ୩।୨(ସମିସ):** ଭଦ୍ରକ ବ୍ଲକ ବନ୍ଧଗାଁସ୍ଥିତ ଅନ୍ୟତମ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ରେସି କନ୍‌ଭେଣ୍ଟ ସ୍କୁଲର ୧୮ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍କୁଲ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ପିଲାମାନେ କିପରି ଶୃଙ୍ଖଳିତ ହେବେ, ବାପା-ମାଆମାନେ ପିଲାଙ୍କୁ କିଭଳି ଉଚିତ୍ ଶିକ୍ଷା ପ୍ରଦାନ କରିବେ, ଆଉ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବେ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଏଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ବନ୍ଧଗାଁ ସରପଞ୍ଚ ନିରୋଦ ରାଉତ, ସମିତିସଭ୍ୟ ପ୍ରତିନିଧି ଚନ୍ଦ୍ରକାନ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ସ୍କୁଲର ଚେୟାରମ୍ୟାନ୍ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ସ୍କୁଲରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ମେଳା, କ୍ରୀଡ଼ା ପ୍ରତିଯୋଗିତା, ଜିଲ୍ଲାର ମହକ କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ତରଫରୁ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା।

## 'ମୋ ସ୍କୁଲ ଅଭିଯାନ'କୁ ୫୦ ହଜାର ଟଙ୍କା ପ୍ରଦାନ



**ଭଦ୍ରକ, ୩।୨(ସମିସ):** ମହାମୁନି ଦୟାନିଧି ପରମହଂସ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୁବ ସମାଜସେବୀଙ୍କ ବଦାନ୍ୟତା। ବିଦ୍ୟାଳୟର 'ମୋ ସ୍କୁଲ ଅଭିଯାନ'କୁ ୫୦ ହଜାର ଟଙ୍କା ପ୍ରଦାନ କରିବା ସହ ପ୍ରତିବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନାଲଗୁଣ୍ଡା ପଞ୍ଚାୟତର ଇଟୁଆରେ ଅବସ୍ଥିତ ମହାମୁନି ଦୟାନିଧି ପରମହଂସ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୯୫ ମସିହାରେ ସ୍ଥାପିତ ହୋଇଥିଲା। କୌଣସି କାରଣବଶତଃ ବାର୍ଷିକ ଉତ୍ସବ ଆୟୋଜନ କରିବା ସମ୍ଭବ ହେଉ ନ ଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ରାଉତଙ୍କ ଉଦ୍ୟମ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରୀ ଓ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କ ସହଯୋଗରେ ଚଳିତ ବର୍ଷ ବର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ନାଲଗୁଣ୍ଡାର ଯୁବ ସମାଜସେବୀ ଟୁନା ଦାସ ମହାମୁନି ଦୟାନିଧି ପରମହଂସ ଉଚ୍ଚ ବିଦ୍ୟାଳୟର 'ମୋ ସ୍କୁଲ ଅଭିଯାନ' ପାଣ୍ଠିକୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଏଥିସହିତ ଉକ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନଙ୍କ ମଧ୍ୟରେ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଆମ ଅଞ୍ଚଳରେ ଥିବା ଏକମାତ୍ର ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବା ମୋର ଲକ୍ଷ୍ୟ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

### ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ବ୍ୟକ୍ତିତ୍ୱର ବିକାଶରେ ସମର୍ପଣ, ଯୋଜନା, ପ୍ରସ୍ତୁତି, ଧୈର୍ଯ୍ୟ ଓ ଦୃଢ଼ତା ଜରୁରୀ'



**ଅସୁରାଳି, ୩।୨(ସମିସ):** ବ୍ୟକ୍ତିତ୍ୱର ବିକାଶରେ ୫ଟି 'ପି' ଯଥା ପ୍ରେୟାର(ପ୍ରାର୍ଥନା ବା ସମର୍ପଣ), ପ୍ଲାନିଂ(ଯୋଜନା), ପ୍ରିପାରେସନ୍(ପ୍ରସ୍ତୁତି), ପେସେନ୍ସ( ଧୈର୍ଯ୍ୟ ବା ଆତ୍ମବିଶ୍ୱାସ ସହ କର୍ମ) ଓ ପ୍ରିଜରଭେନ୍ସ(ଦୃଢ଼ତା ବା ସଫଳତାପ୍ରାପ୍ତି ପାଇଁ ନିଶ୍ଚିତତା) ନିତାନ୍ତ ଜରୁରୀ ବୋଲି ପାଳସାହି ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ-୨୦୨୬କୁ ଉଦ୍‌ଘାଟନ କରି ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତା ତଥା ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସ୍ତମ୍ଭକାର ଓ ଗୀତିକାର ଇଂ. ଅଭୟ ସୂତାର ମୁଖ୍ୟବକ୍ତା, ଭାରତୀୟ ଚିକିତ୍ସା ସଂଘ ଜିଲ୍ଲା ସଭାପତି ଡା. ହରେକୃଷ୍ଣ ନାୟକ ବିଶିଷ୍ଟ ଅତିଥି, ବାବାମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ ସାହୁ, ପଞ୍ଚସଖା ଶିକ୍ଷାସେତୁର ସଭାପତି ସୁଶାନ୍ତ ନାୟକ, ପାଳସାହି ସରପଞ୍ଚ ଅଜୟ ମଲିକ, ରଇପୁର ସରପଞ୍ଚ ଜଗତାନନ୍ଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଇପ୍ସିତା ବେହେରା ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ, ଅଧ୍ୟାପକ ଲକ୍ଷ୍ମୀଧର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ଅଧ୍ୟାପିକା ଗାୟତ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲାବେଳେ ମନମୋହନ ତ୍ରିପାଠୀ ବେଦପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ପଦ୍ମିନୀ ନାୟକ, ଅଧ୍ୟାପିକା ଅଲିଭା ପ୍ରିୟଦର୍ଶିନୀ ଖିଲାର, ଅଧ୍ୟାପକ ସୋମନାଥ ମଲ୍ଲିକ, ଅଧ୍ୟାପକ ପ୍ରିୟଦୀପ ପରିଡ଼ା ଓ ଅଧ୍ୟାପକ ଲୋକନାଥ ସିଂ ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲାବେଳେ କ୍ରୀଡ଼ା ଶିକ୍ଷକ ଅନିଲ ରାଉତ, ଅଧ୍ୟାପିକା କଳ୍ପନା ମଞ୍ଜରୀ ଜେନା, ଅଧ୍ୟାପିକା ଆଶାଲତା ବିଶ୍ୱାଳ ଓ ଅଧ୍ୟାପିକା ପୟସ୍ୱତୀ ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉତ୍ସବ ପରିଚାଳନା କରିଥିଲେ।

## ଭଦ୍ରକ ଲେଖିକା ସଂସଦର କବିତା ଆସର ଓ ପୁସ୍ତକ ଉନ୍ମୋଚନ



**ଭଦ୍ରକ, ୩।୨(ସମିସ):** ଭଦ୍ରକ ମହେନ୍ଦ୍ର ଭବନ ପରିସରରେ ଭଦ୍ରକ ଲେଖିକା ସଂସଦର କବିତା ଆସର ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ 'ଅଳ୍ପ ଶୀତ, ସ୍ୱଳ୍ପ ବସନ୍ତ' ଶୀର୍ଷକରେ ନୂଆ ଯୁଗ, ନୂଆ ସକାଳର ସମ୍ପାଦିକା କବି ଅବନ୍ତୀ ମଲ୍ଲିକ ସଭାପତିତ୍ୱ କରିଥିଲେ। ସଂଯୋଜିକା ଭାବେ କବୟିତ୍ରୀ ଉଷାରାଣୀ ଜେନା ଓ ରଶ୍ମୀବାଳା ପରମାଣିକ ଯୋଗଦେଇଥିଲେ। କବିତାଗୁଡ଼ିକରେ ଋତୁ ପରିବର୍ତ୍ତନରେ ପ୍ରକୃତିର ବୈଚିତ୍ର୍ୟ କବି ମନରେ ଯେଉଁ ଭାବନା ସଞ୍ଚରିତ କରେ, ସେଗୁଡ଼ିକ ସୁନ୍ଦର ଭାବରେ ପ୍ରସ୍ଫୁଟିତ ହୋଇଥିଲା। ୨ୟ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ଅନୁଷ୍ଠାନର ସଭାପତି ଝରଣା ପଟ୍ଟନାୟକ। କବି ଉତ୍ପଳା ନାୟକଙ୍କ ମଞ୍ଚ ଆମନ୍ତ୍ରଣ ପରେ ବେଦପାଠ କରିଥିଲେ କବି ସରୋଜିନୀ ମହାପାତ୍ର। ଅଧ୍ୟାପିକା ଡ. ମମତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ପ୍ରଫେସର ଡ. ସୋମା ଚାନ୍ଦ। ସମ୍ପାଦିକା ଡ. କାନନ ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଆସରରେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ଓ ମୁଖ୍ୟ ଅତିଥି ଭାବରେ ସାହିତ୍ୟିକା ଡ. ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇଥିଲେ। ଡ. ସୋମା ଚାନ୍ଦଙ୍କ ଭଦ୍ରକର ଐତିହ୍ୟ ପୁସ୍ତକ ଓ କବି ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ହିନ୍ଦୀ କବିତା ପୁସ୍ତକ (ସଂଘମିତ୍ରା ରାଜଗୁରୁଙ୍କ ଦ୍ୱାରା ଅନୁଦିତ) ପୁସ୍ତକ 'ଫିର୍ ବର୍ଷା' ଉନ୍ମୋଚିତ ହୋଇଥିଲା। ତୃତୀୟ ଅଧିବେଶନରେ କବି ଗୀତାରାଣୀ ଆଇଚଙ୍କ ସଭାପତିତ୍ୱରେ ବହୁ କବିତାପାଠ କରାଯାଇଥିଲା। ଦୀପ୍ତିମୟୀ ସାହୁ କବିତାର ସଂଯୋଜନା କରିଥିଲେ। ସଂଯୁକ୍ତା ବଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ହତ୍ୟାକାଣ୍ଡର ୭ ଦିନ ପରେ ବି ହତ୍ୟାକାରୀଙ୍କୁ ଧରୁନି ପୁଲିସ

## ଏସ୍‌ପିଙ୍କ ନିକଟରେ ଫେରାଦ ହେଲେ ପରିବାର




**ଭଦ୍ରକ, ୩।୨(ସମିସ):** ହତ୍ୟାର ୭ ଦିନ ପରେ ବି ପୁଲିସ ହାତ ଖାଲି। ହତ୍ୟାକାରୀଙ୍କୁ ଧରିବାରେ ପୁଲିସ ଅସମର୍ଥ। ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ମଙ୍ଗଳବାର ନ୍ୟାୟ ପାଇବା ନିମନ୍ତେ ଭଦ୍ରକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତ ପରିବାର।

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ପୀରହାଟ ଥାନା ଶ୍ୟାମସୁନ୍ଦରଗାଁରେ ଗତ ଜାନୁଆରୀ ୨୮ ତାରିଖରେ ବିଜୟ ବେହେରା ନିଜ ପରିବାର ଲୋକଙ୍କ ସହ ଧାନ ପିଟୁଥିବାବେଳେ ସାମାନ୍ୟ ଧୂଳି ଉଡ଼ିବାକୁ ନେଇ ସେହି ଗ୍ରାମର କେତେକ ଲୋକ ବଚସା କରିବା ସହିତ ବିଜୟଙ୍କୁ ନିଷ୍ଠୁର ମାଡ଼ ମାରିଥିଲେ। ପରେ ବିଜୟଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପରିବାର ଲୋକେ ପୀରହାଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି ସତ, ମାତ୍ର ଆଜି ପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ଯାହାକୁ ନେଇ ମୃତକଙ୍କ ବିଧବା ପତ୍ନୀ, ବୃଦ୍ଧ ବାପା-ମାଆ ଓ ଦୁଇ ଛୋଟ ଛୋଟ ଛୁଆଙ୍କୁ ଧରି ମଙ୍ଗଳବାର ମୃତ ବିଜୟଙ୍କ ପରିବାର ଏସ୍‌ପି କାର୍ଯ୍ୟାଳୟରେ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି। ପୁଲିସ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ମୃତକଙ୍କ ପତ୍ନୀ ସୁଜାତା ବେହେରା ଓ ପୁତୁରା ପ୍ରମୋଦ ବେହେରା ଦାବି କରିଛନ୍ତି।

## ଠାକୁର ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ ନିମନ୍ତେ ବୈଠକ

**ଅସୁରାଳି, ୩।୨(ସମିସ):** ଧାମନଗର ବ୍ଲକ କୋଠାର ସାରସ୍ୱତ ଆଶ୍ରମ ପରିସରରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ୪୪ତମ ଜିଲ୍ଲାସ୍ତରୀୟ ଭକ୍ତ ସମ୍ମିଳନୀ ଆସନ୍ତା ୧୧ ଓ ୧୨ ତାରିଖ ୨ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟଣ ପାଇଁ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀହରି ପାକଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମାଖନଲାଲ ଗୁପ୍ତା ସମ୍ମିଳନୀର ଆୟୋଜନ ଓ କାର୍ଯ୍ୟସୂଚୀ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ହରିହର ସାହୁ ଅତିଥି ଓ ଭକ୍ତଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହସମ୍ପାଦକ ଆନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଦୁଇ ଦିନିଆ ସମ୍ମିଳନୀରେ ଜିଲ୍ଲାର କୋଣ ଅନୁକୋଣରୁ ଶହଶହ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଭକ୍ତଙ୍କ ରହଣି, ଖାଦ୍ୟପେୟ ଏବଂ ଠାକୁରଙ୍କ ପୂଜାର୍ଚ୍ଚନାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା।

### ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ମନମାନୀରେ ଚାଲିଛି ରୋଗୀ ସେବା

ବନ୍ତ/ଆଗରପଡ଼ା, ୩।୨(ସମିସ)

ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହି ସବୁ ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରାକାରୀ ନିୟମକୁ ପାଳନ କରାଯାଉ ନ ଥିବାରୁ ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନା ଜିଲ୍ଲାପାଳ କାହାକୁ ଦାୟୀ କରାଯିବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ, ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ବର୍ତ୍ତମାନ ଡାକ୍ତରଙ୍କ ମନମାନୀରେ ଚାଲୁଥିବା ଜଣାପଡ଼ିଛି। ଏହିପରି ସମସ୍ୟା ଲାଗି ରହିଥିବାରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କଲେ ମଧ୍ୟ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହା ସିଧାସଳଖ ପ୍ରଭାବ ରୋଗୀଙ୍କ ଉପରେ ପଡୁଥିବା ଜଣାପଡୁଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବ୍ଲକର ୨୫ଟି ପଞ୍ଚାୟତବାସୀଙ୍କ ସମେତ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡିହୀ ଓ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଅଧିକାଂଶ ପଞ୍ଚାୟତବାସୀ ନିର୍ଭର କରିଥା'ନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବହିଃବିଭାଗରେ ପ୍ରତିଦିନ



ପାଖାପାଖି ୩୦୦ରୁ ୪୦୦ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ଆସୁଛନ୍ତି। ଏପରି ସ୍ଥଳେ ଡାକ୍ତର ସମସ୍ୟା ଯୋଗୁଁ ଏଠାରେ ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତର ରୋଗୀ ସେବା କରୁଛନ୍ତି। ଉକ୍ତ ଡାକ୍ତର ଏଠାରେ ଦୀର୍ଘ ବର୍ଷ ଧରି (ପାଖାପାଖି ୧୧ ବର୍ଷ) ରୋଗୀ ସେବା କରି ଆସୁଥିବାରୁ ତାଙ୍କ ମନମାନୀରେ ସେବା ଯୋଗାଉଥିବା ଅଭିଯୋଗ ହେଉଛି, ଯେପରିକି ଧାର୍ଯ୍ୟ ସମୟଠାରୁ (ସକାଳ ୮ଟା ପରିବର୍ତ୍ତେ ଦିନ ପ୍ରାୟ ୧୧ଟା) ବହୁ ବିଳମ୍ବରେ କାର୍ଯ୍ୟରେ ଯୋଗଦେଉଥିବାରୁ ପରିସରରେ ରୋଗୀଙ୍କ ବହୁ ଭିଡ଼ ଲାଗିବା ସହ ବେଳେବେଳେ ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜୁଥିବା ଜଣାପଡ଼ିଛି। ଉକ୍ତ ସମସ୍ୟାକୁ ନେଇ ଅଧିକାରୀଙ୍କଠାରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେ ବାରମ୍ବାର ଏହିପରି ଭୁଲ୍ କରି ଚାଲିଛନ୍ତି। ମଙ୍ଗଳବାର ଉକ୍ତ ଡାକ୍ତର ସକାଳ ୮ଟା ପରିବର୍ତ୍ତେ ଦିନ ୧୧ଟାରେ ଆସି ନିଜ କାର୍ଯ୍ୟରେ ଯୋଗ ଦେବା ବେଳକୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀଙ୍କ ଲମ୍ବା ଲାଇନ୍ ଲାଗିଥିବା ଦେଖିବାକୁ ମିଳିଥିଲା। ସେହିପରି ସରକାରୀ ନିୟମାନୁସାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ହୋଇ ଆୟୁର୍ବେଦିକ ମେଡିସିନକୁ ଅଗ୍ରାଧିକାର ଦେବା କଥା। କିନ୍ତୁ ଏଠାରେ ନିୟୋଜିତ ହୋଇଥିବା ଆୟୁଷ ଡାକ୍ତର

- ୮ଟା ପରିବର୍ତ୍ତେ ୧୧ଟାରେ ଆସୁଛନ୍ତି ଡାକ୍ତର
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ୧୧ ବର୍ଷ ହେଲା ଆୟୁଷ ଡାକ୍ତର କରୁଛନ୍ତି ରୋଗୀ ସେବା

ଆୟୁର୍ବେଦିକ ମେଡିସିନ ଲେଖିବା ପରିବର୍ତ୍ତେ ଏଲୋପାଥିକ ମେଡିସିନ ଲେଖୁଥିବାର ଅଭିଯୋଗ ମଧ୍ୟ ହେଉଛି। ସରକାରଙ୍କ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ବିଭାଗୀୟ ଅଧିକାରୀ ରୋଗୀଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ଆବଶ୍ୟକୀୟ ଡାକ୍ତର ନିଯୁକ୍ତି ପାଇଁ ଚେଷ୍ଟିତ ହେବା ସହ ଏଠାରେ ନିଯୁକ୍ତ ଆୟୁଷ ଡାକ୍ତରଙ୍କ କାର୍ଯ୍ୟକଳାପ ପ୍ରତି କଡ଼ା ଦୃଷ୍ଟି ଦେବା ସହ ମନମାନୀରେ ରୋଗୀ ସେବା କରୁଥିବାରୁ ବିଭାଗୀୟ ଅଧିକାରୀ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଉକ୍ତ ସମସ୍ୟାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ରୋଗୀଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ବିଭିନ୍ନ ବିଭାଗର ୪ଜଣ ଡାକ୍ତରଙ୍କୁ ସେବା ପାଇଁ ନିୟୋଜିତ କରାଯାଇଥିଲା କିନ୍ତୁ ଉକ୍ତ ଡାକ୍ତର ନିର୍ଦ୍ଧାରିତ ସମୟରେ କାର୍ଯ୍ୟରେ ଯୋଗଦେଇ ନ ଥିବାରୁ ଏପରି ସମସ୍ୟା ଉପୁଜୁଥିବା ଜଣାପଡ଼ିଛି ବୋଲି ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବାସୁଦେବ ଗୁଳିକାଣ୍ଡ ଘଟଣା

# ଅଭିଯୁକ୍ତଙ୍କ ଗାଡ଼ି, ପିସ୍ତଲ, ମୋବାଇଲ ଗଲା କୁଆଡ଼େ ?

ଖୋର୍ଦ୍ଧା,୩।୨(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି–ଦଲକ ରାସ୍ତାରେ ଗତ ୧୯ ତାରିଖ ସନ୍ଧ୍ୟାରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଖଣି ବ୍ୟବସାୟିକରୁ ପାରିବାରିକ ଶତ୍ରୁତାକୁ ନେଇ ଗୁଳିକାଣ୍ଡ ଘଟିଛି ବୋଲି ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ ସୋମବାର ସୂଚନା ଦେଇଥିଲେ। ଜାନୁଆରୀ ୧୯ରୁ ଫେବୃଆରୀ ୨ତାରିଖ ମାତ୍ର ୧୩ଦିନ ଭିତରେ ଏହି କ୍ରାଇମର ଖୁଲାସା କରି ନିଜକୁ ନିଜେ ବାହାବା ନେଇଛି ପୁଲିସ । ମାତ୍ର ଗଣମାଧ୍ୟମରେ ଆଜି ଏହି ଖବର ପ୍ରସାରଣ ପରେ ପୁଲିସର ତଦନ୍ତ ଉପରେ ଉଠିଛି ଅନେକ ପ୍ରଶ୍ନ। ବିଭିନ୍ନ ସ୍ଥାନରେ ବାସୁଦେବ ପରିଡ଼ା ଓରଫ ଟୁଟୁର ମର୍ଡର୍ ପଛରେ ଖଣି କାରବାର ନେଇ ପୁଲିସ ଦେଇଥିବା ରିପୋର୍ଟକୁ ନେଇ ସତ୍ୟାସତ୍ୟ ଥିବାବେଳେ କାହିଁକି ଅସଲ ର୍‌ୟାକେଟ୍‌କୁ ପୁଲିସ ଧରି ପାରୁନାହିଁ ବୋଲି ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି । ଘଟଣାସ୍ଥଳରୁ ଖୋକା ଏବଂ ମୃତ ଶରୀରରୁ ଗୁଳି ଜବତ ହୋଇଥିବା ବେଳେ ଫାଏରିଂ ହୋଇଥିବା ପିସ୍ତଲ ଏବେ କେଉଁଠି ରହିଛି? ଏହାକୁ ନେଇ ଉଠିଛି ଚର୍ଚ୍ଚା । ଅତି ନିକଟରୁ ଗୁଳି କରାଯାଇଛି ବୋଲି ଏସ୍‌ପି ଶର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ, କିନ୍ତୁ ଦେଶୀ ବନ୍ଧୁକ, କି ଚୋରା ବନ୍ଧୁକ କି ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ତାହା ସମ୍ପର୍କରେ କିଛି ବି କହିଲେ ନାହିଁ। ବନ୍ଧୁକ ଜବତ ହୋଇଛି କି ନାହିଁ ତାହା ଏବେ ବି ରହସ୍ୟ ଭିତରେ ।

ପୁଲିସ ସୂଚନା ଅନୁସାରେ, ୪ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସିଥିଲେ । ଗୁଳିକାଣ୍ଡ ପରେ ଘଟଣାସ୍ଥଳରେ ଗୋଟେ ବାଇକ୍ ଛାଡ଼ି ଦେଇ ଗଲେ, ଯାହା ପୋଲିସ ପାଇଁ ଅପରାଧୀ ଙ୍କ ପାଖରେ ପହଁଚିବା ସହଜ ହୋଇଥିଲା । କିନ୍ତୁ ଘଟଣାସ୍ଥଳରୁ ଅପରାଧୀମାନେ ଖସି ଯିବା ପାଇଁ କେଉଁ ଗାଡି ର ବ୍ୟବହାର କରିଥିଲେ? ସେଇ ଗାଡି ସବୁ ପୁଲିସ କାହିଁକି ଜବତ କରିନାହିଁ, କାହା ଚାପରେ ଏତେ ବଡ ଖଣି ବ୍ୟବସାୟ ରୁ ହତ୍ୟା କୁ ଅତି ହାଲକା ଭାବେ ପୁଲିସ ଗ୍ରହଣ କରିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ମୃତ ବାସୁଦେବଙ୍କ ମୋବାଇଲ ହେଉ କି ଅଭିଯୁକ୍ତମାନଙ୍କ ମୋବାଇଲ ହେଉ, ଏସବୁ କୁ କାହିଁକି ତଦନ୍ତ ପରିସରକୁ ନିଆଗଲା ନାହିଁ। ଏହି ହତ୍ୟାକାଣ୍ଡ ପଛରେ ଅନେକ ରହସ୍ୟ କୁ ପୁଲିସ କାହିଁକି ଏବଂ କାହା ଚାପରେ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଛି, ତାହାକୁ ନେଇ ପୁଲିସର ତଦନ୍ତ ଉପରେ ଉଠିଛି ପ୍ରଶ୍ନ । ଘଟଣାସ୍ଥଳ ଦଲକ ରାସ୍ତାରୁ ଗୟାବନ୍ଧ ଗ୍ରାମ୍ୟ ଜଙ୍ଗଲ ପର୍ଯ୍ୟନ୍ତ ପୁଲିସ ର ତିନୋଟି ଟିମ୍ ପହଁଚିବା ପାଇଁ ୧୪ଦିନ ଲାଗିବା ପଛରେ ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ହେଉଛି ।

ବୋଲଗଡ଼ ଥାନା ଅଞ୍ଚଳରେ କିଛିଦିନ ତଳେ ବ୍ରାଉନସୁଗର କାରବାରରେ ବନ୍ଧୁକ ବ୍ୟବହାରକୁ ପୁଲିସ ଅତି ଗୁରୁତର ସହ ଦର୍ଶାଇ ଥିବାବେଳେ ମାତ୍ର ଏହି ଗୁଳିକାଣ୍ଡ ଘଟଣାରେ ବନ୍ଧୁକ କୁ ନ ଦେଖାଇବା ପଛରେ କି କାରଣ ରହିଛି । ଯେଉଁ ବନ୍ଧୁକରୁ ମୃତ ବାସୁଦେବ କୁ ଅତି ନିକଟ ରୁ ଗୁଳି କରାଯାଇଛି ସେଇ ବନ୍ଧୁକ ଦୁର୍ବୃତ୍ତଙ୍କର ନା ଅନ୍ୟ କାହାର? ତେବେ ସୁପାରୀ କିଲାର୍ କିମ୍ବା ଜଣେ ସାର୍ପ ସୁଟର ନହେଲେ ଏତେ ନିକଟରୁ ଫାୟାରିଂ କରିବା ସହଜ ନୁହେଁ ବୋଲି ଆଲୋଚନା ହେଉଛି । ମୁଖ୍ୟ ହତ୍ୟାକାରୀ ବୋଲି ଯାହାକୁ ଦର୍ଶାଯାଇଛି ସେ ନିଜେ ଯଦି ମାରିଛି ତେବେ ପିସ୍ତଲ୍ କୋଉଠି ରଖିଛି ତାହା ପୁଲିସ ଖୋଜି ତୁରନ୍ତ ଜନସାଧାରଣ ଏବଂ କୋର୍ଟରେ ଦାଖଲ କରିବା ଉଚିତ । ପୁଲିସର ତଦନ୍ତ ଦିଗହରା ହୋଇଛି ନା ଦିଗହରା କରାଇଦେବା ପାଇଁ ଅଦୃଶ୍ୟ ଚାପ ପଡିଛି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

ପ୍ରକାଶ ଥାଉକି, ବାସୁଦେବ ହତ୍ୟା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ଅଜୟ ଭୁଜବଳ ଓରଫ ଅଜୁ, ତାର ସହଯୋଗୀ ଜ୍ଞାନରଞ୍ଜନ ପ୍ରଧାନ ଓରଫ ଫଂଟୁ, ମାନସ ସୁବୁଦ୍ଧି ଓରଫ ମଣିଆ ଏବଂ କାର୍ତିକ ଭୁଜବଳ ଓରଫ୍ ଲଣ୍ଡା ଓରଫ୍ ଗେଡୁକୁ ଗିରଫ କରିଛି । ସେମାନଙ୍କ ଠାରୁ ପୁଲିସ୍ ଏକ ବୁଲେଟ, ମୃତ ଶରୀରରୁ ବାହାରିଥିବା ଦୁଇଟି ଗୁଳି, ୨ଟି ଖୋକା ଏବଂ ମୃତକ ର ଏକ ଓଲା ସ୍କୁଟି କୁ ଜବତ କରିଥିବା ଏସ୍‌ପି ଶ୍ରୀ ଶର୍ମା ସୋମବାର ପ୍ରେସମିଟରେ ସୂଚନା ଦେଇଥିଲେ ।

## ନୂଆ ଜଗନ୍ନାଥ ସଡ଼କରେ ଦନ୍ତାହାତୀ



ନିରାକାରପୁର,୩।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳରେ ଦୀର୍ଘ ବର୍ଷ ଧରି ହାତୀ ଉପଦ୍ରବ ଚଳାଇଥିବାବେଳେ ଏମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲ ହ୍ରାସ, ଖାଦ୍ୟାଭାବ କାରଣରୁ ହାତୀ ଏବେ ଗାଁ, ସହର ମୁହାଁ ହୋଇଛନ୍ତି। ଏବେ ହାତୀ ବିଭିନ୍ନ ସ୍ଥାନ ଗୋଟିଏ ଦୁଇଟି ହୋଇ ବୁଲୁ ଥିବାବେଳେ କାଲି ଠାରୁ ଗୋଟିଏ ହାତୀ ରାମେଶ୍ୱର ଜଙ୍ଗଲ ଓ ଜଗନ୍ନାଥ ସଡ଼କରେ ବୁଲୁ ଥିବାର ଦେଖିବାକୁ ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ ରାମେଶ୍ୱର ଛକ ନିକଟ ନୂଆ ଜଗନ୍ନାଥ ସଡ଼କରେ ଦନ୍ତା ହାତୀଟି ବୁଲୁ ଥିବାର ଦେଖି ଲୋକେ ଭୟଭୀତ ହୋଇଥିଲେ। ଯାହା ଫଳରେ ଦନ୍ତା ଟି ରାସ୍ତା ପାର ହେବା ସମୟରେ ଯାତ୍ରୀ ଆତଙ୍କିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି।

## ଦୁଇ ଗୋଷ୍ଠୀ ମାର୍‌ପିଟ

ନିରାକାରପୁର,୩।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଷ୍ଟେସନ ନିକଟରେ ଆଜି ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ପ୍ରଥମେ ବଚସା ପରେ ମାରପିଟ ହୋଇଥିବା ଜଣାପଡିଛି। ଏ ନେଇ ନିରାକାରପୁର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀକୁ ଏଥିରୁ ନିବୃତ୍ତ ରଖିଥିଲେ।

## ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



ଚିଲିକା,୩।୨(ସମିସ): ବାଣପୁରସ୍ଥିତ ଶ୍ରୀ ସତ୍ୟସାଇ ସମିତିର "ଗୁରୁ ନାନକ"ବାଳ ବିକାଶ କେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଆଧ୍ୟାତ୍ମିକ ପରିଭ୍ରମଣ କାର୍ଯ୍ୟକ୍ରମ ଗତ ରବିବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୨୦ ଛାତ୍ରଛାତ୍ରୀ, ଗୁରୁଜୀ/ଗୁରୁମା, ସଂଯୋଜକ/ସଂଯୋଜିକା ଓ ସମିତି ର କେତେକ ସଦସ୍ୟ/ସଦସ୍ୟା ସମେତ ଖୋର୍ଦ୍ଧା ସାଇ ଜିଲ୍ଲାର ଜିଲ୍ଲା ସଭାପତି ମଧ୍ୟ ଯୋଗଦେଇଥିଲେ । ପିଲା ମାନଙ୍କ ଦ୍ୱାରା ପରିବେଶ ସଫେଇ ଆଦି ସେବା କାର୍ଯ୍ୟ, ଭଜନ, ସାଇ ଗାୟତ୍ରୀ ମନ୍ତ୍ର ପାଠ ସହିତ ଧ୍ୟାନବୃକ୍ଷ ପରିକ୍ରମଣ ପରେ ପରେ ଦେଓଗାଁ ସ୍ଥିତ ସୁରମ୍ୟ ପାହାଡ଼ ଉପରେ ଥିବା ଶ୍ରୀ ରାଧା କାନ୍ତ ଦେବ ଓ ଶ୍ରୀହନୁମାନ ମହା ପ୍ରଭୁଙ୍କ ଦର୍ଶନ ଓ ଉପତ୍ୟକାରେ ବିଜେ କରିଥିବା ମା ତାରିଣୀ ମନ୍ଦିରର ମନୋମୁଗ୍ଧକର ପରିବେଶ ଦର୍ଶନରେ ସମସ୍ତେ ଆନନ୍ଦରେ ଆତ୍ମବିଭୋର ହୋଇଥିଲେ । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ସଭାପତି ବ୍ରଜ ସୁନ୍ଦର ମିଶ୍ର, ସୁନିଲ କୁମାର ପ୍ରଧାନ, ଶୁଭ୍ରାଂଶୁ ସେନାପତି, ସଂଗ୍ରାମ କେଶରୀ ସେଠୀ, ଶିଶିର କୁମାର ପ୍ରଧାନ, ସୁପ୍ରଭା ମିଶ୍ର, ସଂଯୁକ୍ତା ପ୍ରଧାନ, ମିନତି ବାରିକ ଇତ୍ୟାଦି ଭାଇ ଓ ଭଉଣୀମାନେ ସହଯୋଗ କରିଥିଲେ ।

## ଲୋକିପୁରରେ ହିନ୍ଦୁ ସମ୍ମିଳନୀ

ଚିଲିକା,୩।୨(ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ବାଉରୀବନ୍ଧୁ ହାଇସ୍କୁଲ ପଡିଆ (ଲୋକିପୁର-ଆମ୍ବଝର ଛକ)ଠାରେ ହିନ୍ଦୁ ଏକତା ମଞ୍ଚ ତରଫରୁ ସ୍ମୃତି ରଞ୍ଜନ ମାନସିଂହଙ୍କ ସଭାପତିତ୍ୱରେ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ବଜରଙ୍ଗ ଦଳ ବାଣପୁର ଶାଖା ସଂଯୋଜକ ସାଇ ଅମିତ ମହାପାତ୍ର ପରିଚାଳନା କରିଥିଲା ବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ହରିପୁର ମଣ୍ଡଳ ପ୍ରମୁଖ ଦୀପକ କୁମାର ରଣା ସଂଯୋଜନା କରିଥିଲେ । ବିଶ୍ୱ ହିନ୍ଦୁ ପରିଷଦର ଚିଲିକା - ବାଣପୁର ପ୍ରଖଣ୍ଡ ସମ୍ପାଦକ ନିଶି ରଞ୍ଜନ ବଳବନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ପାଞ୍ଚ ଶହ ରୁ ଅଧିକ ପୁରୁଷ ଓ ମହିଳା ଅଞ୍ଚଳବାସୀ ଯୋଗ ଦେଇଥିଲେ । ଆରଏସଏସର ପୁରୀ ଧର୍ମ ଜାଗରଣ ବିଭାଗ ସଂଯୋଜକ ନବକୃଷ୍ଣ ମହାପାତ୍ର ମୁଖ୍ୟ ଅତିଥି ଏବଂ ପୂର୍ବ ପ୍ରାନ୍ତ ସେବା ସହ-ପ୍ରମୁଖ ବେଲେଶ୍ୱର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଅନ୍ନ ପ୍ରସାଦ ସେବନ, ପାଇକ ଆଖଡା, ଜଗନ୍ନାଥ ସଂସ୍କୃତି ପାଲା ଓ ଭଜନ ପରିବେଷଣ କରାଯାଇଥିଲା । ଗ୍ରାମ ବିକାଶ ଜିଲ୍ଲା ପ୍ରମୁଖ ସନ୍ତୋଷ ସାହୁ, ଜିଲା ଶାରୀରିକ ପ୍ରମୁଖ ଅଶୋକ ଭୋଇ, ବଜରଙ୍ଗ ଦଳର ସଂଯୋଜକ ଗଣେଶ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜଣ୍ଡିସ ଆକ୍ରାନ୍ତ ଘଟଣା

# ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷା ନିଲମ୍ବିତ

ଖୋର୍ଦ୍ଧା, ୩।୨(ସମିସ): ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଦୂଷିତ ପାଣି ବ୍ୟବହାରରୁ ଶହେରୁ ଊର୍ଦ୍ଧ୍ୱ ଜଣ୍ଡିସ ଆକ୍ରାନ୍ତ ଘଟଣାରେ ହୋଇଛି କାର୍ଯ୍ୟାନୁଷ୍ଠାନ। ଏ ନେଇ ନବୋଦୟ ବିଦ୍ୟାଳୟ ସଙ୍ଗଠନ(ଏନ୍‌ଭିଏସ୍), ଭୋପାଳ ପ୍ରତିନିଧି ଦଳର ରିପୋର୍ଟ ଆଧାରରେ ବିଦ୍ୟାଳୟ ଅଧ୍ୟକ୍ଷା ଡ. କବିତା କରଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ଏନଭିଏସ, ନୂଆଦିଲ୍ଲୀ ପକ୍ଷରୁ ନିଲମ୍ବନ କରାଯାଇଛି । ତାଙ୍କ ସ୍ଥାନରେ ଉପାଧ୍ୟକ୍ଷ ନୃସିଂହ ଚରଣ ଚକ୍ରଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି ବୋଲି ଜିଲ୍ଲାପାଳ ତଥା ନବୋଦୟ ବିଦ୍ୟାଳୟ ଖୋର୍ଦ୍ଧା ଚେୟାରମ୍ୟାନ ଅମ୍ରିତ ଋତୁରାଜ ସୂଚନା ଦେଇଛନ୍ତି । ଡ. କରଙ୍କୁ ନିଲମ୍ବନ ପରେ ଭୋପାଳ ୟୁନିଟରେ ଅବସ୍ଥାପିତ କରାଯାଇଛି ।

ନବୋଦୟ ବିଦ୍ୟାଳୟରେ ନଭେମ୍ବର ମାସରୁ ଜଣ୍ଡିସ ଆକ୍ରାନ୍ତ ଦେଖାଦେଇଥିବା ବେଳେ ଡିସେମ୍ବର ପହିଲାରେ ଏହାର ସଂଖ୍ୟା ବଢି ଶହେ ଟପିଥିଲା । ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ୱାଟକୋ, ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ସ୍ଥାନରୁ ପାଣି ନମୁନା ସଂଗ୍ରହ କରିଥିଲେ। ୱାଟକୋ ରିପୋର୍ଟ ନେଗେଟିଭ୍ ଆସିଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ୫ଟି ନମୁନାରେ ଜଳ ସଂକ୍ରମିତ ହୋଇଥିବା ଦର୍ଶାଯାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ସ୍କୁଲ ରୋଷେଇ ଘରେ ପାଇପ ଫାଟି ପାଣି ଦୂଷିତ ହୋଇ ଜଣ୍ଡିସ ବ୍ୟାପିଥିବା ସ୍ପଷ୍ଟ କରିବା ସହ ବିଶୁଦ୍ଧ ପାଣି ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଗତ ମାସ ୮ ତାରିଖରେ ନବୋଦୟ ବିଦ୍ୟାଳୟ ସମିତି ନୂଆଦିଲ୍ଲୀ କେନ୍ଦ୍ରୀୟ କମିଶନର ରାଜେଶ ଲେଖାନୀ ଏବଂ ଭୋପାଳ ୟୁନିଟର ଡେପୁଟି କମିଶନର ଆର୍.କେ. ଶର୍ମା, ଆସିଷ୍ଟାଣ୍ଟ କମିଶନର ଡ. ଜରିନା କ୍ୱିରେସି, ସାଧାରଣ ପରିଚାଳକ(ନିର୍ମାଣ) ଆରକେ ରେଡ୍ଡୀ ପ୍ରମୁଖ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏପରିକି ୨୨୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଅଭିଭାବକମାନେ ଘରକୁ ନେଇଯାଇଥିଲେ। କମିଶନର ଲେଖାନୀଙ୍କ ନିର୍ଦ୍ଦେଶ କ୍ରମେ ତତ୍କାଳୀନ ବିଦ୍ୟାଳୟ ଅଧ୍ୟକ୍ଷା ଡ.କବିତା କର ୭ଦିନ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା ସହ ପିଲାଙ୍କୁ ହଷ୍ଟେଲ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଦ୍ୟାଳୟ ସମ୍ପୂର୍ଣ୍ଣ କ୍ୟାମ୍ପସକୁ ସଫା କରାଯାଇଥିଲା। ସେପଟେ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ୧୨ତାରିଖରେ ପୁଣି ଥରେ ପାଣି ନମୁନା ସଂଗ୍ରହ କରି ପରୀକ୍ଷଣ ପରେ ୧୫ ତାରିଖରେ ରିପୋର୍ଟ ଦେଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ନେଗେଟିଭ୍ ଆସିବା ପରେ ଏନ୍‌ଭିଏସ୍ ନିର୍ଦ୍ଦେଶ ପରେ ବିଦ୍ୟାଳୟ ସ୍ୱାଭାବିକ ହୋଇଥିଲା।

## ଭାରତୀୟ ବିଦ୍ୟାନିକେତନର ବାର୍ଷିକ ଉତ୍ସବ



ବେଗୁନିଆ, ୩।୨ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡାଡିହ ଗ୍ରାମ ସ୍ଥିତ ଭାରତୀୟ ବିଦ୍ୟା ନିକେତନର ଊନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଶିଷ୍ଟ ପ୍ରବଚକ ପର୍ଶୁରାମ ମିଶ୍ର ଶର୍ମାଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ଓ ଅଖିଳେଶ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିତାମାତା ଓ ଗୁରୁଜନମାନଙ୍କୁ ସମ୍ମାନ ଦେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସଭାର ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶୁଭକାନ୍ତ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ପରେ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ଆନ୍ତଃବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ନିରାକାରପୁର,୩।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଡିଆ ପଞ୍ଚାୟତ ସ୍ଥିତ କାଶୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରେ ଦୁଇ ଦିନ ବ୍ୟାପୀ ତିନୋଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ରଥ ମଶାଲ ଜାଳି ଶୁଭାରମ୍ଭ କରିଥିଲେ। ସରପଞ୍ଚ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା କାଶୀପୁର ଗ୍ରାମରେ ବୁଲି ନିକଟସ୍ଥ ବଡ଼ପଦର ଖେଳ ପଡ଼ିଆରେ ପହଞ୍ଚିଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ମମତା ବେହେରା ପ୍ରାରମ୍ଭିକ ଅଭିଭାଷଣ ରଖି ଖେଳ ଆରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ଅନିତା ନାୟକ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀକୁ ନେଇ ଠେକୁଆ ଦଳ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀକୁ ନେଇ ହରିଣ ଦଳ ଏବଂ ଚତୁର୍ଥ ଓ ପଞ୍ଚମ ଶ୍ରେଣୀକୁ ନେଇ ଚିତା ବାଘ ଦଳ ଗଠନ କରିଥିଲେ। ଏହି ଦଳ ମାନଙ୍କ ମଧ୍ୟରେ ୫୦ ମିଟର ଓ ୧୦୦ ମିଟର ଦୌଡ, ଅଖା ଡିଆଁ, ଆଳୁ ଚାମଚ, ମ୍ୟୁଜିକ ଚେୟାର, ଦଉଡି ଡିଆଁ, ପୁଚି ଆଦି ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାର ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଡିଆ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଓ ସୁଖ୍ୟାତ ମଞ୍ଚ ପରିଚାଳକ କମଳ ଲୋଚନ ପ୍ରଧାନ, କପିଳେଶ୍ୱର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ପ୍ରଧାନ, ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅମ୍ଲାନ ପ୍ରହରାଜ ଓ ଶିକ୍ଷୟିତ୍ରୀ କବିଲତା ଦାସ ଅତିଥି ଭାବେ ଯୋଗଦେଇଥିଲେ। ଖେଳ ପଡ଼ିଆରେ ଶିକ୍ଷୟିତ୍ରୀ ସ୍ୱାଗତିକା ପରିଡ଼ା, ଅନିତା ନାୟକ, ମମତା ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାଧବେଶ୍ୱର ପାଇକରାୟ ପ୍ରତିଯୋଗିତାକୁ ସୁପରିଚାଳନା କରିଥିଲେ ।

## ଜଙ୍କିଆ ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ନିରାକାରପୁର,୩।୨ (ସମିସ): ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛା ଶକ୍ତି ସଫଳତାର ଶୀର୍ଷରେ ପହଞ୍ଚାଇବ ବୋଲି ଖୋର୍ଦ୍ଧା ଜିଲ୍ଲା ଜଂକିଆ ସ୍ଥିତ ରାମକୃଷ୍ଣ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳନ ଅବସରରେ ଉପସ୍ଥିତ ବିଶିଷ୍ଟ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଦିଲ୍ଲୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ମ୍ୟାନେଜର ଉମାକାନ୍ତ ଘଡେଇ, ମୁଖ୍ୟବକ୍ତା ଭାବେ ସରପଂଚ ପଙ୍କଜିନୀ ବଳବନ୍ତରାୟ, ସମ୍ମାନୀତ ଅତିଥି ଭାବେ ରାମକୃଷ୍ଣ ଶିକ୍ଷା କେନ୍ଦ୍ର ସଭାପତି ବାଞ୍ଛାନିଧି ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ରାମକୃଷ୍ଣ ଶିକ୍ଷା କେନ୍ଦ୍ର ପ୍ରଧାନ ଆଚାର୍ଯ୍ୟ ସୌରଭ ସ୍ନିଗ୍ଧ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ରାମକୃଷ୍ଣ ଶିକ୍ଷା କେନ୍ଦ୍ର ସମ୍ପାଦକ ସର୍ବେଶ୍ୱର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଦିଲ୍ଲୀପ ବେହେରା, ସଞ୍ଜୟ ବେହେରା, ଶିକ୍ଷୟତ୍ରୀ ରଶ୍ମିତା ଚମ୍ପତିରାୟ, କଲ୍ୟାଣୀ ଭୁଜବଳ, ସଂଘମିତ୍ରା ବାରିକ, ହରପ୍ରିୟା ଛୋଟରାୟ, ମିତା ମାର୍ଥା, ଶୋଭାବତୀ ସୁବୁଦ୍ଧି, ପ୍ରଭାସିନୀ ବଳିଆରସିଂହ ଓ ଶିକ୍ଷକ ସର୍ବେଶ୍?ର ବେହେରା, ଦିଲ୍ଲୀପ ପଣ୍ଡା ଓ ସ୍ୱାସତିକା ଚୌହାନ ପ୍ରମୁଖ ସହଯୋଗ କରିଥିଲେ।

## ପୋଡ଼ାଡିହ କ୍ଲଷ୍ଟରର ମାସିକ ବୈଠକ

ବେଗୁନିଆ, ୩।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଗଁପୁର- କଣ୍ଟାମଲିମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୋଡ଼ାଡିହ କ୍ଲଷ୍ଟରର ମାସିକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦାଶରଥି ପ୍ରଧାନଙ୍କ ସଂଯୋଜନାରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରଶିକ୍ଷିକା ଶିଖା ସିଆଲ ମୁଖ୍ୟଅତିଥି, ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ର ମୁଖ୍ୟବକ୍ତା ଓ ଗଁପୁର କଣ୍ଟାମଲିମ ସରକାରୀ ଉ. ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ଆରମ୍ଭ ହୋଇଥିବା ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ଶୃଙ୍ଖଳିତ ଭାବେ କରିବା ଓ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ।

## ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସମ୍ମାନ



ନିରାକାରପୁର,୩।୨ (ସମିସ): ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ରତା ଆମ ଅସ୍ମିତାର ପରିଚୟ ପ୍ରତିପାଦନ କରେ। ଜଗନ୍ନାଥ ସଂସ୍କୃତି ପାଇଁ ଆଜି ଆମ ଓଡିଶା ବିଶ୍ୱ ବିଦିତ ବୋଲି ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଅନୁଷ୍ଠିତ ଏକଦିବସୀୟ ଜାତୀୟ ସମ୍ମାନ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଆ ଅସ୍ମିତା' ସାଂପ୍ରତିକ ସ୍ଥିତିରେ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ଆଲୋଚନା ଚକ୍ର ଓ ପ୍ରାଚୀର ପତ୍ର " ପ୍ରକୃତି ବାଣୀ " ଲୋକାର୍ପିତ ଉତ୍ସବରେ ଅଧ୍ୟକ୍ଷ ଡ ସୁଧାଂଶୁ ଶେଖର ମହାନ୍ତି ଅନୁଷ୍ଠିତ ଆଲୋଚନାଚକ୍ରରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ସଂଯୋଜନାରେ ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ ଅତିଥି ପରିଚୟ, ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଭାଷା ସାହିତ୍ୟର ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ ପ୍ରଭାତ କୁମାର ସାହୁ ଓ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ସିତାଂଶୁ ଭୁଷଣ ନନ୍ଦ ପ୍ରମୁଖ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଓଡ଼ିଆ ଅସ୍ମିତା ସମ୍ପର୍କରେ ନିବନ୍ଧ ପଠନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରାଚୀର ପତ୍ର "ପ୍ରକୃତି ବାଣୀ' ଉନ୍ମୋଚିତ ହୋଇଥିଲା । ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସସ୍ମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କନ୍ୟା ସନ୍ତାନ ଏକ ଉଜ୍ଜ୍ୱଳ ତାରକା

## ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ



ଖୋର୍ଦ୍ଧା,୩।୨(ସମିସ): ଜିଲ୍ଲାସ୍ତରୀୟ କନ୍ୟା ସନ୍ତାନ ଦିବସ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଲିଙ୍ଗଗତ ଭେଦଭାବ ଯୋଗୁ କନ୍ୟା ଶିଶୁମାନେ ଶିକ୍ଷା, ଚିକିତ୍ସା, ପୋଷଣ ପରି ମୌଳିକ ଅଧିକାରରୁ ବଂଚିତ ହେଉଛନ୍ତି । ସମାଜରେ ଲିଙ୍ଗଗତ ବୈଷମ୍ୟ ରହିଥିଲେ ସୁଦ୍ଧା ପୁଅମାନଙ୍କ ତୁଳନାରେ ଝିଅମାନେ ଶିକ୍ଷା, କ୍ରୀଡା, ସାମରିକ, ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ରରେ ପାରଦର୍ଶିତା ଲାଭ କରୁଛନ୍ତି। ନାରୀଠାରୁ ସୃଷ୍ଟି ଆରମ୍ଭ । କନ୍ୟାଟିଏ ଭବିଷ୍ୟତରେ ଏକ ଉତ୍ତମ ଝିଅ, ଭଉଣୀ, ସ୍ତ୍ରୀ, ମା' ଏବଂ ଅନ୍ୟ କେତେ ଭଲ ସମ୍ବନ୍ଧ ସୃଷ୍ଟି କରେ । ସ୍ନେହ ଏବଂ ଯତ୍ନ ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେଲେ କନ୍ୟାଟିଏ ଏକ ଉଜ୍ଜ୍ୱଳ ତାରକା ଭାବେ ପ୍ରସ୍ଫୁଟିତ ହେବ ବୋଲି କହିଥିଲେ ।

ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଳ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଆରକ୍ଷୀ ନିରୀକ୍ଷକ ମମତା ପତି ପ୍ରମୁଖ ଯୋଗଦେଇ ପୁଅ-ଝିଅ ମଧ୍ୟରେ ଥିବା ଅସମାନତା, ବାଲ୍ୟବିବାହ, ବଳାତ୍କାର, ଲିଙ୍ଗ ନିରୂପଣ, ଭ୍ରୁଣହତ୍ୟା ଓ ଦୈନନ୍ଦିନ ମହିଳାଙ୍କ ପ୍ରତି ଘଟୁଥିବା ହିଂସା ସମ୍ପର୍କରେ ଆଲୋଚନା କରିଥିଲେ। କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଏଭଳି ଆଚରଣକୁ ଦୂର କରିବା ସହ ବାଲ୍ୟବିବାହ, ଭ୍ରୁଣହତ୍ୟା ଓ ହିଂସା କିଭଳି ରୋକାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା । ଏଥିସହିତ କନ୍ୟା ସନ୍ତାନ ମାନଙ୍କର ଅଧିକାର ଏବଂ ସେମାନଙ୍କ ଶଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ପ୍ରହାରାଜ ଅତିଥି ପରିଚୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଟାଙ୍ଗୀ, ଚିଲିକା, ଏବିଡିଓ ବୋଲଗଡ଼, ସମସ୍ତ ବ୍ଲକର ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି ସୁପରଭାଇଜର, ସ୍ୱେଚ୍ଛାସେବୀ ସଂଗଠନ, କିଶୋରୀ ବାଳିକା ଏବଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟାପକ ସଚେତନତା ଜାଗରଣ କରିବା ନିମନ୍ତେ ଏକ ସପ୍ତାହ ବ୍ୟାପି ଜାନୁୟାରୀ ୧୭ରୁ ୨୪ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଗୁଡିକରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ବେଉରା ପୁରସ୍କୃତ କରିଥିଲେ। ଜିଲ୍ଲା ସଂଯୋଜିକା ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।





# ସରୁଛି ଯେତିକି, ଜମୁଛି ସେତିକି



## ■ ବହି ବଦଳାଇ ବିଦାୟ ନେଲା ଇନ୍ଦ୍ରଭୁବନ
## ■ ଆଜିଠୁ ଖେଳିବ ଯାତ୍ରା ମହାରଥୀ

ଭୁବନେଶ୍ୱର, ୩।୨ (ସମିସ): ରାଜଧାନୀରେ ଜମୁଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅଣ୍ଟା ଭିଡ଼ିଛନ୍ତି ଅପେରା ପାର୍ଟି। କେଉଁଠି ଝୁଲି ଝୁଲି ନୃତ୍ୟ ପ୍ରଦର୍ଶନ ହେଉଛି ତ ଆଉ କେଉଁଠି ଷ୍ଟେଜ ବ୍ଲାଷ୍ଟିଂ ଆଇଟମ ଡ୍ୟାନ୍ସ। ରେକର୍ଡ ଡ୍ୟାନ୍ସକୁ ଦମଦାର କରିବା ପାଇଁ ନୃତ୍ୟ ସଂଯୋଜକ ଏହିଭଳି ନୂଆ କଥା ସବୁ ଖଞ୍ଜି ଦେଇଛନ୍ତି। ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଅଷ୍ଟମ ରାତିରେ ପହଞ୍ଚିଥିବା ବେଳେ ୭ଟି ଅପେରା ପାର୍ଟି ଏକକାଳୀନ ନାଟକ ପରିବେଷଣ କରୁଛନ୍ତି। ଯାତ୍ରା ମହାକୁମ୍ଭ ଯେତିକି ଯେତିକି ସରି ସରି ଆସୁଛି ମେଳା ପରିସରରେ ଦର୍ଶକଙ୍କ ଭିଡ ଓ ଲଢ଼େଇ ସେହି ପରିମାଣରେ ଜମିବାରେ ଲାଗିଛି। ସମସ୍ତ ପାର୍ଟିର କଳାକାର ପରସ୍ପରକୁ ମାତ୍ ଦେବାକୁ ସଜବାଜ ହୋଇ ମଇଦାନକୁ ଓହ୍ଲାଇଛନ୍ତି।

ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ପେଣ୍ଡାଲରେ ଯାତ୍ରା ବିଶ୍ୱ ଦରବାର ଖଣ୍ଡଗିରିରେ ପାଦ ଥାପିଛି। ପ୍ରଥମ ରଜନୀରେ 'ବଦନାମ ଗଳିର ବାଦଶାହା' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ବହିରେ କମଳ ନନ୍ଦ, ସିନେ ଷ୍ଟାର ଲରେନ୍ସ, ଭାରତୀ, ଗୌର ପାଢ଼ୀ, ସୁକାନ୍ତି ପାଢ଼ୀଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ସତ୍ୟଙ୍କ ଛାତିଥରା ଡାଇଲଗ୍ ଶୁଣିବାକୁ ମିଳିଥିଲା। ଦୟା ଓ ତୁଳସୀଙ୍କ କମେଡିରେ ହସି ହସି ବେଦମ ହୋଇଥିଲେ ଦର୍ଶକ।

ମା ମଙ୍ଗଳା ଯୁବ ପରିଷଦ ମଞ୍ଚରେ ରଙ୍ଗମହଲ ଦ୍ୱିତୀୟ ରାତିରେ ମଧ୍ୟ 'କଟି କଟି ଡବଲ କଟି' ନାଟକ ପରିବେଷଣ କରିଛି। ପ୍ରତାପ, ସୁଧାକର, ମୁନୁ ପଣ୍ଡା, ଜିତା, ସବିତା, ଜୀବନ କବିଙ୍କ ଅଭିନୟ ଓ ରାଜବୀରଙ୍କ ଅଭିନୟ ଦେଖିବାକୁ ସାରା ରାତି ଉଜାଗର ହୋଇଛନ୍ତି ଦର୍ଶକ।

ହରେକୃଷ୍ଣ ମହତାବ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ଲଗାତାର ଚତୁର୍ଥ ରାତିରେ 'ଏଇ ବୋଧେ ଶେଷ ଦେଖା' ବହି ରିପିଟ୍ କରିଛି। ନାଟକରେ ସାଇ, ସୋନାଲି ଓ ପାୟଲଙ୍କ ଅଭିନୟ ଦେଖିବାକୁ ଦୂରଦୂରାନ୍ତରୁ ଦର୍ଶକଙ୍କ ସୁଅ ଛୁଟିଛି। ସନାତନ ସେବା ସମିତି ମଞ୍ଚରେ ସୂର୍ଯ୍ୟମନ୍ଦିର ଦ୍ୱିତୀୟ ରାତିରେ ସେଇ ସମାନ ନାଟକ ପରିବେଷଣ କରିଛି। ଇଂ ଆଶୁତୋଷ ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ 'ଅଭାଗିନୀ ଅଞ୍ଜଳି' ବହିରେ ହୃଷୀକେଶ, ମାମା, ସିଲୁ, କାଳୀ ଓ ଖଳନାୟକ ଭୂମିକାରେ ଡ୍ୟାନିଙ୍କ ଡାଇଲଗ୍ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଛି। ଭେଟେରାନ ଭିକାରୀ ସ୍ୱାଇଁଙ୍କ କମେଡି ହାସ୍ୟ ରୋଳ ସୃଷ୍ଟି କରିଥିଲା।

ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ନାଚୁଥିବା ଶିବାନୀ ଗଣନାଟ୍ୟ 'ରଜ ସୁନ୍ଦରୀକୁ ସଜ ସିନ୍ଦୁର' ନାଟକ ନେଇ ଦ୍ୱିତୀୟ ରାତିରେ ମଇଦାନକୁ ଓହ୍ଲାଇଛି। ଗୌର ଦାସ, କାବେରୀ, କମେଡିରେ ବ୍ରଜ ପାଣି ଓ ଖଳନାୟକ ଟାହିଆଙ୍କ ଡାଇଲଗରେ ଜମୁଛି ପେଣ୍ଡାଲ ପରିସର।

ସେହିପରି ଅନନ୍ତ କେଶରୀ ଦେବ ପେଣ୍ଡାଲରେ ଖେଳୁଥିବା ନାଟ୍ୟ ମଣ୍ଡପ ଦ୍ୱିତୀୟ ରାତିରେ ମଧ୍ୟ 'ଲେଡି ଗ୍ୟାଙ୍ଗଷ୍ଟର' ବହି ନେଇ ପ୍ରତିଦ୍ୱନ୍ଦୀଙ୍କୁ ଟକ୍କର ଦେଉଛି। ରାଣୀ ପଣ୍ଡା, ସ୍ନେହାଶ୍ରୀ, ବିନିଙ୍କ ଅଭିନୟ, ଗୁଡୁଙ୍କ କମେଡି ଓ ବାବୁଲି ପଣ୍ଡାଙ୍କ ଖଳ ଚରିତ୍ର ଦେଖିବାକୁ ମିଳିଛି।

ସେପଟେ କଳିଙ୍ଗ ପେଣ୍ଡାଲରେ ଖେଳୁଥିବା ଯାତ୍ରା ଇନ୍ଦ୍ରଭୁବନ ଶେଷ ରାତିରେ ବହି ବଦଳାଇଛି। ଲଗାତାର ୪ ରାତି ଧରି 'ନ ଅଙ୍କ ଦୁର୍ଭିକ୍ଷ' ପରିବେଷଣ କରୁଥିବା ବେଳେ ଅନ୍ତିମ ରାତିରେ 'ସକଳ ତୀର୍ଥ ତୋ ଚରଣେ' ନାଟକ ମଞ୍ଚସ୍ଥ କରି ଖଣ୍ଡଗିରିରୁ ବିଦାୟ ନେଇଛି। ବୁଧବାର ଠାରୁ ସେହି ମଞ୍ଚରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ମଇଦାନକୁ ଓହ୍ଲାଇବ। ପ୍ରଥମ ରାତିରେ ବହୁ ଚର୍ଚ୍ଚିତ ନାଟକ 'ରାଜଧାନୀର ରାଜା ଆଚାର୍ଯ୍ୟ ' ପରିବେଷଣ କରିବ। ହାପି, ମାମୁନି, ସିନେ କଳାକାର ଅଶ୍ୱିନୀ, ବର୍ଷା, ଅକ୍ଷୟ ସାହୁଙ୍କ ସହ ଖଳନାୟକ ଭୂମିକାରେ ନଜର ଆସିବେ ନିଲ୍। ସେହିପରି କ୍ୟାଲେଣ୍ଡରଙ୍କ କମେଡି ଦେଖିବାକୁ ପାଇବେ ଦର୍ଶକ।



## ଆଜିର କାହାଣୀ
## 'କଟି କଟି ଡବଲ କଟି'

ମା ମଙ୍ଗଳା ସାଂସ୍କୃତିକ ପରିଷଦ (ଜାଗମରା) ପେଣ୍ଡାଲରେ ନାଟ୍ୟ ପରିବେଷଣ କରୁଥିବା ଯାତ୍ରା ରଙ୍ଗ ମହଲ ଦ୍ୱିତୀୟ ରଜନୀରେ 'କଟି କଟି ଡବଲ କଟି' ନାଟକ ମଞ୍ଚସ୍ଥ କରିଛି। ଦୀପକ ଜେନାଙ୍କ ରଚିତ ଓ ସାରଦା ପ୍ରସାଦ ରଣାଙ୍କ ନିର୍ଦ୍ଦେଶିତ ଏହି ନାଟକ ବନ୍ଧୁତ୍ୱ ଉପରେ ପରିବେଷିତ। ଅନ୍ୟ ବ୍ୟକ୍ତିର ପ୍ରରୋଚନା କିଭଳି ୩ ଜଣ ସାଙ୍ଗଙ୍କ ମଧ୍ୟରେ କିଭଳି ଫାଟ ସୃଷ୍ଟି କରୁଛି ଏହି ନାଟକରେ ତାହା ଦେଖିବାକୁ ମିଳିଛି। ଯଦିଓ ଭୁଲ୍ ବୁଝାମଣାକୁ ବୁଝି ପାରୁଛନ୍ତି, କିନ୍ତୁ ସେତେବେଳକୁ ସବୁକିଛି ସରି ଯାଉଛି। ଚକ୍ରାନ୍ତର ଶିକାର ହୋଇ ୩ ଜଣ ସାଙ୍ଗ ଶେଷରେ ନିଜ ଜୀବନ ହାରୁଛନ୍ତି। ପ୍ରତାପ, ଜିତା ଓ ଜୀବନ କବି ୩ ଜଣ ସାଙ୍ଗ ଭୂମିକାରେ ନଜର ଆସିଛନ୍ତି। ପ୍ରତାପଙ୍କ ସାନ ଭାଇ ଚରିତ୍ରରେ ଜୀବନ ପତି, ଚାକର ଭୂମିକାରେ ମୁନୁ ପଣ୍ଡା ଓ ଜୀବନ କବିଙ୍କ ଭଉଣୀ ଚରିତ୍ରରେ ମାମା ନଜର ଆସିଛନ୍ତି। ଜୀବନ କବି କୋଟିପତି ପରିବାରରେ ଜନ୍ମ ହୋଇଥିବା ବେଳେ ପିଲାବେଳୁ ଗରିବ ସାଙ୍ଗ ପ୍ରତାପକୁ ବହୁତ ସାହାଯ୍ୟ ସହଯୋଗ କରି ଆସୁଛନ୍ତି। କାଳକ୍ରମେ ପ୍ରତାପ ଧନୀ ହେଉଥିବା ବେଳେ ସମ୍ଭ୍ରାନ୍ତ ଘରର ପୁଅ ଜୀବନ କବି ଅଟୋ ଚାଳକ ପାଲଟି ଯାଉଛନ୍ତି। ୩ ଜଣ ସାଙ୍ଗଙ୍କ ମଧ୍ୟରୁ ପ୍ରତାପ ଓ ଜିତାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠୁଛି। ହେଲେ ଗୋଟିଏ ସଡ଼କ ଦୁର୍ଘଟଣା କାହାଣୀର ମୋଡ଼ ବଦଳାଇ ଦେଉଛି। ଜିତା ଦୁର୍ଘଟଣାର ଶିକାର ହୋଇ ସବୁଦିନ ପାଇଁ ଜନ୍ମ ଦେବାର କ୍ଷମତା ହରାଉଛନ୍ତି। ପିଲାଟିଏ ହୋଇପାରିବନି ଜାଣିବା ପରେ ପ୍ରତାପଙ୍କୁ ବିବାହ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜିତା ଏଥିପାଇଁ ଜୀବନ କବିଙ୍କୁ ମିଛିମିଛିକା ବିବାହ କରୁଛନ୍ତି। ସେହି ସମୟରେ ପ୍ରତାପଙ୍କ ମ୍ୟାନେଜର ତାଙ୍କ ଭଉଣୀ ଓ ବାପାଙ୍କୁ ହତ୍ୟା କରି ଜୀବନ କବିଙ୍କ ମୁଣ୍ଡରେ ଅଠା ବୋଳି ଦେଉଛନ୍ତି। ଭଉଣୀ ହତ୍ୟା ଓ ପ୍ରେମିକାକୁ ଛଡ଼ାଇ ନେଇଥିବାରୁ ପ୍ରତାପ ସବୁଦିନ ପାଇଁ ଜୀବନ କବିଙ୍କ ଠାରୁ ଦୂରେଇ ଯାଉଛନ୍ତି। ସେପଟେ ମିଛିମିଛିକା ବିବାହ କରିଥିବା ଜିତା ଓ ଜୀବନ କବି ଭାଇଭଉଣୀ ଭଳି ରହିବା ସହ ପ୍ରତିବର୍ଷ ରାକ୍ଷୀପୂର୍ଣ୍ଣିମା ପାଳନ କରୁଛନ୍ତି। ପ୍ରତାପଙ୍କ ଭାଇ ଜୀବନ ପତି ଓ ଜୀବନ କବିଙ୍କ ଭଉଣୀ ମାମା ପ୍ରେମ ବିବାହ କରିବାକୁ ନିଷ୍ପତ୍ତି ନେଉଛନ୍ତି। ହେଲେ ଜୀବନ ପତି କର୍କଟ ରୋଗରେ ପୀଡ଼ିତ ଥିବା ଜାଣିବା ପରେ ମାମାଙ୍କୁ ବିବାହ କରିବେ ନାହିଁ ବୋଲି ମନା କରି ଦେଉଛନ୍ତି। ମାମା ଗର୍ଭବତୀ ଥିବାରୁ ପ୍ରତାପ ତାଙ୍କ ବିବାହ ନିଜ ଚାକର ମୁନୁଙ୍କ ସହ ବିବାହ କରି ଦେଉଛନ୍ତି। ବୋହୂ ବନିଥିବା ମାମା ହିଁ ଜୀବନ କବିଙ୍କ ଭଉଣୀ ବୋଲି ଜାଣିବାକୁ ପାଆନ୍ତି ପ୍ରତାପ। ଜୀବନ କବିଙ୍କୁ ଅପମାନ କରିବା ସହ ସେଠାରୁ ତଡ଼ି ଦିଅନ୍ତି। ମାମା ଶିଶୁଙ୍କୁ ଜନ୍ମ ଦେବାପରେ କୁଚକ୍ରୀ ଗୋଷ୍ଠୀ ସମ୍ପତ୍ତି ଲୋଭରେ ତାକୁ ମାରିବାକୁ ଉଦ୍ୟମ କରନ୍ତି। କାହାଣୀର ଶେଷ ଭାଗରେ ଭୁଲ୍ ବୁଝାମଣା ଦୂର ହୁଏ। ଜିତା ଓ ଜୀବନ କବି ପତିପତ୍ନୀ ନୁହଁନ୍ତି ବରଂ ଭାଇଭଉଣୀ ବୋଲି ପ୍ରତାପ ଜାଣିବାକୁ ପାଆନ୍ତି। ଅଜାଣତରେ ବିଷ ମିଶାଇ ରଖା ଯାଇଥିବା କ୍ଷୀରକୁ ୩ ସାଙ୍ଗ ପିଇ ଦେଉଛନ୍ତି। ଆଉ ବିଷର ପ୍ରଭାବରେ ୩ ଜଣ ସାଙ୍ଗ ପ୍ରାଣ ହରାଉଛନ୍ତି।

## ଆଜି କେଉଁ ପେଣ୍ଡାଲରେ କି ବହି?

| | | |
|---|---|---|
| ହରେକୃଷ୍ଣ ମହତାବ ପେଣ୍ଡାଲ | ତୁଳସୀ ଗଣନାଟ୍ୟ | 'ଏଇ ବୋଧେ ଶେଷ ଦେଖା' |
| ସନାତନ ପେଣ୍ଡାଲ | ଅପେରା ସୂର୍ଯ୍ୟମନ୍ଦିର | 'ଅଭାଗିନୀ ଅଞ୍ଜଳି' |
| ଇନ୍ଦିରା ସାଂସ୍କୃତିକ ପେଣ୍ଡାଲ | ଶିବାନୀ ଗଣନାଟ୍ୟ | 'ରଜ ସୁନ୍ଦରୀକୁ ସଜ ସିନ୍ଦୁର' |
| ମା ମଙ୍ଗଳା ପେଣ୍ଡାଲ | ଯାତ୍ରା ରଙ୍ଗ ମହଲ | 'କଟି କଟି ଡବଲ କଟି' |
| ଜୟଦୁର୍ଗା ପେଣ୍ଡାଲ | ଯାତ୍ରା ବିଶ୍ୱ ଦରବାର | 'ବଦନାମ ଗଳିର ବାଦଶାହା' |
| କଳିଙ୍ଗ ପେଣ୍ଡାଲ | କଳିଙ୍ଗ ଗଣନାଟ୍ୟ | 'ରାଜଧାନୀର ରାଜା ଆଚାର୍ଯ୍ୟ' |
| ଅନନ୍ତ କେଶରୀ ଦେବ ପେଣ୍ଡାଲ | ଅପେରା ନାଟ୍ୟ ମଣ୍ଡପ | 'ଲେଡି ଗ୍ୟାଙ୍ଗଷ୍ଟର' |

# 'ନାଟକ ଚିରାଚରିତ ପ୍ରଥାରୁ ବାହାରିବା ଆବଶ୍ୟକ'

**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ଗୌର ଦାସଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର।**



**ଯାତ୍ରାକୁ କେବେ ଓ କିପରି ଆସିଲେ?**

ଉ- ଉଠା ଜଳସେଚନ ବିଭାଗରେ ଚାକିରିରୁ ଛଟେଇ ହେବା ପରେ ଷ୍ଟୁଡିଓ ଓ ପରେ ଟେଲି ଫିଲ୍ମରେ ଅଭିନୟ କରିଲି। ମୋ ବାପା ତଥା କଳାକାର ସ୍ୱର୍ଗତ ଶ୍ରୀହରି ଚରଣ ଦାସଙ୍କ ଆଦର୍ଶରେ ପ୍ରଭାବିତ ହୋଇ ଅଭିନୟ ପ୍ରତି ମନ ବଳାଇ ୧୯୯୪ ମସିହାରେ ଯାତ୍ରାକୁ ଆସିଲି।

**ଖଣ୍ଡଗିରିକୁ କେବେଠାରୁ ଆସୁଛନ୍ତି? ପୂର୍ବାପେକ୍ଷା କ'ଣ ବଦଳିଛି?**

ଉ- ପ୍ରାୟ ୨୮ ବର୍ଷ ହେବ ଖଣ୍ଡଗିରିକୁ ଆସୁଛି। ପୂର୍ବରୁ ଖଣ୍ଡଗିରିରେ ଯାତ୍ରା ବା କଳାର ପ୍ରତିଯୋଗିତା ହେଉଥିଲା। ଏବେ ସବୁ ସୋସିଆଲ ମିଡିଆ ଆଡ଼କୁ ମୁହାଁଇଲେଣି।

**ଦର୍ଶକଙ୍କ ରୁଚିରେ କିଛି ପରିବର୍ତ୍ତନ ଦେଖୁଛନ୍ତି କି?**

ଉ- ନିଶ୍ଚିତ ହୋଇଛି। ଯିଏ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଦର୍ଶକ ତାଙ୍କୁ ଦେଖିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଏହି ଧାରା ନାଟକ ପାଇଁ ଶୁଭଙ୍କର ନୁହେଁ। ଲୋକମାନେ ଯାତ୍ରା ଦେଖି ଭଲମନ୍ଦର ନିଷ୍ପତ୍ତି ନିଅନ୍ତୁ।

**ନାଟକରେ କଣ ପରିବର୍ତ୍ତନ ହୋଇଛି ଓ ଆଉ କଣ ପରିବର୍ତ୍ତନ ଆବଶ୍ୟକତା ଅଛି?**

ଉ- ଦର୍ଶକଙ୍କ ରୁଚି ବଦଳି ଯାଇଛି। ପୂର୍ବରୁ କାହାଣୀ, ଚରିତ୍ର ଦେଖୁଥିଲେ। କିନ୍ତୁ ଏବେ ସୋସିଆଲ ମିଡିଆରେ ଯାହା ଦେଖୁଛନ୍ତି, ତା'କୁ ବିଶ୍ୱାସ କରୁଛନ୍ତି। ଏବେକାର ନାଟକରେ ଚିରାଚରିତ ପ୍ରଥା ଠାରୁ ଦୂରେଇ ନୂଆ ନୂଆ ଟୁଇଷ୍ଟ ଆବଶ୍ୟକ।

**ଯାତ୍ରାରେ ଅଶ୍ଳୀଳତାର ଆବଶ୍ୟକତା ରହିଛି କି ନାହିଁ?**

ଉ- ସେ ଯେଉଁଥିରେ ବି ହେଉ, ଅଶ୍ଳୀଳତା ଟା ସବୁବେଳେ ସମାଜ ବିରୋଧୀ କାମ। ଯାତ୍ରାରେ ଅଶ୍ଳୀଳତାର କୌଣସି ଆବଶ୍ୟକତା ନାହିଁ। ପୂର୍ବରୁ କେବଳ ନାଟକରେ ମଧ୍ୟ ଦର୍ଶକଙ୍କୁ ଆକର୍ଷିତ କରି ହେଉଥିଲା ଓ ଏବେ ମଧ୍ୟ କରିହେବ।

**ଯାତ୍ରାକୁ ବଞ୍ଚାଇ ରଖିବାକୁ ହେଲେ କଣ କରିବାକୁ ହେବ?**

ଉ- ପ୍ରଥମେ ସୋସିଆଲ ମିଡିଆ ଠାରୁ ଯାତ୍ରାକୁ ଦୂରେଇ ରଖିବାକୁ ପଡ଼ିବ। କିଛି ଲୋକ ନାଟକ ରିହର୍ସାଲ ବେଳର ଦୃଶ୍ୟ ଲିକ୍ କରି ବିକ୍ରି କରି ଦେଉଛନ୍ତି। ଡ୍ରାମା ଓ ଛୋଟ ପାର୍ଟି ଗୁଡ଼ିକ ସେହି ନାଟକକୁ କପି କରି ଦେଉଛନ୍ତି, ତାକୁ ବନ୍ଦ କରିବାକୁ ପଡ଼ିବ। ନୂଆ ଧରଣର ନାଟକ

**ନାଟକ ପ୍ରେମୀଙ୍କ ସଂଖ୍ୟା ବଢ଼ିଛି ନା କମିଛି?**

ଉ- ଲୋକମାନେ ତ ନାଟକ ଦେଖିବାକୁ ଆସୁଛନ୍ତି। କିନ୍ତୁ ପ୍ରକୃତ ଯାତ୍ରାପ୍ରେମୀଙ୍କ ସଂଖ୍ୟା ପୂର୍ବାପେକ୍ଷା ହ୍ରାସ ପାଇଛି। ଏଥିପାଇଁ ସୋସିଆଲ ମିଡିଆ ଦାୟୀ।

**ଖଣ୍ଡଗିରି ଯାତ୍ରାକୁ ନେଇ କଣ କହିବେ?**

ଉ- ଦିନିକିଆ ମ୍ୟାଚ୍ ଠାରୁ ବିଶ୍ୱକପ୍ ଯେତିକି ଗୁରୁତ୍ୱପୂର୍ଣ୍ଣ ଖଣ୍ଡଗିରି ଆମ ଯାତ୍ରା କଳାକାରମାନଙ୍କ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ। କେବଳ ଭୁବନେଶ୍ୱର କି ଓଡ଼ିଶା ନୁହଁ ରାଜ୍ୟ ବାହାରୁ ନାଟକ ପ୍ରେମୀମାନେ ଏଠାକୁ ଆସନ୍ତି। ଭଲ ପ୍ରଦର୍ଶନ କରିବାକୁ କଳାକାର, ମାଲିକ ଓ କମିଟି, ସମସ୍ତଙ୍କର ସ୍ପୃହା ଥାଏ। ଖଣ୍ଡଗିରିରୁ ହିଁ ପ୍ରଚାର ହୁଏ, ନାଟକ ଭଲ ହୋଇଛି କି ଖରାପ।

**ପାରିବାରିକ ଜୀବନରେ ଯାତ୍ରାର କଣ ପ୍ରଭାବ ପଡ଼ିଛି?**

ଉ- ଯାତ୍ରା କଳାକାରଙ୍କ ପାଇଁ ପରିବାର କହିଲେ ଦୁଃଖ କଥା। ଟଙ୍କା ରୋଜଗାର କରିବାକୁ ଯାଇ ବାପାମାଆଙ୍କ ଠାରୁ ଆରମ୍ଭ କରି ପିଲାଛୁଆଙ୍କ ପର୍ଯ୍ୟନ୍ତ, କାହାରିକୁ ସମୟ ଦେଇପାରିଲୁ ନାହିଁ। ଏମିତିକି ମାଆଙ୍କ ମୃତ୍ୟୁ ପରେ ଘରକୁ ଯାଇ ନପାରି ପୁରୀରେ ସୁଦ୍ଧ ହେଲି। ରାତି ୧୧ଟାରେ ବାପାଙ୍କ ବିୟୋଗ ଖବରପାଇ ମଧ୍ୟ ନାଟକରେ ଅଭିନୟ କରିଛି।

## ଯାତ୍ରାରେ 'ହିଞ୍ଜଡ଼ା' ଶବ୍ଦ ପ୍ରୟୋଗକୁ ବିରୋଧ

# କଳାକାର କାହ୍ନା ଓ ଲେଖକ ଦୀପକଙ୍କ ନାଁରେ ଏତଲା

ଭୁବନେଶ୍ୱର, ୩।୨(ସମିସ): କିଛିଦିନ ତଳେ ଶ୍ରୀମନ୍ଦିର ଯାତ୍ରା ପାର୍ଟିର ଅଭିନେତା କାହ୍ନା ସ୍ୱାଇଁ ନାମକ ଜଣେ କଳାକାର ଏକ ନାଟକରେ ସୁପ୍ରିମକୋର୍ଟଙ୍କ ନାଲସା ଜଜମେଣ୍ଟ ଓ ପ୍ରୋଟେକ୍ସନ ଅଫ୍ ଟ୍ରାନ୍ସଜେଣ୍ଡର ଆଇନ ବିରୋଧରେ ଯାଇଥିଲେ। ଏପରିକି ଯେଉଁ ଭାଷା କହିହେବ ନାହିଁ ସେହି ଭାଷାକୁ ପ୍ରୟୋଗ କରି ନାଟକ ମଞ୍ଚସ୍ଥ କରିଥିଲେ। ଶଳା ହିଞ୍ଜଡ଼ା ଭାଷା ପ୍ରୟୋଗ କରିବା ଫଳରେ ଓଡ଼ିଶାରେ ଥିବା ପାଖାପାଖି ୩୦ ହଜାରରୁ ଅଧିକ କିନ୍ନରଙ୍କ ମାନ ହାନି ହେବା ସହ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରିଥିଲେ। ଏହି ଭାଷା ପ୍ରୟୋଗ କରିବା ଫଳରେ ରାସ୍ତାରେ ଯାଉଥିବା କିନ୍ନରଙ୍କୁ ସାଧାରଣ ଲୋକେ କାହ୍ନା କହିଥିବା ଭାଷା ପ୍ରୟୋଗ କରିବା ଆରମ୍ଭ କଲେଣି। ତେଣୁ ଯଦି କାହ୍ନା ସ୍ୱାଇଁ ଏବଂ ଦୀପକ ଜେନା କ୍ଷମା ପ୍ରାର୍ଥନା ନକରନ୍ତି ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଲ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗୀ ମହାସଂଘ ପକ୍ଷରୁ ଖଣ୍ଡଗିରି ଥାନାରେ ଏତଲା ଦିଆଯିବା ସହ ଖଣ୍ଡଗିରି ଥାନା ଅଧିକାରୀଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ମହାସଂଘ ନିବେଦନ କରିଛି।

ସୂଚନାଥାଉ କି, ଯେଉଁଭଳି ଭାବରେ ଅନୁସୂଚିତ ଜାତି, ଜନଜାତିଙ୍କ ବିରୋଧରେ ଜାତିଆଣ ଭାଷା ପ୍ରୟୋଗ କଲେ ଆଟ୍ରୋସିଟି ମାମଲା ରୁଜୁ ହେଉଛି। ସେହିଭଳି କିନ୍ନରଙ୍କ ବିରୋଧରେ ତୃତୀୟ ଲିଙ୍ଗ ବା କିନ୍ନର କଥା ବ୍ୟତୀତ ଅନ୍ୟ ଭାଷା ହିଞ୍ଜଡ଼ା, ମାଇଚିଆ, ଛକା, ରଙ୍ଗ ଆଦି ପ୍ରୟୋଗ କଲେ ସେମାନଙ୍କ ବିରୋଧରେ କ୍ରିମିନାଲ ଆକ୍ଟ ଲଗାଯିବା କଥା। ଏଭଳି ଭାଷା ପ୍ରୟୋଗ କରିଥିବାରୁ କିନ୍ନରମାନେ କାହ୍ନା ସ୍ୱାଇଁ ଏବଂ ଲେଖକ ଦୀପକ ଜେନାଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ୨୪ ଘଣ୍ଟା ସମୟ ଦେଇଥିଲେ। କିନ୍ତୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ସେମାନେ କ୍ଷମା ପ୍ରାର୍ଥନା କରିବା ପରିବର୍ତ୍ତେ ଗର୍ବ ପ୍ରକାଶ କରି ମୋର କେହି କିଛି କରିପାରିବେନାହିଁ, ମୁଁ କାହିଁକି କ୍ଷମା ମାଗିବି ବୋଲି ପାଲଟା ଗଣମାଧ୍ୟମରେ ସଫେଇ ଦେଉଛନ୍ତି। ଯାହାକୁ ନେଇ ମହାସଂଘ କ୍ଷୋଭ ପ୍ରକାଶ କରିବା ସହ ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

## ଜାତୀୟ ନାଟ୍ୟ ପର୍ବ ଉଦ୍‌ଘାଟିତ

# ପ୍ରଥମ ସନ୍ଧ୍ୟାରେ 'ବର୍ଷା' ଓ 'ସଖି ସାଜେର ଚାଦୁ'



ଭୁବନେଶ୍ୱର, ୩।୧(ସମିସ): ଇଣ୍ଟରନ୍ୟାସନାଲ୍ ଥିଏଟରର ୫୧ତମ ଜାତୀୟ ନାଟ୍ୟ ପର୍ବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଅବସରରେ ଦୁଇଟି ନାଟକ ପରିବେଷଣ ହୋଇଥିଲା। ପ୍ରଥମ ନାଟକ 'ବର୍ଷା' (ହିନ୍ଦୀ) ୨ୟ ନାଟକ 'ସଖି ସାଜେର ଚାଦୁ' ମଞ୍ଚସ୍ଥ ହୋଇଯାଇଛି। ପ୍ରଥମ ନାଟକକୁ ନାଟ୍ୟ ଚେତନା, ଭୁବନେଶ୍ୱର ପକ୍ଷରୁ ପରିବେଷଣ କରାଯାଇଥିଲା। ସୁବୋଧ ପଟ୍ଟନାୟକ ଏହାର ନର୍ଦ୍ଦେଶନା ଦେଇଛନ୍ତି। ଦ୍ୱିତୀୟ ନାଟକକୁ ଏକଲବ୍ୟ ତ୍ରିପୁରା ଅନୁଷ୍ଠାନ ପରିବେଷଣ କରିଥିଲେ ଜିଶୁ ଦେବନାଥ ଏହାର ନିର୍ଦ୍ଦେଶନା ଦେଇଛନ୍ତି। 'ବର୍ଷା' ନାଟକଟି ଜଳବାୟୁ ପରିବର୍ତ୍ତନର ଭୟାବହତା ସଂକ୍ରାନ୍ତରେ ଉପସ୍ଥାପନା କରାଯାଇଛି। ଦ୍ୱିତୀୟ ନାଟକଟି ତିସ୍ତା ନଦୀରେ ନୌକା ଯାତ୍ରାକାଳୀନ ଏକ ଦୁର୍ଘଟଣାରେ ଚାଦୁଙ୍କ ପରିବାରର ଜୀବନ ଜୀବିକା ସଂକ୍ରାନ୍ତରେ ବାର୍ତ୍ତା ଦେଉଛି। ଉଦ୍‌ଘାଟନୀ ଦିବସରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତ ବିଭାଗ ସଚିବ ଦେବ ପ୍ରସାଦ ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ଯୋଗଦେଇଥିବା ବେଳେ ଆଇଟି ଅନୁଷ୍ଠାନର ସମ୍ପାଦ ସୁରେଶ କୁମାର ନାୟକ, ନିର୍ଦ୍ଦେଶକ ମିହିର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଓ ମଞ୍ଚ ଅଭିନେତା ଅବିନାଶ ଦଣ୍ଡପାଟ, ପ୍ରାକ୍ସ ନାଟ୍ୟବିତ୍ ପ୍ୟାଟ୍ରିକ ନାଭାତୋଙ୍କୁ ଇଣ୍ଟରନ୍ୟାସନାଲ ଥିଏଟର ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ସାମ୍ବାଦିକ ପ୍ରଶାନ୍ତ ପାଇକରାୟଙ୍କୁ ଇଣ୍ଟରନ୍ୟାସନାଲ ଥିଏଟର ମିଡ଼ିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ସଙ୍ଗୀତାୟନ'

ଭୁବନେଶ୍ୱର, ୩।୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତ୍ତନ ଉପବିଭାଗ ଅଧିକାରୀ ପ୍ରକାଶ ଚନ୍ଦ୍ର ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ପୂର୍ବତ୍ତନ ଅଧ୍ୟାପକ ଗୁରୁ ପ୍ରଦୀପ କୁମାର ଦାସ ଓ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ ଡ. ପ୍ରଶାନ୍ତ ପାଢ଼ୀଙ୍କ ପୁସ୍ତକ 'ବେହେଲା ଦର୍ଶନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ କଣ୍ଠ ସଙ୍ଗୀତ ଗାୟନ ହିନ୍ଦୁସ୍ତାନୀ ବେହେଲା ବାଦନ ପରିବେଷଣ ହୋଇଥିଲା। ପରେ ପରେ ଓଡିଶୀ କଣ୍ଠ ଗାୟନ ଶିଳ୍ପୀ ଅମିର ପଣ୍ଡା ପରିବେଷଣ କରିଥିଲେ। ପୂର୍ଣ୍ଣିମା ନାଥ ଓ ଅର୍ପିତା ଲେଙ୍କା ଯୁଗଳ ବନ୍ଦୀରେ 'ଚମ୍ପୂ'




ପରିବେଷଣ କରିଥିଲେ। ସେହିଭଳି ହିନ୍ଦୁସ୍ତାନୀ ଭାଓଲିନ୍ ଶାସ୍ତ୍ରୀୟ ରାଗ ସଙ୍ଗୀତ ଓ ଲୋକ ସଙ୍ଗୀତ ପରିବେଷଣ ହୋଇଥିଲା।

# ନିଶାମୁକ୍ତ ଓ ପ୍ଲାଷ୍ଟିକ୍‌ମୁକ୍ତ ଜାଗର ପାଇଁ ଦାବି

ଭୁବନେଶ୍ୱର, ୩।୨(ସମିସ): ଜାଗର ଯାତ୍ରା ପାଇଁ ଲିଙ୍ଗରାଜ ମନ୍ଦିର ଚଳଚଞ୍ଚଳ ହୋଇଛି ଶ୍ରୀଲିଙ୍ଗରାଜ ମନ୍ଦିର। ଏହି ମହାନ୍ ପର୍ବର ଦିବ୍ୟତା ରକ୍ଷା କରିବା ପାଇଁ 'ପ୍ଲାଷ୍ଟିକ୍‌ମୁକ୍ତ ଓ ନିଶାମୁକ୍ତ ଜାଗର' ପାଳନ କରିବା ହିଁ ଶିବଙ୍କ ପ୍ରତି ପ୍ରକୃତ ଭକ୍ତି ହେବ। ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ସହ ସମ୍ପୂର୍ଣ୍ଣ ରୂପେ ମାଦକଦ୍ରବ୍ୟ ପ୍ରବେଶ ନିଷିଦ୍ଧ ପାଇଁ ମନ୍ଦିର ପ୍ରଶାସନ କଟକଣା ଜାରି କରୁ ବୋଲି ପରିବେଶକର୍ମୀ ସୁଶାନ୍ତ ସାହୁ ଏ ନେଇ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।

ପାଲଟପୁରରେ କ୍ୟାନ୍ସର କିଡ୍ନୀ ରୋଗ ଆତଙ୍କ ଘଟଣା

# ସମସ୍ତଙ୍କର ହେବ ସ୍ୱାସ୍ଥ୍ୟ ପରୀକ୍ଷା

ଦଶରଥପୁର,୩।୨(ସମିସ)



ସମସ୍ତ ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିର୍ଦ୍ଦେଶ

ସ୍ଥାନୀୟ ପାଲଟପୁର ପଞ୍ଚାୟତରେ ବିଷାକ୍ତ ପାନୀୟ ଜଳ ପାନ କରି ଲୋକେ କିଡନୀ ଓ କ୍ୟାନ୍ସର ରୋଗରେ ଆକ୍ରାନ୍ତ ହେବା ପରେ ଜିଲ୍ଲାପ୍ରଶାସନ ଓ ସରକାର ତତ୍ପର ହୋଇଛନ୍ତି। ପଞ୍ଚାୟତ ଲୋକେ ଏହି ପାଣି ବ୍ୟବହାର କରୁଥିବାରୁ ଆହୁରି କେତେ ଲୋକ ଆକ୍ରାନ୍ତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ ଯାଜପୁର ଜିଲ୍ଲାପାଳ ଆମ୍ବର କୁମାର କର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆଗାମୀ ଦିନରେ ମେଗା ପାନୀୟ ଜଳ ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ଏକ ମାସ ମଧ୍ୟରେ ପଞ୍ଚାୟତର ସମସ୍ତଙ୍କ ଘରକୁ ମେଗା ଠିକା ସଂସ୍ଥା ପାନୀୟ ଜଳ ଯୋଗାଣରେ ବିଳମ୍ବ ଘଟେ ତେବେ ଥାନାରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ବର୍ଷିଥିଲେ ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ସଭା କକ୍ଷରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏପରି ରୋକଠୋକ ଭାବେ ଜଣାଇଛନ୍ତି ଜିଲ୍ଲାପାଳ ଅମ୍ବର କର। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଲଟପୁର ସରପଞ୍ଚ ସମେତ ୫ ଜଣିଆ ପ୍ରତିନିଧି ଦଳ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଧନଞ୍ଜୟ ସ୍ୱାଇଁ, ସିଡିଓ ଦେବୀପ୍ରସାଦ ମହାନ୍ତି, ପାନୀୟ ଜଳ ଏସଇ ରୌପ୍ୟ ରଞ୍ଜନ ସାହୁ, ବିଡିଓ ଆକାଶ ପଟ୍ଟନାୟକ, ଏସଡିଓ ଅନିଲ ସାମଲ, ଲାବ୍ରୋଟୋରିଆନ୍ ପ୍ରଶାନ୍ତ କୁମାର ବିଶ୍ୱାଳ, ଯନ୍ତ୍ରୀ ସ୍ୱର୍ଣ୍ଣଲତା ରାଉତ, ମେଗା ଠିକା ସଂସ୍ଥା ପକ୍ଷରୁ ପ୍ରକାଶ ରଞ୍ଜନ ପଣ୍ଡା, ପ୍ଲାବନ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ପାଲଟପୁର ପଞ୍ଚାୟତ ସରପଞ୍ଚ ଲିପିକା ମଲିକ, କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା, ଯୁବ ନେତା ଚନ୍ଦ୍ର ଶେଖର ସାହୁ, ଅନନ୍ତ କୁମାର ଜେନା, ରାଜୀବ ମଲିକ ପ୍ରମୁଖ ପଞ୍ଚାୟତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପାଣି ପାଇଁ ଦୀର୍ଘ ବର୍ଷ ଧରି ଲଢ଼େଇ ଜାରି ରହିଥିବା ସମସ୍ତ ଦସ୍ତାବିଜ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ପଞ୍ଚାୟତର ୧୨ ୱାର୍ଡର ୯ ହଜାର ଲୋକଙ୍କୁ ଟ୍ୟାପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ସମସ୍ତଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ସ୍ଥଳେ ନଳକୂପ ଖନନ, କ୍ୟାନ୍ସର ଓ କୀଡନି ରୋଗରେ ମୃତ ଏବଂ ପୀଡିତ ପରିବାରକୁ ସହାୟତା ଦାବୀ କରିଛନ୍ତି ସରପଞ୍ଚ ଲିପିକା ମଲିକ। ଯଦି ଏକ ମାସ ମଧ୍ୟରେ ଏହା କାର୍ଯ୍ୟକାରୀ କରାନଯାଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁନଶ୍ଚ ଧାରଣାରେ ବସିବାକୁ ସୂଚନା ଦେଇଛନ୍ତି।

## ସର୍ଟସର୍କିଟରୁ ଜଳିଗଲା ଲଣ୍ଡ୍ରୀ



**ପାଣିକୋଇଲି,୩।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ସରସ୍ୱତୀ ମାର୍କେଟରେ ଏକ ଲଣ୍ଡ୍ରୀ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଉର୍ଦ୍ଧ୍ୱ ଗ୍ରାହକଙ୍କ ଲୁଗାପଟା ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏଥି ସହିତ ଉକ୍ତ ଦୋକାନ ନିକଟରେ ଥିବା ଏକ ନଡ଼ିଆ ଗୋଦାମର ବ୍ୟାଟେରି ଓ ଇନଭର୍ଟର ସମ୍ପୂର୍ଣ୍ଣ ଜଳି ଯାଇଛି। ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ଅଫସରପୁର ଗ୍ରାମର ଫକିର ସେଠୀ ସରସ୍ୱତୀ ମାର୍କେଟରେ ଦୀର୍ଘ ବର୍ଷ ହେବ ଏକ ଲଣ୍ଡ୍ରୀ ଦୋକାନ କରିଛନ୍ତି। ସବୁଦିନ ପରି ସେ ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତେବେ ତାଙ୍କ ଦୋକାନ ନିକଟରେ ଥିବା ଏକ ନଡ଼ିଆ ଗୋଦାମର ମାଲିକ ଅଜୟ କୁମାର ସ୍ୱାଇଁ ସକାଳ ୫ଟା ସମୟରେ ଦୋକାନ ଖୋଲି ଦୋକନରେ ଥିବା ଇନଭର୍ଟର ଓ ବ୍ୟାଟେରୀ ଜଳି ଯାଇଥିବା ସହିତ ଉକ୍ତ ଲଣ୍ଡ୍ରୀ ଦୋକାନରୁ ଧୂଆଁ ବାହାରୁ ଥିବାର ଦେଖି ଦୋକାନ ମାଲିକ ଶ୍ରୀ ସେଠୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଖବର ପାଇ ଲଣ୍ଡ୍ରୀ ଦୋକାନୀ ତୁରନ୍ତ ଆସି ଦୋକାନ ସଟର ଖୋଲିବା ବେଳକୁ ଗ୍ରାହକମାନେ ସଫା ଓ ଇସ୍ତ୍ରୀ କରିବା ଲାଗି ଦେଇଥିବା ଲୁଗାପଟା ସମେତ ତାଙ୍କର ଏକ କାଠ ଆଲମାରୀ ଓ ଇସ୍ତ୍ରୀ ଟେବୁଲ ଜଳୁଥିବାର ଦେଖି ଥିଲେ। ପରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ପାଣି ଢାଳି ନିଆଁ ଲିଭାଇଥିଲେ ମଧ୍ୟ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ଏ ନେଇ ଲଣ୍ଡ୍ରୀ ଦୋକାନୀ ଥାନାରେ ଅଭିଯୋଗ କରିଛନ୍ତି।

## ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ



**କବାଟବନ୍ଧ,୩।୨(ସମିସ):** ଧର୍ମଶାଳା ବ୍ଲକ ତାଳଜଙ୍ଗ ପଞ୍ଚାୟତ ନୂଆ ତାଳଜଙ୍ଗ ଗ୍ରାମ ରେ ହନୁମାନ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ରବିବାର ପବିତ୍ର ମାଘପୂର୍ଣ୍ଣିମା ତିଥିରେ ରୀତିନୀତି ଅନୁଯାୟୀ ଏହି ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ପୂଜାରେ ସସ୍ତ୍ରିକ ଅଭିମନ୍ୟୁ ରାଉତ ଏବଂ ଧର୍ମପତ୍ନୀ ଲଳିତା ରାଉତ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। କଳସ ସ୍ଥାପନ, ହୋମ ଯଜ୍ଞ, ଆଦି ପଣ୍ଡିତ ପ୍ରେମାନନ୍ଦ ପାଣି ରୀତିନୀତି ଅନୁଯାୟୀ ସମ୍ପନ୍ନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ରେ ନାମ କୀର୍ତ୍ତନ ସହିତ ଭଜନ କୀର୍ତ୍ତନ ସହିତ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବ ରେ ସ୍ଥାନୀୟ ଅଞ୍ଚଳର ଅନେକ ଭକ୍ତ ଏବଂ ଶ୍ରଦ୍ଧାଳୁ ମାନେ ବିଭିନ୍ନ ଧାତୁ ଓ ଶସ୍ୟ ଦେଇ ରତ୍ନ ଗର୍ଭ ପୂର୍ଣ୍ଣ କରିଥିଲେ। ଗ୍ରାମବାସୀ ଏବଂ ମନ୍ଦିର କମିଟିର ସମସ୍ତ ସଦସ୍ୟ ଙ୍କ ସହଯୋଗ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଶହ ଶହ ଭକ୍ତ ଏବଂ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କର ଆଶୀର୍ବାଦ ଲାଭ କରିଥିଲେ।

## ମାନସିକ ଭିନ୍ନକ୍ଷମ ଯୁବକ ଉଦ୍ଧାର

**ବଡଚଣା,୩।୨(ସମିସ):** ପଶ୍ଚିମବଙ୍ଗ ଦୀଘା ଅଞ୍ଚଳର ଜଣେ ମାନସିକ ଭିନ୍ନକ୍ଷମ ଯୁବକକୁ ବଡ଼ଚଣା ବଜାର ନିକଟରୁ ଉଦ୍ଧାର କରାଯାଇଛି। ପରେ ତାଙ୍କୁ ଆବଶ୍ୟକ ସେବା ଯୋଗାଇବା ସହିତ ଟ୍ରେନ୍ ଯୋଗେ ଦୀଘା ପଠାଇଛନ୍ତି ସାମାଜିକ କର୍ମୀ କିଶୋର ଚନ୍ଦ୍ର ବାରିକ। ସୂଚନା ମୁତାବକ ଏହି ଯୁବକ ଜଣକ ହାତରେ ଏକ ବ୍ୟାଗ ଧରି ଗତ ୩୧ ତାରିଖ ସନ୍ଧ୍ୟା ସମୟରେ ୧୬ ନମ୍ବର ଜାତୀୟ ରାଜପଥର ବଡ଼ଚଣା ଛକ ଗଳି ପୋଲ ପାଖରେ ବସି କାନ୍ଦୁଥିଲା। ତେବେ ଏନେଇ ଖବର ପାଇ ସାମାଜିକ କର୍ମୀ ଶ୍ରୀ ବାରିକ ସେଠାରେ ପହଞ୍ଚି ସେହି ଯୁବକ ସହିତ ଆଲୋଚନା କରିଥିଲେ। ତେବେ ଯୁବକ ଜଣକ ସାମାନ୍ୟ ମାନସିକ ଭିନ୍ନକ୍ଷମ ଥିବା ନେଇ ଶ୍ରୀ ବାରିକ ଜାଣିବାକୁ ପାଇଥିଲେ। ପରେ ସେ ତା' ନାମ ସାନ ଓ ତାଙ୍କ ଘର ଦୀଘା ବୋଲି କହିଥିଲା। କିଶୋର ସେହି ଅଜଣା ଯୁବକକୁ ନେଇ ରାତିରେ ନିଜ ଘରେ ରଖି ଆବଶ୍ୟକ ସେବା ଦେଇଥିଲେ। ତେବେ ଗତକାଲି କିଶୋର ସେହି ଯୁବକକୁ ନେଇ ଧାନମଣ୍ଡଳ ରେଳଷ୍ଟେସନରେ ପହଞ୍ଚି ଷ୍ଟେସନ ମାଷ୍ଟର ସହିତ କଥା ହୋଇଥିଲେ। ପରେ ଷ୍ଟେସନ ମାଷ୍ଟର ଖଡଗପୁର ରେଳଷ୍ଟେସନ ସହିତ କଥା ହୋଇ ଯୁବକକୁ ଟ୍ରେନ୍ ଯୋଗେ ଖଡଗପୁର ଷ୍ଟେସନକୁ ପଠାଇଥିଲେ। ଖଡଗପୁର ଷ୍ଟେସନ ମାଷ୍ଟର ଦୀଘା ଅଞ୍ଚଳର ତାଙ୍କ ପରିବାର ସହିତ ଯୋଗାଯୋଗ ପୂର୍ବକ ଯୁବକଙ୍କୁ ଟ୍ରେନ୍ ଯୋଗେ ପଠାଇ ଦିଆଯାଇଥିବା ନେଇ ତାଙ୍କ ପରିବାରକୁ ସୂଚନା ଦେଇଥିଲେ।



## ମାଟ୍ରିକ ବ୍ୟାଚ୍ ସହପାଠୀଙ୍କ ସମ୍ମିଳନୀ

**ଧର୍ମଶାଳା,୩।୨(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଧର୍ମଶାଳା ବାଣୀପୀଠ ସ୍କୁଲର ୧୯୮୭ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ କାର୍ଯ୍ୟକ୍ରମରେ ୨୨ଜଣ ଛାତ୍ରଛାତ୍ରୀ ସାମିଲ ହୋଇ ନିଜ ଭିତରେ ଭାବର ଆଦାନ ପ୍ରଦାନ କରିଥିଲେ। ବହୁ ଦିନର ସାଙ୍ଗମାନଙ୍କୁ ଦେଖି ସମସ୍ତେ ଆନନ୍ଦିତ ହୋଇଥିଲେ। ଏହି ଅବସରରେ ୧୯୮୭ ମସିହା ମାଟ୍ରିକ ବ୍ୟାଚର ୪ଜଣ ସାଙ୍ଗଙ୍କ ଅକାଳ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସମ୍ମିଳନୀରେ ମନୋଜ ରଣା, ଗଜେନ୍ଦ୍ର ବେହେରା, ନାରାୟଣ ମଲ୍ଲିକ, ନଳିନୀ ବେହେରା, ପ୍ରତ୍ୟୁଷ ତରାଇ, ସନ୍ତୋଷ ସେଠୀ, କମଳ ପଣ୍ଡା, ବିବେକ ମହାନ୍ତି, ସୁଦାମ ମହାନ୍ତି, ସଦାନନ୍ଦ ନାୟକ, ନଳିନୀ ସ୍ୱାଇଁ, ପ୍ରମୋଦ ଲାଲା, ସେକ ସୁଫିଆନ, ଫିରୋଜା ବେଗମ, ସୁଭାଷିନୀ ରାଉତ, ଅଶୋକ ବରାଳ, ସରୋଜିନୀ ସାହୁ, ପ୍ରଶାନ୍ତ ପାତ୍ରୀ, ବାସୁଦେବ ମହାରଣା, ରମାକାନ୍ତ ମୁଦୁଲି ପ୍ରମୁଖ ଯୋଗଦେଇ ଜୀବନର ଦୁଃଖସୁଖ ବଖାଣିଥିଲେ।

## ଅବସରପ୍ରାପ୍ତ ମେଡିକାଲ କର୍ମଚାରୀଙ୍କ ପରଲୋକ

**ଧର୍ମଶାଳା,୩।୨(ସମିସ):** ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରି କରି ଅବସର ଗ୍ରହଣ କରିଥିବା ତଥା ସାମ୍ବାଦକ ସୁଶାନ୍ତ ବେହେରାଙ୍କ ପିତା ଚୋରମୁହାଁ ଗ୍ରାମର ଜଗନ୍ନାଥ ବେହେରା (୬୫)ଙ୍କ ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଯାଇଛି। କିଛି ଦିନ ହେଲା ତାଙ୍କ ସ୍ୱାସ୍ଥ୍ୟ ଖରାପ ରହିଥିଲା। ଗତକାଲି ସ୍ୱାସ୍ଥ୍ୟ ଅଧିକ ବିଗିଡ଼ିବାରୁ ପରିବାର ଲୋକେ ତାଙ୍କୁ କଟକ ମେଡିକାଲ ନେଇଥିଲେ। ସେଠାରେ ସେ ରହିବାକୁ ଅମଙ୍ଗ ହେବାରୁ ଔଷଧପତ୍ର ନେଇ ଘରକୁ ଫେରିଆସିଥିଲେ। ସେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨୦୧୭ରେ ଅବସର ଗ୍ରହଣ କରି ଘରେ ରହୁଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଜାରକା ମଣ୍ଡଳ ବିଜେପି ସଭାପତି ଦେବଦତ୍ତ ପଣ୍ଡା, ବିଜେପି ନେତା ସର୍ବେଶ୍ୱର ବେହୁରା, ଶ୍ରୀକାନ୍ତ ସାହୁ, ନିର୍ମଳ ପ୍ରଧାନ, ମଦନ ନାୟକ, ଶିକ୍ଷବିତ ରମେଶ ସିଂ, ବିଶିଷ୍ଟ ବ୍ୟବସାୟୀ ଧିରେନ୍ଦ୍ର ସାହୁ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ମାନସ ରଞ୍ଜନ ଜେନା, ପ୍ରଫୁଲ୍ଲ କୁମର ରାଉତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଶ୍ରୀକାନ୍ତ ବେହେରା ମୁଖାଗ୍ନି ଦେଇଥିଲେ।

## ରସୁଲପୁର ବ୍ଲକ୍ ରାସ୍ତା ବେହାଲ

## ପ୍ରତିବାଦରେ ଗଣଧାରଣା ଜାରି





**ଯାଜପୁର,୩।୨(ସମିସ):** ରାଜ୍ୟର ସମସ୍ତ ପଞ୍ଚାୟତମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଦାୟିତ୍ୱ ପ୍ରତ୍ୟେକ ବ୍ଲକର। କିନ୍ତୁ ସେହି ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ଗୋଟିଏ ଭଲ ରାସ୍ତା ନଥିବା ବେଳେ ସେହି ବ୍ଲକର ପଞ୍ଚାୟତ ମାନଙ୍କରେ କିଭଳି ମୌଳିକ ସୁବିଧା ମିଳୁଥିବା ତାହା ସବୁଠାରୁ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ କାର୍ଯ୍ୟାଳୟକୁ ଆଜି ପର୍ଯ୍ୟନ୍ତ ଗୋଟିଏ ଭଲ ରାସ୍ତା ଟିଏ ନାହିଁ। ଏହି ବ୍ଲକର ପଞ୍ଚାୟତ ଗୁଡିକ କୋରେଇ, ବରୀ ଏବଂ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଆସୁଛି। ୩ଟି ବିଧାୟକଙ୍କ ଅଧୀନରେ ଆସୁଥିବା ଏହି ବ୍ଲକର ବିକାଶ ହୋଇପାରୁନାହିଁ। ଏପରିକି ଏହି ବ୍ଲକ ଅଫିସଟି ୧୬ ନଂ ଜାତୀୟ ରାଜପଥ କଡରେ ଥିଲେ ମଧ୍ୟ ଏହା ବିକାଶ ଠାରୁ ବହୁ ଦୂରରେ ରହିଛି। ଦୀର୍ଘ ଦିନ ହେବ ସେ ରାସ୍ତା ମରାମତି ହୋଇପାରୁନାହିଁ। ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ପଚାରିଲେ ମଧ୍ୟ ଏହାର ସନ୍ତୋଷ ଜନକ ଉତ୍ତର ମିଳିପାରୁନାହିଁ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ "ରସୁଲପୁରର ସଚେତନ ନାଗରିକ ମଞ୍ଚ' ଗତ ୨୦୨୫ ମେ' ମାସରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଦାବିପତ୍ର ମାଧ୍ୟମରେ ପ୍ରଶାସନକୁ ଅବଗତ କରାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇପାରିନାହିଁ। ଏହାର ପ୍ରତିବାଦରେ ଗତ ଜାନୁଆରି ୩୦ ତାରିଖରୁ ରସୁଲପୁର ପଞ୍ଚାୟତ ସମିତି ପରିସରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲୁ ରହିଛି। ଏହି ରାସ୍ତାକୁ ଏକ ସବୁଦିନିଆ ରାସ୍ତାରେ ପରିଣତ କରିବା ଦାବିରେ ଧାରଣା ଜାରି ରହିଛି। ଧିରେ ଧିରେ ଏହି ଦାବିକୁ ସମର୍ଥନ କରି ରସୁଲପୁର ବ୍ଲକର ଅନେକ ସଂଗଠନ ଓ ସମାଜସେବୀ ସାମିଲ ହେବାରେ ଲାଗିଛନ୍ତି। ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ରସୁଲପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ମଞ୍ଚର ଆବାହକ ଇଂ. ବିଶ୍ୱଜିତ୍ ମହାନ୍ତଙ୍କ ନେତୃତ୍ୱରେ ଚାଲିଥିବା ଗଣଧାରଣାରେ ପ୍ରକାଶ ମଲ୍ଲିକ, ବିକି ସ୍ୱାଇଁ, ଆଶୁତୋଷ ପଲାଇ, ଓମ ପ୍ରକାଶ ମଲ୍ଲିକ, ଶୁଭାଶିଷ ମଲ୍ଲିକ, ଆଲୋକ ନାୟକ, ସୌମ୍ୟରଞ୍ଜନ ଖୁଣ୍ଟିଆ, ରକି ସ୍ୱାଇଁ, ଅଭିମନ୍ୟୁ ରାଉତ ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।

## କବିତା ଆସର 'ଶେଷ ଶୀତର ସ୍ୱର୍ଶ'





**ଦଶରଥପୁର,୩।୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ କଟିକଟା ସ୍ଥିତ ଯାଜପୁର ଆଇଟିଆଇ ପରିସରରେ ନାରାୟଣ ଚନ୍ଦ୍ର ମଲ୍ଲିକ ସ୍ମୃତିସଂସଦ ପକ୍ଷରୁ 'ଶେଷ ଶୀତର ସ୍ୱର୍ଶ' ଶୀର୍ଷକ ଏକ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ କବି, ଗାଳ୍ପିକ ତଥା ନାଟ୍ୟକାର ସୁବାସ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ କବି ସନ୍ତୋଷ କୁମାର ବେହୁରିଆ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ କବି ଡ. ସତ୍ୟ ନାୟକ ସମ୍ମାନିତ ଅତିଥି ଭାବେ ଡାକ୍ତର ବିଜୟ ମୋହନ ରାୟ ଓ ବରିଷ୍ଠ କବି ଯଯାତି କେଶରୀ ସାହୁ ଯୋଗ ଦେଇ ଥିଲେ। ସଂସଦର ସମ୍ପାଦକ ପ୍ରଭାତ କୁମାର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥିମାନେ ପ୍ରକୃତି ଏବଂ ମଣିଷ ଜୀବନରେ ଋତୁଚକ୍ରର ପ୍ରଭାବ ସହିତ ପୁରାତନ କବିମାନଙ୍କ କବିତା ଉପରେ ଆଲୋକପାତ କରାଯାଇଥିଲା। କବି ଜିତେନ୍ଦ୍ର ବେହେରା ଓ ରଂଜିତା ଦାସଙ୍କ ସଂଯୋଜନାରେ କବି ଶିଶିର ପଣ୍ଡା, ସରସ୍ୱତୀ ପଣ୍ଡା, ବିଷ୍ଣୁ ଦଳାଇ, ଅମ୍ବିକା ପ୍ରସାଦ ସାମଲ, ସୁବାସ ଚନ୍ଦ୍ରସାହାଣୀ,ତପନ କୁମାର ମହାରଣ୍ୟ, ମନୋଜ ନାଥ, ରାମଚନ୍ଦ୍ର ଦାଶ, ବୃନ୍ଦାବନ ସାହୁ, ସଂଗ୍ରାମ ସାହୁ, ଚନ୍ଦ୍ରଶେଖର ସାହୁ, ସୁଦର୍ଶନ ସାହୁ, ନରେନ୍ଦ୍ର ଦାସ, ନିରଞ୍ଜନ ପତି, ମନୋରମା ଦାସ, ପ୍ରଭାତୀ ମଞ୍ଜରୀ ନାୟକ, ସୁଶ୍ରୀ ଶ୍ରାବଣୀ ଦାସ, ସସ୍ମିତା ପାତ୍ର, ସୁଭଦ୍ରା ପଣ୍ଡା ଓ ମଧୁଲିତା ଦାସଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିବା ବେଳେ କବି ପ୍ରଦୀପ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ମାଳିକା ସାହିତ୍ୟ ଆଲୋଚନାଚକ୍ର





**ଧର୍ମଶାଳା,୩।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ହାଇସ୍କୁଲ ପାଠାଗାରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଂଯୋଜନାରେ ଓଡ଼ିଆ ସାହିତ୍ୟ ମାଳିକା ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବ୍ରଜ କିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ସାହିତିକ୍ରକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ବିହାରୀ ଓ ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଓଡ଼ିଆ ମାଳିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଅଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅବସର ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଚିତ୍ତରଞ୍ଜନ ମହାନ୍ତି, ଈଶ୍ୱର ପ୍ରଧାନ, କାହ୍ନୁ ଚରଣ ଦାଶ, ପ୍ରଶାନ୍ତ ସ୍ୱାଇଁ, ସୁରେନ୍ଦ୍ର କୁମାର ତ୍ରିପାଠୀ, ବିଜୟ କୁମାର ନାୟକ, ସଂଗ୍ରାମ କେଶରୀ ଜେନା, ମନୋଜ କୁମାର ମହାନ୍ତି, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କରଦା ହରିହାଟ ମହୋତ୍ସବ ଉଦ୍‌ଯାପିତ

ପାଣିକୋଇଲି,୩।୨(ସମିସ)



କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଗଣପର୍ବ ହରିହାଟ ମେଳା ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱ ଓ ସୌମ୍ୟା ଚାର୍ଟାଜୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଯେନା, ଉପାସଭାପତି ଗଣେଶ୍ୱର ବରାଳ, ବିଜେପି ପଞ୍ଚାୟତ ସଭାପତି କାର୍ତ୍ତିକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଚଳଚ୍ଚିତ୍ର ତାରକା ତଥା ଯୁବନେତା ଅରିନ୍ଦମ ରାୟ ଯୋଗଦେଇଥିଲେ। ସମ୍ପାଦକ ବିଶ୍ୱନାଥ ପଣ୍ଡା ଅତିଥିପରିଚୟଓସ୍ୱାଗତଭାଷଣପ୍ରଦାନ କରିଥିଲେ। ଶେଷରେ ସୁଧାଶଙ୍କର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଡିଜିଟାଲ ପେଣ୍ଡାଲରେ ମହୋତ୍ସବ ଆୟୋଜନ କରାଯାଇଥିବା ବେଳେ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦର୍ଶକମାନଙ୍କୁ ନଚାଇଥିଲେ। ଖୋର୍ଦ୍ଧାର କ୍ରୀଷ୍ଣା ଡ୍ୟାନ୍ସ ଗ୍ରୁପ, ରାଜା ଡ୍ୟାନ୍ସ ଗ୍ରୁପ, ବ୍ରହ୍ମପୁରର ଲୋକକଳା ପକ୍ଷରୁ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ସେହିପରି ମେଳାରେ ପିଲାମାନେ ଦୋଳିର ମଜା ଉଠାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଦୁର୍ଗା ଶଙ୍କର ପଣ୍ଡା, ଅଧ୍ୟାପକ ମାୟାଧର ଜେନା, ଅନିରୁଦ୍ଧ ମଲିକ, କାର୍ତ୍ତିକ ସ୍ୱାଇଁ, ଶୁଭ୍ରାଂଶୁ ପାତ୍ର, ରମେଶ ମଲିକ, ରାଜ କିଶୋର ଦାସ, ସଚିଦାନନ୍ଦ ସାହୁ, ତ୍ରିଲୋଚନ ସାହୁ, ସୁଦର୍ଶନ କୁଣ୍ଡୁ, ପ୍ରଭାକର ସାହୁ, ଚିନ୍ତାମଣି ସାହୁ, ଅଶୋକ କୁମାର ସାହୁ, ତୁଷାର ବେହେରା, ଶରତ ସେନାପତି, ପ୍ରଫୁଲ୍ଲ ଖଣ୍ଡାଇ ସମେତ ମେଳା ଓ ମହୋତ୍ସବକୁ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ୧୯୮୬ ବ୍ୟାଚ୍‌ର ସମ୍ମିଳନୀ

**କଇଁଆଁଗୋଲା,୩।୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ଉଚ୍ଚ ବିଦ୍ୟାଳୟର ୧୯୮୬ ବ୍ୟାଚର ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେଆୟୋଜିତ ଉତ୍ସବରେ ବ୍ୟାଚର ଛାତ୍ରଛାତ୍ରୀ ଉପସ୍ଥିତ ରହି ସ୍କୁଲ ବେଳର କଥା ମନେ ପକାଇ ନିଜ ନିଜର ସ୍ମୃତି ସାଉଣ୍ଟି ଥିଲେ। ବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ପୁରାତନ ଛାତ୍ରଛାତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦିବଂଗତ ବନ୍ଧୁମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଏକମିନିଟ ନିରବ ପ୍ରାଥନା କରିଥିଲେ। ଏହି ଅବସରରେସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଅକ୍ଷୟ କୁମାର ଧଳଙ୍କ ସ୍ୱରଚିତ କବିତା ପାଠ କରାଯାଇଥିଲା।